# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୫/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 25/2026 | Page 16 | ₹ 7.00

୫୨ଶ ଭାଗ ୧୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 150 | ମୂଲ୍ୟ ₹୭/-



## ଏପର୍ଯ୍ୟନ୍ତର

# ସବୁଠାରୁ ବଡ଼ ଡିସ୍କାଉଣ୍ଟ ସେଲ୍!

## ଐତିହାସିକ ସେଲ୍ @ ୱେଲକମ୍ ହୋଟେଲ୍ ବାଏ ଆଇଟିସି ହୋଟେଲ୍ସ, ଭୁବନେଶ୍ୱରରେ

## ବ୍ରାଣ୍ଡେଡ୍ ଗାର୍ମେଣ୍ଟସ ଏବଂ ଜୋତା ସିଧାସଳଖ ଫ୍ୟାକ୍ଟ୍ରିରୁ

ଗାର୍ମେଣ୍ଟ ଉଦ୍ୟୋଗରେ ଚାଲିଥିବା ମାନ୍ଦାବସ୍ଥା କାରଣରୁ, ବିଶ୍ୱସାରା ଆମର ସମସ୍ତ ଆଉଟଲେଟ୍ ବନ୍ଦ ହୋଇଯାଇଛି ।

ବର୍ତ୍ତମାନ, ଆମର **୨୦୨୫ର ବକ୍ସ ପ୍ୟାକ୍ କଲେକ୍ସନ୍‌କୁ**

**୮୦% ଡିସ୍କାଉଣ୍ଟ** ସହିତ ମାତ୍ର ୪ ଦିନରେ ବିକ୍ରି କରିବା ଆବଶ୍ୟକ ହେଉଛି ।

**ବିଶ୍ୱସ୍ତରରେ ଆମର ସେଲ୍‌ର ବିଶାଳ ସଫଳତା ପରେ**

**ଏବେ ଭାରତରେ ପ୍ରଥମଥର ପାଇଁ ଭୁବନେଶ୍ୱର ସହରରେ**






## ନାମୀଦାମୀ ବ୍ରାଣ୍ଡର ଗାର୍ମେଣ୍ଟ ଓ ଜୋତା ବିଶାଳ ଡିସ୍କାଉଣ୍ଟ ସହିତ

ଟ.୨୦୦୦-୯୦୦୦ ମୂଲ୍ୟର ମେନ୍ସ ଶାର୍ଟ୍ ................................ମାତ୍ର **ଟ.୧୨୦୦/-** ରେ

ଟ.୨୦୦୦-୪୦୦୦ ମୂଲ୍ୟର ଲେଡିଜ୍ କୁର୍ତ୍ତି .............................. ମାତ୍ର **ଟ.୬୦୦/-** ରେ

ଟ.୧୫୦୦-୨୦୦୦ ମୂଲ୍ୟର କିଡ୍ସ ଗାର୍ମେଣ୍ଟସ୍ ............... ମାତ୍ର **ଟ.୩୦୦ - ୬୦୦/-** ରେ

ଟ.୨୦୦୦-୬୦୦୦ ମୂଲ୍ୟର ଲେଡିଜ୍ ମିକ୍ସ ଗାର୍ମେଣ୍ଟସ୍ ....... ମାତ୍ର **ଟ.୩୦୦ - ୬୦୦/-** ରେ

ଟ.୨୦୦୦-୬୦୦୦ ମୂଲ୍ୟର ମେନ୍ସ ଟି-ଶାର୍ଟ ............... ମାତ୍ର **ଟ.୬୦୦ - ୧୦୦୦/-** ରେ

ଟ.୩୯୦୦-୯୮୦୦ ମୂଲ୍ୟର ମେନ୍ସ ବ୍ରାଣ୍ଡେଡ୍ ଜିନ୍ସ ............... ମାତ୍ର **ଟ.୧୬୦୦/-** ରେ

ଟ.୨୦୦୦-୪୦୦୦ ମୂଲ୍ୟର ଲେଡିଜ୍ ବ୍ରାଣ୍ଡେଡ୍ ଜିନ୍ସ ................ ମାତ୍ର **ଟ.୬୦୦/-** ରେ

**୪୫ରୁ ଅଧିକ କାଉଣ୍ଟରରେ ପ୍ରଦର୍ଶନ କରାଯାଉଛି ୩୦,୦୦୦+ ଗାର୍ମେଣ୍ଟସ୍**

**ସ୍ପେଶାଲ କାଉଣ୍ଟର: ପୁରୁଷଙ୍କ ପାଇଁ ବିଭିନ୍ନ ଭେରାଇଟିର ମିଶ୍ରିତ ବ୍ରାଣ୍ଡର ଜୋତା**
**ମୂଳ ମୂଲ୍ୟ ଟ.୨୦୦୦/-ରୁ ୧୨,୦୦୦/-, ଏବେକାର ବିକ୍ରି ମୂଲ୍ୟ ଟ.୮୦୦/-ରୁ ଟ.୨,୦୦୦/-**

**ସେଲ୍ ୪ ଦିନ ପାଇଁ - ଶନିବାର, ରବିବାର, ସୋମବାର ଓ ମଙ୍ଗଳବାର: ୨୫, ୨୬, ୨୭ ଓ ୨୮ ଏପ୍ରିଲ**

# WELCOMHOTEL BY ITC HOTELS

**ଡି/୧, ଡୁମୁଡୁମା, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୯**

*ମାଗଣା - ଏଣ୍ଟ୍ରି ଓ ପାର୍କିଂ • ସମୟ: ସକାଳ ୧୦ଟାରୁ ରାତି ୧୦ଟା • କ୍ରେଡିଟ୍ କାର୍ଡ ଗ୍ରହଣୀୟ • ଷ୍ଟକ୍ ବିକ୍ରି ହୋଇଯିବା ପରେ କାଉଣ୍ଟରକୁ ବନ୍ଦ କରିଦିଆଯିବ

nikitamedia.in



ଆପ୍‌ରୁ ଇସ୍ତଫା ଦେଇଥିବା ରାଜ୍ୟ ସଭା ସଦସ୍ୟ ରାଘବ ଚଡ୍ଢା, ସନ୍ଦୀପ୍ ପାଠକ ଓ ଅଶୋକ ମିତ୍ତଲଙ୍କୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଭେଟୁଛନ୍ତି। ଏମାନଙ୍କ ସମେତ ଆପ୍ ଛାଡ଼ିଥିବା ୭ ଏମ୍‌ପି ଭାଜପାରେ ଯୋଗଦେଇଛନ୍ତି।

# ସିଇସିଙ୍କ ବହିଷ୍କାର ଦାବି: ସାନି ନୋଟିସ ଦେଲେ ବିରୋଧୀ

ନୂଆଦିଲ୍ଲୀ,୨୪।୪ (ପି.ଟି.)



ଜ୍ଞାନେଶ କୁମାର

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବହିଷ୍କାର ପାଇଁ ପ୍ରସ୍ତାବ ଆଣିବା ନିମନ୍ତେ ବିରୋଧୀ ଦଳଗୁଡ଼ିକ ଶୁକ୍ରବାର ରାଜ୍ୟ ସଭାରେ ସାନି ନୋଟିସ ଦାଖଲ କରିଛନ୍ତି। ସେଥିରେ ସିଇସିଙ୍କ ବିରୋଧରେ କେତେକ ନୂଆ ଅଭିଯୋଗ ରହିଛି। ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ କରିବାରେ ଜ୍ଞାନେଶ କୁମାର କ୍ରମାଗତ ଭାବେ ପକ୍ଷପାତ କରିଚାଲିଥିବା ପ୍ରମାଣିତ ହୋଇଛି ବୋଲି ବିରୋଧୀ ସାନି ନୋଟିସରେ ଦର୍ଶାଇଛନ୍ତି। ଗତ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରକୁ ଉଦ୍‌ବୋଧନ ଦେବା ଘଟଣାରେ ବିରୋଧୀଙ୍କ ଅଭିଯୋଗ ଉପରେ ସିଇସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିବା ସେମାନେ ଦର୍ଶାଇଛନ୍ତି।

ସୂତ୍ର ଅନୁଯାୟୀ, କଂଗ୍ରେସ ନେତା ଜୟରାମ ରମେଶ ଏବଂ ଟିଏମ୍‌ସି ନେତ୍ରୀ ସାଗରିକା ଘୋଷ ରାଜ୍ୟ ସଭା ମହାସଚିବଙ୍କୁ ନୋଟିସ ଦେଇଛନ୍ତି। ସେଥିରେ ସିଇସି ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ପାଇଁ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି। ଉକ୍ତ ନୋଟିସ୍‌ରେ ରାଜ୍ୟ ସଭାର ୭୩ ଜଣ ବିରୋଧୀ ଏମ୍‌ପିଙ୍କ ସ୍ୱାକ୍ଷର ରହିଛି। କଂଗ୍ରେସ ନେତା କହିଛନ୍ତି, ସିଇସିଙ୍କ ବିରୋଧରେ ଏବେ ୯ଟି ନିର୍ଦ୍ଦିଷ୍ଟ ଅଭିଯୋଗ ରହିଛି, ଯାହାକୁ ଅଣଦେଖା କରାଯାଇପାରିବ ନାହିଁ କିମ୍ବା ଚାପି ଦିଆଯାଇପାରିବ ନାହିଁ। ଜ୍ଞାନେଶ ଅଧିକ ଦିନ ପଦବୀରେ ରହିବା ସମ୍ବିଧାନ ଉପରେ ଆକ୍ରମଣ। ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ଜାରି ରଖିବା ପାଇଁ ଏଭଳି ବ୍ୟକ୍ତି ପଦବୀରେ ରହିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଜୟରାମ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନର ଆଇନ ୨୦୨୩ ଓ ବିଚାରପତି (ତଦନ୍ତ) ଆଇନ, ୧୯୬୮ ସମେତ ସମ୍ବିଧାନର ବିଭିନ୍ନ ବ୍ୟବସ୍ଥା ଅନୁଯାୟୀ ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ଲାଗି ନୋଟିସ୍‌ରେ ରାଷ୍ଟ୍ରପତିଙ୍କୁ ନିବେଦନ କରାଯାଇଛି।

# ନାବାଳିକାଙ୍କୁ ଇଚ୍ଛା ବିରୋଧରେ ଗର୍ଭଧାରଣ ପାଇଁ କୋର୍ଟ ବାଧ କରିପାରିବେ ନାହିଁ

ନୂଆଦିଲ୍ଲୀ,୨୪।୪ (ପି.ଟି.)

କୌଣସି ଅଦାଲତ ଜଣେ ମହିଳା ବିଶେଷକରି ନାବାଳିକାଙ୍କୁ ତାଙ୍କ ଇଚ୍ଛା ବିରୋଧରେ ଗର୍ଭଧାରଣ ଜାରି ରଖିବାକୁ ବାଧ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର ଟିପ୍ପଣୀ ଦେବା ସହ ୭ ମାସର ଗର୍ଭଧାରଣ କରିଥିବା ଜଣେ ୧୫ ବର୍ଷୀୟା ବାଳିକାଙ୍କୁ ଗର୍ଭପାତ କରିବାକୁ ଅନୁମତି ଦେଇଛନ୍ତି। ଜନ୍ମ ନେବାକୁ ଥିବା ପିଲା ପରିବର୍ତ୍ତେ ଗର୍ଭଧାରଣ କରିଥିବା ମହିଳାଙ୍କ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ଅନିଚ୍ଛାକୃତ ଗର୍ଭଧାରଣ ଜାରି ରଖିବା ଶିଶୁର ମାନସିକ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସ୍ଥିତି ଓ ସାମଗ୍ରିକ ବିକାଶ ଉପରେ ଦୀର୍ଘମିଆଦୀ ପ୍ରଭାବ ପକାଇପାରେ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ମହିଳାଙ୍କ ସନ୍ତାନ ଜନ୍ମ ସ୍ୱାଧୀନତା ସର୍ବାଧିକ ଗୁରୁତ୍ୱ ପାଇବା ଆବଶ୍ୟକ। ଜଣେ ମହିଳା ଯଦି ଅବାଞ୍ଛିତ ଗର୍ଭଧାରଣ କରନ୍ତି ଏବଂ ଏହାକୁ ଜାରି ରଖିବାକୁ ବାଧ କରାଯାଏ, ତେବେ ତାଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

# ମଣିପୁରରେ ସାନି ହିଂସା: ୩ ମୃତ

ଇମ୍ଫାଲ,୨୪।୪

ମଣିପୁରର ଉଖ୍ରୁଲ୍ ଜିଲାରେ ଶୁକ୍ରବାର ନାଗା ଓ କୁକି ସମ୍ପ୍ରଦାୟ ୨ ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଅନ୍ୟୂନ ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ହିଂସା ପ୍ରଭାବିତ ଉକ୍ତ ଜିଲାର ମୁଲ୍ଲାମ୍ ଗ୍ରାମ ନିକଟରେ ଏହି ହିଂସାକାଣ୍ଡ ଘଟିଥିବା ପୋଲିସ କହିଛି। ସୁରକ୍ଷା ବଳ ୨ଟି ମୃତଦେହ ଜବତ କରିଛି। ନାଗାଲାଣ୍ଡ ଏବଂ ମ୍ୟାନ୍‌ମାର ସୀମାକୁ ଲାଗିଥିବା ଉଖ୍ରୁଲ୍ ଜିଲାରେ ଟାଙ୍ଗ୍‌ଖୁଲ୍ ନାଗା ସମ୍ପ୍ରଦାୟ ଅଧିକ ସଂଖ୍ୟାରେ ବସବାସ କରନ୍ତି। ସେମାନଙ୍କର କୁକି ସମ୍ପ୍ରଦାୟ ସହ ବିବାଦରୁ ହିଂସାକାଣ୍ଡ ଘଟିଛି। ମୃତକ ୨ ଜଣ ହେଲେ ଏଲ୍. ସିତ୍‌ଲୋଉ ଏବଂ ପି. ହାଇଲାଇ। ସେମାନଙ୍କୁ ଗୁଳିମାଡ଼ ହୋଇଛି। ଶୁକ୍ରବାର ସକାଳେ ମୁଲ୍ଲାମ ଗ୍ରାମ ନିକଟରେ ୨ ସଶସ୍ତ୍ର ଉଗ୍ରପନ୍ଥୀ ଗୋଷ୍ଠୀ ମଧ୍ୟରେ ଜୋର୍‌ଦାର ଗୁଳି ବିନିମୟ ହୋଇଥିଲା।



ଉଖ୍ରୁଲ ଜିଲାରେ ସାନି ହିଂସା ପ୍ରତିବାଦରେ ବିକ୍ଷୋଭକାରୀ ରାସ୍ତାରେ ଟାୟାର ଜାଳୁଛନ୍ତି।

ହିଂସାବେଳେ ଉକ୍ତ ପାର୍ବତ୍ୟାଞ୍ଚଳର ଅନେକ ଘରେ ନିଆଁ ଲଗାଇଦିଆଯାଇଛି।

ଶାନ୍ତିପୂର୍ଣ୍ଣ କୁକି ଗ୍ରାମଗୁଡ଼ିକ ଉପରେ ଏଭଳି ସଶସ୍ତ୍ର ଆକ୍ରମଣ ଭୀରୁତାର କାର୍ଯ୍ୟ ବୋଲି କୁକି ମାନବାଧିକାର ମହିଳା ସଂଗଠନ ପକ୍ଷରୁ କୁହାଯିବା ସହ ଘଟଣାକୁ ନିନ୍ଦା କରାଯାଇଛି। ନିରୀହ ଲୋକେ ଘରେ ଶୋଇଥିବାବେଳେ ଆକ୍ରମଣ ହୋଇଥିଲା ବୋଲି ଉକ୍ତ ସଂଗଠନ ଅଭିଯୋଗ କରିଛି। ଆକ୍ରମଣରେ ୨ ଜଣ କୁକି ଗ୍ରାମ ସ୍ୱେଚ୍ଛାସେବୀ ନିହତ ହୋଇଛନ୍ତି, ଯେଉଁମାନେ ଉକ୍ତ ସମ୍ପ୍ରଦାୟର ସୁରକ୍ଷା ଦାୟିତ୍ୱରେ ଥିଲେ। ଘରେ ନିଆଁ ଲଗାଇଦେବାରୁ ମହିଳା ଓ ପିଲାମାନଙ୍କ ସହ ଅନେକେ ଆହତ ହୋଇଛନ୍ତି। ଗ୍ରାମବାସୀ ଆତ୍ମରକ୍ଷା ପାଇଁ ଲାଇସେନ୍ସପ୍ରାପ୍ତ ଶିକାର ବନ୍ଧୁକ ବ୍ୟବହାର କରୁଥିବାବେଳେ ଏଥିରେ ଜଣେ ଆକ୍ରମଣକାରୀ ନିହତ ହୋଇଛନ୍ତି।

ସୂଚନାଯୋଗ୍ୟ, ୨୦୨୩ ମେ'ରୁ ମଣିପୁରରେ ଜାତିଆଣ ହିଂସା ଦୀର୍ଘଦିନ ଲାଗି ରହିବା ସହ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଇସ୍ତଫା ଦେବା ପରେ ମଣିପୁରରେ ବର୍ଷେ ପର୍ଯ୍ୟନ୍ତ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର ପରେ ସେଠାରେ ନୂଆ ସରକାର ଗଢ଼ାହୋଇଥିବାବେଳେ ପୁଣିଥରେ ହିଂସା ମୁଣ୍ଡ ଟେକିଛି। ଗତ ୨ ସପ୍ତାହ ମଧ୍ୟରେ ସେଠାରେ ୩ଟି ହିଂସା ଘଟଣାରେ ୭ ଜଣଙ୍କ ଜୀବନ ଗଲାଣି। ଏହା ବିରୋଧରେ ମଣିପୁରର ୫ଟି ଜିଲାରେ ବିକ୍ଷୋଭ ଓ ବନ୍ଦ ପାଳନ ହୋଇଥିଲା।

# ରୁଷିଆ ସେନାରେ ଯୁଦ୍ଧକରି ପ୍ରାଣ ହରାଇଲେଣି ୧୦ ଭାରତୀୟ

ନୂଆଦିଲ୍ଲୀ,୨୪।୪ (ପି.ଟି.)

ୟୁକ୍ରେନ୍ ବିରୋଧରେ ରୁଷିଆ ସେନାରେ ରହି ଯୁଦ୍ଧ କରୁଥିବାବେଳେ ୧୦ ଜଣ ଭାରତୀୟଙ୍କ ଜୀବନ ଗଲାଣି। କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଏହା ଜଣାଇଛନ୍ତି। ଯୁଦ୍ଧ ଅଞ୍ଚଳରୁ ମୃତଦେହ ଆଣିବା କରିବା ଅତ୍ୟନ୍ତ କଷ୍ଟକର ହୋଇପାରେ। ତେଣୁ ସ୍ଥିତିକୁ କୌଶଳପୂର୍ଣ୍ଣ ଭାବେ ପରିଚାଳନା କରିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ କହିଛନ୍ତି।

ରୁଷିଆ ସେନାରେ ରହି ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢୁଥିବା ୨୬ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇଆଣିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସୁପ୍ରିମକୋର୍ଟରେ ଏକ ପିଟିଶନ୍‌ର ଶୁଣାଣି ବେଳେ

## ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

କେନ୍ଦ୍ର ସରକାରଙ୍କ ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ସୁପ୍ରିମକୋର୍ଟରେ ଉପସ୍ଥିତ ରହି ୧୦ ଭାରତୀୟଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ମୃତ୍ୟୁ ସମ୍ପର୍କରେ ଅବଗତ କରାଇଥିଲେ। ଭାରତୀୟ ଯୁବକମାନଙ୍କୁ ଲୋଭନୀୟ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ସେମାନଙ୍କୁ ରୁଷିଆ ନିଆଯିବା ପରେ ସେଠାରେ ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ସାମିଲ କରାଯାଇଥିଲା। ୨୬ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଆପରାଧିକ ମାମଲାରେ ଜେଲରେ ଅଛନ୍ତି। ଅନ୍ୟ ଜଣେ ସ୍ୱେଚ୍ଛାକୃତ ଭାବେ ରୁଷିଆରେ ରହିବାକୁ ଚାହୁଁଛନ୍ତି ବୋଲି ଭଟ୍ଟି ଜଣାଇଛନ୍ତି।

# ଆସ୍ଥାଭୋଟ ଜିତିଲା ସମ୍ରାଟ ଚୌଧରୀଙ୍କ ସରକାର

ପାଟନା,୨୪।୪

ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କ ନେତୃତ୍ୱରେ ବିହାରର ଏନ୍‌ଡିଏ ସରକାର ଶୁକ୍ରବାର ରାଜ୍ୟ ବିଧାନସଭାରେ ଆସ୍ଥାଭୋଟ ଜିତିଛି। ଧ୍ୱନିମତରେ ଆସ୍ଥା ଜିତିବା ପରେ ବାଚସ୍ପତି ପ୍ରେମକୁମାର ନୂଆ ସରକାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ସୂଚନାଯୋଗ୍ୟ, ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟ ସଭାକୁ ନିର୍ବାଚିତ ହେବାରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଥିବା ସମ୍ରାଟଙ୍କୁ ବିହାରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ବିହାରରେ ୨୦ ବର୍ଷ ଧରି କ୍ଷମତାରେ ଥିବା ଏନ୍‌ଡିଏ କୃଷକ ଓ ମହିଳାମାନଙ୍କ କଲ୍ୟାଣ ଉପରେ ପ୍ରାଥମିକତା ଦେଇଆସିଛି ଓ ସୁଶାସନ ପ୍ରତିଷ୍ଠା ପାଇଁ ଅବିଶ୍ରାନ୍ତ କାର୍ଯ୍ୟ କରିଚାଲିଛି ବୋଲି ସମ୍ରାଟ ଚୌଧରୀ କହିଛନ୍ତି।

# ଇରାନ-ଆମେରିକା ଆଲୋଚନା ଖୁବ୍‌ଶୀଘ୍ର

ଇସ୍‌ଲାମାବାଦ,୨୪।୪ (ପି.ଟି.)

ଆମେରିକା ସହ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାରେ ଭାଗ ନେବା ପାଇଁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାଘଚିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପାକିସ୍ତାନ ଆସୁଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ଜାରେଡ କୁଶନେରଙ୍କୁ ଇସ୍‌ଲାମାବାଦ ପଠାଉଥିବା ଶୁକ୍ରବାର ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଆଲୋଚନା ଫଳପ୍ରଦ ହେବା ସହ ଉଭୟପକ୍ଷ ଚୁକ୍ତିରେ ପହଞ୍ଚିବା ନେଇ ଆମେରିକା ଆଶାବାଦୀ ଥିବା ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ କହିଛନ୍ତି।

ସାରା ବିଶ୍ୱ ଯୁଦ୍ଧକୁ ନେଇ ଚିନ୍ତାରେ ଥିବାବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଅବରୋଧ ଯୋଗୁ ଉକ୍ତ ସାମୁଦ୍ରିକ ପଥ ଦେଇ ଇନ୍ଧନ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଯୁଦ୍ଧ ବନ୍ଦ କରିବା ସହ ହର୍ମୁଜକୁ ଜାହାଜ ଚଳାଚଳ ପାଇଁ ଅବରୋଧମୁକ୍ତ କରିବା



ଅବ୍ବାସ ଅରାଘଚି

ଲାଗି ପାକିସ୍ତାନ ମଧ୍ୟସ୍ଥତାରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଅସ୍ତ୍ରବିରତି ସମୟସୀମା ଶେଷହେବା ପୂର୍ବରୁ ଟ୍ରମ୍ପ୍ ଏହାର ଅବଧିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଢ଼ାଇଥିଲେ।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ମାଇନ୍

## ପାକିସ୍ତାନ ଗସ୍ତରେ ଅରାଘଚି
## ୱିଟ୍‌କଫ୍, କୁଶନେରଙ୍କୁ ପଠାଇଲେ ଟ୍ରମ୍ପ୍

ବିଛାଉଥିବା ବୋଟ୍‌ଗୁଡ଼ିକୁ ଗୁଳି କରି ଧ୍ୱଂସ କରିଦେବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ନୌସେନାକୁ ନିର୍ଦ୍ଦେଶ ଦେବା ପରେ ଇରାନ ଏବଂ ଆମେରିକା ମଧ୍ୟରେ ବିବାଦ ଏକ ଭୟାନକ ପର୍ଯ୍ୟାୟରେ ପହଞ୍ଚିଛି। ଆମେରିକା ନୌସେନା ହର୍ମୁଜ୍‌ରେ ମାଇନ୍ ହଟାଇବା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଛି। ଟ୍ରମ୍ପ୍ ଏଭଳି ଧମକ ଦେବା ସହ ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିବା ଦାବି କରିଥିଲେ। ଏହି ଘଟଣା ପରେ ଅରାଘଚି ପାକିସ୍ତାନ ଗସ୍ତରେ ଆସୁଛନ୍ତି। ଏଥିସହିତ ସେ ଓମାନ ଏବଂ ରୁଷିଆ ଯିବେ ବୋଲି ଗଣମାଧ୍ୟମ କହିଛି।

# ଗୁରୁକୁଳ ଛାତ୍ରଙ୍କୁ ପିଟି ହତ୍ୟା

ଲକ୍ଷ୍ନୌ,୨୪।୪

ଲକ୍ଷ୍ନୌର ଏକ ଗୁରୁକୁଳରେ ନାମ ଲେଖାଇବାର ୭ ଦିନ ପରେ ଜଣେ ୧୧ ବର୍ଷୀୟ ଛାତ୍ରଙ୍କ ମୃତଦେହ ମିଳିଛି। ଛାତ୍ରଙ୍କ ଶରୀରରେ ଏକାଧିକ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଦିବ୍ୟାଂଶ ନାମକ ଉକ୍ତ ଛାତ୍ର ଗତ ୧୫ ତାରିଖରେ ରାମାନୁଜ ଭଗଓ୍ୱତ ବେଦ ବିଦ୍ୟାପୀଠ ଗୁରୁକୁଳରେ ନାମ ଲେଖାଇଥିଲେ। ସେଠାରେ ସେ ରହୁଥିବାବେଳେ ମୃତ୍ୟୁ ଘଟିଥିବା ନେଇ ୨୨ରେ ପରିବାରକୁ ଖବର ଦିଆଯାଇଥିଲା। ଗୁରୁକୁଳର ପରିଚାଳକ କନ୍ହେୟାଲାଲ୍ ମିଶ୍ରାଙ୍କ ଅତ୍ୟଧିକ ମାଡ଼ରେ ଦିବ୍ୟାଂଶଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। କନ୍ହେୟା ଓ ତାଙ୍କ ବାନ୍ଧବୀ ହର୍ଷିତା ସୋନିଆଙ୍କୁ ଗୁରୁବାର ରାତିରେ ଗିରଫ କରାଯାଇଛି। ହର୍ଷିତା ପ୍ରମାଣ ନଷ୍ଟ କରିବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଘରକୁ ପଠାଇଦେଇଥିବା ଅଭିଯୋଗ ହୋଇଥିଲା।

# ନେତାନ୍ୟାହୁଙ୍କୁ କ୍ୟାନ୍‌ସର ହୋଇଥିଲା

ଜେରୁଜେଲମ୍,୨୪।୪



ବେଞ୍ଜାମିନ୍ ନେତାନ୍ୟାହୁ

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ କ୍ୟାନ୍‌ସର ହୋଇଥିଲା ବୋଲି ସେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଯାଞ୍ଚ ବେଳେ ତାଙ୍କର ଏକ ଛୋଟ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ସେ ପ୍ରଥମ ପର୍ଯ୍ୟାୟ ପ୍ରୋଷ୍ଟେଟ୍ କ୍ୟାନ୍‌ସରରେ ପୀଡ଼ିତ ଥିବା ଜଣାପଡ଼ିବାରୁ ସଫଳତାର ସହ ଚିକିତ୍ସା କରାଇଥିବା ନେତାନ୍ୟାହୁ କହିଛନ୍ତି। ତାଙ୍କର ବାର୍ଷିକ ସ୍ୱାସ୍ଥ୍ୟ ରିପୋର୍ଟରେ ଏହା ପ୍ରକାଶ ପାଇଛି। ୨ ମାସ ପୂର୍ବରୁ ଏହା ଜଣାପଡ଼ିଥିଲେ ମଧ୍ୟ ଇରାନ ବିରୋଧରେ ଜୋର୍‌ଦାର ଯୁଦ୍ଧ ଚାଲିଥିବାରୁ ଖବର ପ୍ରକାଶରେ ବିଳମ୍ବ କରିବାକୁ ନେତାନ୍ୟାହୁ ନିର୍ଦ୍ଦେଶ ଦେଇଥିଲେ। ପ୍ରୋଷ୍ଟେଟ୍ କ୍ୟାନ୍‌ସରର ପ୍ରାରମ୍ଭିକ ଅବସ୍ଥାରେ ତାଙ୍କର ରେଡିଏଶନ ଥେରାପି ହୋଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଭଲ ଥିବା ନେତାନ୍ୟାହୁ କହିଛନ୍ତି। ତେବେ ଚିକିତ୍ସା କେବେ ହୋଇଥିଲା ସେ ସମ୍ପର୍କରେ ସେ କିଛି କହିନାହାନ୍ତି।

# ହିନ୍ଦୁକୁଶ ହିମାଳୟରେ ବରଫ ସ୍ତର ରେକର୍ଡ ହ୍ରାସ

କାଠମାଣ୍ଡୁ,୨୪।୪

ହିନ୍ଦୁକୁଶ ହିମାଳୟରେ କ୍ରମାଗତ ଭାବେ ଚତୁର୍ଥ ବର୍ଷ ପାଇଁ ବରଫପାତ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ରହିଛି। ଏପରିକି ଚଳିତ ବର୍ଷର ତୁଷାରପାତ ଗତବର୍ଷର ସର୍ବନିମ୍ନ ରେକର୍ଡକୁ ଭାଙ୍ଗି ଦେଇଛି। ତେବେ ୧୨ଟି ଅଞ୍ଚଳ ମଧ୍ୟରୁ ଅନ୍ୟତମ ଗଙ୍ଗା ଅବବାହିକାରେ ସ୍ୱାଭାବିକଠାରୁ ଅଧିକ ଦିନ ବରଫ ଜମିରହିଥିବା ଦେଖିବାକୁ ମିଳିଛି। ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ଋତୁକାଳୀନ ତୁଷାରପାତର ବ୍ୟତିକ୍ରମ ଉପରେ ନଜର ରଖି ଓ ନଭେମ୍ବରରୁ ମାର୍ଚ୍ଚ ଶୀତଋତୁରେ ଉକ୍ତ ଅଞ୍ଚଳରେ ଜମିରହୁଥିବା ବରଫକୁ ଆକଳନ କରି ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରୁଥିବା ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ୍ ମାଉଣ୍ଟେନ୍ ଡେଭେଲପ୍‌ମେଣ୍ଟ (ଆଇସିଆଇଏମ୍‌ଓଡି) ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ୨୦୦୩ରୁ ୨୦୨୬ ମଧ୍ୟରେ ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ୧୪ଟି ଶୀତଋତୁରେ



ସ୍ୱାଭାବିକଠାରୁ କମ୍ ବରଫ ଜମିରହିଥିଲା। ନିକଟ ଅତୀତ ବର୍ଷଗୁଡ଼ିକରେ ଏହି ଧାରା ବଢ଼ିଚାଲିଛି। ଚଳିତ ବର୍ଷ କ୍ରମାଗତ ଚତୁର୍ଥ ବର୍ଷ ଭାବେ ଉକ୍ତ ଅଞ୍ଚଳରେ ଜମିରହୁଥିବା ବରଫ ପରିମାଣ ସ୍ୱାଭାବିକଠାରୁ ୨୭.୮ ପ୍ରତିଶତ କମ୍ ଥିବା ଦେଖିବାକୁ ମିଳିଛି। ଗତବର୍ଷ ଜମି ରହିଥିବା ବରଫ ପରିମାଣ ସ୍ୱାଭାବିକଠାରୁ ୨୩.୬ ପ୍ରତିଶତ କମ୍ ରହିଥିଲା। ବରଫ କମିବା ଅର୍ଥ ବିଶ୍ୱର ଏହି ସର୍ବୋଚ୍ଚ ପର୍ବତ ଶୃଙ୍ଗରେ ଋତୁକାଳୀନ ବରଫ ଜମାହେବା ବ୍ୟବସ୍ଥାଗତ ଭାବେ ଭୁଶୁଡ଼ିଛି। ଫଳରେ ହିନ୍ଦୁକୁଶ ହିମାଳୟରୁ ବାହାରିଥିବା ୧୨ଟି ବୃହତ୍ ନଦୀ ଅବବାହିକା ଉପରେ ନିର୍ଭର କରୁଥିବା ୨୦୦ କୋଟି ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ରିପୋର୍ଟରେ କୁହାଯାଇଛି। ଏବେ ୧୦ଟି ନଦୀ ଅବବାହିକାରେ ବରଫ ଜମାହେବା ପରିମାଣ ସ୍ୱାଭାବିକଠାରୁ କମ୍ ରହିଛି। ମେକଙ୍ଗ, ଟାରିମ୍ ଓ ତିବ୍ବତୀୟ ମାଳଭୂମିରେ ଏହା ୨୪ ବର୍ଷ ମଧ୍ୟରେ ସର୍ବନିମ୍ନ ରହିଥିବା ଆଇସିଆଇଏମ୍‌ଓଡି ରିପୋର୍ଟରେ କୁହାଯାଇଛି। କେବଳ ଗଙ୍ଗା ଉପତ୍ୟକାରେ ସ୍ୱାଭାବିକଠାରୁ ୧୬.୩ ପ୍ରତିଶତ ଅଧିକ ବରଫ ଜମା ହୋଇଥିବାବେଳେ ଇରାୱାଡ଼ିରେ ୨୧.୮ ପ୍ରତିଶତ ବରଫ ଅଧିକ ରହିଛି। ଅପରପକ୍ଷରେ ମେକଙ୍ଗରେ ସ୍ୱାଭାବିକଠାରୁ ୫୯.୫%, ତିବ୍ବତୀୟ ମାଳଭୂମିରେ ୪୭.୪% ଏବଂ ସାଲଓ୍ୱିନ୍‌ରେ ୪୧.୮% କମ୍ ବରଫ ଜମା ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

# ୪୦୦ ଫୁଟ୍ ଉଚ୍ଚ ଟାୱାରରେ ୫୬୦ ଦିନ

## ଦାବି ପୂରଣ ପରେ ଓହ୍ଲାଇଲେ ଆକ୍ଟିଭିଷ୍ଟ ଗୁର୍‌ଜିତ ଖାଲ୍‌ସା

ସାମାନା(ପଞ୍ଜାବ),୨୪।୪ (ପି.ଟି.)

ପଞ୍ଜାବ ଆକ୍ଟିଭିଷ୍ଟ ଗୁର୍‌ଜିତ ସିଂ ଖାଲ୍‌ସା ଧର୍ମନିନ୍ଦା ଘଟଣାରେ କଠୋର ଆଇନ ଆଣିବା ଦାବିରେ ୪୦୦ ଫୁଟ୍ ଉଚ୍ଚ ବିଏସ୍‌ଏନ୍‌ଏଲ୍ ଟାୱାର ଉପରେ ୫୬୦ ଦିନ ବସିରହିବା ପରେ ଶୁକ୍ରବାର ସକାଳେ ତାଙ୍କୁ ତଳକୁ ଅଣାଯାଇଛି। ପଞ୍ଜାବ ସରକାର ଧର୍ମନିନ୍ଦା ବିରୋଧରେ କଠୋର ଆଇନ ଆଣିବା ପରେ ଜିଲା ପ୍ରଶାସନ ୪୩ ବର୍ଷୀୟ ଗୁର୍‌ଜିତଙ୍କୁ ସୁରକ୍ଷିତ ଭାବେ ଟାୱାରରୁ ତଳକୁ ଆଣିଛି।

ଗୁରୁଗ୍ରନ୍ଥ ସାହିବର ଅପମାନ କରୁଥିବା ବ୍ୟକ୍ତିଙ୍କୁ କଠୋର ଦଣ୍ଡବିଧାନ ଦାବିରେ ଗୁର୍‌ଜିତ ୨୦୨୪ ଅକ୍ଟୋବର ୧୨ରେ ପଟିଆଲା ନିକଟ ସାମାନାଠାରେ ଥିବା ଟାୱାର ଉପରେ ଚଢ଼ି ବିକ୍ଷୋଭ ଜାରି ରଖିଥିଲେ। ଶୁକ୍ରବାର ଅଗ୍ନିଶମ, ପୋଲିସ୍ ଓ ପ୍ରଶାସନିକ ଅଧିକାରୀମାନଙ୍କ ଏକ ଟିମ୍ ଏକ ସ୍ୱତନ୍ତ୍ର କ୍ରେନ୍ ସହାୟତାରେ ତାଙ୍କୁ ତଳକୁ ଆଣିଛି। ଏହି ଅଭିଯାନରେ ସୁରକ୍ଷା ଉପକରଣ ଲାଗିଥିବାବେଳେ ବିଭିନ୍ନ ସଂସ୍ଥା ପକ୍ଷରୁ ମିଳିତ ଉଦ୍ୟମ ହୋଇଥିଲା ବୋଲି ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଗୁର୍‌ଜିତ ଟାୱାରରୁ ଓହ୍ଲାଉଥିବାବେଳେ ତଳେ ଲୋକମାନେ ସ୍ଲୋଗାନ ଦେଇଥିଲେ। ଗୁର୍‌ଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଲାଗି ତାଙ୍କୁ ଏକ ଆମ୍ବୁଲାନ୍ସ



ଟାୱାରରୁ ଓହ୍ଲାଇବା ପରେ ଗୁର୍‌ଜିତ ସିଂ ଖାଲ୍‌ସା ସ୍ଲୋଗାନ ଦେଉଛନ୍ତି।

ଯୋଗେ ହସ୍‌ପିଟାଲ ନିଆଯାଇଥିଲା। ସମର୍ଥକମାନେ ତାଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ। ଗୁରୁଙ୍କ କୃପାରୁ ୧୮ ମାସ ୧୨ ଦିନ ପରେ ସେ ସୁରକ୍ଷିତ ଭାବେ ତଳକୁ ଆସିଥିବା କହିବା ସହ ପଞ୍ଜାବ ସରକାର, ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ଏବଂ ବିଧାନସଭା ବାଚସ୍ପତି କୁଲତାର ସିଂ ସାନ୍ଧୱାନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିସହିତ ତାଙ୍କୁ ସୁରକ୍ଷିତ ଭାବେ ତଳକୁ ଆଣିଥିବା ସ୍ଥାନୀୟ ପ୍ରଶାସନକୁ ସେ ଧନ୍ୟବାଦ ଜଣାଇଛନ୍ତି।

ଧରିତ୍ରୀ 52 Years
ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୫/୨୦୨୬ | Bhubaneswar, Saturday, April 25/2026


ଆଜିର ସମ୍ପାଦକୀୟ ନିଯୁକ୍ତିର ବାର୍ତ୍ତା

# ଆପ୍‌କୁ ରାଘବ ଝଟକା: ଭାଜପା ଗଲେ ୭ ଏମ୍‌ପି

ଆମ୍ ଆଦ୍‌ମି ପାର୍ଟି(ଆପ୍) ସହ ଦୀର୍ଘବର୍ଷ ରହିଆସିଥିବା ରାଘବ ଚଢ଼ା ଅନ୍ୟ ୬ ଜଣ ରାଜ୍ୟ ସଭା ସଦସ୍ୟଙ୍କୁ ନେଇ ଶୁକ୍ରବାର ଭାଜପାରେ ଯୋଗଦେବା ଖବର ଦେଶବ୍ୟାପୀ ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ନିକଟରେ ଆପ୍ ରାଘବଙ୍କୁ ରାଜ୍ୟ ସଭାରେ ଦଳର ଉପନେତା ପଦରୁ ବିଦା କରିଥିଲା। ତାଙ୍କ ସ୍ଥାନରେ ଅଶୋକ ମିତ୍ତଲଙ୍କୁ ଅବସ୍ଥାପିତ କରିଥିଲା। ଏକ ବଡ଼ ରାଜନୈତିକ ଘଟଣାକ୍ରମରେ ସେହି ମିତ୍ତଲ ଓ ଅନ୍ୟ ୫ ଜଣଙ୍କୁ ରାଘବ ଦଳରୁ ଅଲଗା କରି ନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଛନ୍ତି। ଆପ୍‌ର ୧୦ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ୭ ଜଣ ଦଳ ଛାଡ଼ିଥିବାରୁ ସେମାନଙ୍କ ବିରୋଧରେ ଦଳ ବିରୋଧୀ ଆଇନ ଲାଗୁ ହେବ ନାହିଁ। ଏହା ଦ୍ୱାରା ଆପ୍‌କୁ କ୍ଷତି ପହଞ୍ଚିଥିବା ବେଳେ ଭାଜପା ଲାଭାନ୍ୱିତ ହୋଇଛି। ରାଜ୍ୟ ସଭାରେ ପୂର୍ବରୁ ଭାଜପାର ୧୦୬ ସଦସ୍ୟ ଥିବାବେଳେ ଏବେ ଶକ୍ତି ବୃଦ୍ଧି ପାଇ ୧୧୩ରେ ପହଞ୍ଚିଛି। ଏହାସହିତ ଉଚ୍ଚ ସଦନରେ ଏନ୍‌ଡିଏର ସଂଖ୍ୟା ୧୪୫ ହୋଇଛି, ଯାହାକି ଦୁଇ ତୃତୀୟାଂଶ ସଂଖ୍ୟା (୧୬୩)ଠାରୁ ୧୮ କମ୍। ଫଳରେ ଆଗକୁ ରାଜ୍ୟ ସଭାରେ ବିଧେୟକ ଗୃହୀତ କରାଇବାରେ ଏହା ଭାଜପା ପରିଚାଳିତ ଏନ୍‌ଡିଏକୁ ସୁହାଇବ ବୋଲି କୁହାଯାଉଛି। ଭାଜପା ପୁରସ୍କାର ଦେବାକୁ ଯାଇ ରାଘବଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବ ବୋଲି ଆଲୋଚନା ହେଲାଣି।


ରାଘବ ଚଢ଼ା

ନୂଆଦିଲ୍ଲୀ,୨୪।୪

ରାଘବ ଚଢ଼ା, ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲଙ୍କ ସମେତ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୭ ଜଣ ରାଜ୍ୟ ସଭା ସଦସ୍ୟ ଶୁକ୍ରବାର ଦଳ ଛାଡ଼ିବାର କିଛି ସମୟ ପରେ ଭାଜପାରେ ଯୋଗଦେଇଛନ୍ତି। ଫଳରେ ଆପ୍‌ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ଶକ୍ତ ଧକ୍କା ଲାଗିଛି। ଆପ୍ ଛାଡ଼ିଥିବା ଅନ୍ୟ ଏମ୍‌ପିମାନେ ହେଲେ ସ୍ୱାତୀ ମାଲିୱାଲ, ହରଭଜନ ସିଂ, ରାଜିନ୍ଦର ଗୁପ୍ତା ଏବଂ ବିକ୍ରମ ସାହନି। ଭାଜପାରେ ଯୋଗଦେବା ପରେ ଚଢ଼ାଙ୍କୁ କେନ୍ଦ୍ରରେ ମନ୍ତ୍ରୀ କରାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

ଆପ୍‌ର ରାଜ୍ୟ ସଭାରେ ଥିବା ୧୦ ସଦସ୍ୟଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ଦଳ ଛାଡ଼ିଥିବାରୁ ସେମାନଙ୍କ ପାଇଁ ଦଳବଦଳ ଆଇନ ଲାଗୁ ହେବନାହିଁ। ଏକ ଖବରଦାତା ସମ୍ମିଳନୀରେ ଚଢ଼ା କହିଛନ୍ତି, ଆପ୍ ଦୁର୍ନୀତି ବିରୋଧରେ ଲଢ଼େଇ କରିବାର ପ୍ରତିଶ୍ରୁତି ଦେଇ ଦିଲ୍ଲୀରେ କ୍ଷମତାକୁ ଆସିଥିଲା। ଏବେ ଏହି ଦଳ ସଚ୍ଚୋଟ ରାଜନୀତିରୁ ଦୂରେଇ ଯାଇଛି। ଯେଉଁ ଆପ୍‌କୁ ମୁଁ ମୋର ରକ୍ତ ଓ ଝାଳ ଦେଇ ବଢ଼ାଇଥିଲି ଓ ଯୌବନର ୧୫ ବର୍ଷ ଦେଇଥିଲି, ଏବେ ତାହା ନୀତି, ମୂଲ୍ୟବୋଧ ଓ ଆଦର୍ଶଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଥିବା ଚଢ଼ା କହିଛନ୍ତି। ସୂଚନାଯୋଗ୍ୟ, ନିକଟରେ ଆପ୍ ଚଢ଼ାଙ୍କୁ ରାଜ୍ୟ ସଭାରେ ଦଳର ଉପନେତା ପଦରୁ ବିଦାକରି ତାଙ୍କ ସ୍ଥାନରେ ମିତ୍ତଲଙ୍କୁ ଉପନେତା ନିଯୁକ୍ତ କରିଥିଲା। ଶେଷକୁ ସେ ଭାଜପାକୁ ଯିବା ଆପ୍‌କୁ ଅଧିକ କ୍ଷତି ପହଞ୍ଚାଇଛି ବୋଲି କୁହାଯାଇଛି। ଖବରଦାତାମାନଙ୍କୁ ଚଢ଼ା କହିଛନ୍ତି, ଆମେ ଆମର ସ୍ୱାକ୍ଷରିତ ପତ୍ର, ଅନ୍ୟାନ୍ୟ ଔପଚାରିକ କାଗଜପତ୍ର ଓ ଆବଶ୍ୟକ ଦସ୍ତାବିଜ ରାଜ୍ୟ ସଭା ଅଧ୍ୟକ୍ଷଙ୍କ ☞ପୃଷ୍ଠା-୨

## ୩୦ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର,୨୪।୪
(ରବିନାରାୟଣ ଜେନା)

### ମହିଳାଙ୍କ ଉପରେ ହେବ ବଡ଼ ଆଲୋଚନା

ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଏପ୍ରିଲ ୩୦ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଶୁକ୍ରବାର ଏସଂକ୍ରାନ୍ତରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ବିଧାନସଭାର ସମସ୍ତ ସଦସ୍ୟ, ରାଜ୍ୟପାଳ, ମହାଧିବକ୍ତା, ସମସ୍ତ ସରକାରୀ ବିଭାଗକୁ ଅବଗତ କରାଇଛନ୍ତି।

## ୨୭ରୁ ଜୁନ୍ ୧୭ ଖରାଛୁଟି

ଭୁବନେଶ୍ୱର,୨୪।୪
(ସୁଚିସ୍ମିତା ସାହୁ)

### ଆଗୁଆ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏପ୍ରିଲ ୨୭ରୁ ରାଜ୍ୟର ସମସ୍ତ ସ୍କୁଲ ପାଇଁ ଖରାଛୁଟି ଘୋଷଣା କରିଛନ୍ତି। ଆସନ୍ତା ସୋମବାରଠାରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାମ ପୂର୍ବପରି ଜାରି ରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତା ୨୭ ତାରିଖରୁ ☞ପୃଷ୍ଠା-୨


SIKSHA 'O' ANUSANDHAN
SAAT-2026
Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



6001/21/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ପ୍ରାଣିଚିକିତ୍ସା ଦିବସ-୨୦୨୬
ଉତ୍ତମ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପ୍ରାଣିଚିକିତ୍ସକ
- ୭୭ଟି ନୂତନ ପ୍ରାଣିଚିକିତ୍ସାଳୟ ଗୃହର ଶୁଭ ଉଦ୍‌ଘାଟନ
- ୧୨ଟି ମତ୍ସ୍ୟସମ୍ପଦ ଭିତ୍ତିଭୂମି ପ୍ରକଳ୍ପର ଶୁଭ ଉଦ୍‌ଘାଟନ
- ୨୧୯ଟି ନୂତନ ପ୍ରାଣିସମ୍ପଦ ଭିତ୍ତିଭୂମି ପ୍ରକଳ୍ପ ପାଇଁ ବୁଝାମଣାପତ୍ର

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ପ୍ରାଣିସ୍ୱାସ୍ଥ୍ୟର ଅଭିବୃଦ୍ଧି ନିମନ୍ତେ ପଦକ୍ଷେପ
- ରାଜ୍ୟରେ ୫୪୧ ପ୍ରାଣିଚିକିତ୍ସାଳୟ, ୩୧୪ ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା କ୍ଲିନିକ ଓ ୩,୮୩୯ ପ୍ରାଣିସମ୍ପଦ ସହାୟତା କେନ୍ଦ୍ର ମାଧ୍ୟମରେ ପ୍ରାଣିଚିକିତ୍ସା ସେବା ପ୍ରଦାନ କରାଯାଉଛି
- ଗୃହପାଳିତ ପ୍ରାଣୀଙ୍କୁ ସୁସ୍ଥ ରଖିବାକୁ ନିୟମିତ ଟିକାକରଣ କରାନ୍ତୁ
- ପ୍ରାଥମିକ ପ୍ରାଣିଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ପାଇଁ ଟୋଲ ଫ୍ରି ନମ୍ବର 1962 କିମ୍ବା 155333 ରେ କଲ୍ କରନ୍ତୁ

ଉତ୍ତମ ଖାଦ୍ୟ ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ରାଜ୍ୟ ସରକାର
- ଓପୋଲଫେଡ୍ ଦୀର୍ଘ ୫୦ ବର୍ଷର ଯାତ୍ରା (୧୯୭୬-୨୦୨୬) ସଫଳ କରିଛି
- ଦେଶୀ ଚିକେନ ଓ ବ୍ରାଉନ ଅଣ୍ଡା ବର୍ତ୍ତମାନ ଓପୋଲଫେଡ୍‌ର ଚିକେନ ଫ୍ରେଶ କାଉଣ୍ଟରରେ ଉପଲବ୍ଧ
- ଭୁବନେଶ୍ୱରର ଆଇଆରସି କାଉଣ୍ଟରରେ କେନ୍ଦୁଝରର ଦେଶୀ ଅସିଲ୍ କୁକୁଡ଼ା ମଧ ମିଳୁଛି
- ଓପୋଲଫେଡ୍ ଗ୍ରାହକମାନଙ୍କ ପାଇଁ ଶୁଦ୍ଧ ଓ ସ୍ୱାସ୍ଥ୍ୟକର ଦେଶୀ ଅଣ୍ଡା ଓ ଚିକେନ ଯୋଗାଇ ଦେଉଛି

୨୫ ଅପ୍ରେଲ ୨୦୨୬
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
Follow us farddepartment farddepartment farddepartment @farddepartment
OIPR-6001/6014/2/26-27/0002

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିୟନ୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ:ଏମ୍‌ପିଆଇଏସ୍ ନୀଳାଦ୍ରି ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ଶ୍ରମିକ ସାସ୍ଥ୍ୟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିଜୁ ଶ୍ରମିକ ସାସ୍ଥ୍ୟ ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍-୬, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାମାଜିକ ଅନୁଷ୍ଠାନ 'ଦିବ୍ୟ ଦିଗନ୍ତ'ର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଦ ସ୍କୁଲ ଅଫ୍ ରାଗ ସଙ୍ଗୀତର ବାର୍ଷିକ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- .ଶନି ମନ୍ଦିରର ୪ର୍ଥ ଜନ୍ମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ହାଇଟେକ ମେଡିକାଲ କଲେଜ ଛକ ନିକଟ ଶନି ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- 'ବାର୍ଡସ୍ ଅଫ୍ ମଙ୍ଗଳାଯୋଡ଼ି' ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶନିଶ୍ଚର ମହାଗ୍ରହ ମନ୍ଦିର ଟ୍ରଷ୍ଟ, ଶନିବିହାର, ବାଣୀବିହାର ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।
- ବାବା ବ୍ରକ୍ରେଶର ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ ସାମାଜିକ ନାଟକ 'କଟି କଟି ଡବଲ କଟି' ସ୍ଥାନ: ଭିଙ୍ଗାରପୁରସ୍ଥିତ ସ୍କୁଲ ଖେଳପଡ଼ିଆ, ସମୟ: ରାତି ୧୧ଟା।

## କଟକ

- ଶନିଶ୍ଚର ମହାଗ୍ରହଙ୍କ ମହାଯଜ୍ଞ ଓ ମହାମେଳା, ସ୍ଥାନ: ଚୌଦ୍ୱାର ବେଉରାସାହି, ସମୟ: ସକାଳ: ୬ଟା
- ଶନିଶ୍ଚର ମନ୍ଦିରର ବାର୍ଷିକୋତ୍ସବ ଓ ପାଣିଢଳା ଉତ୍ସବ, ସ୍ଥାନ: ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ନୂଆଁସାହି, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ମନ୍ଦିର ପ୍ରତିଷ୍ଠା ଏବଂ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କୃଷ୍ଣପଲ୍ଲୀ, ତାଳବସ୍ତ, ସମୟ: ସକାଳ ୭ଟା।
- ଇମ୍ପା ପକ୍ଷରୁ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ମଙ୍ଗରାଜପୁରସ୍ଥିତ କୋଚିଲା ନୂଆଗାଁ ୟୁ.ପି. ସ୍କୁଲ ପରିସର, ସମୟ: ସକାଳ ୯ଟା।
- ସାଧୁସନ୍ଥ ସମ୍ମିଳନୀ ଓ ତ୍ୟାଗ ଭିକ୍ଷା ଗ୍ରହଣ ଉତ୍ସବ, ସ୍ଥାନ: ଚକାପଦା ରଘୁନାଥ ମଣ୍ଡପ, ବାଙ୍କୀ, ସମୟ : ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ଜଗନ୍ନାଥ ସେବାୟତ ସଂଘ ପକ୍ଷରୁ ଶ୍ରୀଶ୍ରୀରାମକଥା ପ୍ରବଚନର ୬ଷ୍ଠ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଚାନ୍ଦିନୀଚୌକ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଶିକ୍ଷାଶ୍ରୀ ଫାଉଣ୍ଡେଶନର ବାର୍ଷିକ ଉତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା, ସ୍ଥାନ: ମୋଚିସାହି କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଗୁରୁ ଭାରତ ଓ ସାଧୁ ସନ୍ଥ ପରମ୍ପରା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ସଦାଶିବ ପରିସର, ସମୟ: ଅପରାହ୍ନ ୪ଟା।
- ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ୪୯ତମ ସଙ୍ଗୀତ ଓ ନୃତ୍ୟ ଉତ୍ସବ, ସ୍ଥାନ: ପଞ୍ଚସଖା ପଡ଼ିଆ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଚିଲିକା ପୁସ୍ତକ ମେଳା, ସ୍ଥାନ: ବାଲୁଗାଁ କଲେଜ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ୦୭୮ତମ ଓଡ଼ିଶା ପୋଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ଚାମ୍ପିଅନ୍‌ସିପ୍-୨୦୨୬ ଫାଇନାଲ୍ ମ୍ୟାଚ୍, ସ୍ଥାନ : ପୋଲିସ୍ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ : ସକାଳ ୭ଟା।
- ଶନିଶ୍ଚର ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ : ଓଡ଼ିଆ ଶାସନ, ରୂପ୍‌ସା, ସମୟ : ସକାଳ୮ ଟା।
- ଶିଳାନ୍ୟାସ ପର୍ବ, ସ୍ଥାନ : ରେମୁଣା ଏନ୍‌ଏସି, ବାଲେଶ୍ୱର, ସମୟ : ସକାଳ ୯ ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ମା' ଶୀତଳଙ୍କ ତିନିଦିନିଆ ବାର୍ଷିକ ପୂଜା ଶୁଭାରମ୍ଭ, ସ୍ଥାନ : ପଞ୍ଚାରୁଖୀ ଗ୍ରାମ, ବାଲିଆପାଳ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସୂର୍ଯ୍ୟେଶ୍ୱର ମହାଦେବଙ୍କ ପାଟପର୍ବ, ସ୍ଥାନ : ସୂର୍ଯ୍ୟାପୁର ଗ୍ରାମ ମହାଦେବ ମନ୍ଦିର, ଅସ୍ତୀ, ବାଲିଆପାଳ, ସମୟ : ସନ୍ଧ୍ୟା ୬ଟା।
- ମା' ମନସାଙ୍କ ସାର୍ବଜନୀନ ପୂଜାର୍ଚ୍ଚନା, ସ୍ଥାନ : ପଞ୍ଚରୁଖି ଛକ, ବାଲିଆପାଳ, ସମୟ : ରାତି ୯ଟା।

## କେନ୍ଦୁଝର

- ଶନିଦେବଙ୍କ ଜନ୍ମୋତ୍ସବ ଓ ମହାଯଜ୍ଞ, ସ୍ଥାନ : କେନ୍ଦୁଝର ପାୱାର ହାଉସ ପରିସର, ସମୟ: ସକାଳ ୭ଟା।

## ମୟୂରଭଞ୍ଜ

- ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ, କଚେରୀ ରୋଡ୍, ବାରିପଦା, ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଇଫିଜେସ୍-୨୦୨୬, ସ୍ଥାନ: ଏମ୍‌କେସିଜି ମେଡିକାଲ କଲେଜ, ସମୟ: ଅପରାହ୍ନ ୨ଟା।

## ଅନୁଗୋଳ

- ଶ୍ରୀମଦ୍ ଭାଗବତ ପ୍ରବଚନ କାର୍ଯ୍ୟକ୍ରମରେ ପୂର୍ଣ୍ଣାହୁତି ହୋମଯଜ୍ଞ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ୧୦ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହର ସପ୍ତମ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ଶନିଶ୍ଚର ଦେବ ମହୋତ୍ସବ, ସ୍ଥାନ: ଖଡିଅଙ୍ଗ ପୀଠ, ମହୀପାଳ ପୀଠ, କେନ୍ଦ୍ରାପଡା ସହର, ଚମ୍ପାବାଗ ଘାଟ(ଗୋବରୀକୂଳ), ବୀରନୀଳକଣ୍ଠପୁର, ଡେରାବିଶ, ସମୟ: ସକାଳ ୬ଟା।
- ସୀତା ନବମୀ ଉପଲକ୍ଷେ ଶ୍ରୀରାମ ଯଜ୍ଞୋତ୍ସବ, ସ୍ଥାନ: ଘିଘିଡିଆ, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଗଜେନ୍ଦ୍ରପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା।
- ଶ୍ରୀବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।
- ଶିଶୁ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ:ରାମନଗର, ମହାକାଳପଡା, ସମୟ: ଅପରାହ୍ନ ୫ଟା। ଶ୍ରୀ ହନୁମାନଜୀଉଙ୍କ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଶାଳିଅଞ୍ଚ, ଆଳି, ସମୟ: ସକାଳ ୬ଟା
- ଶ୍ରୀ ବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୀଠ ପରିସର, କନ୍ହେଇପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଶ୍ରୀଶ୍ରୀ ଗ୍ରହରାଜ ଶନିଶ୍ଚରଙ୍କ ୭୭ତମ ବାର୍ଷିକ ମେଳା ଓ ଯଜ୍ଞ ଉତ୍ସବ, ସ୍ଥାନ: ଯାଜପୁର ରୋଡ୍ ରାଛିପୁର ଶନି ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଶ୍ରୀଶ୍ରୀ ଗ୍ରହରାଜ ଶନିଦେବଙ୍କ ମହାଯଜ୍ଞ, ସ୍ଥାନ: ଯାଜପୁର ରୋଡ୍ ଝାଟିଆସାହି ଶନିମନ୍ଦିର ପରିସର, ସମୟ: ସକାଳ ୬ଟା।

## ନୟାଗଡ଼

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବର ପଞ୍ଚମ ଦିବସ, ସ୍ଥାନ:ଓଡଗାଁ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ:ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା ।
- ଚନ୍ଦନ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର ; ଶରଣକୁଳ ଲଡୁବାବାଙ୍କ ମନ୍ଦିର ; ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ:ମଧ୍ୟାହ୍ନ ୧୨ଟା ୩୦ ।
- ଚନ୍ଦନ ଯାତ୍ରା ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା ।
- ଚନ୍ଦନ ଯାତ୍ରା ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ଜୀଉ ମନ୍ଦିର ; ରଣପୁର ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା ।

## ରାୟଗଡ଼ା

- ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ ପାଳନ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟରେ, ଗୁଣପୁର, ସମୟ: ସକାଳ ୯ଟା ୩୦।
- ବିକଶିତ ଭାରତ ଯୁବା ମହୋତ୍ସବ, ସ୍ଥାନ: ଜିଆଇସିଏମ୍‌ଏସ, ରେଗେଡା, ଗୁଣପୁର, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ମ୍ୟାଚ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ: ସକାଳ ୬ଟା।
- ସାଓଲିନ କୁଂଫୁ ଉସୁ ଆସୋସିଏଶନ ପକ୍ଷରୁ ମାଗଣା ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିନାଖଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୭ଟା।
- ସମ୍ବଲପୁର କବାଡି ପ୍ରିମିୟର ଲିଗ-୨୦୨୬ର ମ୍ୟାଚ, ସ୍ଥାନ: ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଆନ୍ତଃ ବିଦ୍ୟାଳୟ ଚେସ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର--୧୪ ଡିପିଏସ୍ ସ୍କୁଲ, ସମୟ: ସକାଳ ୬ଟା ୩୦।
- ଆମ୍‌କୋ ସିମ୍‌କୋ ଶହୀଦ ଦିବସ ପାଳନ, ସ୍ଥାନ: ଆମ୍‌କୋ ସିମ୍‌କୋ ପୀଠ, ସମୟ: ସକାଳ ୮ଟା।
- କବିତାୟନ-୨୦୨୬ ସମାରୋହ, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରାର ୬ଷ୍ଠ ଦିବସ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ନାଟକର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ଆମକୋ - ସିମକୋ ଶହୀଦ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମାରକୀ ପୀଠ, ଆମକୋ - ସିମକୋ, କୁଆଁରମୁଣ୍ଡା, ସମୟ: ସକାଳ ୮ ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମୁଟପାଲି, ଗାଇସିଲେଟ୍: ସମୟ: ସକାଳ ୭ଟା।
- ବୈଶାଖ ମେଳା ଅବସରରେ ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ନୃସିଂହନାଥ ମନ୍ଦିର ପରିସର, ବରଗଡ଼, ସମୟ: ସକାଳ ୮ଟା।
- ସୂର୍ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ଭାଜପା ମହିଳା ମୋର୍ଚ୍ଚାର ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀ ମନ୍ଦିର ସମ୍ମୁଖ,ସମୟ: ଅପରାହ୍ନ ୪ଟା।
- ଗ୍ରୀଷ୍ମ ପ୍ରବାହ ଓ ପାଣିପାଗ ପରିବର୍ତ୍ତନକୁ ନେଇ ବୈଠକ, ସ୍ଥାନ: ଜୁନାଗଡ଼ ଲାଲ ପଡିଆ,ସମୟ: ଅପରାହ୍ନ ୫ଟା।

## ବୌଦ୍ଧ

- ଜିଲାସ୍ତରୀୟ ବିଶ୍ୱ ଭେଟେରିନାରି ଦିବସ ପାଳନ, ସ୍ଥାନ: ମାରୱାଡି ଭବନ ସଭାଗୃହ, ବୌଦ୍ଧ, ସମୟ: ସକାଳ ୮ଟା।

## ଦେବଗଡ଼

- ବିଶ୍ୱ ପ୍ରାଣୀଚିକିତ୍ସା ଦିବସ କର୍ମଶାଳା, ସ୍ଥାନ: ଦେବଗଡ଼ସ୍ଥିତ ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ଦେବଗଡ଼ ଜିଲାରେ ବିକାଶମୂଳକ ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ, ସ୍ଥାନ: ଦେବଗଡ଼ ବଡ଼ବଗିଚା, ସମୟ: ସକାଳ ୯ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଭାଜପା ପକ୍ଷରୁ ଜିଲାସ୍ତରୀୟ ଜନ ଆକ୍ରୋଶ ମହିଳା ସମାବେଶ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସଭା ଗୃହ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଆଗ୍ରେନ ଗାଁ, ସମୟ: ପ୍ରାତଃ ୪ଟା ୧୫।
- ଶ୍ରୀଶ୍ରୀ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଲଟକନପଡା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ନାରୀଶକ୍ତି ଜନ ଆକ୍ରୋଶ ଶୋଭାଯାତ୍ରା, ସ୍ଥାନ: ପୋଲିସ ପଡିଆ, ନୂଆପଡ଼ାଠାରୁ ଏକତା ଛକ, ସମୟ: ସକାଳ ୮ଟା।
- ଜିଲା ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀମଦ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପଡ଼ା ଏନଏସି, ଶାଖାତରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା।

## ଝାରସୁଗୁଡ଼ା

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କନକତୋରା ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ କାର୍ଯ୍ୟକ୍ରମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ପ୍ରକାର ସମସ୍ୟା ଲାଗିରହିବା ଯୋଗୁ କର୍ମକ୍ଷେତ୍ରରେ କୌଣସି କାମ ସହଜରେ ସମ୍ପନ୍ନ ହେବନାହିଁ। ଅବଶ୍ୟ ପରକ୍ଷଣରେ ଅନ୍ୟାନ୍ୟ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇପାରେ। ଆଜିର ଯାତ୍ରା, ନୂତନ କର୍ମାରମ୍ଭ ଓ ଆନୁଷ୍ଠାନିକ କ୍ଷେତ୍ର ପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ବୃଷ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଗୌରବାନ୍ୱିତ ହେବେ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତତା ସାଙ୍ଗକୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରୋକ୍ଷ ଶତ୍ରୁତାରୁ ସମସ୍ୟାର ସମ୍ମୁଖୀନ ହେବେ। ଶିଳ୍ପ, ବାଣିଜ୍ୟରେ ଆଂଶିକ ସଫଳତା ପାଇବେ। ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**ମିଥୁନ** ମାନସିକ ସ୍ତରରେ ବ୍ୟଗ୍ରତା ଓ ଅସ୍ଥିରତା ସୃଷ୍ଟିହେଲେ ମଧ୍ୟ ବନ୍ଧୁଙ୍କ ପରାମର୍ଶରୁ ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ରପ୍ତାନି କାରବାରରେ କଳହ, ପରିବାରରେ ମତାନ୍ତର ଘଟିପାରେ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଅନ୍ୟକୁ ସାହାଯ୍ୟ କରି ସମାଲୋଚିତ ହେବେ।

**କର୍କଟ** ଆଜିର ଯାତ୍ରା, ବାଣିଜ୍ୟ ସନ୍ତୋଷଜନକ ରହିବା ଯୋଗୁ ଆନନ୍ଦ ଅନୁଭବ କରିପାରନ୍ତି। ପାରସ୍ପରିକ ସଦ୍‌ଭାବ ଏବଂ ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ସୁଖସନ୍ତୋଷରେ କଟିବ। ପ୍ରତ୍ୟେକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପଡ଼ୋଶୀଙ୍କ ସହ ବାକ୍ ବିତଣ୍ଡା ସୃଷ୍ଟି ହୋଇପାରେ।

**ସିଂହ** ସମସ୍ୟା ଲାଗିରହିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆଜିର କର୍ମଜଞ୍ଜାଳ ଏତେ ବଢ଼ିଯିବ ଯେ, ସାମାନ୍ୟ ଫୁରସତ୍ ମଧ୍ୟ ପାଇବେ ନାହିଁ। ବିଭିନ୍ନ ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିତି ଠିକ୍ ରହିନପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ. , ହୋଟେଲ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ସଫଳତା ମିଳିବ।

**କନ୍ୟା** ସବୁ ଦିଗରୁ ଭଲ ହେଲେ ମଧ୍ୟ ପରିବାରର ଅଶାନ୍ତ ପରିସ୍ଥିତି, ଗୃହଛିଦ୍ର, ବନ୍ଧୁଙ୍କ ଅନୁଚିତ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହେବ। ମାନସିକ ସ୍ଥିତି ଭଲ ନ ଥିବାରୁ ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ବ୍ୟବସାୟିକ କ୍ଷେତ୍ର, ନିର୍ମାଣ କାର୍ଯ୍ୟ, କଚେରି ମାମଲା ଦିଗରୁ ଆଶ୍ୱସ୍ତି ଲାଭର ସୂଚନା ରହିଛି।

**ତୁଳା** ଆଜିର ଜୀବନଯାତ୍ରା ପ୍ରୀତିପ୍ରଦ ରହିବ ଏବଂ ଯାହା ଓ ଯେମିତି ଚାହୁଁଛନ୍ତି ତାହା ନିର୍ବିଘ୍ନରେ ପ୍ରାପ୍ତ ହେବ। ପଦେ ପଦେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ଚିତ୍ରା ନକ୍ଷତ୍ର ସକାଶେ କାମରେ ଅସ୍ଥିରତା ସୃଷ୍ଟିକରିବାର ସମ୍ଭାବନା ରହିଛି। ଜମିଜମା କିମ୍ବା ନିର୍ମାଣ ଓ ସାଂଗଠନିକ କ୍ଷେତ୍ରରେ ବିତର୍କର ସମ୍ଭାବନା ରହିଛି।

**ବିଛା** ଆପଣଙ୍କ ନୂତନ କର୍ମାରମ୍ଭ ବନ୍ଧୁ ମିଳନ ମାଧ୍ୟମରେ ସମ୍ପନ୍ନ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟରେ ଆପଣଙ୍କ ଅନୁପସ୍ଥିତି ପାଇଁ କୈଫିୟତ ଦେବାକୁ ପଡ଼ିପାରେ। ଆପଣଙ୍କ ବାଟକୁ ଚାହିଁ ବସିଥିବା ବନ୍ଧୁଟି ମନେ ମନେ ବହୁତ ବିରକ୍ତି ପ୍ରକାଶ କରିପାରନ୍ତି। ଆଜିର ଯାତ୍ରା, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ମାନସିକ ଓ ଶାରୀରିକ ସ୍ଥିତି ଭଲ ନ ରହିଲେ ମଧ୍ୟ ଅନ୍ୟାନ୍ୟ ଗ୍ରହଙ୍କ ଶୁଭତ୍ୱ ଯୋଗୁ କୌଣସି କାମ ଅଚଳ ହେବନାହିଁ। ପରିବାର ମଧ୍ୟରେ ବୁଝାମଣାର ଅଭାବ ଜନିତ ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ଆର୍ଥିକ ସ୍ଥିତି ବହୁତ ଭଲ ରହିବ ଏବଂ କୌଣସି ମୂଲ୍ୟବାନ ଜିନିଷ ଖରିଦ କରିପାରନ୍ତି।

**ମକର** ଆଜିର ଗ୍ରହସ୍ଥିତି ଭଲ ହେତୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ ମୂଲ୍ୟବାନ୍ ଦ୍ରବ୍ୟ ପାଇବେ। କର୍ମକ୍ଷେତ୍ରରେ ଘଟି ଯାଇଥିବା ଯେଉଁ ବ୍ୟତିକ୍ରମ ସୁଧାରିନେବା ସହ ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** ବନ୍ଧୁଙ୍କ ସହ ଆଲୋଚନା ଅବକାଶରେ ମନ ଚାହୁଁଥିବା ପ୍ରକାରେ ନୂତନ ସମ୍ପର୍କ ସ୍ଥାପିତ କରିବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ବିବାଦ ଅପସରି ଯିବ। ନିଜ ପିଲାଙ୍କ ସକାଶେ କୌଣସି ବ୍ୟକ୍ତିଙ୍କ ସହ ତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଆଜିର ଗ୍ରହଯୋଗ ସାମଗ୍ରିକ ସୁଖ, ସୁବିଧା ପ୍ରଦାନ କରି ମନରେ ନୂତନ ଆଶା ସଞ୍ଚାର କରିପାରନ୍ତି। ଅନ୍ୟମାନଙ୍କ କଥାକୁ ନେଇ ମାନସିକ ସୁସ୍ଥତା ବାଧାପ୍ରାପ୍ତ ହୋଇପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ରର ପାରିବାରିକ ସଦ୍‌ଭାବ ମନକୁ ବୁଝାଇବାରେ ସାହାଯ୍ୟ କରିବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବ ନାହିଁ।

ଆଜି ଏପ୍ରିଲ ୨୫ ତାରିଖ, ବିଶ୍ୱ ମ୍ୟାଲେରିଆ ଦିବସ, ବିଶ୍ୱ ପଶୁ ଚିକିତ୍ସା ଦିବସ, (ଏପ୍ରିଲ ଶେଷ ଶନିବାର), ବୈଶାଖ ଶୁକ୍ଳପକ୍ଷର ସୀତା ନବମୀ ,ରାଶିନକ୍ଷତ୍ର-ଅଶ୍ଳେଷା/ କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୧୦।୦୯ ଗତେ, ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୮।୩୫ ଗତେ ଘ.୧୦।୦୯ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ବୋଲିବୁ ବୋଲ, ମୋ ଦେହଟା ଯାକ ହିଁ ପୋଲ।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ବଡ଼କୁ ମାଇଲୁ ଗୋଇଠା ଏବେ ଗୋଡ଼ ଟେକି କରି ବଇଥା।**

ବୟସ୍କ ବ୍ୟକ୍ତି ଚିରନମସ୍ୟ। ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ୍। ଏପରି ବୟସ୍କ ବ୍ୟକ୍ତିଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟ୍ରାନ୍ସଜେଣ୍ଡର ୱେଲ୍‌ଫେୟାର ବୋର୍ଡର ଅଧ୍ୟକ୍ଷ ପଦରେ ପରିବର୍ତ୍ତନ

## ମୁଖ୍ୟ ଶାସନ ସଚିବଙ୍କ ସ୍ଥାନରେ ଅଧ୍ୟକ୍ଷ ରହିବେ ମନ୍ତ୍ରୀ

ଭୁବନେଶ୍ୱର, ୨୪।୪(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଟ୍ରାନ୍ସଜେଣ୍ଡର ୱେଲ୍‌ଫେୟାର ବୋର୍ଡ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ୩ୟ ଲିଙ୍ଗୀମାନଙ୍କ ବିକାଶ ଏବଂ ସୁରକ୍ଷା ଦୃଷ୍ଟିକୋଣରୁ ଏହି ବୋର୍ଡ ଗଠନ କରାଯାଇଥିବା ଦର୍ଶାଯାଇଛି। ବୋର୍ଡର ଅଧ୍ୟକ୍ଷ ଭାବେ ଏହି ବିଭାଗର ମନ୍ତ୍ରୀଙ୍କୁ ରଖାଯାଇଛି। ଏହାର ୨ଦିନ ପୂର୍ବରୁ ଅଧ୍ୟକ୍ଷ ପଦରେ ମୁଖ୍ୟ ଶାସନ ସଚିବ ରହିବେ ବୋଲି ଦର୍ଶାଯାଇଥିବା ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ନିଷ୍ପତ୍ତି ଉପରେ ପୁନର୍ବିଚାରକରି ସରକାର ଅଧ୍ୟକ୍ଷ ପଦରେ ପରିବର୍ତ୍ତନ ଆଣିଛନ୍ତି। ଏସ୍‌ଏସ୍‌ପିଡି ବିଭାଗ ମନ୍ତ୍ରୀ ଦାୟିତ୍ୱରେ ନିତ୍ୟାନନ୍ଦ ଗଣ୍ଡ ରହିଛନ୍ତି। ସେ ବର୍ତ୍ତମାନ ଏହି ପଦ ସମ୍ଭାଳିବେ। ଏହାସହ ବୋର୍ଡରେ ପୂର୍ବଭଳି ମୋଟ୍ ୧୨ ଜଣ ରହିବେ। ଅଧ୍ୟକ୍ଷ ପଦକୁ ଛାଡ଼ିଦେଲେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ବୋର୍ଡର ଉପାଧ୍ୟକ୍ଷ ରହିବେ। ଉକ୍ତ ବିଭାଗର ନିର୍ଦ୍ଦେଶକ ବୋର୍ଡର ସଦସ୍ୟ ସଚିବ ରହିବେ। ଏହି ୩ ଜଣଙ୍କୁ ବାଦ୍ ଦେଇ ଆହୁରି ୯ ଜଣ ସଦସ୍ୟ ରହିବେ। ସେଥିରେ ପୋଲିସ ଡିଜି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ, ମହିଳା ଓ ଶିଶୁ କଲ୍ୟାଣ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚଶିକ୍ଷା ଓ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ଜଣେ ଲେଖା ପ୍ରତିନିଧିଙ୍କୁ ସଦସ୍ୟ ରଖାଯିବ।

## ଅବଶିଷ୍ଟାଂଶ

### ଆପ୍‌କୁ ରାଘବ ଝଟକା...

ନିକଟରେ ଦାଖଲ କରିଛୁ। କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆପ୍ ଏବେ ଆଉ ଦେଶ ପାଇଁ କାମ ନ କରି ନିଜର ଲାଭ ନିମନ୍ତେ କାମ କରୁଛି। ଦଳରେ ଏଭଳି ସ୍ଥିତି ଆସିବ ବୋଲି କେବେ ଚିନ୍ତା କରି ନ ଥିଲି ବୋଲି ଅନ୍ୟତମ ଏମ୍‌ପି ସନ୍ଦୀପ ପାଠକ କହିଛନ୍ତି।

୭ ରାଜ୍ୟ ସଭା ସଦସ୍ୟ ଆପ୍ ଛାଡ଼ିବା ନେଇ ଦଳର ନେତା କେଜ୍‌ରିୱାଲ କହିଛନ୍ତି, ଭାଜପା ପୁଣିଥରେ ପଞ୍ଜାବ ଜନସାଧାରଣଙ୍କ ପ୍ରତି ବିଶ୍ୱାସଘାତ କରିଛି। ଅନ୍ୟପକ୍ଷରେ ଆପ୍ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇଯିବା ସହ ଦୁର୍ନୀତିର ଆଡ୍ଡାରେ ପରିଣତ ହୋଇଥିବା ଭାଜପା କହିଛି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି, ଦୁର୍ନୀତିଗ୍ରସ୍ତ ଆପ୍‌କୁ କେହି ବିଶ୍ୱାସକୁ ନେବେନାହିଁ। ଯେଉଁ ଦଳ ଆରମ୍ଭ ବେଳେ ନିଜକୁ ଏକ ଭିନ୍ନ ଦଳ ଭାବେ ଦାବିକରିଥିଲା ଏବେ ତାହା ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଛି। ଆପ୍ ସମ୍ପୂର୍ଣ୍ଣ ଭାଙ୍ଗିବାକୁ ଯାଉଥିବା ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ ମାଲବ୍ୟ 'X'ରେ ଲେଖିଛନ୍ତି।

### ୨୭ରୁ ଜୁନ୍ ...

ଜୁନ ୧୭ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ ବନ୍ଦ ରହିବ। ପାଣିପାଗ ବିଭାଗର ଆକଳନ ଓ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି)ଙ୍କ ସହ ଆଲୋଚନା ପରେ ଏହି ଗ୍ରୀଷ୍ମ ଅବକାଶକୁ ଅନୁମୋଦନ କରିଥିବା ନେଇ ମନ୍ତ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

# ଅମିତାଭ ସ୍ୱତନ୍ତ୍ର ଗୁଣର ଅଧିକାରୀ: ଦିବ୍ୟା ଦତ୍ତା

ଅମିତାଭ ବଚ୍ଚନ ବଲିଉଡ୍‌ର 'ଶେହେନ୍‌ଶାହ'। ଅନେକ ବ୍ଲକବଷ୍ଟର ଫିଲ୍ମ ଜରିଆରେ ସେ ଆଜି ପର୍ଯ୍ୟନ୍ତ ଦର୍ଶକଙ୍କ ହୃଦୟରେ ରାଜ କରିଆସୁଛନ୍ତି। କେବଳ ଅଭିନୟ ନୁହେଁ, ଉତ୍ତମ ସ୍ୱଭାବ ପାଇଁ ମଧ୍ୟ ବିଗ୍ ବି ପ୍ରଶଂସା ସାଉଁଟିଥାନ୍ତି। ନିକଟରେ ଏକ ସାକ୍ଷାତ୍‌କାରରେ ଅଭିନେତ୍ରୀ ଦିବ୍ୟା ଦତ୍ତା କହିଛନ୍ତି, ବିଗ୍ ବି ସ୍ୱତନ୍ତ୍ର ଗୁଣର ଅଧିକାରୀ। ତାଙ୍କ ପାଖରେ ସମସ୍ତଙ୍କୁ ସ୍ୱତନ୍ତ୍ର ଅନୁଭବ କରାଇବାର ଏକ ଅନନ୍ୟ କ୍ଷମତା ଅଛି। ବ୍ୟକ୍ତିଗତ ଭାବରେ ମୋତେ ଅମିତାଭ ଠିକ୍ ଅଧ ରାତିରେ ଅର୍ଥାତ୍ ରାତି ୧୨ଟାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତି। ଏହା ତାଙ୍କର ଏକ ଉଲ୍ଲେଖନୀୟ ଗୁଣ। ଅବିଶ୍ୱସନୀୟ ଭାବରେ ସ୍ୱତନ୍ତ୍ର ଅନୁଭବ କରାଇବାର ତାଙ୍କ ପାଖରେ ପ୍ରତିଭା ଅଛି। ଏହି ଅଭ୍ୟାସ ବିଶେଷ ଭାବରେ ସ୍ୱତନ୍ତ୍ର କାରଣ। ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ସେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୃଦୟର ସହ କରିଥାନ୍ତି। ଦିବ୍ୟା ଦତ୍ତାଙ୍କୁ 'ବାଗ୍‌ବାନ' ଫିଲ୍ମରେ ଅମିତାଭଙ୍କ ସହ କାମ କରିବାର ସୁଯୋଗ ମଧ୍ୟ ମିଳିଥିଲା। ଏହା ମୋ ପାଇଁ ଏକ ସ୍ୱପ୍ନ ସତ ହେବା ପରି ଥିଲା ବୋଲି କୁହନ୍ତି ଦିବ୍ୟା। ଶୁଟିଂ ସମୟରେ ସେ ମୋତେ ପ୍ରତ୍ୟେକ ମୁହୂର୍ତ୍ତରେ ସହାୟତା କରୁଥିଲେ ; ଯାହା ମୋତେ ପ୍ରେରଣା ଯୋଗାଇଥିଲା।



# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୫/୨୦୨୬ | Bhubaneswar, Saturday, April 25/2026 | ପୃଷ୍ଠା-୩





ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ବିଧାୟକ ଲକ୍ଷ୍ମଣ ବାଗ୍। (ରିପୋର୍ଟ: ପୃଷ୍ଠା-୫)

# ୧ଡଲାର= ୯୪.୧୬ ଟଙ୍କା

**ନୂଆଦିଲ୍ଲୀ,୨୪।୪**

ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବକୁ ନେଇ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ମୂଲ୍ୟରେ କ୍ରମାଗତ ଅବମୂଲ୍ୟାୟନ ଘଟିଚାଲିଛି। ଶୁକ୍ରବାର ଆନ୍ତଃବ୍ୟାଙ୍କିଙ୍ଗ ବୈଦେଶିକ ମୁଦ୍ରା କାରବାର ଶେଷ ସୁଦ୍ଧା ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ପୁଣି ୧୫ ପଇସା ହ୍ରାସ ଘଟି ଡଲାର-ଟଙ୍କା ବିନିମୟ ମୂଲ୍ୟ ୯୪.୧୬ ରହିଥିଲା। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ବିରତି ବୁଝାମଣାକୁ ନେଇ ଅନିଶ୍ଚିତତା ଲାଗି ରହିଥିଲାବେଳେ ହର୍ମୁଜ୍ ଜଳପଥ ଦେଇ ଇନ୍ଧନ ପରିବହନ ଏକପ୍ରକାର ଠପ୍ ହୋଇଯାଇଛି। ଏହାକୁ ନେଇ ବୈଶ୍ୱିକ ତୈଳ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବା ସହ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଶୁକ୍ରବାର ସୁଦ୍ଧା ବ୍ରେଣ୍ଟକ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୧୦୭ ଡଲାର ଟପିଥିଲାବେଳେ ଆମେରିକୀୟ ଡଲାର ମୂଲ୍ୟ ଅନ୍ୟ ଯେକୌଣସି ମୁଦ୍ରା ତୁଳନାରେ ସଶକ୍ତ ହେବାରେ ଲାଗିଛି।

# ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ହସ୍ପିଟାଲ ଛାତରୁ ଡେଇଁ ସ୍ତ୍ରୀ ମୃତ

**ବଲାଙ୍ଗୀର,୨୪।୪ (ବୀରେନ୍ଦ୍ର କୁମାର ଝାଙ୍କର)**


ସେବକରାମ ବାଗ


ପଦ୍ମିନୀ ବାଗ

ଦୁର୍ଘଟଣାରେ ଆହତ ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସ୍ୱାମୀଙ୍କ ଶୁକ୍ରବାର ମୃତ୍ୟୁ ହେବା ଶୁଣି ହସ୍ପିଟାଲର ପ୍ରଥମ ମହଲା ଛାତରୁ ଡେଇଁ ଜଣେ ମହିଳା ପ୍ରାଣ ହରାଇଛନ୍ତି। ସେ ହେଲେ ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଡୁମେରବାହାଲ ଗାଁର ସେବକ ରାମ ବାଗ (୩୫) ସ୍ତ୍ରୀ ପଦ୍ମିନୀ ବାଗ (୩୦)। ଦମ୍ପତିଙ୍କ ୩ ସନ୍ତାନ ଏବେ ଅସହାୟ ହୋଇ ପଡିଛନ୍ତି। ସେବକରାମ ଗୁରୁବାର ରାତିରେ ଅଟୋ ରିକ୍ସାରେ ବଲାଙ୍ଗୀରରୁ ନିଜ ଗାଁକୁ ଫେରୁଥିବାବେଳେ ବାଟରେ ଏକ ଅଜଣା ଟ୍ରକ୍ ଧକ୍କା ହୋଇଥିଲା। ଫଳରେ ସେବକ ରାମ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

# ଭୁବନେଶ୍ୱରରେ ୨୦% ଭୋଟରଙ୍କ ମାପିଙ୍ଗ୍ ହୋଇପାରିଲାନି

**ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)**

## ଦେବଗଡ଼ରେ ହୋଇଛି ସର୍ବାଧିକ ୧୦୦% ମ୍ୟାପିଙ୍ଗ୍

ରାଜ୍ୟରେ ପ୍ରାୟ ୧ ମାସ ଧରି ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଚାଲିଥିବା ଭୋଟର ମାପିଙ୍ଗ୍ ପ୍ରକ୍ରିୟା ଶେଷ ହୋଇଛି। ଦେବଗଡ଼ ଭଳି ଅପହଞ୍ଚ ଅଞ୍ଚଳରେ ୧୦୦% ଭୋଟରଙ୍କ ମାପିଙ୍ଗ୍ ହୋଇସାରିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ଏହା ମାତ୍ର ୭୯.୫୨%ରେ ରହିଛି। ଆହୁରି ୨୦.୪୮% ଭୋଟରଙ୍କ ମାପିଙ୍ଗ୍ ହୋଇପାରିନାହିଁ। ତେବେ ମାପିଙ୍ଗ୍‌ରେ ଓଡ଼ିଶାର ହାର ୯୫.୯୧% ରହିଛି, ଯାହାକି ପଞ୍ଜାବ ଓ ତେଲଙ୍ଗାନା ଭଳି ରାଜ୍ୟ ତୁଳନାରେ ବହୁ ଅଧିକ। ଆଗାମୀ ଦିନରେ ରାଜ୍ୟରେ ଆରମ୍ଭ ହେବାକୁ ଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ(ଏସ୍‌ଆଇଆର୍) ପାଇଁ ୯୫.୯୧% ଲୋକଙ୍କୁ ଆଉ ଦସ୍ତାବିଜ୍ ଦେବାକୁ ପଡ଼ିବ ନାହିଁ। ଏ ସମ୍ପର୍କରେ ସିଇଓ ଆର୍.ସନ୍ଥ. ଗୋପାଳନ କହିଛନ୍ତି, ରାଜ୍ୟରେ ୨୦୦୨ ଭୋଟର ତାଲିକା ସହିତ ୨୦୨୫ ତାଲିକାକୁ ନେଇ ମାପିଙ୍ଗ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାଦ୍ୱାରା ପ୍ରତ୍ୟେକ ଭୋଟରଙ୍କୁ ତାଙ୍କ ଘର ଅନୁସାରେ ନିର୍ଦ୍ଧାରିତ ଭୋଟ କେନ୍ଦ୍ର ସହିତ ଯୋଡ଼ିବା କାର୍ଯ୍ୟ ମାର୍ଚ୍ଚ ୨୩ରୁ ଚାଲିଥିଲା। ଏହା ମାଧ୍ୟମରେ ଭୋଟରଙ୍କ ନାମ, ଠିକଣା, ବୁଥ୍ ନମ୍ବର ଆଦିକୁ ଠିକ୍ ଭାବେ ଯାଞ୍ଚ କରି ଯୋଡ଼ାଯାଇଥିଲା। ୨୦୦୨ରେ ଭୋଟର ତାଲିକାରେ ଯେଉଁମାନେ ଯେଉଁ ସ୍ଥାନରେ ରହିଥିଲେ ଏବଂ ତାଙ୍କର ସମ୍ପର୍କୀୟଙ୍କୁ ନେଇ ୨୦୨୫ ମଧ୍ୟରେ ମାପିଙ୍ଗ୍ କରାଯାଇଥିଲା। ପଞ୍ଜାବରେ ୭୫% ମାପିଙ୍ଗ୍ ହାର ରହିଥିବାବେଳେ ତେଲଙ୍ଗାନାରେ ୫୬% ରହିଛି। ଓଡ଼ିଶାରେ ୯୫.୯୧% ମାପିଙ୍ଗ୍ ହେବା ଭଲ କଥା। ଏହାଦ୍ୱାରା ଆଗାମୀ ଦିନରେ ରାଜ୍ୟରେ ଏସ୍‌ଆଇଆର୍ ସମୟରେ ସାଧାରଣ ଲୋକଙ୍କୁ ଆଉ ନିଜର ଦସ୍ତାବିଜ୍ ତଥା ୧୨ଟି ପ୍ରମାଣ ଖୋଜିବାକୁ ପଡ଼ିବନାହିଁ। ରାଜ୍ୟରେ ପ୍ରାୟ ୩.୩୬କୋଟି ଭୋଟରଙ୍କ ମଧ୍ୟରୁ ସିଂହଭାଗଙ୍କୁ ମାପିଙ୍ଗ୍ ହୋଇଛି। ଯେଉଁ ୪.୦୯% ଭୋଟରଙ୍କ ମାପିଙ୍ଗ୍ ହୋଇପାରି ନାହିଁ, ସେକ୍ଷେତ୍ରରେ ଇଆର୍‌ଓ ଏବଂ ବିଏଲ୍‌ଓମାନଙ୍କୁ ନେଇ ପୁନଶ୍ଚ ଯାଞ୍ଚ କରାଯିବାକୁ କୁହାଯାଇଛି। ଆବଶ୍ୟକସ୍ଥଳେ ନୋଟିସ ମଧ୍ୟ କରାଯିବ। ରାଜ୍ୟରେ ଥିବା ୩କୋଟି ୩୬ଲକ୍ଷ ୩୦ହଜାର ୬୭୦ଭୋଟରଙ୍କ ମଧ୍ୟରୁ ୩କୋଟି ୨୨ଲକ୍ଷ ୫୩ହଜାର ୯୦୮ଙ୍କ ମାପିଙ୍ଗ୍ କାର୍ଯ୍ୟ ଶେଷ ହୋଇଛି।




# ନିଯୁକ୍ତିର ବାର୍ତ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ମନ୍ତ୍ରଣାଳୟଗୁଡ଼ିକରେ ଯୁଗ୍ମ ସଚିବ ସ୍ତରରେ ୪୮ ଜଣ ବାବୁଙ୍କ ନିଯୁକ୍ତି ଏକ ସାଧାରଣ ବିଷୟ ଜଣାପଡୁଛି। କିନ୍ତୁ ତାହା ନୁହେଁ। ଯେତେବେଳେ କୃଷି, ବାଣିଜ୍ୟ, ପ୍ରତିରକ୍ଷା, ବେସାମରିକ ବିମାନ ଚଳାଚଳ ଏବଂ ଗୃହ ବିଭାଗରେ ନିଯୁକ୍ତି କାଟଛାଣ୍ଟ କରାଯାଏ, ସେତେବେଳେ ଖାଲି ପଦବୀ ପୂରଣ ହୁଏ ନାହିଁ ଏବଂ ପୁନର୍ଗଠନକୁ ନେଇ ସରକାରଙ୍କ କାର୍ଯ୍ୟପଦ୍ଧତି ଉପରେ ଆଲୋଚନା ହୋଇଥାଏ। ଯୁଗ୍ମ ସଚିବମାନେ ସେହି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଥାନ୍ତି, ଯେଉଁଠାରେ ସେମାନଙ୍କୁ ନୀତି ବଦଳରେ ବାସ୍ତବ ଦୁନିଆ ସହ ସମ୍ପର୍କ ରଖିବାକୁ ହୁଏ। ବିଭିନ୍ନ ବିଷୟ କିଭଳି ଭଲରେ ହୋଇପାରିବ ସେଥିରେ ପରିବର୍ତ୍ତନ ଆଣିବାକୁ ହେବ। ଏହାକୁ ଲକ୍ଷ୍ୟକରି ହାର୍ଦ୍ଦିକ ସତୀଶଚନ୍ଦ୍ର ଶାହାଙ୍କୁ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସଚିବ ଭାବରେ ଯୁଗ୍ମ ସଚିବ ପଦବୀରେ ନିଯୁକ୍ତ କରାଯାଇଛି। ସ୍ପଷ୍ଟ ଭାବରେ, ଏହା ଏକ ଅଦଳବଦଳ ନୁହେଁ; ଏହା ଏକ ଲମ୍ବା ପ୍ରକ୍ରିୟାର ଅଂଶ। ମୋଦି ସରକାର ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟକୁ ଧୀରେ ଧୀରେ ଦୃଢ଼ କରିଆସୁଛନ୍ତି। ଯେଉଁ ଅଧିକାରୀ ଠିକ ଭାବେ ଦକ୍ଷତାର ସହିତ ଫାଇଲଗୁଡ଼ିର କାର୍ଯ୍ୟ କରନ୍ତି ଏବଂ ରାଜନୈତିକ ଦିଗ ସହିତ ତାଳ ରଖି ଚାଲନ୍ତି, ସେମାନଙ୍କୁ ସମର୍ଥନ କରୁଛନ୍ତି। ତେବେ ଚଳିତ ବର୍ଷ ଶେଷ ଆଡ଼କୁ ଆଉ ଏକ ପରିବର୍ତ୍ତନ ଆଶା କରାଯାଉଛି ଏବଂ ଏହା ୨୦୨୯ ପାଇଁ ରାସ୍ତା ସଜାଡ଼ିବା ପରି ଜଣାପଡୁଛି। ତେବେ ସରକାର କେବଳ ଘୋଷଣାରେ ଚାଲି ନ ଥାଏ; ସେମାନେ କାର୍ଯ୍ୟାନ୍ୱୟନ ଉପରେ ଆଗକୁ ବଢ଼ିଥାନ୍ତି। ଏବଂ ଭାରତରେ ଠିକ ଲୋକଙ୍କୁ ଠିକ ସ୍ଥାନରେ ରଖିଲେ ବିଷୟଗୁଡ଼ିକ ଆଗକୁ ବଢ଼ିବ। ଭୁଲ୍ କଲେ ପ୍ରମୁଖ ଯୋଜନାଗୁଡ଼ିକ ଅଟକି ଯିବ। ବାବୁଙ୍କ ଅଦଳବଦଳ ସର୍ବଦା ଅଧିକ ରାଜନୈତିକ ବାର୍ତ୍ତା ଦେଇଥାଏ। ଯେଉଁ ପ୍ରକଳ୍ପଗୁଡ଼ିକରେ ସ୍ଥିର ତଥା ଦକ୍ଷ ଅଧିକାରୀ ଆବଶ୍ୟକ ହୁଅନ୍ତି, ସେଥିରେ ସର୍ବଦା ପରିବର୍ତ୍ତନ କଲେ ଲାଭ ମିଳିବ ନାହିଁ। ତଥାପି, ଅଦଳବଦଳ ପଛର ଉଦ୍ଦେଶ୍ୟ ହେଉଛି ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ବିଶ୍ୱସ୍ତ ଅଧିକାରୀଙ୍କୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରଖିବା ଏବଂ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିବା।

### ପୁରୁଣା ଅଭ୍ୟାସ ବଦଳିବ କି

ଯେତେବେଳେ କ୍ଷମତା ପରିବର୍ତ୍ତନ ହୁଏ, ସେତେବେଳେ ଭାରତର ରାଜ୍ୟଗୁଡ଼ିକ ଯେଭଳି ଅମଲାତନ୍ତ୍ରିକ ପୁନର୍ଗଠନ କରନ୍ତି ତାହା ଏବେ ବିହାରରେ ହେବାକୁ ଯାଉଛି। ପୁନର୍ଗଠନ କ'ଣ ହାସଲ କରିବା ପାଇଁ ଉଦ୍ଦିଷ୍ଟ ତାହାର ଏକ ସ୍ୱଷ୍ଟ ଧାରଣା ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏ ସମ୍ପର୍କରେ ଏକ ଗଭୀର ଛାପ ଛାଡ଼ିଛନ୍ତି। ସମ୍ରାଟ ଚୌଧୁରୀ ପ୍ରାରମ୍ଭିକ ପର୍ଯ୍ୟାୟରେ ବାବୁଙ୍କୁ ଏଣେତେଣେ ସ୍ଥାନାନ୍ତର ନ କରି ଏକ ଦୃଢ଼ କୋର ଟିମ୍ ଗଠନ କରିବା, ଶିଳ୍ପକୁ ବୁଝିପାରୁଥିବା ଟେକ୍ନୋକ୍ରାଟଙ୍କୁ ଆଣିବା ଏବଂ ବିହାରକୁ ଉତ୍ପାଦନକୈନ୍ଦ୍ରିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେବା ଦରକାର । ବିହାର ଦୀର୍ଘଦିନ ଧରି ଏସବୁ ଉପରେ ପ୍ରତିଶ୍ରୁତି ଦେଇଆସିଛି,କିନ୍ତୁ ପୂରଣ ହୋଇନାହିଁ। ବିହାର ସଂଘର୍ଷ କରିଛି। ସେଠାରେ ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ ଏବଂ ଅଟୋମୋବାଇଲ ଉପରେ ଧ୍ୟାନଦେବା ଦରକାର । ଏଗୁଡ଼ିକ ହେଉଛି ବୃଦ୍ଧିଶୀଳ ଏବଂ ଅଧିକ ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପ। କିନ୍ତୁ ଏହିସବୁ କ୍ଷେତ୍ର ବୃଦ୍ଧି ପାଉନାହିଁ। ନୀତି କେବଳ କାଗଜପତ୍ରରେ ସୀମିତ ନ ରହି ବାସ୍ତବ କାର୍ଯ୍ୟରେ ପ୍ରତିଫଳନ ହେଲେ ଏଗୁଡ଼ିକ ବୃଦ୍ଧି ପାଇଥାଏ। ଭାରତ ପୂର୍ବରୁ ଚେଷ୍ଟା କରିଥିବା 'କୋର୍ ଟିମ ପ୍ଲସ ଟେକ୍ନୋକ୍ରାଟ୍ସ' ପଦ୍ଧତି ବିହାରରେ ପରୀକ୍ଷା କରାଯାଇପାରେ। ଶୀର୍ଷ ପଦାଧିକାରୀଙ୍କୁ ପରିବର୍ତ୍ତନ କରିବା ଏବଂ ତଳ ଅମଲାତନ୍ତ୍ରକୁ ଅକ୍ଷୁଣ୍ଣ ରଖିବା ଭାଜପାର ରଣନୀତି ରାଜନୈତିକ ଦୃଷ୍ଟିରୁ ଭଲ। ଏହା ପରିବର୍ତ୍ତନର ସଙ୍କେତ ଦିଏ। କିନ୍ତୁ ଏହାର ଧାରଣା ଯେ କେବଳ ନୂତନ ନେତୃତ୍ୱ ପୁରୁଣା ଅଭ୍ୟାସକୁ ପରିବର୍ତ୍ତନ କରିପାରିବ। ଚୌଧୁରୀଙ୍କୁ ଏକ ସୂକ୍ଷ୍ମ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ। ବିହାରରେ ଯୁବ କର୍ମଶକ୍ତି ଅଛି, ଚାହିଦା ବୃଦ୍ଧି ପାଉଛି ଏବଂ ପୂର୍ବ ଭାରତର ବିକାଶରେ ସାମିଲ ହେବାର ସୁଯୋଗ ରହିଛି।

### ସ୍ମାର୍ଟ ଅଧିକାରୀ

ନିୟମିତ ଭାବେ କିଛି ବର୍ଷ ଅନ୍ତରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଠିକ୍ ଲୋକଙ୍କୁ ଖୋଜିବାର ଧାରଣା ପ୍ରକାଶ ପାଇଥାଏ। ପିଏମ୍‌ଓ ଏବଂ ନୀତି ଆୟୋଗ ବାବୁମାନଙ୍କ ଭିତରୁ ପରବର୍ତ୍ତୀ ପିଢ଼ିର ନେତୃତ୍ୱ ପାଇଁ ଖୋଜାଯିବା ବିଷୟକୁ ନେଇ ଏବେ ଗୁଞ୍ଜରଣ ସୃଷ୍ଟି ହୋଇଛି। ସମ୍ପ୍ରତି ଭାରତକୁ ଏପରି ଅଧିକାରୀମାନଙ୍କର ଆବଶ୍ୟକତା ଅଛି, ଯେଉଁମାନେ ଭିତ୍ତିଭୂମିକୁ ଆଗକୁ ବଢାଇ ପାରିବେ, ଡିଜିଟାଲ ସିଷ୍ଟମକୁ ଡିକୋଡ୍ କରିପାରିବେ ଏବଂ ଶାସନ ରାଜନୀତିକୁ ଆଖି ଆଗରେ ରଖିପାରିବେ। ଏଥିପାଇଁ ଏପରି ବାବୁମାନେ ଆବଶ୍ୟକ, ଯେଉଁମାନେ ଦ୍ରୁତ ଚିନ୍ତା, ଦ୍ରୁତ କାର୍ଯ୍ୟାନ୍ୱୟନ କରିପାରିବେ ଏବଂ ନୀତି ଓ ବଜାର ଉଭୟରେ ଦକ୍ଷ ଥିବେ। କେବଳ ନୋଟ ଲେଖିବା ନୁହେଁ ବରଂ ପ୍ରକୃତ ଅଭିଜ୍ଞତା ଥିବା ଅଧିକାରୀମାନଙ୍କ ଉପରେ ଧ୍ୟାନଦେବା ଆବଶ୍ୟକ। ଭଲ ଅଧିକାରୀମାନେ ବିରଳ ନୁହନ୍ତି। ବିରଳ କଥା ହେଉଛି ସେମାନଙ୍କୁ ବିପଦର ମୁକାବିଲା କରିବାକୁ, ନିଷ୍ପତ୍ତି ଫେରାଇ ନେବାକୁ ଏବଂ ବିଫଳତାରୁ ବଞ୍ଚିବା ପାଇଁ ସୁଯୋଗ ଦେବା। ଯେତେବେଳେ ନେତୃତ୍ୱକୁ ଉପରୁ କଡ଼ାକଡ଼ି ଭାବରେ ସଂଯୋଜିତ କରାଯାଏ, ଏହା ପ୍ରତିଷ୍ଠାନର ପ୍ରାଥମିକତା ଏବଂ ପସନ୍ଦକୁ ପ୍ରତିଫଳିତ କରେ। ପ୍ରକୃତରେ, ଏହା ଆବଶ୍ୟକ। କିନ୍ତୁ ପ୍ରତିଭା-ଚିହ୍ନଟ, ନିଜେ ସହଜ ଅଂଶ। କଠିନ ପ୍ରଶ୍ନ ହେଉଛି ଯେ ଶେଷରେ ବ୍ୟବସ୍ଥା ଯେଉଁ ପ୍ରତିଭାଙ୍କୁ ଆବିଷ୍କାର କରିବାକୁ ଦାବି କରିଆସୁଛି ତାହାକୁ ବିଶ୍ୱାସ କରିବାକୁ ପ୍ରସ୍ତୁତ କି?

Email: dilipcherian@gmail.com

# ସଂରକ୍ଷଣ ବ୍ୟବସ୍ଥାର କ୍ରମ ବିକାଶ



ଅଧ୍ୟାପକ ଗୋପବନ୍ଧୁ

ସମ୍ବିଧାନରେ ସ୍ଥାନିତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘ ପୃଷ୍ଠଭୂମି ରହିଛି। ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ସର୍ବପ୍ରଥମେ କୋହ୍ଲାପୁର ରାଜ୍ୟରେ ୧୯୦୨ରେ ସରକାରୀ ସିଦ୍ଧାନ୍ତ ରୂପେ ଚାକିରି କ୍ଷେତ୍ରରେ ଅନଗ୍ରସର ଜାତିସମୂହଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା। ତତ୍କାଳୀନ କୋହ୍ଲାପୁର ମହାରାଜା ଶାହୁଜୀ ମହାରାଜଙ୍କ ନିର୍ଦ୍ଦେଶ କ୍ରମେ ଏହା କାର୍ଯ୍ୟକାରୀ ହୋଇଥିଲା। ତେଣୁ ଶାହୁଜୀ ମହାରାଜଙ୍କୁ ସଂରକ୍ଷଣର ଜନକଭାବେ ସମ୍ବୋଧିତ କରାଯାଏ। ପ୍ରକାଶଥାଉ କି ସେ ସମୟରେ ଏସ୍‌ଟି, ଏସ୍‌ସି ଓ ଓବିସି ପରି ଗୋଷ୍ଠୀର ଉଦ୍ରେକ ହୋଇ ନ ଥିଲା। ଏମାନେ ସମସ୍ତେ ଡିପ୍ରେସ୍ଡ କ୍ଲାସ ବା ଅନଗ୍ରସର ଜାତି ସମୂହ ଭାବେ ପରିଚିତ ହେଉଥିଲେ। କେତେକ କ୍ଷେତ୍ରରେ ଏମାନେ ଶୂଦ୍ର ବା ଅସବର୍ଣ୍ଣ ଭାବେ ପରିଚିତ ହେଉଥିଲେ। ସେ ଏମାନଙ୍କୁ ସରକାରୀ ଚାକିରିରେ ଶତକଡ଼ା ୫୦ ଭାଗ ସଂରକ୍ଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ସେ ସମାଜର ତଳ ଜାତିର ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେଇଥିଲେ। ଏହି କ୍ରମରେ ସେ ଡକ୍ଟର ବି. ଆର୍. ଆମ୍ବେଡକରଙ୍କୁ ଉଚ୍ଚଶିକ୍ଷା ଲାଭପାଇଁ ସାହାଯ୍ୟ କରିଥିଲେ। ପରେ ଡ.ଆମ୍ବେଡକର ସମାଜ ସଂସ୍କାର ଦିଗରେ ଶାହୁଜୀ ମହାରାଜଙ୍କ ମୁଖ୍ୟ ସହଯୋଗୀ ହୋଇଥିଲେ। ୧୯୨୨ରେ ଶାହୁଜୀଙ୍କ ଦେହାନ୍ତ ପରେ ଏ ଆନ୍ଦୋଳନର ଦାୟିତ୍ୱ ଆମ୍ବେଡକରଙ୍କୁ ବହନ କରିବାକୁ ପଡ଼ିଥିଲା। ସେତେବେଳକୁ ମୁସଲିମ ଲିଗ ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଦାବି ଆରମ୍ଭ କରିଦେଇଥିଲା। ଆମ୍ବେଡକରଙ୍କ ନେତୃତ୍ୱରେ ଅନଗ୍ରସର ଜାତିସମୂହ ସଂଗଠିତ ହୋଇ ସମାନ ସାମାଜିକ ଅଧିକାର ପାଇଁ ଲଢୁଥାନ୍ତି ଓ ନିଜର ସ୍ଥିତିକୁ ଜାହିର କରିସାରିଥାନ୍ତି। ଏହା ସହିତ ଏମାନଙ୍କ ଶିକ୍ଷାଗତ ଓ ଆର୍ଥିକ ବିକାଶ ପାଇଁ ପଦକ୍ଷେପ ନେବା ଲାଗି ବ୍ରିଟିଶ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଥାନ୍ତି।

ସେ ସମୟରେ ଭାରତୀୟ ଶାସନର ନିୟମ ଇଂଲଣ୍ଡରେ ତିଆରି ହେଉଥାଏ। ୧୯୧୯ ରେଗୁଲେଶନ ଆକ୍ଟ ଅନୁଯାୟୀ ଶାସନ ଚାଲିଥାଏ। ଭାରତୀୟଙ୍କୁ ଅଧିକ କ୍ଷମତା ପ୍ରଦାନ ପାଇଁ କଂଗ୍ରେସ ଦାବି କରୁଥାଏ। ୧୯୧୯ ଆକ୍ଟର ସଂଶୋଧନ ଓ ଅଧିକ କ୍ଷମତା ପ୍ରଦାନ ପାଇଁ ବ୍ରିଟିଶ ସରକାର ସାର୍ ଜନ ସାଇମନଙ୍କ ନେତୃତ୍ୱରେ ୧୯୨୮ରେ ଏକ କମିଶନ ଅନୁଧ୍ୟାନ ପାଇଁ ପଠାନ୍ତି। କଂଗ୍ରେସ ଏହାକୁ ବିରୋଧ କରେ। କିନ୍ତୁ ଡ.ଆମ୍ବେଡକର ବହିଷ୍କୃତ ହିତକାରିଣୀ ସଭା ତରଫରୁ ସାଇମନ କମିଶନକୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରନ୍ତି; ଯେଉଁଥିରେ ସେ ଦଳିତ ଓ ସମାଜର ତଳ ସ୍ତରର ଲୋକଙ୍କ ଦୁରବସ୍ଥାକୁ ଉଲ୍ଲେଖ କରି ଏମାନଙ୍କ ପାଇଁ




ନିର୍ବାଚନମଣ୍ଡଳୀରେ, ମନ୍ତ୍ରିମଣ୍ଡଳରେ ତଥା ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦାବି କରନ୍ତି। ଏହା ଥିଲା ସାମ୍ବିଧାନିକ ସଂରକ୍ଷଣର ପ୍ରଥମ ପଦକ୍ଷେପ।

ସାଇମନ କମିଶନଙ୍କ ରିପୋର୍ଟ ଆଧାରରେ ବିଭିନ୍ନ ରାଜନୈତିକ ସଂଗଠନ ମଧ୍ୟରେ ସହମତି ଆଣିବା ପାଇଁ ୧୯୩୦ରେ ଇଂଲଣ୍ଡରେ ପ୍ରଥମ ଗୋଲଟେବଲ୍ ବୈଠକ ଅନୁଷ୍ଠିତ ହୁଏ। କଂଗ୍ରେସ ଏହି ବୈଠକକୁ ପ୍ରତ୍ୟାଖ୍ୟାନ କରେ। ଆମ୍ବେଡକର ଏହି ବୈଠକରେ ଯୋଗ ଦିଅନ୍ତି। ସେଠାରେ ସେ ଘୃଣ୍ୟ ଜାତି ବ୍ୟବସ୍ଥାର ଶିକାର ହୋଇ ଆସିଥିବା ଦଳିତ ଓ ସମାଜର ତଳ ଜାତିର ଲୋକମାନଙ୍କର ସ୍ୱତନ୍ତ୍ର ମାନ୍ୟତା ଦାବି କରନ୍ତି ଓ ଏମାନଙ୍କ ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ନୀତିର କାର୍ଯ୍ୟକାରୀ ପାଇଁ ଦାବି କରନ୍ତି। ପୁଣି ୧୯୩୧ରେ ଦ୍ୱିତୀୟ ଗୋଲଟେବଲ୍ ବୈଠକ ବସେ। ଏଥିରେ କଂଗ୍ରେସ ସମେତ ସମସ୍ତ ସଂଗଠନ ଯୋଗ ଦିଅନ୍ତି। ଆଲୋଚନା କାଳରେ ମୁସଲିମ ଲିଗ୍ ସମେତ ଅନେକ ଗୋଷ୍ଠୀ ନିଜର ସ୍ୱାର୍ଥ ସପକ୍ଷରେ ମତ ଦିଅନ୍ତି ଓ ନିଜର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି। ଡକ୍ଟର ଆମ୍ବେଡକର ମଧ୍ୟ ସମସ୍ତ ଦଳିତ ଓ ଅନଗ୍ରସର ସମାଜର ସ୍ୱତନ୍ତ୍ର ମାନ୍ୟତା ଓ ସମାନୁପାତିକ ଅଧିକାର ଉପରେ ଗୁରୁତ୍ୱ ଦିଅନ୍ତି।

ଏ ବିଷୟକୁ ନେଇ ମହାତ୍ମା ଗାନ୍ଧୀଙ୍କ ସହିତ ତାଙ୍କ ମତାନ୍ତର ହୋଇଥିଲା। ମହାତ୍ମା ଗାନ୍ଧୀ ବର୍ଣ୍ଣବ୍ୟବସ୍ଥାକୁ ସ୍ୱୀକାର କରୁଥିଲେ। ତେଣୁ ଦଳିତ ଓ ଅନଗ୍ରସର ଜାତିମାନଙ୍କୁ ହିନ୍ଦୁ ସମାଜ ବ୍ୟବସ୍ଥାର ଅଂଶବିଶେଷ ବୋଲି ଗ୍ରହଣ କରୁଥିଲେ। କିନ୍ତୁ ଆମ୍ବେଡକରଙ୍କ ଯୁକ୍ତି ଥିଲା ବର୍ଣ୍ଣବ୍ୟବସ୍ଥା ଯୋଗୁ ଦଳିତ ଓ ସମାଜର ତଳ ସ୍ତରର ଲୋକମାନେ ଅସମାନତା, ଘୃଣା ଓ ନିର୍ଯାତନାର ଶିକାର ହେଉଛନ୍ତି। ତେଣୁ ଏମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ମିଳିବା ଦରକାର। ଯଦି ସଂଖ୍ୟାଲଘୁଙ୍କ ସ୍ୱାତନ୍ତ୍ରତାକୁ ସ୍ୱୀକାର କରାଯାଇପାରିବ, ତେବେ ଦଳିତମାନଙ୍କ ସ୍ୱତନ୍ତ୍ରତାକୁ ସ୍ୱୀକାର କରାଯିବ ନାହିଁ କାହିଁକି ? ଏହାପରେ ୧୯୩୨ରେ ତୃତୀୟ ଗୋଲଟେବଲ ବୈଠକ ବସିଥିଲା ଓ ସେଥିରୁ ମଧ୍ୟ କୋଣସି ନିର୍ଯାସ ଆସିପାରି ନ ଥିଲା। ଏଥିରେ କଂଗ୍ରେସ ସମେତ ମୁଖ୍ୟ ସଂଗଠନଗୁଡ଼ିକ ଯୋଗଦେଇ ନ ଥିଲେ। କିନ୍ତୁ ଡ.ଆମ୍ବେଡକର ଯୋଗଦେଇ ଦଳିତ ଓ ଅନଗ୍ରସର ଜାତିଙ୍କ ବିକାଶ ଓ ସମାନ ପ୍ରତିନିଧିତ୍ୱ କଥା ଦୋହରାଇ ଥିଲେ।

ସାଇମନ କମିଶନଙ୍କ ରିପୋର୍ଟ ଓ ଗୋଲଟେବଲ ବୈଠକର ନିର୍ଯାସ ଉପରେ ବ୍ରିଟିଶ ସରକାରଙ୍କ ଦ୍ୱାରା ୧୯୩୨ରେ କମ୍ୟୁନାଲ ଏୱାର୍ଡ ପ୍ରକାଶ ପାଇଥିଲା। ଏହା ଥିଲା ଏକ ପ୍ରକାର ସଂରକ୍ଷଣ ବ୍ୟବସ୍ଥା। ଏଥିରେ ପ୍ରତ୍ୟେକ କମ୍ୟୁନିଟି ପାଇଁ ରାଜନୈତିକ ସଂରକ୍ଷଣର ବ୍ୟବସ୍ଥା ଥିଲା। ଅର୍ଥାତ୍ ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ୍, ଆଙ୍ଗ୍ଲୋଇଣ୍ଡିଆନ ସମେତ ଦଳିତବର୍ଗ (ଡିପ୍ରେସ୍ଡ କ୍ଲାସ) ଙ୍କ ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଆସନର ବ୍ୟବସ୍ଥା କରାଯାଇଥିଲା। ମହାତ୍ମା ଗାନ୍ଧୀ ସଂଖ୍ୟାଲଘୁ ସଂରକ୍ଷଣକୁ ବିରୋଧ କରି ନ ଥିଲେ। କିନ୍ତୁ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କ ସଂରକ୍ଷଣକୁ ବିରୋଧ କରି ଆମରଣ ଅନଶନ ଆରମ୍ଭ କରିଥିଲେ। କମ୍ୟୁନାଲ ଏୱାର୍ଡ ମୁତାବକ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ଟି ପୃଥକ ସଂରକ୍ଷିତ ଆସନ ପ୍ରଦାନ କରାଯାଇଥିଲା। ହିନ୍ଦୁଧର୍ମ ମଧ୍ୟରେ ଜାତିଭିତ୍ତିକ ସଂରକ୍ଷଣ ଦ୍ୱାରା ଏହା ଭାଗଭାଗ ହୋଇଯିବ ଓ ଏକତା ନଷ୍ଟ ହୋଇଯିବ ବୋଲି ତାଙ୍କ ଆଶଙ୍କା ଥିଲା।

ଅନଶନ ଦୀର୍ଘଦିନ ଧରି ଚାଲିଲା। କ୍ରମେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାକୁ ଲାଗିଲା। ଚାରିଆଡୁ ଆମ୍ବେଡକରଙ୍କ ଉପରେ ଚାପ ସୃଷ୍ଟି କରାଗଲା ସ୍ୱତନ୍ତ୍ର ସଂରକ୍ଷିତ ଆସନ ଦାବିରୁ ଓହରି ଯିବା ପାଇଁ। ବହୁ ଆଲୋଚନା ପରେ ଆମ୍ବେଡକର ରାଜି ହେଲେ ଦ୍ୱୈତ୍ୟ ସଂରକ୍ଷଣ ବ୍ୟବସ୍ଥା ପାଇଁ। ଏହି ବ୍ୟବସ୍ଥା ଅନୁଯାୟୀ ସଂରକ୍ଷିତ ଆସନରୁ ଦୁଇଜଣ ପ୍ରତିନିଧିତ୍ୱ କରିବେ। ଜଣେ ସାଧାରଣ ବର୍ଗରୁ ଓ ଜଣେ ଦଳିତ(ଡିପ୍ରେସ୍ଡ) ବର୍ଗରୁ। ଏହି ବ୍ୟବସ୍ଥାରେ ଦଳିତ(ଡିପ୍ରେସ୍ଡ) ବର୍ଗଙ୍କୁ ୭୧ଟି ଆସନ ବଦଳରେ ୧୪୭ଟି ଆସନ ମିଳିବାର ସହମତି ହେଲା। ଏହି ନୀତିକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ସେପ୍ଟେମ୍ବର ୨୪ ତାରିଖ, ୧୯୩୨ରେ ଯେଉଁ ସ୍ୱାକ୍ଷର ହୋଇଥିଲା ତାହା ପ୍ରସିଦ୍ଧ ପୁନା ପ୍ୟାକ୍ଟ ବା ପୁନାଚୁକ୍ତି ନାମରେ ଖ୍ୟାତ। ଏହାକୁ ସ୍ୱାଧୀନ ଭାରତର ସଂରକ୍ଷଣ ସମ୍ବନ୍ଧୀୟ ପ୍ରାକ୍ ସାମ୍ବିଧାନିକ ଚୁକ୍ତି ବୋଲି କୁହାଯାଇପାରେ। ଏହି ଚୁକ୍ତି ଡ.ଆମ୍ବେଡକରଙ୍କ ଇଚ୍ଛାମତେ ହୋଇ ନ ଥିଲେ ବି ଏହା ଦ୍ୱାରା କିଛି ପାଇବାର ଶୁଭାରମ୍ଭ ହୋଇଥିଲା। ପ୍ରଚଳିତ ଜାତିବାଦୀ ବ୍ୟବସ୍ଥା ଅନଗ୍ରସର ଜାତି ସମୂହକୁ କିଛି ଅଧିକାର ଦେବା ପାଇଁ ରାଜି ହୋଇଥିଲା। ତେଣୁ ସମତା ଆନ୍ଦୋଳନର ଏହା ଏକ ଯୁଗାନ୍ତକାରୀ ସୋପାନ ଭାବେ ବିବେଚନା କରାଯାଏ।

ପରବର୍ତ୍ତୀ କାଳରେ ଏହି ଚୁକ୍ତିର ଗୁରୁତ୍ୱ ବ୍ରିଟିଶ ଶାସନ ବ୍ୟବସ୍ଥାରେ ପ୍ରତିଫଳିତ ହେବାକୁ ଲାଗିଲା। ସମ୍ବିଧାନ ରଚନା କାଳରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମ୍ୟାନ ଭାବେ ଡ. ଆମ୍ବେଡକର ସାମାଜିକ ସମତା ଆନ୍ଦୋଳନର ସମସ୍ତ ଅଭିଜ୍ଞତାକୁ ଏଥିରେ ସ୍ଥାନିତ କରିଥିଲେ। ପୁନାଚୁକ୍ତି ଦ୍ୱାରା ପ୍ରାପ୍ତ ହୋଇଥିବା ଅନଗ୍ରସର ଜାତିଙ୍କର ସ୍ୱତନ୍ତ୍ର ମାନ୍ୟତାକୁ ସେ କାମରେ ଲଗାଇଥିଲେ। ସାମାଜିକ ସ୍ଥିତି ଓ ବିକାଶର ତାରତମ୍ୟକୁ ଦେଖି ଏମାନଙ୍କୁ ତିନି ଗୋଷ୍ଠୀରେ ବିଭକ୍ତ କରିଥିଲେ। ତାହା ହେଉଛି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗ। ଏମାନଙ୍କ ବିକାଶ ନିମିତ୍ତ ସମ୍ବିଧାନରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

# ନୂଆ ଓ ପୁରୁଣା



ଡ. ଦେବୀଲାଲ ମିଶ୍ର

ଦିନ ପରେ ଦିନ ବିତେ, ବର୍ଷ ପରେ ବର୍ଷ ଆସେ। ସମୟ ସ୍ରୋତରେ ଆଜିର ମୁହୂର୍ତ୍ତ କାଲିର ଅତୀତ ପାଲଟେ। ନୂଆକୁ ସ୍ୱାଗତ କରିବାର ପରମ୍ପରା ଆମ ସଂସ୍କୃତିର ଏକ ପୁରୁଣା ବିଭବ। ସେମିତି ଦେଖିବାକୁ ଗଲେ ପୁରୁଣା-ନୂଆର ତାତ୍ତ୍ୱିକ ସମୀକ୍ଷା ଅତ୍ୟନ୍ତ ରୋଚକ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ କିଛି ନା କିଛି ନୂତନତ୍ୱ ଭରି ରହିଛି। ତା'ର ସନ୍ଧାନ କରିବା ପାଇଁ ଏକ ନୂତନ ଦୃଷ୍ଟିଭଙ୍ଗୀ ଆବଶ୍ୟକ। ପୁରୁଣାରୁ ଅନେକ ସମୟରେ ନୂତନ ଆବିଷ୍କାର ସମ୍ଭବ। ସୂର୍ଯ୍ୟ ସବୁ ଦିନ ଉଦୟ ହୁଏ। କିନ୍ତୁ ପ୍ରତ୍ୟେକ ଦିନ ସୂର୍ଯ୍ୟୋଦୟ ଏକ ନୂତନ ଆଶା ଓ ସମ୍ଭାବନାର କିରଣ ଆଣେ। ପ୍ରତ୍ୟେକ ଅନୁଭୂତିରୁ ନୂତନ ଶିକ୍ଷା ମିଳେ, ଯାହା ଆମ ଚେତନା ଓ ଚରିତ୍ରକୁ ଏକ ନୂତନ ଦିଗ ଦେଇଥାଏ। ତେଣୁ ଏକ ନୂତନ ମାନସିକତା ସହ ଆମ ପାଇଁ କିଛି ବି ପୁରୁଣା ନୁହେଁ।

ନୂଆ ଓ ପୁରୁଣା ଉଭୟ ଜୀବନକୁ ପ୍ରଭାବିତ କରନ୍ତି। ବେଳେବେଳେ ପୁରୁଣା ସ୍ମୃତି ଆମକୁ ଆହ୍ଲାଦିତ କରେ। କେତେବେଳେ ଏ ବ୍ୟସ୍ତ ଜୀବନ ଏକ ପୁରୁଣା ଫଟୋ ପାଖରେ କିଛି ସମୟ ଅଟକି ଯାଏ। ମନ ବ୍ୟାକୁଳ ହୁଏ। କିଛି କ୍ଷଣ ପାଇଁ ପଛକୁ ଫେରିଯିବାକୁ ଇଚ୍ଛା ହୁଏ। କିନ୍ତୁ ସମୟ କେବେ ତା'ର ଗତି ବଦଳାଏ ନାହିଁ। ପଛକୁ ଫେରି ଚାହିଁଲେ ଜୀବନର ଗତି ଥମେ ନାହିଁ। କିନ୍ତୁ ସବୁ ସମୟରେ ମଣିଷ ପାଖରେ ନୂତନ ବିକଳ୍ପ ଉପଲବ୍ଧ ଥାଏ। ଆମେ ଅନେକ ଥର ଶୁଣନ୍ତି ଯେ 'ପୁରୁଣା କଥା ଭାବି କ'ଣ ମିଳିବ?' ବାସ୍ତବରେ ମଣିଷ ଜୀବନ ଗତିଶୀଳ ହେବା ଉଚିତ। ଗତି ହିଁ ପ୍ରଗତିର ମାପକ। କିନ୍ତୁ ପୁରୁଣା ଅନୁଭୂତିରୁ ଶିକ୍ଷା ନେଇ ଆମେ ନୂତନ ଯାତ୍ରା ଆରମ୍ଭ କରିବା ଦରକାର। କିଛି ନୂଆ କରିବା ପାଇଁ ପୁରୁଣା ଅନୁଭୂତି ଗରୁତ୍ୱପୂର୍ଣ୍ଣ। ଆମେ ଗଭୀର ଅନୁଶୀଳନ କଲେ ଜାଣିପାରିବା ଯେ ଆଜିର ସଫଳତା ପାଇଁ ଆମର ବିତିଯାଇଥିବା କାଲି କେତେ ଗୁରୁତ୍ୱ ବହନ କରେ। ମଣିଷର ସମ୍ପର୍କ ମଧ୍ୟ ନୂଆ-ପୁରୁଣା ଅନୁଭୂତି ଦ୍ୱାରା ପ୍ରଭାବିତ ହୁଏ। ଆମ ଭିତରୁ ଅନେକ ପୁରୁଣା ଅଭିମାନକୁ ଗୁରୁତ୍ୱ ଦେଇ ନିଜ କର୍ତ୍ତବ୍ୟକୁ ଭୁଲିଯାନ୍ତି। ଯେତେବେଳେ ଆମେ ବୁଝିପାରନ୍ତି, ସେତେବେଳେ ବହୁତ ଡେରି ହୋଇଯାଏ। ସମ୍ପର୍କକୁ ସଜାଡ଼ିବାକୁ ଗଲାବେଳକୁ ଆମେ ଆଉ ଲୋକମାନଙ୍କୁ ପାଆନ୍ତି ନାହିଁ। ସେମିତି ଏକ ନୂତନ ନିଷ୍ପତ୍ତି, ବ୍ୟବହାର ଓ ପରିଚୟ ମଧ୍ୟ ପୁରୁଣା ସମ୍ପର୍କକୁ ପ୍ରଭାବିତ କରେ। ତେବେ ପରିସ୍ଥିତି ଯାହା ହେଉନା କାହିଁକି, ଯଦି ଭଲପାଇବା ଥାଏ, ତା' ହେଲେ ସମ୍ପର୍କ ଅତୁଟ ରହେ। ଏହି ଭଲପାଇବା ପୁରୁଣା ସ୍ମୃତି ଓ ନୂଆ ଅନୁଭୂତି ଭିତରେ ସେତୁ ବାନ୍ଧେ।

ନିକଟରେ ଏହି ଲେଖକ ପଢ଼ିଥିବା ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଥିଲା। ଯାଜପୁରର ବୀରଭାନୁପୁର ଭଳି ଗ୍ରାମୀଣ ଅଞ୍ଚଳରେ ଅବସ୍ଥିତ ଏହି ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟ ଅନେକ ପ୍ରତିଭାଶାଳୀ ବ୍ୟକ୍ତିତ୍ୱଙ୍କୁ ଜନ୍ମଦେଇଛି। ଏକ ପ୍ରଗତିଶୀଳ ସମାଜର ଉଦ୍‌ଘୋଷକ ସାଜିପାରିଛି।




ଏହି ଅବସରରେ ପ୍ରାୟ ପ୍ରତ୍ୟେକ ବର୍ଷର ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ନିଜର ପୁରୁଣା ସ୍ମୃତି ବାଣ୍ଟିଲେ। କହିବାର ଉଦ୍ଦେଶ୍ୟ ହେଉଛି ଏହି ପୁରୁଣା ସ୍ମୃତିର ଉତ୍ସବ ଏବେ ଏକ ନୂତନ ସ୍ମୃତିର ରୂପ ନେଇ ସମସ୍ତଙ୍କ ମାନସପଟ୍ଟରେ ବସା ବାନ୍ଧୁଛି। ପୁରୁଣା ଓ ନୂଆ ସମୟର ଦୁଇ ଗୋଟି ଅଭିନ୍ନ ରୂପ। ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ଦେଖିଲେ, ନୂଆ କ୍ରମଶଃ ପୁରୁଣାରେ ବିଲୀନ ହୁଏ ଏବଂ ପୁରୁଣାରୁ ନୂତନତ୍ୱର ସନ୍ଧାନ ମିଳେ। ଏହି ନୂଆ-ପୁରୁଣାର ରାସ୍ତାରେ ଜୀବନ ଗତିଶୀଳ ହୁଏ।

ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସକଳ ହୃଦୟ-ଦୁର୍ବଳତାର ଉର୍ଦ୍ଧ୍ୱକୁ ଉଠି କର୍ମ କରିବା ପାଇଁ ଉପଦେଶ ଦେଇଥିଲେ। ମଣିଷର ଶ୍ରେଷ୍ଠ ଶକ୍ତି ହେଉଛି ବିଶ୍ୱାସ। ସ୍ୱାମୀ ବିବେକାନନ୍ଦଙ୍କ ଅନୁସାରେ, ନିଜ ଉପରେ ବିଶ୍ୱାସ ହିଁ ସକଳ ସଫଳତାର ପ୍ରକୃତ ଉତ୍ସ। ଅନେକ ସମୟରେ ଖୁସିର ସନ୍ଧାନରେ ଆମେ ଏଣେ ତେଣେ ଘୂରି ବୁଲନ୍ତି, କିନ୍ତୁ ପ୍ରକୃତ ଖୁସି ଆମ ଭିତରେ ରହିଛି। ସେଥିପାଇଁ ନିଜକୁ ଜାଣିବା, ଭଲପାଇବା ଓ ବିଶ୍ୱାସ କରିବାର ଇଚ୍ଛାଶକ୍ତି ସୃଷ୍ଟି ହେବା ଅପରିହାର୍ଯ୍ୟ। ମନ ଓ ବ୍ୟବହାରର ସୌନ୍ଦର୍ଯ୍ୟ ଆମ ଜୀବନକୁ ସୁନ୍ଦର କରେ। ତେଣୁ ସବୁ ସମୟରେ ଘୃଣା, ଈର୍ଷା, ପ୍ରତିଦ୍ୱନ୍ଦ୍ୱିତା ଓ ଶତ୍ରୁତା ବଦଳରେ ପ୍ରେମ, ବିଶାଳତା, କ୍ଷମା ଓ ସକାରାତ୍ମକ ଚରିତ୍ରର ଚୟନ କରିବା ଉଚିତ। ଆରିଷ୍ଟଟଲ ଏକଦା କହିଥିଲେ "EDUCATING THE MIND WITHOUT EDUCATING THE HEART IS NO EDUCATION AT ALL"। ଆମେ ବ୍ୟକ୍ତିଗତ ବା ବୃତ୍ତିଗତ ଜୀବନରେ ଯେତେ ଉର୍ଦ୍ଧ୍ୱକୁ ଗଲେ ମଧ୍ୟ ଆମର ମାନବିକତା ଓ ସହୃଦୟତା ହିଁ ଆମର ଅସଲ ପୁଞ୍ଜି। ପ୍ରତ୍ୟେକ ମହତ୍ ପ୍ରୟାସ ଅନେକ ବାଧା ନେଇ ଆସେ। କିନ୍ତୁ ସକାରାତ୍ମକ ମନୋଭାବ ଦ୍ୱାରା ତାହା ସାର୍ଥକ ହୋଇଥାଏ। ଆମ ହୃଦୟର ବିଶାଳତା ଆଗରେ ସବୁ ଆହ୍ୱାନ ଛୋଟ ଲାଗେ। ତେଣୁ ଧୈର୍ଯ୍ୟ, ଉତ୍ସାହ ଓ ବିଶ୍ୱାସ କୌଣସି ପରିସ୍ଥିତିରେ ଊଣା ନ ହେବା ଦରକାର।

ଜୀବନରେ ସ୍ୱପ୍ନର ଅଭାବ ନାହିଁ। ଗୋଟିଏ ସ୍ୱପ୍ନ ଭାଙ୍ଗିଲେ ଆଉ ଗୋଟିଏ ଗଢ଼ିବାର ସାମର୍ଥ୍ୟ ଓ ସଂକଳ୍ପ ଆମ ଭିତରେ ରହିବା ଦରକାର। ଧନ, ମାନ, ଆସନ ଏସବୁ କ୍ଷଣସ୍ଥାୟୀ। ଆମର କାର୍ଯ୍ୟ ଓ ବ୍ୟବହାର ହିଁ ପରିଶେଷରେ ଆମର ଅସଲ ପରିଚୟ ପାଲଟେ। ଗୋଟିଏ ବ୍ୟକ୍ତି ସମସ୍ତଙ୍କ ପାଖରେ ତା'ର ଚେହେରା ଦ୍ୱାରା ଚିହ୍ନା ପଡ଼େ, ତା'ର କାର୍ଯ୍ୟ ଦ୍ୱାରା ଜଣାପଡ଼େ ଏବଂ ତା'ର ବ୍ୟବହାର ଦ୍ୱାରା ମନେପଡ଼େ। ଦେଖିବାକୁ ଗଲେ କୌଣସି ବିଶେଷ ଦିନ ବା ସମୟ ନୁହେଁ, ଅପିତୁ ପ୍ରତ୍ୟେକ ମୁହୂର୍ତ୍ତ ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ। ସମୟ କାହା ପାଇଁ ନିଜର ଗତି ବଦଳାଏ ନାହିଁ। ଏହା ଚିରନ୍ତନ ଢଙ୍ଗରେ ଅଗ୍ରସର ହୋଇଥାଏ। ଆମେ ସମୟକୁ ସ୍ୱାଗତ କରିବା ସହ ନିଜ ଭିତରେ ନୂତନ ଉତ୍ସାହ, ଉର୍ଜା ଓ ଉଦ୍ୟମର ସନ୍ଧାନ କରି ପ୍ରତ୍ୟେକ ମୁହୂର୍ତ୍ତକୁ ଏକ ନୂତନ ଉତ୍ସବ ଭଳି ବଞ୍ଚିବା ଉଚିତ।

ଅଧ୍ୟାପକ,ରେଭେନଶା ବିଶ୍ୱବିଦ୍ୟାଳୟ, କଟକ
ମୋ:୯୪୩୭୯୫୮୦୧୪

## ଏଇ ଭାରତରେ

ତାମିଲନାଡୁର ତିରୁପୁର ସହର ବୟନ ଶିଳ୍ପ ପାଇଁ ଜଣାଶୁଣା। ସେଠାରେ ଜଳ ସଙ୍କଟ ଦେଖାଯିବା ପରେ ତାହାର ପ୍ରଭାବ ବୟନ ଶିଳ୍ପ ଉପରେ ପଡ଼ିଥିଲା ଏବଂ ଏହା ବନ୍ଦ ହୋଇଯିବାରୁ ୫୦,୦୦୦ ଲୋକ ଜୀବିକା ହରାଇଥିଲେ। ସହର ପାଖରେ ପ୍ରବାହିତ ନୋୟାଲ ନଦୀରେ ଜଳପ୍ରବାହ ହ୍ରାସପାଇବା ଯୋଗୁ ଜଳସଙ୍କଟ ଦେଖାଯାଇଥିଲା ଏବଂ ଏହା ଦୂରକରିବା ଲାଗି ମାଡ୍ରାସ ଉଚ୍ଚନ୍ୟାୟାଳୟ ଆଦେଶକ୍ରମରେ ୭୦୦୦ ଡାଇଂ ୟୁନିଟ୍ ବନ୍ଦ କରିଦିଆଯାଇଥିଲା । ଫଳରେ ଟେକ୍ସଟାଇଲଗୁଡ଼ିକ ବନ୍ଦ ହୋଇଯିବାରୁ ବୟନ ଶିଳ୍ପ ଦିନକୁ ପାଖାପାଖି ୫୦ କୋଟି ଟଙ୍କା କ୍ଷତି ସହିଲା। ଏବେ ଏହିସବୁ ଡାଇଂ ୟୁନିଟ୍‌ରେ ବର୍ଜ୍ୟପାଣିକୁ ରିସାଇକ୍ଲିଂ କରି ବ୍ୟବହାର କରାଯିବାର ବ୍ୟବସ୍ଥା କରାଯାଇଛି। ଦୈନିକ ୧୩୦ ମିଲିୟନ ଲିଟର ପାଣି ରିସାଇକ୍ଲିଂ ହୋଇପାରୁଛି। ଏବେ ୱାଟର ରିସାଇକ୍ଲିଂ ବା ଜଳ ପୁନଃଚକ୍ରଣ ପ୍ରକ୍ରିୟା ଯୋଗୁ ବୟନ ଶିଳ୍ପ ଭଲ ଚାଲିଛି ଏବଂ ଲୋକେ ଚାକିରି ଫେରିପାଉଛନ୍ତି। ଏହି ପରିବର୍ତ୍ତନ ଧାରାରେ ତିରୁପୁର ଟେକ୍ସଟାଇଲ କ୍ଷେତ୍ରରେ ରପ୍ତାନି ୧୨,୦୦୦ କୋଟିରୁ ବୃଦ୍ଧି ପାଇ ଏବେ ୪୦,୦୦୦ କୋଟି ଟଙ୍କାରେ ପହଞ୍ଚିଛି। କେବଳ ଏତିକି ନୁହେଁ ଟେକ୍ସଟାଇଲ ଶିଳ୍ପରୁ ବାହାରୁଥିବା ପ୍ଲାଷ୍ଟିକ୍, ଫାଇବର ବର୍ଜ୍ୟର ମଧ୍ୟ ରିସାଇକ୍ଲିଂ କରାଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୫ ଏପ୍ରିଲ ୧୯୭୭

- ଭି.ଆର୍. ନେଡୁନ ଚେଝିଆନ ଏବଂ ତାଙ୍କ ସହକର୍ମୀମାନେ ଡି.ଏମ୍.କେ ଦଳ ତ୍ୟାଗ କରି ଏକ ନୂତନ ରାଜନୀତିକ ଦଳ 'ମାକାଲ ଡିଏମ୍‌କେ' ଗଠନ କରିଛନ୍ତି।
- ଲୋକସଭା ନିର୍ବାଚନରେ କଂଗ୍ରେସ ଦଳର ପରାଜୟ ପାଇଁ ନିଜର ନୈତିକ ଦାୟିତ୍ୱ ଦୃଷ୍ଟିରୁ ବିହାର ପ୍ରଦେଶ କଂଗ୍ରେସ ସଭାପତି ପଦରୁ ସୀତାରାମ କେଶରୀଙ୍କ ଇସ୍ତଫା ପ୍ରଦାନ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 8 | 1 | 4 | | 6 | | |
| 4 | 2 | | | | | 8 | | |
| | | | | | 6 | | 7 | |
| 5 | 6 | 9 | | | | | | |
| | | | | 9 | 3 | 4 | | |
| | 4 | | 6 | | | | | |
| | | | | 7 | 4 | | 1 | |
| | 1 | | 2 | | | | | |
| | | 3 | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 7 | 8 | 3 | 4 | 2 | 1 |
| 8 | 2 | 4 | 5 | 9 | 1 | 6 | 3 | 7 |
| 7 | 1 | 3 | 4 | 2 | 6 | 8 | 5 | 9 |
| 5 | 4 | 7 | 8 | 1 | 2 | 9 | 6 | 3 |
| 2 | 3 | 6 | 9 | 5 | 4 | 7 | 1 | 8 |
| 1 | 9 | 8 | 6 | 3 | 7 | 2 | 4 | 5 |
| 6 | 5 | 9 | 1 | 4 | 8 | 3 | 7 | 2 |
| 3 | 7 | 1 | 2 | 6 | 9 | 5 | 8 | 4 |
| 4 | 8 | 2 | 3 | 7 | 5 | 1 | 9 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜନଗଣନାରେ ନିୟୋଜିତ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟା

ମହାଶୟ,

ବର୍ତ୍ତମାନ ଓଡ଼ିଶାରେ ଚାଲୁଥିବା ଜନଗଣନା କାର୍ଯ୍ୟରେ ମୁଖ୍ୟତଃ ଶିକ୍ଷକମାନେ ନିୟୋଜିତ ହୋଇଛନ୍ତି। କିନ୍ତୁ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଖାତିର ନ କରି ଏହି କାର୍ଯ୍ୟ କରିବା ସମୟରେ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଘରେ ଘରେ ବୁଲି ତଥ୍ୟ ସଂଗ୍ରହ କରିବା ନିଶ୍ଚୟ ବିପଦପୂର୍ଣ୍ଣ । କେତେକ ସ୍ଥାନରୁ ଅଂଶୁଘାତ ଯୋଗୁ ଅସୁସ୍ଥତାର ଖବର ଆସୁଥିବା ଚିନ୍ତାଜନକ। ଏହା ସହିତ କେତେକ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ଆକ୍ରମଣର ଶିକାର ହେଉଥିବା ଖବର ମଧ୍ୟ ମିଳୁଛି। ଏପରି ସ୍ଥିତିରେ ଜନଗଣନା ଭଳି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ କାର୍ଯ୍ୟକୁ ସଫଳ କରିବା ପାଇଁ ଯେଉଁମାନେ ତୃଣମୂଳ ସ୍ତରରେ କାମ କରୁଛନ୍ତି ସେମାନଙ୍କ ସୁରକ୍ଷା ସୁନିଶ୍ଚିତ ହେବା ଆବଶ୍ୟକ। ତେଣୁ ସରକାରଙ୍କୁ ଅନୁରୋଧ, ଜନଗଣନା କାର୍ଯ୍ୟକୁ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଆବଶ୍ୟକ ହେଲେ ସାମୟିକ ଭାବେ ସ୍ଥଗିତ ରଖି କିଛିଦିନ ପରେ ପୁନଃ ଆରମ୍ଭ କରାଯାଉ।

-ରମାକାନ୍ତ ସେଠ, ନୂଆପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ଚିରନ୍ତନୀ

ଅନ୍ତରେ ଲହୁ ବାହାରେ ରକ୍ତରାଶି,
ରକତର ଶିଶୁ କାହିଁ ଯିବି ମୁଁ ଗୋ ଭାସି !
କି ବାରତା ଆସେ କାହିଁ ସେ ଉଚ୍ଚରେ,
କ୍ଷୀଣତର ହୋଇ ମରମେ ସଞ୍ଚରେ,
କି ପୁଲକ ବ୍ୟଥା ପରାଣେ ଲାଗେ ପରାସି
ରଙ୍ଗାଏ ମୋର ସଞ୍ଚିତ ବ୍ୟଥାରାଶି ।
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ




# ଗୁରୁତ୍ୱ ହରାଇଥିବା ଯୋଜନା ବନ୍ଦ ହେବ

ଭୁବନେଶ୍ୱର,୨୪।୪(ରବିନାରାୟଣ ଜେନା)

## ରାଜ୍ୟ ସରକାରଙ୍କ ନିଷ୍ପତ୍ତି

### ନାଲି, ହଳଦିଆ, ସବୁଜ ରଙ୍ଗରେ ବର୍ଗୀକରଣ ହେବ ସବୁ ଯୋଜନା

ରାଜ୍ୟ ସରକାରଙ୍କ ପକ୍ଷରୁ ନିଜସ୍ୱ ଯୋଜନା କିଭଳି ବାସ୍ତବ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ହେବ ସେନେଇ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ସମାନ ଯୋଜନାଗୁଡ଼ିକୁ ମିଶ୍ରଣ କରିବା ସହିତ ଯେଉଁ ଯୋଜନାଗୁଡ଼ିକ ଗୁରୁତ୍ୱ ହରାଇଛି ତଥା ବଜେଟରେ ଅର୍ଥ ବ୍ୟବସ୍ଥା ହେଉନାହିଁ ସେହି ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାବାଦ୍ କେଉଁ ସବୁ ଗୁରୁତ୍ୱପୂର୍ଣ୍ଣ ଯୋଜନାଗୁଡ଼ିକ ସର୍ବାଧିକ ପ୍ରାଥମିକ ଭିତ୍ତିରେ ହେବ ଏବଂ କାହାକୁ କମ୍ ଗୁରୁତ୍ୱ ଦିଆଯିବ ତାକୁ ନେଇ ଯୋଜନାକୁ ବର୍ଗୀକରଣ କରିଛନ୍ତି। ଯୋଜନାର ସଫଳତା ପ୍ରଭାବ ଆଧାରରେ ତିନି ପ୍ରକାର ରଙ୍ଗରେ ବର୍ଗୀକରଣ କରାଯିବ। ରାଜ୍ୟ ଯୋଜନାଗୁଡ଼ିକରେ ସର୍ବାଧିକ ଗୁରୁତ୍ୱ ଥିବା ଯୋଜନାକୁ ସବୁଜ (ଉଚ୍ଚତମ ପ୍ରାଥମିକତା), ମଧ୍ୟମ ପ୍ରାଥମିକତା ପାଇଁ ଯୋଜନାକୁ ହଳଦିଆ ଏବଂ ନିମ୍ନ ପ୍ରାଥମିକତା ଯୋଜନାକୁ ନାଲି ରଙ୍ଗରେ ବର୍ଗୀକରଣ କରାଯିବ। ଏହି କାର୍ଯ୍ୟ ଏପ୍ରିଲ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୈଠକ ପରେ ୨୧ ତାରିଖରେ ଉନ୍ନୟନ ଆୟୁକ୍ତ ଦେଓ ରଞ୍ଜନ କୁମାର ସିଂ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଏହାସହିତ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଉପସଚିବ ସୁଧା ପଣ୍ଡା ମଧ୍ୟ ୨୩ ତାରିଖରେ ସବୁ ବିଭାଗକୁ ଏନେଇ ଅବଗତ କରାଇଛନ୍ତି।

ସୁଧା ପଣ୍ଡା ପତ୍ରରେ ଦର୍ଶାଇଛନ୍ତି, ଯୋଜନାଗୁଡ଼ିକୁ ପ୍ରାଥମିକତା ଅନୁଯାୟୀ ସଜାଯିବ ଓ ଉଚ୍ଚ ପ୍ରାଥମିକତା ଯୋଜନାକୁ ବିଶେଷ ଗୁରୁତ୍ୱ ଦିଆଯିବ। ଗତ ୩-୪ ବର୍ଷ ଧରି ଯେଉଁ ଯୋଜନାରେ କୌଣସି ବଜେଟ ବ୍ୟବସ୍ଥା ହୋଇନାହିଁ କିମ୍ବା କେବଳ ନାମମାତ୍ର ବ୍ୟବସ୍ଥା ଅଛି, ସେଗୁଡ଼ିକୁ ବନ୍ଦ କରିବା ପାଇଁ ବିଚାର କରାଯିବ। ସମସ୍ତ ରାଜ୍ୟ କ୍ଷେତ୍ର ଯୋଜନାର ସମ୍ପୂର୍ଣ୍ଣ ସମୀକ୍ଷା କରାଯିବ। ସଂଶୋଧିତ ଯୋଜନାର ଅନ୍ତିମ ତାଲିକା ଯୋଜନା ଓ ସଂଯୋଜନ ବିଭାଗକୁ ସମନ୍ୱୟ ଓ ପୁନଃସମୀକ୍ଷା ପାଇଁ ପଠାଯିବ।

ଉପସଚିବ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାଗୁଡ଼ିକୁ ଗୋଟିଏ ଛତାତଳକୁ ଅଣାଯିବ। ଯୋଜନା ଓ ସଂଯୋଜନ ବିଭାଗ, ଅର୍ଥବିଭାଗ ଓ ଅନ୍ୟ ସମ୍ବନ୍ଧିତ ବିଭାଗ ସହିତ ସମନ୍ୱୟରେ ଯେଉଁ ଯୋଜନାଗୁଡ଼ିକୁ ରାଜ୍ୟ ଅର୍ଥ ସହାୟତା ମିଳୁଛି (ବାର୍ଦ୍ଧକ୍ୟଭତ୍ତା, ଆୟୁଷ୍ମାନ ଭାରତ, ମଧ୍ୟାହ୍ନଭୋଜନ, ସାର୍ବଜନୀନ ବିତରଣ ପ୍ରଣାଳୀ ଇତ୍ୟାଦି) ସେଗୁଡ଼ିକୁ ସମୀକ୍ଷା କରାଯିବ; ଯଦ୍ୱାରା ଅଧିକ ଯୋଗ୍ୟ ଲାଭାର୍ଥିମାନେ କେନ୍ଦ୍ରୀୟ ଯୋଜନା ଅଧୀନରେ ଆସିବ। ଏଥିରେ ଯେଉଁ ଆର୍ଥିକ ଅସାମଞ୍ଜସ୍ୟ ରହିବ ରାଜ୍ୟ ସହାୟତା ଦ୍ୱାରା ପୂରଣ କରାଯିବ। ଯେଉଁଠାରେ ଆବଶ୍ୟକ ପଡ଼ିବ ମିଶ୍ରିତ ଯୋଜନାର ନାମ ପରିବର୍ତ୍ତନ ପାଇଁ ସମ୍ବନ୍ଧିତ ବିଭାଗ ଜରିଆରେ ସରକାରଙ୍କ ଅନୁମୋଦନ ନିଆଯିବ। ପ୍ରତ୍ୟେକ ବଡ଼ ଯୋଜନାର କିଛି ଅଂଶ ଅର୍ଥକୁ ଗବେଷଣା, ମୂଲ୍ୟାୟନ ଏବଂ ତଦାରଖ ପାଇଁ ରଖାଯିବ, ଯଦ୍ୱାରା ପ୍ରମାଣ ଆଧାରିତ ପ୍ରଯୋଜନା ଓ ନିରୀକ୍ଷଣକୁ ଶକ୍ତିଶାଳୀ କରାଯିବ। ସଂଶୋଧିତ ଯୋଜନାର ଅନ୍ତିମ ତାଲିକା ୧୫ ଦିନ ମଧ୍ୟରେ ଯୋଜନା ଓ ସଂଯୋଜନ ବିଭାଗକୁ ପଠାଇବା ଆବଶ୍ୟକ ବୋଲି ଉପସଚିବ ଦର୍ଶାଇଛନ୍ତି।

# ଗ୍ରାମାଞ୍ଚଳକୁ ବିକାଶ, ସେବା ପହଞ୍ଚାଇବା ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର,୨୪।୪(ବୀରେନ୍ଦ୍ର କୁମାର ଝାଙ୍କର)

## ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବଲାଙ୍ଗୀରବାସୀଙ୍କ ପାଇଁ ୫୮୦କୋଟି ଟଙ୍କାର ୩୦୪ଟି ପ୍ରକଳ୍ପ ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଗ୍ରାମାଞ୍ଚଳରେ ଗ୍ରାମ ସ୍ୱରାଜ କିଭଳି ଆସିପାରିବ ତାକୁ ଗୁରୁତ୍ୱ ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତର ଯେଉଁ କଥା କହୁଛନ୍ତି ସେଥିରେ ଗାଁକୁ ପ୍ରାଧାନ୍ୟ ଦିଆଯାଇଛି। ଗାଁର ଯେଉଁ ମୌଳିକ ସମସ୍ୟା ସମାଧାନ ନ ହୋଇ ଗତ ୭୦ ବର୍ଷ ହେଲା ପଡିରହିଛି ତାକୁ ପୂରଣ ଦିଗରେ ମିଶନ୍ ମୋଡ୍‌ରେ କାର୍ଯ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ମିଶନ ପାୱାର ମୋଡ୍‌ରେ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମିଶନ୍ ପାୱାରର ଅର୍ଥ ହେଲା ବିଜୁଳି, ରାସ୍ତା ଓ ପାନୀୟ ଜଳ ଯୋଗାଇବାକୁ ସମୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୦୨୭ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟର ସବୁ ଗାଁକୁ ବିଜୁଳି, ପାନୀୟ ଜଳ ଓ ରାସ୍ତା ସୁବିଧା କିଭଳି ପହଞ୍ଚିପାରିବ ସେନେଇ କାମ ଆରମ୍ଭ ହୋଇଛି। ଏହାଛଡ଼ା ସମସ୍ତଙ୍କୁ କିଭଳି ପକ୍କାଘର ଦିଆଯିବ, ରାଶନ କାର୍ଡ ପହଞ୍ଚାଇ ଦିଆଯିବ, ଏଥିପାଇଁ ପଞ୍ଚାୟତ ସ୍ତରରୁ ସମସ୍ତ କାମ ଆରମ୍ଭ ହେବ। ସେଥିପାଇଁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବଜେଟ ହୋଇଛି ୩୪ ହଜାର କୋଟି ଟଙ୍କା। ଏହା ଏକ ରେକର୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତ୍ରିସ୍ତରୀୟ ପ୍ରତିନିଧି ବ୍ୟବସ୍ଥାରେ ପ୍ରଶାସନକୁ ସଚଳ କରି ଗ୍ରାମାଞ୍ଚଳ ଲୋକଙ୍କୁ ବିକାଶ ଓ ସେବା ଯୋଗାଇବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ବିଶେଷକରି ଅନୁସୂଚିତ ଜନଜାତି ଅଞ୍ଚଳରେ ଯେଉଁମାନଙ୍କ ନିକଟରେ ଘର, ପାଣି ପହଞ୍ଚି ପାରୁନାହିଁ କିଅଙ୍ଗନୱାଡିନାହିଁ, ସେଭଳିଅଞ୍ଚଳରେ ପିଏମ୍ ଜନମନ ଯୋଜନାରେ ଲୋକଙ୍କୁ ସେବା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ଏହି ଅବସରରେ ବିକଶିତ ଗ୍ରାମ ବିକଶିତ ଭାରତକୁ ସାକାର ଦିଗରେ ତାଙ୍କ ସରକାର କାମ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶା ସରକାର ଏହାକୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ବଲାଙ୍ଗୀରରେ ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ଜରିଆରେ ଇଣ୍ଡିଆନ୍ ପଟାସ ଲିମିଟେଡ୍ ପକ୍ଷରୁ ଏକ ଟିମିକଲ ପ୍ରତିଷ୍ଠା କରାଯିବ। ଏହାସହିତ ବଲାଙ୍ଗୀରରେ କିଛିଦିନ ତଳେ ଶ୍ରୀଅମ୍ବିକା ଟେକ୍ସଟାଇଲ୍ସ ୟୁନିଟ୍ ପ୍ରତିଷ୍ଠା କରାଯିବାକୁ ମଞ୍ଜୁରୀ ଦିଆଯାଇଛି। ବଲାଙ୍ଗୀରରେ ଏକ କୃଷି ମହାବିଦ୍ୟାଳୟ, ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରାଯିବାକୁ ସରକାର ଅନୁମୋଦନ କରିଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗଦାନ କରି ଅଭିଭାଷଣ ରଖିଥିଲେ। ଅନ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍, ଜିଲା ପରିଷଦ ସଭାପତି ଦେବକୀ ସାହୁ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପଞ୍ଚାୟତିରାଜ ବିଭାଗ ସଚିବ ଗିରିଶ ଏସ୍‌ଏନ୍ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଧନ୍ୟବାଦ ଅର୍ପଣ କରିଥିଲେ।

# ପଡ଼ିରହିଥିବା ମାମଲାର ତୁରନ୍ତ ଫଇସଲା କର: ରାଜସ୍ୱ ପର୍ଷଦ

ଭୁବନେଶ୍ୱର,୨୪।୪(ସୁନିତ୍ ମିଶ୍ର)

ରାଜସ୍ୱ ପର୍ଷଦର ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ୪୧ଟି ରିଭିଜନାଲ କୋର୍ଟର କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତକରିବା ଲାଗି ଏକ ସମୀକ୍ଷା ବୈଠକ ସମସ୍ତ ପ୍ରିଜାଇଡିଂ ଅଫିସରଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ଓ ଭୁବନେଶ୍ୱରରେ ଥିବା କୋର୍ଟଗୁଡ଼ିକର ପ୍ରିଜାଇଡିଂ ଅଫିସର ଯୋଗଦେଇଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ, ଜଗନ୍ନାଥ ମହାପ୍ରଭୁ ଓ ଲିଙ୍ଗରାଜ ମହାପ୍ରଭୁ ପ୍ରଶାସନର ରାଜସ୍ୱ ଅଧିକାରୀ, ରାଜସ୍ୱ ଆୟୁକ୍ତ, ବିଭିନ୍ନ ଜିଲାର ଜିଲାପାଳ ଓ ଅତିରିକ୍ତ କମିଶନରମାନେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଲୋକଙ୍କୁ ଜମିଜମା ସମ୍ବନ୍ଧୀୟ ମାମଲାଗୁଡ଼ିକରେ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ରାଜସ୍ୱ ପର୍ଷଦ ସଦସ୍ୟ ଗୁରୁତ୍ୱାରୋପ କରିଛନ୍ତି। ତହସିଲ, ବନ୍ଦୋବସ୍ତ ଇତ୍ୟାଦି କାର୍ଯ୍ୟାଳୟଗୁଡ଼ିକୁ ମଗାଯାଉଥିବା ପାରାୱାଇଜ ରିପୋର୍ଟ ନିମ୍ନ ଅଦାଲତ କାଗଜାତଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭାବେ ଯଥାଶୀଘ୍ର ରିଭିଜନ୍ କୋର୍ଟଗୁଡ଼ିକରେ ଉପସ୍ଥାପନ ପାଇଁ ସମସ୍ତ ପ୍ରିଜାଇଡିଂ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିଭିଜନ୍ କୋର୍ଟ ପ୍ରିଜାଇଡିଂ ଅଫିସରମାନଙ୍କୁ ତାଙ୍କ କୋର୍ଟରେ ପଡ଼ିରହିଥିବା କେସ୍‌ଗୁଡ଼ିକୁ ନ୍ୟାୟିକ ଭିତ୍ତିରେ ଶୀଘ୍ର ଫଇସଲା କରିବା ପାଇଁ ରାଜସ୍ୱ ପର୍ଷଦ ସଦସ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚନ୍ୟାୟାଳୟର ବିଭିନ୍ନ ସମୟରେ ଆସୁଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଦୂରଦୂରାନ୍ତରୁ ଆସୁଥିବା ଲୋକ କିପରି ଉପକୃତ ହୋଇପାରିବେ, ସେଥିପାଇଁ ରିଭିଜନ କୋର୍ଟରେ ସଂସ୍ଥାପିତ ପ୍ରଯୁକ୍ତିବିଦ୍ୟା ଯଥା ସିସିଏମ୍‌ଏସ୍ ୨.୦ର ସଦୁପଯୋଗ କରି ପ୍ରତ୍ୟହ କୋର୍ଟରେ ହେଉଥିବା କଜ୍ ଲିଷ୍ଟ, ମଧ୍ୟବର୍ତ୍ତିକାଳୀନ ଅର୍ଡର ଇତ୍ୟାଦିକୁ ଅପ୍‌ଡେଟ୍ କରିବା ପାଇଁ ରାଜସ୍ୱ ପର୍ଷଦ ସଦସ୍ୟ ଗୁରୁତ୍ୱାରୋପ କରିଛନ୍ତି। କୌଣସି ମାମଲାରେ ସର୍ବାଧିକ ୩ ଥରରୁ ଅଧିକ ଅର୍ଜିଦାତା ଅନୁପସ୍ଥିତ ରହିଲେ ମାମଲା ଖାରଜ କରିବାକୁ ନିଷ୍ପତ୍ତି ନିଆଯାଇଛି। ନିକଟ ଅତୀତରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଓ ଏସ୍‌ଓପି ଅନୁଯାୟୀ ରିଭିଜନ କୋର୍ଟଗୁଡ଼ିକରେ ପଡ଼ି ରହିଥିବା ପୁରାତନ ମାମଲାଗୁଡ଼ିକୁ ତ୍ୱରିତ ଫଇସଲା ଲାଗି ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟକୁ ଶୀଘ୍ର ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଲିଜ୍ ଜମି, ଜଙ୍ଗଲ କିସମ ଜମି, ଜଗନ୍ନାଥ ଓ ଲିଙ୍ଗରାଜ ମହାପ୍ରଭୁ, ଅନ୍ୟାନ୍ୟ ସର୍ବସାଧାରଣ ଦେବୋତ୍ତର ଜମି ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିଗୁଡିକୁ ସୁରକ୍ଷିତ ରଖିବାକୁ ରାଜସ୍ୱ ପର୍ଷଦ ସଦସ୍ୟ ସମସ୍ତ କୋର୍ଟର ପ୍ରିଜାଇଡିଂ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜମି ଦୁର୍ନୀତିକୁ କିପରି ରୋକାଯାଇପାରିବ ଏବଂ ସରକାରୀ ଜମିର ସୁରକ୍ଷା ଲାଗି କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି।

# ୪୪.୮ ଡିଗ୍ରୀ ଛୁଇଁଲା ଝାରସୁଗୁଡ଼ା

ଭୁବନେଶ୍ୱର,୨୪।୪(ବନ୍ଦନା ସେଠୀ)

## ୨୬ରୁ ପାଗ ବଦଳାଇବ କାଳବୈଶାଖୀ

## ୨୮ ତାରିଖ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଲୋକେ ଛଟପଟ ହେଉଛନ୍ତି। ପାରଦ ଉପରମୁହାଁ ହେବା ସହ ୪୫ ଡିଗ୍ରୀର ନିକଟତର ହୋଇଛି। ଝାରସୁଗୁଡ଼ା ଲଗାତର ୩ଦିନ ହେବ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ଶୁକ୍ରବାର ମଧ୍ୟ ଏଠାରେ ପାରଦ ସର୍ବାଧିକ ୪୪.୮ ଡିଗ୍ରୀ ଛୁଇଁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ୧୮ ସହରର ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଏହାତଳକୁ ଟିଟିଲାଗଡ଼ରେ ୪୪ ଡିଗ୍ରୀ, ସମ୍ବଲପୁର ୪୩.୬, ଅନୁଗୋଳ ୪୩.୧, ବଲାଙ୍ଗୀର ୪୩, ସୋନପୁର ୪୨.୮, ରାଉରକେଲା, ସୁନ୍ଦରଗଡ଼, ନୂଆପଡ଼ା ଏବଂ ଭବାନୀପାଟଣା ୪୨.୬, ତାଳଚେର ୪୨.୫, ପାରଳାଖେମୁଣ୍ଡି ୪୨, ବୌଦ୍ଧ ୪୧.୮, ବରଗଡ଼ ୪୧.୭, ଢେଙ୍କାନାଳ ୪୧.୫, ଫୁଲବାଣୀ ୪୦.୮ ଏବଂ ଖୋର୍ଦ୍ଧାରେ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା। ଆଗାମୀ ୨ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ସ୍ଥିତି ଜାରି ରହିବ। ୨୬ ତାରିଖରୁ ପାଗ ବଦଳାଇବ କାଳବୈଶାଖୀ। ବର୍ଷା ଓ ପବନ ଯୋଗୁ ପ୍ରାୟ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଶନିବାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଏବଂ ଗଜପତି ଜିଲାକୁ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ୨୬ରୁ ୨୮ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ବାରଣ କରାଯାଇଛି।

## ଆଜି ବିଶ୍ୱ ମ୍ୟାଲେରିଆ ଦିବସ

# ମ୍ୟାଲେରିଆର ଅନ୍ତ କରିପାରିବା

ଦିନ ଥିଲା ମ୍ୟାଲେରିଆରେ ପ୍ରତିବର୍ଷ ହଜାର ହଜାର ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଆସୁଥିଲେ। ଏବେ ଏହିପରିମାଣ ବହୁତ କମିଯାଇଛି। ଏ ଦିଗରେ ଆମ ରାଜ୍ୟ 'ଦମନ' ନାମକ କାର୍ଯ୍ୟକ୍ରମ (ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ) ହାତକୁ ନେଇ ସାରା ଦେଶ ଓ ବିଶ୍ୱରେ ସମ୍ପୂର୍ଣ୍ଣ ମ୍ୟାଲେରିଆ ନିରାକରଣ ପାଇଁ ପଥ ଦେଖାଇଛନ୍ତି। ସାଧାରଣତଃ ମ୍ୟାଲେରିଆ ମାଈ ଏନୋଫିଲିସ ମଶା କାମୁଡିବା ଦ୍ୱାରା ଜଣେ ରୋଗୀଠାରୁ ସୁସ୍ଥ ଲୋକକୁ ବ୍ୟାପିଥାଏ। ଏହା ସିଧାସଳଖ ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ ହୁଏ ନାହିଁ। ସଂକ୍ରମିତ ମଶା ଏହାର ବାହକ। ଏଲ୍‌ଏଲ୍‌ଆଇଏନ୍ ମଶାରି, ଯାହାକି କିଛି ବର୍ଷ ପୂର୍ବେ



ଆମ ରାଜ୍ୟରେ ୨.୨ କୋଟି ସଂଖ୍ୟାରେ ବିତରଣ କରାଯାଇଛି, ତାହା ମ୍ୟାଲେରିଆ ନିରାକରଣରେ ଅଭୂତପୂର୍ବ ସଫଳତା ଆଣିଦେଇଛି। ଆଜି ପର୍ଯ୍ୟନ୍ତ ୪୭ଟି ଦେଶ ମ୍ୟାଲେରିଆମୁକ୍ତ ପ୍ରମାଣ ପାଇଛନ୍ତି। ତା'ସହ ୩୭ଟି ଦେଶରେ ୨୦୨୪ରେ ବର୍ଷକୁ ମାତ୍ର ୧୦୦୦ରୁ କମ ଜଣଙ୍କୁ ମ୍ୟାଲେରିଆ ହେବାର ଜଣାପଡିଛି। ଏହାସତ୍ତ୍ୱେ ମଧ୍ୟ ବିଶ୍ୱରେ ୨୦୨୪ରେ ୨୮.୨ କୋଟି ମ୍ୟାଲେରିଆ ରୋଗୀ ଏବଂ ୬ଲକ୍ଷ ୧୦ହଜାର ମ୍ୟାଲେରିଆଜନିତ ମୃତ୍ୟୁ ଘଟିଛି।

ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବରେ ପାଳନ କରାଯାଇଆସୁଅଛି। ୨୦୨୫ରେ ଏହି ଦିବସର ବାର୍ତ୍ତା ଥିଲା – 'ପୁନର୍ବିନିଯୋଗ କର, ପୁନର୍ଚିନ୍ତନ କର ଓ ପୁନର୍ବାର ପ୍ରଜ୍ୱଳିତ କର'। ଏହାଠାରୁ ପାଦେ ଆଗକୁ ଯାଇ ଚଳିତ ବର୍ଷର ବାର୍ତ୍ତା ରହିଛି– 'ମ୍ୟାଲେରିଆର ଅନ୍ତ ପାଇଁ ପ୍ରଚୋଦିତ/ଉତ୍ସାହିତ, ବର୍ତ୍ତମାନ ଆମେ ପାରିବା ଓ ବର୍ତ୍ତମାନ ଆମେ ନିଶ୍ଚିତ ଭାବେ ପାରିବା।'

**– ଡା.ରାମଚନ୍ଦ୍ର ରାଉତ,** ମୋ: ୮୨୪୯୦୮୭୯୯୫

## ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

# ପ୍ରାଣୀ ଚିକିତ୍ସକ: ଖାଦ୍ୟ ଓ ସ୍ୱାସ୍ଥ୍ୟର ଅଭିଭାବକ

ମଣିଷର ଜୀବନ ଧାରଣରେ ପ୍ରାଣିସମ୍ପଦର ଗୁରୁତ୍ୱକୁ ଉପଲବ୍ଧିକରି ୨୦୦୧ ମସିହାରୁ ପାଳିତ ହୋଇଆସୁଅଛି 'ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ'। ପ୍ରତିବର୍ଷ ଏପ୍ରିଲ ମାସର ଶେଷ ଶନିବାର ବିଶ୍ୱର ପ୍ରାଣୀ ଚିକିତ୍ସା ଅନୁଷ୍ଠାନ ଏବଂ ସମାଜ ପ୍ରଗତିରେ ପ୍ରାଣୀଙ୍କ ଅବଦାନ ସହ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଏହି ଦିବସ ପାଳନ ହୋଇଆସୁଅଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା– ସାରା ବିଶ୍ୱରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯାଉଥିବା ପ୍ରାଣିସମ୍ପଦ ବିକାଶ ଭିତ୍ତିକ ବହୁମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ଆଲୋକପାତ ସହ ପ୍ରୋତ୍ସାହିତ କରିବା। ଏଥିସହ ଜନସ୍ୱାସ୍ଥ୍ୟ ଏବଂ ପ୍ରାଣୀ ସ୍ୱାସ୍ଥ୍ୟସେବା ସହ ଜୀବ କଲ୍ୟାଣର ଉନ୍ନତି ଆଣିବାରେ ପ୍ରାଣୀ ଚିକିତ୍ସକଙ୍କର ଭୂମିକା ନେଇ ଜନ ସଚେତନତା ସୃଷ୍ଟିକରିବା। ବିଶ୍ୱ ପ୍ରାଣୀ ଚିକିତ୍ସା ସଂଘ ଏବଂ ପ୍ରାଣୀ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ସଂଗଠନ ବା ଓଆଇଇର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରାଣୀ




ଚିକିତ୍ସା ଦିବସ ଲାଗି ନିର୍ଦ୍ଧାରିତ ମୁଖ୍ୟ ବାର୍ତ୍ତା ହେଲା– 'ପ୍ରାଣୀ ଚିକିତ୍ସକ: ଖାଦ୍ୟ ଓ ସ୍ୱାସ୍ଥ୍ୟର ଅଭିଭାବକ'।

ଉଭୟ ପ୍ରାଣୀ ଓ ମନୁଷ୍ୟର ସ୍ୱାସ୍ଥ୍ୟ ରକ୍ଷା ସହ ସୁସ୍ଥ ପରିବେଶ ସୃଷ୍ଟି ନେଇ ପ୍ରାଣୀ ଚିକିତ୍ସକଙ୍କ ଭୂମିକା ଅତୁଳନୀୟ। ପ୍ରାଣୀ ଚିକିତ୍ସକମାନେ କଥା କହି ପାରୁ ନ ଥିବା ପ୍ରାଣୀକୁ ନିଜର ଅଧ୍ୟବସାୟ ବଳରେ ଚିକିତ୍ସା ସେବା ଯୋଗାଇଦେବା ସହ ଆମ ସ୍ୱାସ୍ଥ୍ୟ ବର୍ଦ୍ଧକ ପ୍ରାଣିଜ ପୁଷ୍ଟିସାର ଯଥା ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରାଣୀ ପାଳନ ଯଥା ଗୋପାଳନ, ଛେଳି, ମେଣ୍ଢା, ଘୁଷୁରି ତଥା କୁକ୍କୁଟ ଜାତୀୟ ପକ୍ଷୀ ପାଳନ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ସେହିପରି ବିଭିନ୍ନ ପୋଷା ପ୍ରାଣୀ ଯଥା କୁକୁର, ବିଲେଇ ଓ ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା କ୍ଷେତ୍ରରେ ପ୍ରାଣୀ ଚିକିତ୍ସକଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହି ଆସିଛି। ଏହି ପ୍ରାଣୀ ପାଳନ ଉପରେ ନିର୍ଭରକରି ବହୁ ଯୁବୋଦ୍ୟୋଗୀ, ଚାଷୀ ତଥା ପ୍ରାଣୀ ପାଳକମାନେ ରୋଜଗାରକ୍ଷମ ହୋଇପାରୁଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ସମ୍ମୁଖୀନ ହେଲେ ମଧ୍ୟ ଆମ ରାଜ୍ୟର କୃଷକ ତଥା ଯୁବୋଦ୍ୟୋଗୀଙ୍କ ପାଇଁ ପ୍ରାଣୀ ପାଳନ ଏକ ଆୟକର ପନ୍ଥା ଭାବେ ହୋଇପାରିଛି। ତେଣୁ ପ୍ରତ୍ୟେକ ପ୍ରତିକୂଳ ପରିବେଶରେ ମଧ୍ୟ ପ୍ରାଣିସମ୍ପଦ ସ୍ୱାସ୍ଥ୍ୟରକ୍ଷାରେ ପ୍ରାଣୀ ଚିକିତ୍ସକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ।

**– ଡା. ବୀରକିଶୋର ପରିଡ଼ା**
ମୋ:୯୪୩୭୬୦୭୩୧୨



# ବେଆଇନ ବାଲି ଚାଲାଣ, ୮ ଗାଡ଼ି ଜବତ

ବାରଙ୍ଗ,୨୪।୪
(ଲିଙ୍ଗରାଜ ରାଉତ)

ଗତ କିଛିଦିନ ହେବ ବାରଙ୍ଗ ଅଞ୍ଚଳ ଚୋରା ମୋରମ, ବାଲିମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଗୁରୁବାର ବିଳମ୍ବିତ ରାତିରେ ବାରଙ୍ଗ ତହସିଲଦାର ଡ. ତୁଷାର ଜ୍ୟୋତିରଞ୍ଜନଙ୍କ ନେତୃତ୍ୱରେ ଏକ ଦଳ ବାରଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ପରିବହନ କରୁଥିବା ୮ଟି ଗାଡ଼ିକୁ ଜବତ କରିଛନ୍ତି। ସେଥିମଧ୍ୟରେ ମୋରମ ବୋଝେଇ ୫ ହାଇୱା, ବାଲି ବୋଝେଇ ୧ ଟିପ୍ପର ଓ ଚିପ୍ସ ବୋଝେଇ ୨ଟି ହାଇୱା ରହିଛି। ବେଆଇନ ମୋରମ ଓ ବାଲି ଚାଲାଣ ଉପରେ ଖଣି ବିଭାଗ କାହିଁକି ଅଙ୍କୁଶ ଲଗାଉ ନାହିଁ ତାହା ବାରଙ୍ଗର ସଚେତନଶୀଳ ନାଗରିକଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# 'ପାଠ୍ୟକ୍ରମରେ ଅନ୍‌ଲାଇନ ସୁରକ୍ଷା ଶିକ୍ଷାକୁ ସାମିଲ କରାଯାଉ'



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ବବିତା ପାତ୍ରଙ୍କ ସହ ଅନ୍ୟ ଅତିଥି।

## ଶିଶୁଙ୍କ ପାଇଁ ଅନ୍‌ଲାଇନ ସୁରକ୍ଷା ନେଇ ଡିଇଓ, ଏଡିଇଓଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର,୨୪।୪(ସୁଚିସ୍ମିତା ସାହୁ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଏବଂ ଚାଇଲ୍ଡଲାଇନ ଇଣ୍ଡିଆ ସହଯୋଗରେ ଶିଶୁଙ୍କ ପାଇଁ ଅନ୍‌ଲାଇନ ସୁରକ୍ଷାକୁ ନେଇ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ)ଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଓଏସ୍‌ସିପିସିଆର୍ ଅଧ୍ୟକ୍ଷା ବବିତା ପାତ୍ର ସ୍ୱାଗତ ଭାଷଣ ଦେଇ ଶିଶୁଙ୍କୁ ଅନ୍‌ଲାଇନ ବିପଦରୁ ସୁରକ୍ଷା ଦେବାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ଯୋଗଦେଇ ଅନ୍‌ଲାଇନ ଶୋଷଣରୁ ପିଲାଙ୍କୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ଶିଶୁ ଓ ଅଭିଭାବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଯୋଗଦେଇ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍‌ଲାଇନ ସୁରକ୍ଷା ଶିକ୍ଷାକୁ ସମନ୍ୱିତ କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ଶିଶୁମାନେ ସହଜରେ ବୁଝିବା ଓ ଆନନ୍ଦର ସହିତ ଶିଖିବା ପାଇଁ ଏହି ବିଷୟକୁ ଆକର୍ଷଣୀୟ ଓ କ୍ରୀଡ଼ା ପଦ୍ଧତିରେ ଶିକ୍ଷା ପ୍ରଦାନ କରାଯିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଓସେପାର ଅତିରିକ୍ତ ନିର୍ଦ୍ଦେଶିକା ସଙ୍ଗୀତା ବେହେରା ଅନ୍‌ଲାଇନ ବିପଦରୁ ଶିଶୁଙ୍କୁ ସୁରକ୍ଷା ଦେବା ଓ ସେମାନଙ୍କ ଅନ୍‌ଲାଇନ ସୁରକ୍ଷା ନିଶ୍ଚିତ କରିବା ପାଇଁ ଓସେପା ଏବଂ ଓଏସ୍‌ସିପିସିଆର୍ ପରିସର ପ୍ରତିଷ୍ଠାନ ଓ ସଙ୍ଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଚାଇଲ୍ଡଫଣ୍ଡ୍ ଇଣ୍ଡିଆର ପ୍ରୋଗ୍ରାମ ନିର୍ଦ୍ଦେଶିକା ଡା. ଶ୍ରବନ୍ତୀ ସେନ ଶିଶୁଙ୍କ ଅନ୍‌ଲାଇନ ସୁରକ୍ଷା ବିଷୟରେ କେନ୍ଦ୍ରାପଡ଼ାରେ କରାଯାଇଥିବା ପାଇଲଟ ପ୍ରକଳ୍ପର ଫଳାଫଳ ଉପସ୍ଥାପନ କରିଥିଲେ। ଓଏସ୍‌ସିପିସିଆର୍ ସଚିବ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ସଦସ୍ୟା ମନସ୍ୱିତା ଖୁଣ୍ଟିଆ, କସ୍ତୁରୀ ମିଶ୍ର, ଚନ୍ଦନା ଦାସ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡା. ସନ୍ତୋଷ କୁମାର ରାଉତ, ଓସେପାର ଯୁଗ୍ମ ନିର୍ଦ୍ଦେଶିକା ପ୍ରାଚୀ ତନୟା ଗିରି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଚାଇଲ୍ଡଫଣ୍ଡ୍ ଇଣ୍ଡିଆର ଉପନିର୍ଦ୍ଦେଶକ ନବୀନ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅସିମା ମେହରୋତ୍ରାଙ୍କ କଳାକୃତି ଉନ୍ମୋଚିତ



ଅସିମା ମେହରୋତ୍ରାଙ୍କ କଳାକୃତିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୪।୪ (ସୌମ୍ୟରଞ୍ଜନ ରାଉତ)

ଦକ୍ଷିଣ ଆଫ୍ରିକା ସ୍ୱାଧୀନତା ଦିବସର ୩୦ତମ ବାର୍ଷିକ ଉତ୍ସବ ଗୁରୁବାର ନୂଆଦିଲ୍ଲୀସ୍ଥିତ ତାଜ ମାନସିଂହ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ଗଣରାଜ୍ୟର ଉଚ୍ଚାୟୁକ୍ତ ପ୍ରଫେସର ଅନିଲ ସୁକଲାଲ ଓ ଡ. ନେଲିଷ୍ଟ୍ରା ସୁକଲାଲ ସିଂହ ମିଳିତ ଭାବେ ଉତ୍ସବର ଆୟୋଜନ କରିଥିଲେ। ଅତିଥି ଭାବେ ଶକ୍ତି ଓ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାୟକ, ଦକ୍ଷିଣ ଆଫ୍ରିକାର କ୍ରିକେଟର ଜଣ୍ଟି ରୋଡ୍ସ, ବଲିଉଡ୍ ଅଭିନେତା ଅନିଲ ଜର୍ଜ, ରାଷ୍ଟ୍ରଦୂତ ଓ ବିଭିନ୍ନ ଦେଶର ପ୍ରତିନିଧିତ୍ୱ କରୁଥିବା କୂଟନୈତିକ ଦଳର ସଦସ୍ୟଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଶିଳ୍ପୀ ଅସିମା ମେହରୋତ୍ରାଙ୍କ ଦ୍ୱାରା ନିର୍ମିତ 'ବି ଦ ଚେଞ୍ଜ ୟୁ ୱାଣ୍ଟ ଟୁ ସି- ମହାତ୍ମା ଗାନ୍ଧୀ' କଳାକୃତିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ।

# ଏନ୍‌ଡିଆର୍‌ଏଫ୍ ପକ୍ଷରୁ ରୁଟ୍ ମାର୍ଚ୍ଚ

ବାରଙ୍ଗ,୨୪।୪(ଲିଙ୍ଗରାଜ ରାଉତ)

ଏନ୍‌ଡିଆର୍‌ଏଫ୍‌ର ତୃତୀୟ ବାଟାଲିଅନ ପକ୍ଷରୁ ଶୁକ୍ରବାର ରୁଟ୍ ମାର୍ଚ୍ଚ କରାଯାଇଛି। ଏହି ରୁଟ୍ ମାର୍ଚ୍ଚରେ ୭ଟି ଦଳରେ ସମୁଦାୟ ୧୯୪ଜଣ ଯବାନ ସାମିଲ ହୋଇଥିଲେ। ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହ୍ୱାନଙ୍କ ନେତୃତ୍ୱରେ ଯବାନମାନେ ୬ଟା ୩୦ରୁ ଆରମ୍ଭ କରି ୧୧ଟା ୩୦ ସୁଦ୍ଧା ୧୬ କି.ମି. ରାସ୍ତାକୁ ଅତିକ୍ରାନ୍ତ କରିଥିଲେ। ଏହି ରୁଟ୍ ମାର୍ଚ୍ଚ ସମୟରେ ଯବାନମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମୁକାବିଲା ନିମନ୍ତେ ବ୍ୟବହାର କରୁଥିବା ବିଭିନ୍ନ ଉପକରଣ ସାଙ୍ଗରେ ନେଇ ଯାଇଥିଲେ।

# ସାଇ ଆରାଧନା ଦିବସ



ସାଇ ଆଶ୍ରିତ ଭଉଣୀଭାଇମାନେ ନଗର ପରିକ୍ରମା କରୁଛନ୍ତି।

ଭୁବନେଶ୍ୱର,୨୪।୪( ସୁଚିସ୍ମିତା ସାହୁ)

ଶ୍ରୀସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ସାଇ ଜନନୀଠାରେ ଶ୍ରୀସତ୍ୟସାଇ ବାବାଙ୍କ ପବିତ୍ର ମହାସମାଧି ଦିବସ ତଥା ଆରାଧନା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରର ସାଇ ସମିତିଗୁଡ଼ିକରେ ସାଇ ଆଶ୍ରିତ ଭଉଣୀଭାଇଙ୍କ ଦ୍ୱାରା ପ୍ରାତଃ ଓଁକାର, ନଗର ସଂକୀର୍ତ୍ତନ, ଧ୍ୟାନ, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡ଼ଶ ଉପଚାର ପୂଜା, ବେଦପାଠ ଆଦି କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ସାଇ ଜିଲା ପକ୍ଷରୁ ବିଭିନ୍ନ ଡାକ୍ତରଖାନା ଏବଂ ଅନାଥ ଆଶ୍ରମରେ ଫଳ, ବିସ୍କୁଟ ବଣ୍ଟନ କରାଯିବା ସହିତ ପ୍ରତ୍ୟେକ ସମିତିରେ ଅଖଣ୍ଡ ରୁଦ୍ରଂ ପାରାୟଣ କରାଯାଇଥିଲା। ସେହିପରି ସନ୍ଧ୍ୟା ଅଧିବେଶନରେ ସାମୂହିକ ଦୀପଦାନ ସହିତ ବାଳବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ମହମବତି ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଭୁବନେଶ୍ୱର ଶ୍ରୀସତ୍ୟସାଇ ସଂଗଠନର ୫୫ଟି ବାଳବିକାଶ କେନ୍ଦ୍ରର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସତ୍‌ସଙ୍ଗ ସହ ଚଳିତ ବର୍ଷକୁ ଓଡ଼ିଶା ରାଜ୍ୟ ସଂଗଠନ ପକ୍ଷରୁ କୃତଜ୍ଞତାର ବାଳବିକାଶ ବର୍ଷ ଭାବେ ରାଜ୍ୟରେ ପାଳନ କରାଯାଉଛି। ଏହି ଅବସରରେ ବାଳବିକାଶ ଲୋଗୋ ଉନ୍ମୋଚନ କରାଯାଇଥିଲା। ସନ୍ଧ୍ୟା ସତ୍‌ସଙ୍ଗରେ ରାଜ୍ୟ ସଭାପତି ବାଳବିକାଶ ମାର୍ଗରେ ପରିଚାଳିତ ହୋଇ ଜୀବନଯାପନ କରିବା ସମ୍ପର୍କରେ ବିଶେଷ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସାଇ ଆଶ୍ରିତ ଓ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଡିଏ କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର, ୨୪।୪ (ବନ୍ଦନା ସେଠୀ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ କେୟାର ହସ୍ପିଟାଲର ମିଳିତ ସହଯୋଗରେ ଶୁକ୍ରବାର ବିଡିଏ କାର୍ଯ୍ୟାଳୟରେ କର୍ମଚାରୀଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରକ୍ତଚାପ, ର୍ୟାଣ୍ଡମ ବ୍ଲଡ୍ ସୁଗାର, ଇସିଜି ଏବଂ ଆଖି ପରୀକ୍ଷା ସମେତ ବିଭିନ୍ନ ମୌଳିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ନିଦାନ ସେବା ସହିତ ଡାକ୍ତରଙ୍କ ଏକ ଟିମ୍ କର୍ମଚାରୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ଭବିଷ୍ୟତରେ କର୍ମଚାରୀଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳରାଣା ସୂଚନା ଦେଇଥିଲେ। ଏଥିରେ କେୟାର ହସ୍ପିଟାଲ୍ସର ଡାକ୍ତରୀ ଟିମ୍‌ରେ ଡା. ବିକ୍ରମ କେଶରୀ ମହାପାତ୍ର (ହୃଦ୍‌ରୋଗ ବିଶେଷଜ୍ଞ), ଡା. ଦିଲୀପ ମହାନ୍ତି (ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି) ଏବଂ ଡା. ଆଦ୍ୟାଶା ନନ୍ଦ (ମେଡିସିନ), ମାର୍କେଟିଂ ମୁଖ୍ୟ ଡା. ଲୋକନାଥ ଦାଶ ଉପସ୍ଥିତ ଥିଲେ। ଅତିରିକ୍ତ କମିଶନର (ପ୍ରଶାସନ) ସ୍ନିଗ୍ଧା ରାଣୀ ଧଳଙ୍କ ନେତୃତ୍ୱରେ ଶିବିର ପରିଚାଳନା ହୋଇଥିଲା।

# ରାତିରେ ରାସ୍ତାକଡ଼ ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ଭୁବନେଶ୍ୱର,୨୪।୪
(ସୌମ୍ୟରଞ୍ଜନ ରାଉତ)

ମାନବସେବାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଥିବା ପ୍ରତାପ ଚନ୍ଦ୍ର ଦାସ ମେମୋରିଆଲ ଟ୍ରଷ୍ଟ (ପିସିଡିଏମ୍‌ଟି) ପକ୍ଷରୁ ରାଜଧାନୀରେ ରାତିବେଳେ ଭୋକରେ ରହୁଥିବା ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ନେଇ 'ଆନନ୍ଦ ଅନ୍ନ ସେବା' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତିମାସ ୬ ଓ ୨୬ ତାରିଖରେ ନିୟମିତ ଭାବେ ଭୋକିଲାଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି। ସେହିପରି ସଂଗଠନ ପକ୍ଷରୁ ବୃଦ୍ଧାଶ୍ରମର ରହୁଥିବା ବୃଦ୍ଧାବୃଦ୍ଧଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଉଛି। ଶୀତଦିନେ ରାସ୍ତାଘାଟରେ ଅସହାୟଙ୍କୁ କମ୍ବଳ ଓ ଶାଲ ବିତରଣ, ଗ୍ରୀଷ୍ମକାଳରେ ଟ୍ରାଫିକ୍‌ରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ପାନୀୟ ଜଳ ଯୋଗାଇବା ସହ ଅନେକ ସେବାମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏନେଇ ସଂଗଠନର ପ୍ରତିଷ୍ଠାତା ଶ୍ରୀକୃଷ୍ଣ ଦାସ କହିଛନ୍ତି ସମାଜର ଅସହାୟ ଲୋକଙ୍କୁ ସହଯୋଗ କରିବା ଓ ମାନବ ସେବାକୁ ଆଗକୁ ବଢ଼ାଇବା ହିଁ ସଂଗଠନର ପ୍ରମୁଖ ଲକ୍ଷ୍ୟ। ଆଗାମୀ ଦିନରେ ଏହି ସେବା କାର୍ଯ୍ୟକୁ ଆହୁରି ବିସ୍ତାରିତ କରାଯିବ। ସୂଚନାଯୋଗ୍ୟ, ୨୦୨୫ ମାର୍ଚ୍ଚ ୨୬ରେ ମାତ୍ର ୪-୫ ଜଣ ସଦସ୍ୟଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ସଂଗଠନରେ ବର୍ତ୍ତମାନ ୧୦୦ରୁ ଅଧିକ ସଦସ୍ୟ ରହିଛନ୍ତି।

# ସ୍ୱସ୍ତିକା ପାଇଲେ ସିସିଆର୍‌ଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି

ଭୁବନେଶ୍ୱର,୨୪।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟାୟନର ଛାତ୍ରୀ ସ୍ୱସ୍ତିକା ସମନ୍ୱିତା ଓଡ଼ିଶୀ ନୃତ୍ୟରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆର୍‌ଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି ଲାଭ କରିଛନ୍ତି। ସ୍ୱସ୍ତିକା ନୃତ୍ୟାୟନର ପ୍ରତିଷ୍ଠାତା ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ମାର୍ଗଦର୍ଶନ ଏବଂ ଓଡ଼ିଶୀ ନୃତ୍ୟ ଶିକ୍ଷକ ମନୋଜ କୁମାର ପ୍ରଧାନ ଓ ଶିକ୍ଷୟିତ୍ରୀ ଭିଦିଶା ବସୁମଲ୍ଲିକଙ୍କଠାରୁ ସେ ନୃତ୍ୟ ଶିକ୍ଷା ଲାଭ କରି ଏହି ବୃତ୍ତି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭୁବନେଶ୍ୱରରେ ଅବସ୍ଥାପିତ ଶ୍ୱେତଲିନା ପ୍ରଧାନ ଏବଂ ଖଗେଶ୍ୱର ଜୟପୁରିଆଙ୍କ ଏକମାତ୍ର କନ୍ୟା ସ୍ୱସ୍ତିକା ଶୈଶବରୁ ଧୀରେନ୍ଦ୍ର ନାଥ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ନିରବଚ୍ଛିନ୍ନ ଓଡ଼ିଶୀ ନୃତ୍ୟ ଶିକ୍ଷାଲାଭ କରିଆସୁଛନ୍ତି। କେନ୍ଦ୍ର ସରକାରଙ୍କ ଏହି ବୃତ୍ତି, ଆଗାମୀ ଦିନରେ ରାଜ୍ୟ, ଦେଶ ତଥା ବିଦେଶରେ ଓଡ଼ିଶୀ ନୃତ୍ୟ ପରିବେଷଣ ପାଇଁ ପ୍ରେରଣା ଯୋଗାଇବ ଏବଂ ଓଡ଼ିଶୀ ନୃତ୍ୟର ମୌଳିକତାକୁ ବଜାୟ ରଖି ଗୁରୁଙ୍କ ନାମକୁ ଗର୍ବିତ କରିବେ ବୋଲି ସ୍ୱସ୍ତିକା ପ୍ରକାଶ କରିଛନ୍ତି।

# ଚାଷଜମିର ସୁରକ୍ଷା ପାଇଁ ଏକାଠି ହେଲେ ଚାଷୀ

ପୁରୁଣା ଭୁବନେଶ୍ୱର,୨୪।୪
(ସୁବାସ ଚନ୍ଦ୍ର ପ୍ରଧାନ)

ପୁରୁଣା ଭୁବନେଶ୍ୱର ନିକଟସ୍ଥ ବିଲିପଡ଼ା ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀରେ ଗତ ସୋମବାର ଅକ୍ଷିମୁଠି ଅନୁକୂଳ ଅବସରରେ ଶତାଧିକ ଚାଷୀ ଏକାଠି ହେବା ସହିତ ଏକ ସଭା ହୋଇଥିଲା। ଏଥିରେ ଗିରିଧାରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ ଯେ, ବିଲିପଡ଼ା, ସଙ୍ଗଳାଇ ଶାସନ, ପୂବାଶାସନ, ଧଉଳି, ଗୁଡ଼ିଆ ପୋଖରୀ ଆଦି ଅଞ୍ଚଳରେ ଏକର ଏକର ଚାଷଜମି ବିଲ୍ଡରମାନେ ହାତଉଛନ୍ତି। ରିୟଲ ଇଷ୍ଟେଟ୍ ରେଗୁଲେଶନ ଆଣ୍ଡ ଡେଭଲପମେଣ୍ଟ ନିୟମକୁ ଅଧାର କରି ଏହି ଜମିରେ ନିର୍ମାଣ କାମ ଆଗେଇ ଚାଲିଛି। ଅନ୍ୟପଟେ ବିଲ୍ଡର ନୟନଜୋରି କାଡ଼ାନାଳୀ, ଚକନାଳୀ, ଚକରାସ୍ତା ନିଜେ କିଣିଥିବା ଚାଷଜମିରେ ମିଶାଇଦେବାରୁ ସାଧାରଣ ଚାଷୀ ନିରାଶ ହୋଇ ଚାଷ ହେଉଥିବା ଜମି ବାଧ୍ୟହୋଇ ବିକ୍ରି କରୁଛି। ଏବେ ଉକ୍ତ ଅଞ୍ଚଳରେ ଚାଷଜମି ଦେଖିବାକୁ ମିଳୁ ନ ଥିବା ବେଳେ ଘର ନିର୍ମାଣ ବଢ଼ିଚାଲିଛି। ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଚାଷୀମାନେ ଚିନ୍ତାପ୍ରକଟ କରିବା ସହ ଚାଷଜମିର ସୁରକ୍ଷା ପାଇଁ ପିପିଲି ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସଭାରେ ଯାଦବା ନନ୍ଦ ପ୍ରଧାନ, ଧୁଃଶାସନ ରାଉତ, ଶିବରାମ ପରିଡ଼ା, ବୃନ୍ଦାବନ ଦାସ, ବିଦ୍ୟାଧର ପ୍ରଧାନ, ଭାଗବତ ପରିଡ଼ା, ଧୋବେଇ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।


ଜୀବନ ରେଖା ଥିଏଟର ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ରଙ୍ଗ ଉତ୍ସବରେ ପରିବେଷିତ ନାଟକ 'କ୍ରାଇମ୍ ଆଣ୍ଡ୍ ପନିସମେଣ୍ଟ'ର ଏକ ଦୃଶ୍ୟ। (ଫଟୋ- ବିକାଶ ନାୟକ)

# ନାଟକର ଉତ୍‌ଥାନ ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର,୨୪।୪ (ସୌମ୍ୟରଞ୍ଜନ ରାଉତ)

କଳିଙ୍ଗ ନାଟ୍ୟସଂଘ ଏବଂ ଅସୀମ ବସୁ ଫାଉଣ୍ଡେଶନ୍ ପକ୍ଷରୁ ଶୁକ୍ରବାର ପିଏମ୍‌ଜିସ୍ଥିତ ଅସୀମ ଦା' ଖଟିରେ ନାଟ୍ୟ ଆଳାପ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ ଯୋଗଦେଇ ଭାରତୀୟ ନାଟକର ଉତ୍ପତ୍ତି, ଉତ୍ସ ଓ ଅଗ୍ରଗତି ତଥା ଓଡ଼ିଆ ନାଟକର ଉତ୍ଥାନ ସମ୍ପର୍କରେ ଆଲୋକପାତ କରିଥିଲେ। ନିଜ ନାଟକ ଜୀବନର ଚାରି ଦଶନ୍ଧିର ଯାତ୍ରା ସମ୍ପର୍କରେ ଅନୁଭୂତି ସେ ଉପସ୍ଥିତ ଦର୍ଶକଙ୍କୁ ବାଣ୍ଟିଥିଲେ। ସେହିପରି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ସୁକେଶ ପଣ୍ଡା ନିଜ ନାଟକ ଜୀବନର ଅନୁଭୂତି ବଖାଣିଥିଲେ। ସଭାରେ କପିଳାସ ଭୂୟାଁ, ପ୍ରଦୀପ ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, ରଞ୍ଜନ ନାୟକ, ଶତ୍ରୁଘ୍ନ ସାମଲ, ହୃଷୀ ମହାପାତ୍ର, ମୁକୁନ୍ଦ ଶତପଥୀ, ଡ. ଆଶିଷ ବିଶ୍ୱାଳ, ବ୍ରଜ ବଡ଼ଜେନାଙ୍କ ସମେତ ବହୁ ନାଟ୍ୟକର୍ମୀ ଯୋଗଦେଇଥିଲେ। ସଭାକୁ ଦେବଦତ୍ତ ପତି ପରିଚାଳନା କରିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସ

ବାଲିପାଟଣା,୨୪।୪(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ଜିଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ, ସାଂସଦଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ସହକାରୀ ଯନ୍ତ୍ରୀ ଅର୍ଚ୍ଚନା ଦାସ, ସରପଞ୍ଚ ବାହାନ ଭୋଇ, ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ଅଙ୍ଗନୱାଡି କର୍ମୀ, ମହିଳା ସଙ୍ଗଠନର କର୍ମକର୍ତ୍ତା ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ ସହିତ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ ଜେନା, ନେତ୍ରାନନ୍ଦ ବେହେରା, ଦିବ୍ୟରଞ୍ଜନ ମହାପାତ୍ର, ହରପ୍ରସାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

## ଗୁରୁ ପଣ୍ଡିତ ବିନୋଦ ବିହାରୀ ରାଉତ ସମ୍ମାନିତ




ଭୁବନେଶ୍ୱର,୨୪।୪ (ସୌମ୍ୟରଞ୍ଜନ ରାଉତ)

ରାଗମାଳାର ୧୪ତମ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଶୁକ୍ରବାର ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର, ପୂର୍ବତନ ଭାରତୀୟ ଦୂରସଂଚାର ବିଭାଗ ଉପମହାପ୍ରବନ୍ଧକ ଗୀତିକବି ରାଧାଶ୍ୟାମ ପାତ୍ର, ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ରଜନୀକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତବଲା ବାଦକ ଗୁରୁ ପଣ୍ଡିତ ବିନୋଦ ବିହାରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାୟନୀ ସୁହାନୀ ଶୁଭଦର୍ଶନୀଙ୍କ ଦ୍ୱାରା ଏକକ ଶାସ୍ତ୍ରୀୟ ଗାୟନ ରାଗ ବାଗେଶ୍ରୀ, ବଡା ଖେୟାଲ, ବନ୍ଦୀଶ ସହ ଅନେକ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଭିନନ୍ଦନ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନନ୍ତ ଗୋପାଳ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଚଇତି ଘୋଡ଼ାନାଚ ମହୋତ୍ସବ ଉଦ୍‌ଯାପିତ

ବାଲିଅନ୍ତା,୨୪।୪(ନୀଳମାଧବ ସାହୁ)


ମହୋତ୍ସବର ଉଦ୍‌ଯାପନ ଅବସରରେ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡର ଯୋହଳ ଗ୍ରାମ ଦୋଳମଣ୍ଡପ ପରିସରରେ ୨ ଦିନ ଧରି ଚାଲିଥିବା ପ୍ରଥମ ବାର୍ଷିକ ଚଇତି ଘୋଡ଼ା ନାଚ ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଯୋହଳ ଗ୍ରାମର ମା' ବାସେଳୀ କୈବର୍ତ୍ତ ସଂଘ ପକ୍ଷରୁ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ଲୋକେ ପାଶ୍ଚାତ୍ୟ ସଭ୍ୟତା ଆଡ଼କୁ ଗତି କରୁଥିବା ବେଳେ ପୁରୁଣା ସଂସ୍କୃତି ଓ ପରମ୍ପରା କଳାକୁ ବଞ୍ଚାଇ ରଖିବା ଦିଗରେ ଏହି କୈବର୍ତ୍ତ ସଂଘ ଆଗେଇ ଆସିଥିବାରୁ ସେ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ଅକ୍ଷୟ କୁମାର ଲେଙ୍କା, ଗ୍ରାମ୍ୟ କମିଟିର ସଭାପତି ବଂଶୀଧର ଭୋଳ, ସମ୍ପାଦକ ହରେକୃଷ୍ଣ ଦାସ, ସାହି ବେହେରା ପଠାଣି ବେହେରା, କୈବର୍ତ୍ତ ସଂଘର ସଭାପତି କେଦାର ନାଥ ବେହେରା, ସମ୍ପାଦକ ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ସ୍ୱନାମଧନ୍ୟ ଗାୟକ ଗୋପାଳ ବେହେରା ଓ ସାଥୀ କଳାକାରମାନେ ପାରମ୍ପରିକ ଚଇତାଳି ଘୋଡ଼ାନାଚ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ଭାଜପା ନେତା ମାନସ ମହାନ୍ତି ଯୋଗଦେଇଥିଲେ। ଏହି ପାରମ୍ପରିକ ଲୋକନୃତ୍ୟ ଓ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ କୈବର୍ତ୍ତ ସଂଘ ପକ୍ଷରୁ ପ୍ରଥମ ଥର ପାଇଁ ଯେଉଁ ପ୍ରୟାସ ଆରମ୍ଭ କରିଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ପୂର୍ବତନ ବିଧାୟକ ମିଶ୍ର କହିଛନ୍ତି। ସଭାକୁ ହାସ୍ୟ ଅଭିନେତା ପାଣ୍ଡୁ ବେହେରା ପରିଚାଳନା କରିଥିଲେ।

# ‘ବିକାଶର ସୋପାନରେ ମହିଳାଙ୍କ ଗୁରୁତ୍ୱ ବଢ଼ିଛି’

## ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ଜୟୀ ରାଜଗୁରୁ ଭବନ (ଟାଉନ ହଲ୍) ଠାରେ ଶୁକ୍ରବାର ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ବିକାଶରେ ମହିଳାଙ୍କ ସହଭାଗିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ମହିଳାମାନେ ସଚେତନ ହେଲେ ପଞ୍ଚାୟତିରାଜ ବ୍ୟବସ୍ଥା ଆହୁରି ସୁଦୃଢ଼ ହୋଇପାରିବ। ସମ୍ମାନିତ ଅତିଥି ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା କହିଥିଲେ, ଜନ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ। ସଭାପତି ଅଭିଭାଷଣରେ ଜିଲାପାଳ ଅମ୍ରିତ୍ ଋତୁରାଜ କହିଥିଲେ, ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରେ ମହିଳାମାନେ ନେତୃତ୍ୱ ନେଉଛନ୍ତି। ଅଙ୍ଗନୱାଡି କେନ୍ଦ୍ରଠାରୁ ଆରମ୍ଭ କରି, ଧାନ ସଂଗ୍ରହ କେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଆୟ ବର୍ଦ୍ଧିତ, ମୌଳିକ ସେବା ସୁନିଶ୍ଚିତ, କ୍ଷମତାର ବିକେନ୍ଦ୍ରୀକରଣ ଏବଂ ଉଭୟ ଜନପ୍ରତିନିଧି ଏବଂ ସରକାରୀ କର୍ମଚାରୀ କାନ୍ଧକୁ କାନ୍ଧ ମିଳାଇ ବିକାଶ ଦିଗରେ କାର୍ଯ୍ୟ କରି ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଥିଲେ, ପ୍ରତ୍ୟେକ ନାଗରିକ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱରେ ସଚେତନ ରହିଲେ ପଞ୍ଚାୟତିରାଜ ବ୍ୟବସ୍ଥା ସଫଳ ହେବ। ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ କହିଥିଲେ, ଭାରତର ଆତ୍ମା ଗ୍ରାମରେ ଅଛି। ତେଣୁ ଗ୍ରାମାଞ୍ଚଳର ବିକାଶରେ ସହଭାଗିତା ଜରୁରୀ। ଖୋର୍ଦ୍ଧା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଯୋଗଦେଇ କହିଥିଲେ, ପଞ୍ଚାୟତର ବିକାଶରେ ଦେଶର ବିକାଶ। ତେଣୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ ସଭ୍ୟ, ସରପଞ୍ଚମାନଙ୍କ ଯେଉଁ କର୍ତ୍ତବ୍ୟ, ଦାୟିତ୍ୱ ଅଛି ତାହାକୁ ଶୃଙ୍ଖଳାର ସହ ସୁଚାରୁଭାବେ ପରିଚାଳନା କଲେ ବିକାଶ ଅଧିକରୁ ଅଧିକ ତ୍ୱରାନ୍ୱିତ ହେବ। ଖୋର୍ଦ୍ଧା ବିଧାୟକଙ୍କ ପ୍ରତିନିଧି ନିକୁଞ୍ଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥିଙ୍କ ପରିଚୟ ଏବଂ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବଲାଙ୍ଗୀରରୁ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସର ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା। ଅନ୍ତ୍ୟୋଦୟ ଅନ୍ନ ଯୋଜନା ଶ୍ରେଷ୍ଠ କଂପୁର ପଞ୍ଚାୟତ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବାଜପୁର ପଞ୍ଚାୟତ, ରାଜ୍ୟ ଅଂଶଧନ ପ୍ରକଳ୍ପ କାର୍ଯ୍ୟକାରିତାରେ ନାଳିପଡା ଅର୍ଜୁନପୁର ପଞ୍ଚାୟତ, କେନ୍ଦ୍ର ଯୋଜନା ଅଂଶଧନ କାର୍ଯ୍ୟ କାରିତାରେ ଗୋଳାବାଇ ପଞ୍ଚାୟତକୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଅନ୍ତ୍ୟୋଦୟ ଗୃହ ଯୋଜନାରେ ଚୟନ ହିତାଧିକାରୀ ଲକ୍ଷ୍ମୀପ୍ରିୟା ଭୁଜବଳ, ମିନତି ସାହୁ, ପ୍ରଭାତୀ ଦାସ, ନିର୍ମଳା ସାହୁଙ୍କୁ ସହାୟତା ପ୍ରଥମ କିସ୍ତି ରାଶି ପ୍ରଦାନ କରାଯାଇଛି। ଏଥିସହ ବିଭିନ୍ନ ବ୍ଲକର ହିତାଧିକାରୀ, ସର୍ବାଧିକ ବ୍ୟାଙ୍କ ଲିଙ୍କେଜ ବ୍ଲକ, ବ୍ୟାଙ୍କ ଏବଂ ଶ୍ରମଭିତ୍ତିକ ଯୋଜନା ମହାତ୍ମା ଗାନ୍ଧୀ ଗ୍ରାମୀଣ ଯୋଜନା ଶ୍ରେଷ୍ଠତା ପ୍ରତିପାଦନ ପାଇଁ ଖୋର୍ଦ୍ଧା ବ୍ଲକ ପ୍ରଥମ ସ୍ଥାନ, ଜଟଣୀ ବ୍ଲକ ଦ୍ୱିତୀୟ ସ୍ଥାନ ଏବଂ ବାଣପୁର ବ୍ଲକ ତୃତୀୟ ସ୍ଥାନ ରହିଥିବାରୁ ପୁରସ୍କୃତ କରାଯାଇଥିଲା। ଶେଷରେ ଖୋର୍ଦ୍ଧା ବ୍ଲକ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ




## ବେଗୁନିଆ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

ବେଗୁନିଆ,୨୪।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ୍ ପରିସରରେ ଆୟୋଜିତ ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭିଡିଓ କନଫରେନ୍ସ ଜରିଆରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବେଗୁନିଆ ବ୍ଲକର ୧୫୭ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହା ସହିତ ବ୍ୟାଙ୍କ ଆକାଉଣ୍ଟରେ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ବିଭିନ୍ନ ଯୋଜନାର ସଫଳ ରୂପାୟନ କରିଥିବା ସାରୁଅ, ବୋତଲମା, କୁଞ୍ଜୁରି, ଶଗଡ଼ଭଙ୍ଗା ଏବଂ ଦେଉଳିକୁ ମିଶାଇ ମୋଟ୍ ୫ ପଞ୍ଚାୟତର ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଳ୍ପନା ସାସମଲ ଏବଂ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଦୀନବନ୍ଧୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବିଦ୍ୟାଳୟର ବାର୍ଷିକୋତ୍ସବ

ବେଗୁନିଆ,୨୪।୪
(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ପାଟଣାହାଟସ୍ଥିତ ଇଡେନ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଲଲାଟେନ୍ଦୁ ପାଟଶାଣୀଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳିଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ଣ୍ଣବ କୁମାର ବେଉରା, ବିଦ୍ୟାଳୟ ପ୍ରତିଷ୍ଠାତା ତନୁଜା ପାଟଶାଣୀ, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରଣତି ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଭାଇସ ପ୍ରିନ୍ସିପାଲ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଚିଲିକା ପୁସ୍ତକ ମେଳା ଉଦ୍‌ଘାଟିତ

ବାଲୁଗାଁ,୨୪।୪(ସଂଗ୍ରାମ ପାଇକରାୟ)



ଚିଲିକା ପୁସ୍ତକ ମେଳା ଉଦ୍‌ଘାଟନୀ ଦିବସରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରଥମ ଚିଲିକା ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଏହି ପୁସ୍ତକ ମେଳାକୁ ଉଦ୍‌ଘାଟନ କରିଥିଲେ। ଚିଲିକା ପୁସ୍ତକ ମେଳା କମିଟିର ସଭାପତି ଶରତ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ତଥା କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ବିଶ୍ୱମୁକ୍ତିର ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ବାଲୁଗାଁ କଲେଜ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ସାମାଜିକ କର୍ମୀ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ, ଚିଲିକା ବ୍ଲକ ଅଧ୍ୟକ୍ଷ ଜ୍ୟୋତ୍ସ୍ନା ବେହେରା ପ୍ରମୁଖ ଯୋଗଦେଇ ପୁସ୍ତକ ପଠନ ଓ କ୍ରୟ ଏକ ବିକଶିତ ଜାତିର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଧ୍ୟାପକ ଡ. ଅକ୍ଷୟ କୁମାର ମିଶ୍ରଙ୍କ ରଚିତ ଐତିହାସିକ ତତ୍ତ୍ୱ ଏବଂ ପଦ୍ଧତି ପୁସ୍ତକ ଏବଂ ଗବେଷକ ମଦନ ମୋହନ ମହାପାତ୍ରଙ୍କ ସମ୍ପାଦିତ ବାଇକଣ୍ଟିଆର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁସ୍ତକ ମେଳା କମିଟି ସମ୍ପାଦକ ଡ. କୈଳାସ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପୁସ୍ତକ ମେଳାରେ ରାଜ୍ୟର ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥାର ୮୦ଟି ଷ୍ଟଲ୍ ଖୋଲାଯାଇଛି। କାର୍ଯ୍ୟକ୍ରମକୁ ପୁସ୍ତକ ମେଳା କମିଟି ଉପସଭାପତି ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ବାଳମୁକୁନ୍ଦ ଦାସ, ସନ୍ତୋଷ ବଳିୟାରସିଂହ, ସନ୍ତୋଷ ପାଇକରାୟ, ଅମ୍ବିକା ବଳିୟାରସିଂହ ପ୍ରମୁଖ ପରିଚାଳନା କରିଥିଲେ।

# କୃଷ୍ଣପ୍ରସାଦରେ ଜାତୀୟ ପଞ୍ଚାୟତିରାଜ ଦିବସ

କୃଷ୍ଣପ୍ରସାଦ,୨୪।୪
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ଅମୀୟ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଉତ୍ତମ କୁମାର ତରେଇ, ହରିହର ଦାଶ, ବିଜୟାନନ୍ଦ ଗୋଛାୟତ, ପ୍ରଭାତ କୁମାର ଜେନା, ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ମହେନ୍ଦ୍ର ରଞ୍ଜନ ସାହୁ, ଜିତେନ୍ଦ୍ର ଦାସ, ବିପିନ ବିହାରୀ ମଙ୍ଗରାଜ, ବେଗା ହାଁସଦା, ଅମୀୟ କୁମାର ପଣ୍ଡା, ବିପ୍ଳବ କେଶରୀ ପ୍ରଧାନ, ଉମାକାନ୍ତ ମିଶ୍ର, ଶିବ ନାରାୟଣ ଭୋଇ, ବିଜୟ କୁମାର ତରେଇ, ପିରିଜିପୁର ସରପଞ୍ଚ ଇଂ. ମଳୟ କୁମାର ଜେନା, ଗୋପୀନାଥପୁର ସରପଞ୍ଚ ସରୋଜ କୁମାର ଲେଙ୍କା, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ନୂଆପଡ଼ା ସରପଞ୍ଚ କବିତା ଜେନା, ବଡ଼ଖାଡ଼ ସରପଞ୍ଚ ସୁମିତ୍ରା ପାହାଣ, ଅଲଣ୍ଡା ସରପଞ୍ଚ ବିଷ୍ଣୁପ୍ରିୟା ବିଶ୍ୱାଳ, ନବ କିଶୋର ଜେନା ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଗ୍ୟ ବିବେଚିତ ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ଓ ଅନ୍ତୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶପତ୍ର ବଣ୍ଟନ କରାଯାଇଥିଲା। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

# ଅର୍ଜୁନପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଟାଙ୍ଗୀ,୨୪।୪(ରଘୁନାଥ ସାହୁ)

ଅର୍ଜୁନପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଭାକର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ବକ୍ତା ପୁରୀ ଉତ୍କଳ ସ୍ୱାଭିମାନ ମଞ୍ଚର ରାଧାକାନ୍ତ ଦାଶ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ସରପଞ୍ଚ ବାସନ୍ତୀ ଦେଈ, ଜିଲାପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ତରାଇ, ମୋ ସ୍କୁଲ ସଭାପତି ଭିକାରି ବାରିକ, ପରିଚାଳନା କମିଟି ସଭାପତି ସତ୍ୟବାନ ପରିଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ସ୍ଥାପିତ ମହାପୁରୁଷ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧୀ, ଉତ୍କଳ ଗୌରବ ମଧୁସୂଦନ ଦାସ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ସୁନୀତା ବେହେରା, ରୋଜାଲିନ ବେହେରା, ଅଭିଲିପ୍ସା ସିଂ, ଆଲିଶା ପ୍ରିୟଦର୍ଶନୀ, ସିପୁନ ମାଝୀ, ଆଦିତ୍ୟ ପ୍ରଧାନ, ଚିତ୍ତରଞ୍ଜନ ବେହେରା ଏବଂ ଶ୍ରେଷ୍ଠ ବିଦ୍ୟାର୍ଥୀଭାବେ ଅଙ୍କିତା ଜେନା, କାଜଲ ଦାସ, ଆଶୀର୍ବାଦ ମାଝୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶିକ୍ଷକ ମୁରଲୀଧର ନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନାଟକ ‘ଜନମ ନେଇଛି କାନ୍ଦିବା ପାଇଁ’ ମଞ୍ଚସ୍ଥ


ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ବୋଲଗଡ଼,୨୪।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମରେ ପଣାଯାତ୍ରା ଉପଲକ୍ଷେ ଗୁରୁବାର ରାତିରେ ସାମାଜିକ ନାଟକ ‘ଜନମ ନେଇଛି କାନ୍ଦିବା ପାଇଁ’ ମଞ୍ଚସ୍ଥ ହୋଇଯାଇଛି। ଗ୍ରାମର ମା’ରାମଚଣ୍ଡୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ପ୍ରସ୍ତୁତ ଏହି ନାଟକରେ ସଂସଦର କଳାକାରମାନେ ଅଭିନୟ କରିଥିଲେ। ବାପୁ ମଙ୍ଗରାଜ, କବି ସ୍ୱାଇଁ ଏବଂ ଶ୍ରୀଧର ସାହୁଙ୍କ ମିଳିତ ନିର୍ଦ୍ଦେଶନାରେ ବିଗତ ୨୦ଦିନ ଧରି କଳାକାରମାନେ ପ୍ରତ୍ୟହ ଏହି ନାଟକର ଅଭ୍ୟାସ ଜାରି ରଖିଥିଲେ। ନାଟକ ମଞ୍ଚସ୍ଥ ହେବା ପୂର୍ବରୁ ସାମାଜିକ କର୍ମୀ ପ୍ରଦୀପ ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ପୂର୍ବତନ ସରପଞ୍ଚ ଅମୂଲ୍ୟ ତ୍ରିପାଠୀ, ଖବରଦାତା ନିରଞ୍ଜନ ନାୟକ, ହେମନ୍ତ କୁମାର ଦେଓ, ମାନଗୋବିନ୍ଦ ସାହୁ, କବି ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ।

# ୮୦କେଜି ଗଞ୍ଜେଇ ସହ ୨ କାର୍ ଜବତ, ୪ ଗିରଫ

ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)

କନ୍ଧମାଳରୁ ଖୋର୍ଦ୍ଧା ଦେଇ ଭୁବନେଶ୍ୱରକୁ ଗଞ୍ଜେଇ ଚାଲାଣ କରାଯାଉଛି। ମାଫିଆମାନେ ପ୍ରତିଥର ଅଭିନବ ଉପାୟରେ ଚାଲାଣ କରୁଥିବା ଜଣାପଡ଼ିଛି। ଖୋର୍ଦ୍ଧା ଅବକାରୀ ଏବଂ ମୋବାଇଲ ସ୍କ୍ୱାଡ୍ ପୃଥକ ସ୍ଥାନରେ ଚଢ଼ାଉ କରି ଦୁଇଟି କାର୍‌ରୁ ମୋଟ୍ ୮୦କେଜି ଗଞ୍ଜେଇ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ନେଇ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଗିରଫ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୮ଲକ୍ଷ ଟଙ୍କା ହେବ। କନ୍ଧମାଳରୁ ଭୁବନେଶ୍ୱରକୁ ଚାଲାଣ ହେଉଥିବା ବେଳେ ଭୁବନେଶ୍ୱରରୁ ବାହାର ରାଜ୍ୟକୁ ଚାଲାଣ ହୋଇଥାନ୍ତା ବୋଲି ଶୁକ୍ରବାର ଜିଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଶୁକ୍ରବାର ସକାଳେ ଦୁଇଟି ଟିମ୍ ଜଟଣୀ ବାଇପାସ୍ ବେଲପଡ଼ା ଏବଂ ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗାପଡ଼ା ସର୍ଭିସ ରୋଡଠାରେ କାର୍‌କୁ ଅଟକାଇଥିଲେ। ଗଙ୍ଗାପଡ଼ାଠାରେ କାର୍(ଓଡ଼ି୦୨ଡିଇ ୯୭୧୫) ଭିତରୁ ୩୬ କେଜି ଗଞ୍ଜେଇ ଜବତ କରିଥିଲେ। ଏନେଇ କନ୍ଧମାଳ ଜିଲା ଖଜୁରିପଡା ଥାନା ପ୍ରତୀକ କୁମାର ଜାନୀ(୨୦) ଓ ବରୁଣ ବଗତୀ(୨୮)ଙ୍କୁ ଗିରଫ କରାଯିବା ସହ କାର୍ ଜବତ କରିଥିଲେ। ସେହିପରି ବେଲପଡ଼ା ହାଇସ୍କୁଲ ନିକଟରେ କାର(ଓଡ଼ି୩୩ଏପି ୨୦୮୧) ଭିତରୁ ୪୪ କେଜିଗଞ୍ଜେଇ ଜବତ ହୋଇଥିଲା। ଏନେଇ କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅଞ୍ଚଳର ବାବୁନ କୁମାର ବଗତୀ(୨୩) ଓ ଟିକରପଡା ଥାନା ଅନ୍ତର୍ଗତ ଟିକରପଡ଼ାର ଅଶୋକ କୁମାର ବଗତୀ(୨୪)ଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ଉଭୟ ସ୍ଥାନରେ ହୋଇଥିବା ଚଢ଼ାଉରେ ଜଟଣୀ ଅବକାରୀ ଓଆଇସି ସୁଜିତ କୁମାର, ଜିଲା ମୋବାଇଲ ୟୁନିଟ୍‌ର ଏମ୍. ପରିଡା, ଖୋର୍ଦ୍ଧାରୁ ଏଏସ୍‌ଆଇ ସମରେନ୍ଦ୍ର ସାମନ୍ତସିଂହାର, ଜିତେନ୍ଦ୍ର ହେମ୍ବ୍ରମ, ଜିତେନ୍ଦ୍ର ବେହେରା, ସତ୍ୟବ୍ରତ ମାଝୀ, ପ୍ରଣବ ବେହେରା, ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଆନ୍ତଃ ଜିଲା ସିନିୟର ମହିଳା ଟି୨୦ କ୍ରିକେଟ: ବରଗଡ଼ ବିଜୟୀ



ଖୋର୍ଦ୍ଧା,୨୪।୪(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ଟି୨୦ କ୍ରିକେଟ ପ୍ରତିଯୋଗିତା ଖୋର୍ଦ୍ଧା ଜୋନ ମ୍ୟାଚ୍ ଶୁକ୍ରବାର ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ବରଗଡ଼ ଏବଂ କୋରାପୁଟ ଟିମ୍ ମଧ୍ୟରେ ହୋଇଥିଲା। ବରଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୧୪୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏଞ୍ଜେଲ ରାଜ ୫୭ ଏବଂ ଲିପ୍‌ସା ରଥ ୨୯ରନ କରିଥିଲେ। ଜବାବରେ କୋରାପୁଟ ଟିମ୍ ୧୮.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୧ ରନ ସଂଗ୍ରହ କରିଥିଲା। ଫଳରେ ବରଗଡ଼ ଟିମ୍ ବିଜୟୀ ହୋଇଥିଲା। ବିଜୟୀ ଟିମ୍‌ର ଦେବାଂଶୀ, ଲୁଇସା ଦାଶ ଓ ଶ୍ରେୟା ପରମାଣିକ ୩ଟି ଲେଖାଏ ଉଇକେଟ ନେଇଥିଲେ। ସତ୍ୟ ତ୍ରିପାଠୀ ଏବଂ ରାଜେଶ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ବିଶାଳ ପରିଡ଼ା ଦାୟିତ୍ୱ ତୁଲାଇଥିଲେ। ପ୍ରାରମ୍ଭରେ ଏହି ଜୋନାଲ ମ୍ୟାଚକୁ ଖୋର୍ଦ୍ଧା ପୌରପରିଷଦର ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ ଏବଂ ଖୋର୍ଦ୍ଧା କ୍ରିକେଟ କ୍ଲବର ପୂର୍ବତନ ଅଧିନାୟକ ଦେବୀ ଶଙ୍କର ପଣ୍ଡା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର ସଭ୍ୟ ବିବେକାନନ୍ଦ ବୋଷ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, କାଜଲ ବଳିୟାରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ମହିଳା ଦଳର ଦିବ୍ୟାଂଶୀ ପଣ୍ଡା ଓ ସୌମ୍ୟା ପାଟଶାଣୀଙ୍କୁ ଜିଲା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କାର୍ଯ୍ୟକ୍ଷମ ହୋଇନି ଅଂଶୁଘାତ କକ୍ଷ, ମିଳୁନି ଓଆର୍‌ଏସ୍

## ବେଗୁନିଆ ବ୍ଲକ୍

ବେଗୁନିଆ,୨୪।୪(ହର ପ୍ରସନ୍ନ ପଣ୍ଡା)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନକୁ ଦିନ ତାପମାତ୍ରା ଉପରମୁହାଁ ହେବାରେ ଲାଗିଛି। ପରିସ୍ଥିତି ଏପରି ହେଲାଣି ଯେ, ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ପୂର୍ବାହ୍ନରେ ଲୋକେ ଘରୁ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବଜାର ରାସ୍ତା ଶୁନଶାନ ହୋଇପଡୁଛି। ତେବେ ଅଂଶୁଘାତ ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଆଗୁଆ କୌଣସି ସତର୍କତା ନ ଥିବା ଭଳି ମନେହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ମୁକାବିଲା ପାଇଁ ସ୍ୱତନ୍ତ୍ର କକ୍ଷ ରହିଥିବା ବେଳେ ଏଯାବତ୍ କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଥେଷ୍ଟ ପରିମାଣର ଔଷଧୀୟ ସାମଗ୍ରୀ ଗଚ୍ଛିତ ନ ଥିବା ଜଣାପଡ଼ିଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଯାଏ ସବୁଠି ଜଳଛତ୍ର ବ୍ୟବସ୍ଥା କରାଯାଇନାହିଁ। ଏନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନାଥାଉ କି, ପ୍ରତିବର୍ଷ ଗ୍ରୀଷ୍ମଋତୁରେ ଜୁନ୍ ୧୫ ପର୍ଯ୍ୟନ୍ତ ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥାଏ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଗାଁ କଲ୍ୟାଣ ସମିତି(ଜିକେଏସ) ଏବଂ ବ୍ଲକ ପକ୍ଷରୁ ୱାର୍ଡସଭ୍ୟଙ୍କ ମିଳିତ ଉଦ୍ୟମରେ ପ୍ରତ୍ୟେକ ଗ୍ରାମରେ ନିଯୁକ୍ତି ପାଇଥିବା ଆଶା କର୍ମୀମାନେ ଜଳଛତ୍ର ଖୋଲିବା ପାଇଁ ଦାୟିତ୍ୱରେ ରହିଛନ୍ତି। ଏନେଇ ଗାଁ କଲ୍ୟାଣ ପାଣ୍ଠି ଓ ଅର୍ଥ କମିଶନ ପକ୍ଷରୁ ବ୍ୟୟ କରାଯିବାକୁ ନିୟମ ରହିଛି। ଏବେ ଏପ୍ରିଲ ମାସ ଶେଷ ହେବାକୁ ବସିଥିବା ବେଳେ କାଁ ଭାଁ କେଉଁଠି ଜଳଛତ୍ର ଖୋଲାଯାଇଛି। ବ୍ଲକର ସମସ୍ତ ୧୬୦ଟି ରାଜସ୍ୱ ଗ୍ରାମରେ ଜଳଛତ୍ର ଖୋଲିବାକୁ ଅନୁମତି ଦିଆଯାଇଛି। ହେଲେ ୫୫ଟି ଗ୍ରାମରେ ଜଳଛତ୍ର ଖୋଲାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଅର୍ଥ କମିଶନ ଯୋଜନା ପକ୍ଷରୁ ଗ୍ରାମ ପଞ୍ଚାୟତ ଜରିଆରେ ଜନଗହଳି ସ୍ଥାନ, ବଜାର ଅଞ୍ଚଳ ଏବଂ ଜଳ ସଙ୍କଟ ଦେଖାଦେଇଥିବା ସ୍ଥାନରେ ଜଳଛତ୍ର ଖୋଲିବା କଥା। ତେବେ କେତେକ ପଞ୍ଚାୟତର ସରପଞ୍ଚମାନେ ତତ୍ପରତା ଦେଖାଉ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ଲୋକଙ୍କ ଶରୀରରେ ବିଭିନ୍ନ ରୋଗ ଦେଖାଦେବାର ଆଶଙ୍କା ରହିଛି। ଅଂଶୁଘାତଠାରୁ ଆରମ୍ଭ କରି ସାଧାରଣତଃ ଡାଇରିଆ ଓ ଗ୍ୟାସ୍‌ଜନିତ ରୋଗ ଦେଖାଦେଇଥାଏ। ଏହାର ମୁକାବିଲା ପାଇଁ ବ୍ଲକର ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅଂଶୁଘାତ ମୁକାବିଲା ୱାର୍ଡ ରହିଛି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଏବେ ଯାଏ ଲିଙ୍କ, ହାଲୋଜିନ, ଓଆରଏସ୍ ପାଉଚ, ପାରାସିଟାମଲ ଓ ମେଟ୍ରନ ବଟିକା ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ନ ଥିବା ଜଣାପଡ଼ିଛି। ଫଳରେ ବ୍ଲକ ଅଞ୍ଚଳରେ ଜରୁରିକାଳୀନ ରୋଗୀ ସେବା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏନେଇ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ କହିଛନ୍ତି, ଏବେ ଯାଏ ଅଂଶୁଘାତ ଜନିତ ସେଭଳି କୌଣସି ଅଘଟଣ ଦେଖାଯାଇନାହିଁ। ତଥାପି ମୁକାବିଲା ପାଇଁ ବିଭାଗ ସଜାଗ ରହିଛି। ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଔଷଧ ଗଚ୍ଛିତ ଅଛି। କୌଣସି ରୋଗୀଙ୍କ ଆବଶ୍ୟକ ପଡିଲେ ଯୋଗାଇ ଦିଆଯିବ। ସମସ୍ତ ୧୬୦ଟି ଗାଁରେ ଜଳଛତ୍ର ଖୋଲିବାକୁ ଜିକେଏସ୍ ସଭ୍ୟଙ୍କୁ ଚିଠି କରାଯାଇଛି।

# ଜିଲ୍ଲାର ୧୮୫୨ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ଅପରାହ୍ନରେ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ଏହି ଦିବସରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ସାଧାରଣ ଲୋକଙ୍କ ଆଶା ଓ ଭରସାର ପ୍ରତୀକ। ରାସ୍ତା ଘାଟ ନିର୍ମାଣ, ଗମନାଗମନ, ସ୍ୱାସ୍ଥ୍ୟସେବା, ଶିକ୍ଷା, ପାନୀୟ ଜଳ ଯୋଗାଣ ଇତ୍ୟାଦି ମୌଳିକ ଆବଶ୍ୟକତାକୁ ପୂରଣ ଦିଗରେ ପଞ୍ଚାୟତିରାଜ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳିତ। ପ୍ରତ୍ୟେକଙ୍କ ବିକାଶ ଓ ଉନ୍ନତି ପାଇଁ ଏହା କାର୍ଯ୍ୟ କରୁଛି ବୋଲି ମହାନ୍ତି କହିବା ସହ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରି ପ୍ରୋତ୍ସାହନ ରାଶି ହାତେଇବାକୁ ଅନୁରୋଧ କରିଥିଲେ।



ପୁରୀ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର ଯୋଗଦେଇ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହା ଅରୁଗୁଲା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ପୁରୀ ଜିଲାର ୧୮୫୨ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଶୁକ୍ରବାର କାର୍ଯ୍ୟାଦେଶ ବଣ୍ଟନର ବ୍ୟବସ୍ଥା ରହିଥିବା ବେଳେ ପୁରୀ ସଦର ବ୍ଲକର ୨୦୬ ଜଣଙ୍କୁ କାର୍ଯ୍ୟାଦେଶ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କରିଥିବାରୁ ୫ ଜଣଙ୍କୁ ପ୍ରୋତ୍ସାହନ ଅର୍ଥ ପ୍ରଦାନ କରାଯାଇଥିଲା। ବଲାଙ୍ଗୀରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସର ସିଧା ପ୍ରସାରଣ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୁରୀ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସସ୍ମିତ ଶତପଥୀ ଧନ୍ୟବାଦ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୪।୨୦୨୬

| | |
|---|---|
| ୫,୭୩,୦୮୪ ଟଙ୍କା | |
| ସୁନା | ୨.୭୦୦ ଗ୍ରାମ୍ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ବାଲ୍ୟବିବାହମୁକ୍ତ ଓଡ଼ିଶା ସଚେତନତା ଶିବିର

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ ପାଇଁ ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଆଇନ ପରିବୀକ୍ଷ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ତଥା ଜିଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଅକ୍ଷୟତୃତୀୟା ଅବସରରେ ଯେପରି ବାଲ୍ୟ ବିବାହ ନ ହୁଏ, ସେଥିପାଇଁ ସପ୍ତାହ ବ୍ୟାପୀ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଓ ଅଙ୍ଗନୱାଡି କେନ୍ଦ୍ରସ୍ତରରେ କରିବାକୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକସ୍ତରୀୟ ବାଲ୍ୟ ବିବାହ ନିଷେଧ ଅଧିକାରୀ, ଗ୍ରାମର ମୁଖ୍ୟ, ୱାର୍ଡ ମେମ୍ବର, ଧର୍ମଯାଜକ, ମନ୍ଦିର ପୂଜକମାନଙ୍କୁ ସାମିଲ କରିବା ପାଇଁ ଆଲୋଚନା କରାଯାଇଛି।

### ଶ୍ରୀମନ୍ଦିରରେ ନୀଳାଦ୍ରି ମହୋଦୟାଷ୍ଟମୀ

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶୁକ୍ରବାର ନୀଳାଦ୍ରି ମହୋଦୟାଷ୍ଟମୀ ଉପଲକ୍ଷେ ସ୍ୱତନ୍ତ୍ର ନୀତି ଶ୍ରୀମନ୍ଦିରରେ ସମ୍ପନ୍ନ ହୋଇଛି। ଭୋରୁ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ହେବା ପରେ ଭିତର ଶୋଧ, ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ହୋଇଥିଲା। ପରେ ପୂର୍ବ ରାତ୍ରରୁ ଭୋଗ ମଣ୍ଡପ ଘରେ ଅଧିବାସ ହୋଇ ରଖାଯାଇଥିବା ୧୦୮ଗରାଜଳକୁ ପାଳିଆ ପ୍ରତିହାରୀ ଡାକି ଯାଇଥିଲେ। ଏହାପରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ଗରାବଡୁ ସେବକମାନେ ମୁହଁରେ ବାଘମୁହଁ ବାନ୍ଧି ୪ବାଡ଼ କରି ଜଳକୁ ମହାପ୍ରଭୁଙ୍କ ନିକଟକୁ ବିଜେ କରିଥିଲେ। ପରେ ପାଳିଆ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ସୁବର୍ଣ୍ଣ ଦର୍ପଣରେ ଶ୍ରୀବିଗ୍ରହଙ୍କୁ ଜଳଲାଗି ପୂଜା ସମ୍ପନ୍ନ କରିଥିଲେ। ମହାପ୍ରଭୁଙ୍କ ମଇଲମ କରି ନୂଆ ଲୁଗା ଲାଗି ହୋଇ ପାଣି ପଡ଼ିଥିଲା। ରୁପା ପିଙ୍ଗଣ ୩ଟିରେ ପଣ୍ଡା, ପତି ଓ ମୁଦିରସ୍ତ ଚନ୍ଦନ ବିଜେ, ସିଂହାସନ ଉପରେ ସଂସ୍କାର କରାଇ ପୁଷ୍ପାଳକଙ୍କ ସହ ଚନ୍ଦନ ସର୍ବାଙ୍ଗ କରାଇଥିଲେ। ଯାତ୍ରାଙ୍ଗୀ ଭୋଗ ଓ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇଥିଲା। ଏହି ଧୂପ ଉଠିଲେ ଦକ୍ଷିଣ ଭୋଗ ସରି ରାମକୃଷ୍ଣ ଓ ମଦନମୋହନ ସିଂହାସନକୁ ବିଜେ କରନ୍ତି। ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଧୂପ ମଣୋହି କଲା ପରେ ପାଣି ପଡ଼ିଥିଲା। ତିନିବାଡ଼ରେ ବନ୍ଦାପନା ହେଲା ପରେ ପୂଜାପଣ୍ଡା ଆଜ୍ଞାମାଳ ଠାକୁର ଠାକୁରାଣୀଙ୍କୁ ପ୍ରଦାନ କରିବା ପରେ ଚନ୍ଦନ ଯାତ୍ରାକୁ ବିଜେ କରିଥିଲେ।

### ସର୍ବସାଧାରଣ ରାସ୍ତା ପାଲଟିଛି ଖଳାବାଡ଼ି

କଣାସ,୨୪।୪(ବିଭୂତି ଭୂଷଣ ତ୍ରିପାଠୀ)

ସରକାର ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଭଳି ସ୍ଥିତିରେ କଣାସ ବ୍ଲକର ଅନେକ ମୁଖ୍ୟ ରାସ୍ତା ଓ ଗ୍ରାମ୍ୟ ରାସ୍ତାକୁ ଲୋକେ ଖଳାବାଡ଼ି ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଚାଷୀମାନେ ରାସ୍ତାରେ ଧାନ, ବିରି, କୋଳଥ ଆଦିକଳେଇ ପକାଇ ଅମଳ କରୁଛନ୍ତି। ଅନେକ ଚାଷୀ ଧାନ ଅମଳ କରି ରାସ୍ତାରେ ଶୁଖାଉଛନ୍ତି। କୌଣସି ଯାନବାହନ ସେହି ପାଖଦେଇ ଚାଲିଯିବ ବୋଲି ପଥର ଓ କାଠଗଣ୍ଡି ପକାଉଥିବାରୁ ଦୁର୍ଘଟଣା ଘଟୁଛି। ବାଟୋଇ ଯଦି ପ୍ରତିବାଦ କରୁଛି, ତାହାହେଲେ ଫସଲ ଅମଳ କରୁଥିବା ଲୋକେ ଗାଳିଗୁଲଜ କରୁଛନ୍ତି। ପୋଲିସ ଓ ରାଜସ୍ୱ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ରଥଖଳାରୁ...

### ୨୬ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରଥ ନିର୍ମାଣର ୪ର୍ଥ ଦିବସରେ ରଥ ନିର୍ମାଣକାରୀ ସେବକମାନେ କାର୍ଯ୍ୟ ଜାରି ରଖିଛନ୍ତି। ଶୁକ୍ରବାର ଶେଷ ସୁଦ୍ଧା ୩ ରଥର ୪୨ଟି ତୁମ୍ବ ମଧ୍ୟରୁ ମୋଟ ୨୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଆଜିର ନିର୍ମାଣ କାର୍ଯ୍ୟ ଶେଷ ସୁଦ୍ଧା ଦେବଦଳନ ରଥ ଏବଂ ନନ୍ଦିଘୋଷ ରଥର ୮ଟି ଲେଖାଏ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଥିବାବେଳେ ତାଳଧ୍ୱଜ ରଥର ୧୦ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ୩ ରଥର ମୋଟ ୪୨ଟି ଚକ ପାଇଁ ଅର କଣ୍ଟା ପ୍ରସ୍ତୁତ ଜାରି ରହିଛି। କାର୍ଯ୍ୟ ଶେଷ ବେଳକୁ ଗୋଟିଏ ଗୋଟିଏ ଚକ ପାଇଁ ଆବଶ୍ୟକ ୬/୭ ଇଞ୍ଚିଆ ଅରକଣ୍ଟା ପ୍ରସ୍ତୁତ ସହ ବାକି ଚକଗୁଡ଼ିକର ଅରକଣ୍ଟା ନିର୍ମାଣ ପାଇଁ ଜିଆଇ ଲୁହା ରଡ୍ ମାପ ପ୍ରକାରେ କଟିଂ କରାଯାଇଛି।



# ଏସ୍‌ପିଙ୍କ ରଥଖଳା ପରିଦର୍ଶନ

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଜାରି ରହିଛି। ରଥ ନିର୍ମାଣକାରୀ ସେବକ ଓ କାରିଗରମାନେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଏସ୍‌ପି ପ୍ରତୀକ ସିଂ ରଥଖଳାକୁ ଯାଇ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଏସ୍‌ପି ସିଂ ରଥ ନିର୍ମାଣ କାର୍ଯ୍ୟର ସେବକମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ରଥଖଳା ପରିସରରେ ଏକ ବିଶେଷ କଣ୍ଟ୍ରୋଲ୍ ରୁମ ସ୍ଥାପନ କରାଯାଇଛି, ଯାହା ୨୪ଘଣ୍ଟା କାର୍ଯ୍ୟରତ ରହି ରଥ ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା ସହ ସମୟୋପଯୋଗୀ ପଦକ୍ଷେପ ନିର୍ବାହ କରିବ। ପୁରୀ ପୋଲିସ ରଥଯାତ୍ରା ସମୟରେ ସୁରକ୍ଷା, ଶୃଙ୍ଖଳା ଓ ସୁଚାରୁ ବ୍ୟବସ୍ଥା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ ରହିଛି ବୋଲି କହିଥିଲେ। ଏହି ଅବସରରେ ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।


ନୀଳାଦ୍ରି ମହୋଦୟାଷ୍ଟମୀ ଉତ୍ସବ ଅବସରରେ ଶୁକ୍ରବାର ଶ୍ରୀମନ୍ଦିର ସମ୍ମୁଖରେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଉଛି।

# ପୁରୀରେ ନକଲି ୫୦୦ ଟଙ୍କିଆ ନୋଟ୍ ନେଇ ଚର୍ଚ୍ଚା

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ପୁରୀରେ ମାଳ ମାଳ ନକଲି ୫ଶହ ଟଙ୍କିଆ ନୋଟ୍ ବୁଲୁଥିବା ନେଇ ଅଭିଯୋଗ ହୋଇଛି। ଜଣେ ବ୍ୟବସାୟୀଙ୍କୁ ନକଲି ୫ଶହ ଟଙ୍କିଆ ନୋଟ୍ ଧରାଇ ଠକିଛନ୍ତି ଗ୍ରାହକ। ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ନିକଟ ଗଡ଼ନ୍ତି ଛକରେ ଓମଫେଡ୍ କ୍ଷୀର ବିକ୍ରି କରୁଥିବା ମହେଶ୍ୱର ବେହେରା ନାମକ ଜଣେ କ୍ଷୀର ବ୍ୟବସାୟୀ ଏହି ଠକାମୀର ଶିକାର ହୋଇଛନ୍ତି। ଜଣେ ଗ୍ରାହକ ତାଙ୍କୁ ନକଲି ୫ଶହ ଟଙ୍କା ଦେଇ ଚୁନ ଲଗାଇଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଏହି ନକଲି ନୋଟର ପ୍ରଚ୍ଛଦ ପଟରେ କିଏ ରହିଛି, ସେନେଇ ପ୍ରଶାସନ ଏ ଦିଗରେ ତଦନ୍ତ କରିବା ଆବଶ୍ୟକତା ରହିଛି। ନଚେତ କେବଳ ପୁରୀବାସୀ ନୁହେଁ ପୁରୀ ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏଭଳି ଠକେଇର ଶିକାର ହେବାର ସମ୍ଭାବନା ରହିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# କଳମପାଟ ଜଙ୍ଗଲରୁ ଗଛକଟା ଘଟଣା: ୧୩ କୁଇଣ୍ଟାଲ କାଠ ଜବତ

କୋଣାର୍କ,୨୪।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ଅବଦାନ ପଞ୍ଚାୟତର କଳମପାଟ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ ଗଛକଟା ଘଟଣାରେ ରାଜସ୍ୱ ବିଭାଗ ସହଯୋଗରେ କୋଣାର୍କ ବନବିଭାଗ ପକ୍ଷରୁ ୧୩ କୁଇଣ୍ଟାଲ କାଠ ଜବତ କରାଯାଇଛି।

ସୂଚନା ଅନୁଯାୟୀ, କଳମପାଟ ଗ୍ରାମର ରାଜସ୍ୱ ଜମିରେ ଥିବା ଜଙ୍ଗଲରୁ ବେଆଇନ ଗଛକଟା ନେଇ କୌଣସି ସୂତ୍ରରୁ ଖବର ପାଇ ଚିତ୍ରେଶ୍ୱରୀ ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି କଟାଯାଇଥିବା କାଠକୁ ଜବତ କରିଥିଲେ। ପରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ଓ ବାଲିଦୋକାନ ଫରେଷ୍ଟର ସବୀର ସାହୁ ପହଞ୍ଚି କଟାଯାଇଥିବା ୧୩ କୁଇଣ୍ଟାଲ କାଠ ଜବତ କରି ଏକ ଗାଡ଼ିରେ ସ୍ଥାନୀୟ ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏ ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି, କଳମପାଟ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ କଟାଯାଇଥିବା କାଠକୁ ବିଭାଗ ପକ୍ଷରୁ ଜବତ କରାଯାଇଛି। ବନ ବିଭାଗ ବିଜ୍ଞାପନ ଜାରି କରି ତାହାକୁ ନିଲାମ କରିବ ବୋଲି ସେ ସୂଚନା ଦେଇଛନ୍ତି।

# ଗ୍ରୀଷ୍ମ ପ୍ରବାହଜନିତ ସଚେତନତା ଶିବିର

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ଜିଲାସ୍ତରୀୟ ଗ୍ରୀଷ୍ମ ପ୍ରବାହଜନିତ ସଚେତନତା ଶିବିର ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷ ଠାରେ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ସଦର ତହସିଲଦାର ଅଭିଷେକ ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆଇନ ପରିବୀକ୍ଷ ଅଧିକାରୀ, ସମସ୍ତ ଶିଶୁ ବିକାଶ ଅଧିକାରୀ ଓ ପରିଦର୍ଶିକା ତଥା ଜିଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ନିହାତି ଆବଶ୍ୟକ ନ ହେଲେ ବାହାରକୁ ନ ବାହାରିବା, ତରଳ ଜାତୀୟ ଖାଦ୍ୟ ଖାଇବା, ଛତା, ପାଣି ବୋତଲ ଓ ଗାମୁଛା ସାଙ୍ଗରେ ନେବା, ମାଦକ ଦ୍ରବ୍ୟ ସେବନ ନ କରିବା, ଅଂଶୁଘାତ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବା ଆଦି ବିଷୟରେ ସଚେତନତା କାର୍ଯ୍ୟକ୍ରମ ବ୍ଲକ ଓ ଅଙ୍ଗନୱାଡି କେନ୍ଦ୍ରସ୍ତରରେ କରିବାକୁ ପରାମର୍ଶ ଦିଆଯାଇଛି।

# ୧୩୫ ମହିଳାଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ସାକ୍ଷୀଗୋପାଳ,୨୪।୪(ଭରତ ରାଉତ)

ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଠାରେ ଭିଡିଓ କନଫରେନ୍ସ ଦ୍ୱାରା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବିଡିଓ ଦେବାଶିଷ ନାୟକ, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ। ୧୩୫ ଜଣ ମହିଳାଙ୍କୁ ଅନ୍ତୋଦୟ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସେହିପରି ୮ ଜଣ ହିତାଧିକାରୀ ଧାର୍ଯ୍ୟ ସମୟରେ ଗୃହ ନିର୍ମାଣ ସାରିଥିବାରୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସିଂହଙ୍କ ଶ୍ରାଦ୍ଧବାର୍ଷିକୀ



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସିଂହଙ୍କ ୭୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାକକ୍ଷରେ ଏକ ବାର୍ଷିକ ସମାରୋହ ସଭାପତି ଶିବ ସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଉଦ୍‌ଘାଟକ ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଚିକାୟତରାୟ, ମୁଖ୍ୟ ଅତିଥି ଭାବେ ଡ. ସୌଭାଗ୍ୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଶରତ କୁମାର ରାୟଗୁରୁ ଏବଂ ଚକ୍ରଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଂଗଠନର ସମ୍ପାଦକ ଅନାମ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଆଶାଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକାର ନୂତନ ସଂସ୍କରଣ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଛି। ଏହି ଆସରରେ ସଭାପତି ଡାକ୍ତର ପ୍ରମିଳା କୁମାର ନନ୍ଦ ଉପସ୍ଥିତ ଥିଲେ। ଡ. ସୁଦୀପ୍ତା ମିଶ୍ର ଏବଂ ଆଇନଜୀବୀ କନକଲତା ଦାସ କବିତା ସଂଯୋଜନା କରିଥିଲେ।

# ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀ ପୋଲିସର ସମୀକ୍ଷା

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ଜୁନ୍ ୨୯ରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ଏହାକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ପକ୍ଷରୁ ସୁରକ୍ଷା, ଯାତାୟାତ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଓ ଆପତକାଳୀନ ସେବା ସମ୍ପର୍କିତ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହା ସମ୍ପର୍କରେ ଆଇପିସିଆରର ଏକ ସମୀକ୍ଷା ହୋଇଥିଲା। ଏହି ସମୀକ୍ଷାରେ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଏସ୍‌ପି ଦେବ ପ୍ରତାପ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଡିଏସ୍‌ପି ମିସ୍ କଳ୍ପନା କାଉରୀ, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ ଓ ଆଇପିସିଆର ଆଇଆଇସି ସସ୍ମିତା ଧଳ, ରେଭିନ୍ୟୁ ଇନ୍ସପେକ୍ଟର ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ୧୧୨ ଆପତକାଳୀନ ସେବା ମନିଟରିଂକୁ ଆହୁରି ସକ୍ରିୟ କରାଯିବା, ସିସିଟିଭି ମାଧ୍ୟମରେ ରିଅଲ୍-ଟାଇମ ନିରୀକ୍ଷଣ ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯିବା, ଶ୍ରୀମନ୍ଦିର ଓ ତାହା ସଂଲଗ୍ନ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ପାଇଁ ବିଶେଷ ପ୍ରସ୍ତୁତି, ଯାତାୟାତ ବ୍ୟବସ୍ଥାକୁ ସୁଚାରୁ ରଖିବା ପାଇଁ ଟ୍ରାଫିକ୍ ପ୍ଲାନ ପ୍ରସ୍ତୁତି, ପର୍ଯ୍ୟଟକ ଓ ଭକ୍ତମାନଙ୍କ ସୁରକ୍ଷା ପାଇଁ ପୋଲିସ ପ୍ରେଜେନ୍ସ ବୃଦ୍ଧି, ବିଭିନ୍ନ ବିଭାଗ ସହ ସମନ୍ୱୟ ସୃଷ୍ଟି କରି ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ନିଶ୍ଚିତ କରାଯିବା ନେଇ ଆଲୋଚନା ହୋଇଛି। ଏସ୍‌ପି ପ୍ରତୀକ ସିଂ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଦେବସ୍ନାନ ପୂର୍ଣ୍ଣିମା ସମୟରେ ବହୁସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକ ପୁରୀକୁ ଆସିବେ। ତେଣୁ ସମସ୍ତ ବ୍ୟବସ୍ଥାକୁ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି ସୁରକ୍ଷିତ ଓ ସୁଚାରୁ ଉତ୍ସବ ପାଳନ ନିଶ୍ଚିତ କରାଯିବା ଆବଶ୍ୟକ। ଆଇପିସିଆର ମାଧ୍ୟମରେ ସମସ୍ତ କାର୍ଯ୍ୟକଳାପର ନିରନ୍ତର ମନିଟରିଂ ହେବା ସହ ଯେକୌଣସି ଆପତକାଳୀନ ପରିସ୍ଥିତିରେ ୧୧୨ ସେବା ଦ୍ୱାରା ତୁରନ୍ତ ସହଯୋଗ ଯୋଗାଇ ଦିଆଯିବ। ପୁରୀ ପୋଲିସ ପକ୍ଷରୁ ସମସ୍ତ ଭକ୍ତ ଓ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଉଛି, ପୋଲିସ ଦ୍ୱାରା ଜାରି ହେବାକୁ ଯାଉଥିବା ନିୟମାବଳୀ ଓ ନିର୍ଦ୍ଦେଶକୁ ମାନି ଶାନ୍ତିପୂର୍ଣ୍ଣ ଭାବେ ଉତ୍ସବକୁ ସଫଳ କରିବାରେ ସହଯୋଗ କରନ୍ତୁ ବୋଲି କହିଛନ୍ତି।

# ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ମେ ୯ ତାରିଖ ଶନିବାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ପୁରୀ ସିଭିଲ କୋର୍ଟ ସମେତ ନିମାପଡ଼ା, ପିପିଲି, କୋଣାର୍କ, କଣାସ, ସତ୍ୟବାଦୀ, କାକଟପୁର, ଅସ୍ତରଙ୍ଗ ଓ ବ୍ରହ୍ମଗିରି କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମୋକଦ୍ଦମା ତଥା ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ୍ ଓ ଜଳଯୋଗାଣ ବିଲ୍ ଦେୟ ଜନିତ ବିବାଦ, ବ୍ୟାଙ୍କରଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ରାଜସ୍ୱ, ପ୍ରାକ୍ ମୋକଦ୍ଦମାସ୍ତରୀୟ ତଥା ବ୍ୟାଙ୍କ ଋଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ସାଲିସ ଯୋଗ୍ୟ ଦେୱାନୀ, ଫୌଜଦାରୀ ମୋକଦ୍ଦମା ଗୁଡ଼ିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମୋକଦ୍ଦମା ଏବଂ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚଦେବାକୁ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ହୋଇଥାଏ। ସବିଶେଷ ବିବରଣୀ ନିମନ୍ତେ ପୁରୀ ଜିଲା/ତାଲୁକ ଆଇନ ସେବା କାର୍ଯ୍ୟାଳୟର ହେଲ୍ପ ଲାଇନ୍ ନମ୍ବର-୦୬୭୫୨-୨୨୪୧୩୩ ଏବଂ ଟୋଲ୍ ଫ୍ରି ନମ୍ବର ୧୫୧୦୦ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ ବୋଲି ସୂଚନା ପ୍ରଦାନ କରାଯାଇଛି।

# ସମ୍ମିଳିତ ଉଦ୍ୟମରେ ଜିଲାର ସର୍ବାଙ୍ଗୀନ ବିକାଶ କରାଯିବ

## ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଓମ୍‌ପ୍ରକାଶ ମିଶ୍ର

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)


କାର୍ଯ୍ୟକ୍ରମରେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ସମେତ ଅନ୍ୟ ଅତିଥି।

ପୁରୀ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ବିଧାୟକ ମିଶ୍ରଙ୍କୁ ସ୍ୱାଗତ କରିଥିଲେ। ସେଠାରେ ସେ ଦାୟିତ୍ୱ ଗ୍ରହଣ କରିବା ପରେ ଜିଲା ସଂସ୍କୃତି ଭବନଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ମିଶ୍ର କହିଛନ୍ତି, ଜିଲାର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ସରକାରଙ୍କ ପ୍ରତ୍ୟେକ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଏହାର ସଫଳ ରୂପାୟନ ସହ ଯୋଗ୍ୟ ହିତାଧିକାରୀ ତାହାର ସୁଫଳ ପାଇବା ଉଚିତ। ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଶାସନ ସେତୁ ସଦୃଶ। ଏହା ଯେତେ ମଜଭୁତ ହେବ, ବିକାଶ ସେତିକି ତ୍ୱରାନ୍ୱିତ ହେବ।

ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗଦେଇ ଜିଲାର ପ୍ରଗତି ଓ ବିକାଶରେ ଯୋଜନା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସାମୂହିକ ଉଦ୍ୟମରେ ଏହାକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏସ୍‌ପି ପ୍ରତୀକ ସିଂ, ପୁରୀ ଡିଏଫ୍‌ଓ ଧନଜି ରାଓସୋ ମଗର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପୁରୀ ମ୍ୟୁନିସିପାଲ କର୍ପୋରେଶନର କମିଶନର ସ୍ନେହା ଅରୁଗୁଲା, ଚିଲିକା ଡିଏଫ୍‌ଓ ଅମ୍ଳାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଜିଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ସେମାନଙ୍କ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ। ଏଥିରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲୀପ କୁମାର ମହାରଣା, ଉପଜିଲାପାଳ ରାଜକିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ**

ଚୌଦ୍ୱାର,(ଆଶୁତୋଷ ଦାସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଡ଼ଚାଣ୍ଡୋ ଗ୍ରାମର ମା'କ୍ଷେତ୍ରପାଳିକାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବ ବୋଲି ପ୍ରସ୍ତୁତି ବୈଠକରେ ପୀଠର ପୂଜକ ବାବା ବିଜୟାନନ୍ଦ ଦାସ ମହାରାଜ ଓ ଯଜ୍ଞ କମିଟି ସଭାପତି ମାୟାଧର ମଲ୍ଲିକ ସୂଚନା ଦେଇଛନ୍ତି। ଭକ୍ତମାନେ ଯେପରି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ ସେଥି ପାଇଁ ଯଜ୍ଞ କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥଙ୍କ ଯୋଗଦାନ ଓ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯଜ୍ଞ କମିଟି ସମ୍ପାଦକ ନବୀନ ସିଂହ ଗତବର୍ଷର ଆୟ ଓ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ଚୋରି ଟଙ୍କା ଜବତ, ଯୁବକ ଗିରଫ

ଫୁଲନଖରା,୨୪।୪(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ପୋଲିସ ୱାର୍କଶପ୍‌ରୁ ଚୋରି କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ଚାରବାଟିଆ ବିରାଟ ବଜାର ଅଞ୍ଚଳର ରକି ମେନନ (୩୮)। ପୋଲିସ ତାଙ୍କଠାରୁ ୨ ଲକ୍ଷ ୩୦ ହଜାର ଟଙ୍କା ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ଗୋପାଳପୁରଠାରେ ବାଲିକୁଦା ଯତୀନ ପରିଡାଙ୍କ ଆଇଚରି ୱାର୍କଶପ ଥିଲା। ଗୁରୁବାର ରାତି ୮ଟାରେ ରକି ୱାର୍କଶପ ଆଲମିରା ଡ୍ର ଭାଙ୍ଗି ଟଙ୍କା ଚୋରି କରିଥିଲେ। ଯତୀନଙ୍କ ଅଭିଯୋଗକ୍ରମେ ଏକ ମାମଲା (ନଂ.୨୮୧/୨୬) ରୁଜୁ ହୋଇଛି। ପୋଲିସ ତଦନ୍ତ କରି ରକିଙ୍କୁ ଗିରଫ କରିବା ସହ ଟଙ୍କା ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଛି।

### ମହିଳା ଉଦ୍ୟୋଗୀଙ୍କ ବିପଣନ କ୍ଷମତା ସୁଦୃଢ଼ ହେବ

କଟକ,୨୪।୪(କାର୍ତ୍ତିକ ସାହୁ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବିପଣନ, ସଚେତନତା, କ୍ଷମତା ବୃଦ୍ଧି ଉପରେ ଏକ ତିନିଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାଦ୍ୱାରା ମହିଳା ଉଦ୍ୟୋଗୀମାନଙ୍କ ବିପଣନ କ୍ଷମତା ସୁଦୃଢ଼ ହେବ। ବଜାର ସଂଯୋଗ, ଉତ୍ପାଦିତ ପଦାର୍ଥର ମୂଲ୍ୟ ବୃଦ୍ଧି, ବ୍ରାଣ୍ଡିଂ, ପ୍ୟାକେଜିଂ, ଇ-ମାର୍କେଟିଂ ଆଦିର ଶିକ୍ଷା ଉଦ୍ୟୋଗୀମାନଙ୍କୁ ସୁଦୃଢ଼ କରିବ ବୋଲି କର୍ମଶାଳାରେ ବକ୍ତାମାନେ କହିଛନ୍ତି। ତିନିଦିନ ଧରି ଅନୁଷ୍ଠିତ କର୍ମଶାଳାରେ ଅଭିଜ୍ଞ ବ୍ୟକ୍ତିମାନେ ବିଭିନ୍ନ ବିଷୟରେ ପ୍ରାୟୋଗିକ ଜ୍ଞାନ ପ୍ରଦାନ କରିଥିଲେ। ଶେଷ ଦିନରେ ୫୦ଜଣ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ଭାରତ ମସଲା ପ୍ରତିଷ୍ଠାନକୁ ଏକ କ୍ଷେତ୍ର ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଏହି ପରିଦର୍ଶନ ସମୟରେ ଉଦ୍ୟୋଗୀମାନେ ବିଭିନ୍ନ ଉତ୍ପାଦର ପ୍ରସ୍ତୁତି ଓ ପ୍ୟାକେଜିଂ, ଗୁଣମାନ ନିୟନ୍ତ୍ରଣ ଆଦି ବିଷୟରେ ପ୍ରାୟୋଗିକ ଅନୁଭବ ଅର୍ଜନ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ଓର୍ମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଉପସ୍ଥିତ ଥିଲେ। ଭାରତ ମସଲାର ଚେୟାରମ୍ୟାନ ସୁରେନ୍ଦ୍ରନାଥ ପଣ୍ଡା ଉତ୍ପାଦନର ଉଚ୍ଚ ଗୁଣମାନ ରକ୍ଷା କୌଣସି ବ୍ୟବସାୟର ସଫଳତାର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ।

### ରାଷ୍ଟ୍ରୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

ନିଆଳି,୨୪।୪(ସୁକାନ୍ତ କୁମାର ସିଂହ)

ନିଆଳି ପଞ୍ଚାୟତ ସମିତି ପକ୍ଷରୁ ରାଷ୍ଟ୍ରୀୟସ୍ତରୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ସନ୍ଧ୍ୟାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ. ଛବି ମଲ୍ଲିକ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଯୁବ ଭାଜପା ନେତା ଶଶିକାନ୍ତ ଲେଙ୍କା, ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର, ତହସିଲଦାର ତାରେଣୀ ରଞ୍ଜନ ରାୟ, ବିଡିଓ ଅକ୍ଷୟ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ। ବିଧାୟକଙ୍କ ଦ୍ୱାରା ନୂତନ ରାଶନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ମୁଖ୍ୟମନ୍ତ୍ରୀ ଆବାସ ଗୃହର ୱାର୍କ ଅର୍ଡର ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ବିଡିଓ ଧନ୍ୟବାଦ ଦେଇଥିଲେ।

### ବୁଲେଟ ଶୋ'ରୁମ୍‌ରେ ଅଗ୍ନିକାଣ୍ଡ



ଫୁଲନଖରା,୨୪।୪(ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରାସ୍ଥିତ ଖ୍ରିମଜୀ ରୟାଲ ଏନ୍‌ଫିଲ୍ଡ ବୁଲେଟ ଶୋ'ରୁମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ସୂଚନାଯୋଗ୍ୟ, ବୁଲେଟ ଶୋ'ରୁମ ଶିଡି ତଳେ ଥିବା ଇଲେକ୍ଟ୍ରି ମିଟରରେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ବେଳେ ମିଟରଟି ଜୋର୍ ଶବ୍ଦ କରି ଫାଟିଥିଲା। ଫଳରେ ଶୋ'ରୁମ କର୍ମଚାରୀ ଭୟଭୀତ ଅବସ୍ଥାରେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଖବର ପାଇ କିଛି ସମୟ ପରେ ପାହାଳ ଦମକଳ ବାହିନୀ ଗାଡି ଘଟଣାସ୍ଥଳରେ ପହଞ୍ଚି ବା ପୂର୍ବରୁ ଶୋ'ରୁମ ଜଣେ କର୍ମଚାରୀ ସେଠାରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁ ଲିଭାଇଥିଲେ।

# ସେଣ୍ଟ୍ରାଲ ଆଇସିୟୁ, ଏଚ୍‌ଡିୟୁ ଭରସାରେ ରୋଗୀ

କଟକ,୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ରାଜ୍ୟରେ ସର୍ବାଧିକ ସନ୍ତାନ ଜନ୍ମ ହେଉଛନ୍ତି। ହେଲେ ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଗୁରୁତର ରୋଗୀଙ୍କ ପାଇଁ ଆଇସିୟୁର ବ୍ୟବସ୍ଥା ନାହିଁ। କେବଳ (ହାଇଡିପେଣ୍ଡେନ୍ସି ୟୁନିଟ୍) ଏଚ୍‌ଡିୟୁରେ କାମଚଳା ଭାବେ ଗୁରୁତରଙ୍କୁ ଚିକିତ୍ସା କରାଯାଉଛି। ଏଠାରେ ଜଟିଳ ରୋଗର ଚିକିତ୍ସା, ଅସ୍ତ୍ରୋପଚାର କରାଯାଉଛି। ଆଇସିୟୁ ନ ଥିବାରୁ ଏଠାରେ ରୋଗୀ ମେଡିକାଲର ସେଣ୍ଟ୍ରାଲ ଆଇସିୟୁ ଉପରେ ନିର୍ଭର କରି ରହୁଛନ୍ତି। ଏପରିସ୍ଥଳେ ରୋଗୀଙ୍କ ଜୀବନ ବାଜି ଲାଗୁଛି।

ମିଳିଥିବା ସୂଚନା ମୁତାବକ, ସ୍ତ୍ରୀ ରୋଗ ଏବଂ ପ୍ରସୂତି ବିଭାଗରେ ପ୍ରାୟ ୩ ଶହରୁ ଅଧିକ ଶଯ୍ୟା ରହିଛି। ଶଯ୍ୟା ସଂଖ୍ୟାଠାରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ଲେବର ରୁମ୍ ଏବଂ ଓଟିରେ ପ୍ରତିଦିନ ୩୦ରୁ ଅଧିକ ସନ୍ତାନ ଜନ୍ମ ହେଉଛନ୍ତି। ଏଠାରେ ୫ରୁ ଅଧିକ ରୋଗୀଙ୍କ ଦିନକୁ ଅସ୍ତ୍ରୋପଚାର କରାଯାଉଛି। ହେଲେ ଗୁରୁତର ହେଉଥିବା ରୋଗୀଙ୍କୁ ଆଇସିୟୁ ନ ଥିବାରୁ ସେଣ୍ଟ୍ରାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଉଛି। ନଚେତ୍ ଏଠାରେ ଥିବା ୫ଟି ଶଯ୍ୟାବିଶିଷ୍ଟ ଏଚ୍‌ଡିୟୁକୁ ସ୍ଥାନାନ୍ତର କରାଯାଉଛି। ତେବେ ଆଇସିୟୁ ନ ପାଇ ପ୍ରାୟତଃ ରୋଗୀ ମୃତ୍ୟୁମୁଖକୁ ଚାଲିଯାଉଛନ୍ତି। ତେବେ ସୁରକ୍ଷିତ ପ୍ରସବକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାବେଳେ ଆଇସିୟୁ ନ ରହିବା ଏବେ ରୋଗୀଙ୍କ ଚିନ୍ତାର କାରଣ ପାଲଟିଛି। ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଆସନ୍ତା ସପ୍ତାହରେ କାର୍ଯ୍ୟକ୍ଷମ ହେବ ନୂତନ ଟ୍ରମା ଆଇସିୟୁ

ଏସ୍‌ସିବି ମେଡିକାଲରେ ନୂତନ ଭାବେ ଟ୍ରମା ଆଇସିୟୁକୁ ସର୍ଜରି ବିଭାଗରେ ଖୋଲିବା ଯୋଜନା କରାଯାଇଥିଲା। ଏହାକୁ ଏପ୍ରିଲ ୨୫ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଆଇସିୟୁ କାର୍ଯ୍ୟକାରୀ କରିବା ନେଇ ସମସ୍ତ ଯନ୍ତ୍ରାଂଶ ଓ ଆସବାବପତ୍ର ଅଣାଯାଇ ପ୍ରସ୍ତୁତି କରାଯାଇଥିଲା। ହେଲେ ଆର୍‌ଆଣ୍ଡବି ପକ୍ଷରୁ କରାଯାଉଥିବା ଗୃହ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଆଇସିୟୁ କାର୍ଯ୍ୟକ୍ଷମ କରିବା ତାରିଖ ଘୁଞ୍ଚାଯାଇଛି। ଆସନ୍ତା ସପ୍ତାହରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ମିଳିଛି।

### ଏସ୍‌ସିବି ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଆଇସିୟୁ ନାହିଁ

# ସର୍ଭିସ ରୋଡ୍‌ରେ ସମସ୍ତ ବସ୍ ଯାତାୟାତ କରିବାକୁ ଦାବି

ଖୁଣ୍ଟୁଣୀ,୨୪।୪(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅନ୍ତର୍ଗତ ଓରନ୍ଦାଠାରେ ବହୁ ବର୍ଷ ଧରି ସରକାରୀ ବସ୍ ଷ୍ଟପେଜ ରହିଛି। ଏବେ ଓରନ୍ଦାରେ ଜାତୀୟ ରାଜମାର୍ଗ ପ୍ରାଧିକରଣ ଅଥରିଟି ଓଭର ବ୍ରିଜ କରିବା ଦ୍ୱାରା ଲୋକଙ୍କ ସୁବିଧା ଦୃଷ୍ଟିରୁ ଓଭରବ୍ରିଜ୍ ତଳେ ଦୁଇପାର୍ଶ୍ୱରେ ସର୍ଭିସ ରୋଡ୍ ନିର୍ମାଣ କରିଛି। ଏହି ବସ୍‌ଷ୍ଟାଣ୍ଡ ଦେଇ ଆଠଗଡ଼, ନରସିଂହପୁର, ଢେଙ୍କାନାଳ, ତାଳଚେର, ଅନୁଗୋଳ, ସମ୍ବଲପୁର, ଭୁବନେଶ୍ୱର, କଟକ ଓ ପୁରୀ ଆଦି ସ୍ଥାନକୁ ସମସ୍ତ ବସ ସର୍ଭିସ ରୋଡ୍‌ରେ ନ ଯାଇ ସିଧାସଳଖ ଓଭର ବ୍ରିଜ୍ ଉପରେ ଯାଉଛି। ବର୍ଷେ ହେଲା କୌଣସି ବସ୍ ଯିବା ଆସିବା କରୁନାହିଁ। ଫଳରେ ଓରନ୍ଦା ଉପରେ ନିର୍ଭର କରୁଥିବା ଗୁରୁଡ଼ିଝାଟିଆ, କୁମାରପୁର, ଛଗାଁ, ଗୋବରା ଏବଂ ଓରନ୍ଦା ଆଦି ୫ ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ପୂର୍ବ ଭଳି ଉଭୟ କଟକ ଓ ଖୁଣ୍ଟୁଣୀ ପଟୁ ଆସୁଥିବା ସମସ୍ତ ସରକାରୀ ଓ ବେସରକାରୀ ବସ୍‌ଗୁଡିକ ଓରନ୍ଦା ଓଭରବ୍ରିଜ ଦୁଇପାର୍ଶ୍ୱରେ ଥିବା ସର୍ଭିସ ରୋଡ୍‌ରେ ଯାତାୟାତ କଲେ ଏହି ପଞ୍ଚାୟତର ଲୋକେ ଉପକୃତ ହୋଇପାରନ୍ତେ ବୋଲି ଆଠଗଡ଼ ନବେଢ଼ା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଭାପତି ବିମ୍ବାଧର ନାୟକ, ସମ୍ପାଦକ ଶରତ କୁମାର ଖୁଣ୍ଟିଆ, ସଦସ୍ୟ ନରେନ୍ଦ୍ର ସେଠୀ ପ୍ରମୁଖ ନାଗରିକ ମଞ୍ଚ ସରକାର ଓ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।




ଦଳିତ ପରିବାରଙ୍କୁ ନ୍ୟାୟ ଦେବା ଦାବି ନେଇ ଶୁକ୍ରବାର ରାଷ୍ଟ୍ରୀୟ ଦଳିତ ମହାସଭା ପକ୍ଷରୁ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ନିକଟରେ ଧାରଣା ଦିଆଯାଇଛି। (ଫଟୋ: ରାଜକିଶୋର ମହାନ୍ତି)

## 'ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ଶ୍ରୀଧର ଦାସ'

କଟକ,୨୪।୪(କାର୍ତ୍ତିକ ସାହୁ)

ଭାଷାବିତ୍ ଶ୍ରୀଧର ଦାସ ଜଣେ ଉଚ୍ଚକୋଟୀର ବ୍ୟାକରଣବିତ୍, ପ୍ରାବନ୍ଧିକ, ଜୀବନିକାର ଓ ଶିଶୁସାହିତ୍ୟିକ ଭାବେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଓଡ଼ିଆ ଭାଷା-ସାହିତ୍ୟକୁ ତାଙ୍କର ଅବଦାନ ଅତୁଳନୀୟ। ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରଳା ଭବନଠାରେ ଶୁକ୍ରବାର ଶ୍ରୀଧର ଦାସଙ୍କ ସ୍ମୃତିରେ ଆୟୋଜିତ ସାରସ୍ୱତ ସମାରୋହକୁ ଡ. ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଡ. ପ୍ରଫୁଲ୍ଲ କୁମାର ଦାଶ କହିଲେ, ଶ୍ରୀଧର ଦାସ ଥିଲେ ଓଡ଼ିଆ ସାହିତ୍ୟରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ। ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ କହିଲେ, ଶ୍ରୀଧର ଦାସଙ୍କ ସୃଷ୍ଟି ସମୂହ ଆମ ବାଣୀ ଭଣ୍ଡାରର ଅମୂଲ୍ୟ ସମ୍ପଦ। ଏହି ଅବସରରେ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡାଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଶ୍ରୀଧର ଦାସ ସାରସ୍ୱତ ସମ୍ମାନ' ପ୍ରଦାନ କରାଯାଇଥିଲା। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତା କରି ଶ୍ରୀଧର ଦାସଙ୍କ ଗ୍ରନ୍ଥ ସମୂହ ଗ୍ରନ୍ଥାବଳୀ ଭାବେ ପ୍ରକାଶ ହେବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସ୍ୱର୍ଗତ ଦାସଙ୍କ ସୁପୁତ୍ର ଇଂ. ରଘୁନାଥ ପ୍ରସାଦ ଦାସ, ପୁତ୍ରବଧୂ ପ୍ରମୋଦା ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାନ୍ତିବାଳା ନାୟକ ମାନପତ୍ର ପାଠ ଓ ମୀରା ବେଉରା ଧନ୍ୟବାଦ ଦେଇଥିଲେ।

## ସତ୍ୟବାଦୀ ବିଚାର ଧାରାରେ ପ୍ରଭାବିତ ବିକ୍ରମ ଦାସଙ୍କ ସାହିତ୍ୟ

କଟକ,୨୪।୪(କାର୍ତ୍ତିକ ସାହୁ)

ପରମ୍ପରା ପ୍ରତିଭା ଓ ପୁରଦୃଷ୍ଟିର ସମନ୍ୱୟରେ ଡାକ୍ତର ବିକ୍ରମ ଦାସଙ୍କ ସାହିତ୍ୟ ସମୃଦ୍ଧ ହୋଇଥିଲା। ସତ୍ୟବାଦୀ ବିଚାର ଧାରାରେ ବିକ୍ରମ ଦାସଙ୍କ ସାହିତ୍ୟ ପ୍ରଭାବିତ ହୋଇଥିଲା ବୋଲି ପ୍ରଫେସର ବିକ୍ରମ ଦାସ ସ୍ମାରକୀ ବକ୍ତୃତା ମାଳା ଉତ୍ସବରେ ମୁଖ୍ୟ ଅତିଥି ଅଧ୍ୟାପକ ବିଶ୍ୱରଞ୍ଜନ ମତପ୍ରକାଶ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶତାବ୍ଦୀ ଭବନଠାରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ଏ ସାରସ୍ୱତ ଉତ୍ସବରେ ସତ୍ୟବାଦୀ ଯୁଗର ଶିକ୍ଷା ଓ ସାହିତ୍ୟ ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ସାହିତ୍ୟିକ ଦାଶ ବେନହୁର କହିଲେ, ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷା ଦୁଇଟି ଧାରାକୁ ଗୁରୁତ୍ୱ ଦେଇଥିଲା। ତାହା ହେଉଛି ସଂସ୍କୃତ ଓ ଆଧୁନିକ ପୁରଦୃଷ୍ଟି। ସେ ସମୟର ଶିକ୍ଷା ଓ ସାହିତ୍ୟରେ ଜନ ଚେତନାର ପ୍ରତିଫଳନ ଘଟିଥିଲା। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଶିବାଶିଷ କର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସଙ୍ଗଠକ ସମ୍ପାଦକ ଶଶୀକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ବିକ୍ରମ ଦାସଙ୍କ ପୁତ୍ର ପ୍ରଫେସର ସିଦ୍ଧାର୍ଥ ଦାସ ଓ କନ୍ୟା ପ୍ରଫେସର ଶ୍ରୁତି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମପୁରରେ ବିଶ୍ୱଶାନ୍ତି ଗୀତାଯଜ୍ଞ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ବୃନ୍ଦ।

ଫୁଲନଖରା,୨୪।୪(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଭୀମପୁର ଗ୍ରାମରେ ୩୦ତମ ବିଶ୍ୱଶାନ୍ତି ଗୀତାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଆରାଧ୍ୟା ଦେବୀ ମା' ଜାଡ଼ମଲ୍ଲୀଙ୍କ ପୀଠସ୍ଥଳୀରେ ଆୟୋଜିତ ଯଜ୍ଞରେ ଗ୍ରାମବାସୀ ଜଳ କଳସ ଆଣି ଯଜ୍ଞ ପୀଠରେ ସ୍ଥାପନ କରିଥିଲେ। ରୀତିନୀତି ଅନୁଯାୟୀ ସୂର୍ଯ୍ୟପୂଜା, ଗୀତାଯଜ୍ଞ ଓ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତା ଭାବେ ପ୍ରେମାନନ୍ଦ ଦାଶ ଓ କର୍ତ୍ତୀ ସୌଦାମିନୀ ଦାଶ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଗ୍ରାମ୍ୟ କମିଟି ସଭାପତି ଅଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମର ସମସ୍ୟାଗୁଡିକ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପାହାଳ ଥାନା ଆଇଆଇସି ଅଶ୍ୱିନୀ କୁମାର ଜେନା, ସରପଞ୍ଚ ବିଶ୍ୱଜିତ ଭୋଇ, ବିଜେଡି ସଭାପତି ପ୍ରଦୀପ ଜେନା ମଣି, ମୁରବି ବଂଶୀଧର ଭୋଳ, ଯୁଧିଷ୍ଠିର ପରିଜା, ମାଗୁଣି ସାହୁ, ସନାତନ ପରିଜା, ପ୍ରେମାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ। କମିଟି ପକ୍ଷରୁ ଅଞ୍ଚଳର ମୁରବି, ଶିକ୍ଷାବିତ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଝରେନ୍ଦ୍ର ଦାଶ, ନିତ୍ୟାନନ୍ଦ ସାମଲ, ରାଜକିଶୋର ସାମଲ, ଅମର ସାମଲ, ପ୍ରଶାନ୍ତ ସାମଲ, ସୁଜିତ ଦାଶ, ତ୍ରିନାଥ ପ୍ରଧାନ, ଅଜୟ ଦାଶ, ସୁଶାନ୍ତ ସାମଲ, ସୁଶିଲ ଚନ୍ଦ୍ର ଦାଶଙ୍କ ସମେତ ଗ୍ରାମବାସୀ ଓ ଯୁବକ ସଂଘ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୯୪୭ ଅନ୍ତ୍ୟୋଦୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ




ଜିଲାସ୍ତରୀୟ ପଞ୍ଚାୟତିରାଜ ସମାରୋହରେ ମଞ୍ଚାସୀନ ଅତିଥି।

କଟକ ସଦର,୨୪।୪(ସୁଶାନ୍ତ କୁମାର ଜେନା)

**ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬**

ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ର କଟକ ଜିଲାସ୍ତରୀୟ ସମାରୋହ ଶୁକ୍ରବାର କଟକ ସଦର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଷ୍ଟାଣ୍ଡିଙ୍ଗ କମିଟି ସଭ୍ୟ ଆଶିଷ କୁମାର ସାହୁ, ବିଡିଓ ପ୍ରତୀକ ସାହୁ, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାରେ ୧୯୪୭ ଅନ୍ତ୍ୟୋଦୟ ଗୃହ ଓ କଟକ ସଦର ବ୍ଲକରେ ୧୯୬ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସହିତ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ଅନ୍‌ଲାଇନରେ ପୈଠ କରାଯାଇଥିଲା। ଏହି ଅବସରରେ ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହର ଅଡିଓ ଭିଡିଓ ମାଧ୍ୟମରେ ଉପଭୋଗ କରିଥିଲେ।

## ୨୭ରେ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ମଙ୍ଗୁଳି-ଜଗତପୁର,୨୪।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକଠାରେ ଆସନ୍ତା ୨୭ ତାରିଖ (ସୋମବାର) ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏ ନେଇ କଟକ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଶିବିରରେ ଜିଲାପାଳ ଏବଂ ଅନ୍ୟାନ୍ୟ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ।

## କୋରକରା ବଜାର ଉଚ୍ଛେଦ ପରେ ୩୦ ପରିବାରଙ୍କ ଜୀବନ ଜୀବିକା ଉପରେ ପ୍ରଭାବ

ବ୍ରାହ୍ମଣଝରିଲୋ,୨୪।୪

କଟକ ସଦର ଥାନା ଅନ୍ତର୍ଗତ କାକଟପୁର ବ୍ରାଞ୍ଚ କେନାଲର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ କୋରକରା ବଜାର ଉଚ୍ଛେଦ ଗତ ୨୧ ତାରିଖରେ କରାଯାଇଥିଲା। ଫଳରେ ଏବେ ସେଠାରେ ଦୋକାନ କରି ଚଳୁଥିବା ୩୦ ପରିବାରର ଜୀବିକା ଉପରେ ପ୍ରଭାବ ପଡ଼ିଛି। ପ୍ରକାଶ ଯେ, ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ଉଚ୍ଛେଦରେ ପ୍ରାୟ ୩୦ଜଣ ଛୋଟ ଓ ବଡ଼ ବ୍ୟବସାୟୀଙ୍କ ଦୋକାନ ଭଙ୍ଗାଯାଇଥିଲା। ଏହାର ପ୍ରଭାବ ପଡ଼ିଛି ପ୍ରାୟ ୩୦ଟି ପରିବାର ଉପରେ। ଏହି ପରିବାରଗୁଡ଼ିକର ପ୍ରାୟ ୨୦୦ଜଣ ସଦସ୍ୟ ଏବେ ରୋଜଗାରହୀନ ହୋଇ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି। ଏହା ସହିତ କୋରକରା ବଜାର ଉଚ୍ଛେଦ ପରେ ସ୍ଥାନୀୟ ଅଞ୍ଚଳରେ ଦୈନିକ ସାମଗ୍ରୀର ଅଭାବ ଦେଖାଦେଇଛି। ପୂର୍ବରୁ ଯେଉଁଠାରେ ଲୋକମାନେ ସହଜରେ ନିଜ ଆବଶ୍ୟକ ଜିନିଷ ପାଉଥିଲେ, ବର୍ତ୍ତମାନ ସେମାନଙ୍କୁ ପ୍ରାୟ ୧୦ କି.ମି. ଦୂରକୁ ଯାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ପଡୁଛି। ଏହି ସମସ୍ୟା ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ଚିନ୍ତା ପ୍ରକାଶ କରିଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ଏବଂ ବିଜୁ ଜନତା ଦଳର ବରିଷ୍ଠ ସଦସ୍ୟ ସମୀର ସାମନ୍ତରାୟ ପୀଡ଼ିତ ବ୍ୟବସାୟୀଙ୍କ ପୁନର୍ବାସ ଓ ଥଇଥାନ ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନଙ୍କୁ ଦାବି ଜଣାଇଛନ୍ତି।

## 'ଭାଗୀରଥି ମହାପାତ୍ରଙ୍କ ଦେଶପ୍ରୀତି ଅସାଧାରଣ'

କଟକ,୨୪।୪(କାର୍ତ୍ତିକ ସାହୁ)

ବିଶିଷ୍ଟ ଗାନ୍ଧିବାଦୀ, ପୂର୍ବତନ ସାଂସଦ, ଆଇନଜ୍ଞ ତଥା ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରତିଷ୍ଠାତା ସମ୍ପାଦକ ଭାଗୀରଥି ମହାପାତ୍ରଙ୍କ ଦେଶପ୍ରୀତି ଅସାଧାରଣ ଥିଲା। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଲଲାଟେନ୍ଦୁ ସାମନ୍ତରାୟ ଐତିହାସିକ ପୀଠ ସ୍ୱରାଜ ଆଶ୍ରମ୍‌ଠାରେ ଶୁକ୍ରବାର ଆୟୋଜିତ ଭାଗୀରଥି ମହାପାତ୍ରଙ୍କ ୧୩୪ତମ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟର ସଭାପତି ଆଇନଜୀବୀ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବାଦର ସମ୍ପାଦିକା ତନୟା ପଟ୍ଟନାୟକ ପରବର୍ତ୍ତୀ ପିଢ଼ି ଭାଗୀରଥିଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗାନ୍ଧିବାଦୀ, ସୁଲେଖକ, ସ୍ତମ୍ଭକାର ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦାୟାଦ ଧୀରେନ୍ଦ୍ର ନାଥ ଦାସଙ୍କୁ 'ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ୨୦୨୬-୨୭ ବର୍ଷ ପାଇଁ ନିର୍ବାଚିତ ହୋଇଥିବା ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ସମସ୍ତ ସଦସ୍ୟାସଦସ୍ୟଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଡ. ପ୍ରଭାକର ସ୍ୱାଇଁ ଏବଂ ମୁଖ୍ୟ ବକ୍ତା ଡ. ମହେନ୍ଦ୍ର ଆଚାର୍ଯ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ବିବରଣୀ ପାଠ, ଆଇନଜୀବୀ ପଦ୍ମାଳୟା ମହାପାତ୍ର ମାନପତ୍ର ପାଠ କରିଥିଲେ। ସର୍ବୋଦୟ ନେତା ବିଶ୍ୱଜିତ ସୂର୍ଯ୍ୟବଂଶୀ ଅତିଥି ଆମନ୍ତ୍ରଣ, ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଜ୍ଞାନରଞ୍ଜନ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ଅନ୍ୟତମ ଉପଦେଷ୍ଟା କ୍ୟାପଟେନ ମନ୍ମଥ ରାଉତରାୟ, କବିତା ମହାପାତ୍ର, ପତିତପାବନ ମହାପାତ୍ର, ବିଶ୍ୱଜିତ ପାଣି, ସି. କସ୍ତୁରୀ, ଅସିତ କୁମାର ଜେନା, ସୁସ୍ମିତା ପଟ୍ଟନାୟକ, ଗୀତାଞ୍ଜଳି ବେହୁରା, ସୁବ୍ରତ ସାମଲ ପ୍ରମୁଖ ସହଯୋଗ କରିଥିଲେ। ଆଇନଜୀବୀ ଜଗନ୍ନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ମିଳିବା ଉପରେ ଗୁରୁତ୍ୱ

କଟକ,୨୪।୪(ଶିଳ୍ପା ପ୍ରିୟଦର୍ଶିନୀ)




ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ଉତ୍ସବରେ ଉପସ୍ଥିତ ଅତିଥି।

**ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ପାଳିତ**

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଡିଏମ୍‌ଇଟି ପ୍ରଫେସର ସନ୍ତୋଷ ମିଶ୍ର ଯୋଗଦେଇ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସେବା ମିଳିପାରିବା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରତିଷ୍ଠାନର ବିକାଶ କ୍ଷେତ୍ରରେ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜର ଡିନ୍ ଏବଂ ପ୍ରିନ୍ସିପାଲ ପ୍ରଫେସର ଡା. ପ୍ରତିଭା ପଣ୍ଡା, ସିଡିଏମ୍‌ଓ ଡା. ପ୍ରଶାନ୍ତ ହୋତା, କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟ, ଡିନ୍ ଓ ପ୍ରିନ୍ସିପାଲ ଡା. ରେଖା ଦାସ, ଅଧୀକ୍ଷକ ଡା. ନୀହାରିକା ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରତିଷ୍ଠାନର ସଫଳତା ଓ ଉତ୍କୃଷ୍ଟମାନର ରୋଗୀସେବା ପ୍ରଦାନ ଉପରେ ଆଲୋକପାତ କରିଥିଲେ। ଏଇଆର୍‌ବି ସଦସ୍ୟ ପ୍ରଫେସର ଜି.କେ ରଥ ଯୋଗଦେଇ 'ଭାରତରେ କର୍କଟ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଏବଂ ଆମ ସ୍ଥିତି କେଉଁଠି' ଉକ୍ତ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁମ୍ବାଇର ଏସିଟିଆର୍‌ଇସିର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ ଚକ୍ରବର୍ତ୍ତୀ ଭାରତରେ କର୍କଟ ନିୟନ୍ତ୍ରଣ ଉପରେ ଏକ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଆଲୋଚନା କରିଥିଲେ। ଡା. ଭାରତ ଭୂଷଣ ଶତପଥୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଅତିଥିଙ୍କ ସମେତ ଅବସରପ୍ରାପ୍ତ ଅଧିକାରୀ ଡା. ପଦ୍ମାଳୟା, ଡା. ଜିତା ପରିଜା, ଡା. ଅନୁପମା ସାସମଲ, ଡା. ଦିଲୀପ ଅଗ୍ରୱାଲ, ଡା. ରବିନ ଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ସମାରୋହ ଅବସରରେ ସପ୍ତାହେ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛାତ୍ର ସଂସଦ ସଭାପତି ଆଶିଷ କୁମାର ମିଶ୍ର, ସମ୍ପାଦକ କାହ୍ନୁଚରଣ ଦାସଙ୍କ ସମେତ ଅନୁଷ୍ଠାନର ଡାକ୍ତର, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୪ ମାସରେ ୧୯ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଜଙ୍ଗଲ ନିଆଁ

## ବ୍ରହ୍ମପୁର ସର୍କଲରେ ସର୍ବାଧିକ

ଭୁବନେଶ୍ୱର, ୨୪।୪ (ବନ୍ଦନା ସେଠୀ)



ରାଜ୍ୟରେ ହୁତୁ ହୁତୁ ହୋଇ ଜଳୁଛି ଜଙ୍ଗଲ। କାମ ଦେଉନି ବନ ବିଭାଗର ଫାୟାର ଆକ୍ସନ ପ୍ଲାନ୍। ଜଙ୍ଗଲ ନିଆଁ ରୋକିବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ହେଁ ତାହା ଶତପ୍ରତିଶତ ଫଳପ୍ରଦ ହେଉନାହିଁ। ଫଳରେ ଚଳିତବର୍ଷ ଜାନୁଆରୀ ୧ରୁ ଏପ୍ରିଲ ୨୪ ମଧ୍ୟରେ ରାଜ୍ୟ ବନାଞ୍ଚଳର ୧୯୪୧୨ଟି ସ୍ଥାନରେ ନିଆଁ ଲାଗିଥିବା ସୂଚନା ମିଳିଛି। ତେବେ ୨୦୨୫ର ଏହି ସମୟ ମଧ୍ୟରେ ୨୮୦୨୩ଟି ସ୍ଥାନରେ ନିଆଁ ଲାଗିଥିଲା। ଯଦିଓ ଗତବର୍ଷ ତୁଳନାରେ ଏବର୍ଷ କମ୍ ବନାଗ୍ନି ରିପୋର୍ଟ ହୋଇଛି, ତଥାପି ଏତେ ସ୍ଥାନରେ ନିଆଁ ଲାଗିବା ବନ ବିଭାଗର ମୁକାବିଲା ପ୍ରସ୍ତୁତିରେ ବିଫଳତା ବାରିହୋଇପଡୁଛି।

ଓଡ଼ିଶାରେ ସାଧାରଣତଃ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ସମୟକୁ ବନାଗ୍ନି ଋତୁ ବା ଜଙ୍ଗଲ ନିଆଁ ଋତୁ ବୋଲି କୁହାଯାଇଥାଏ। ମାର୍ଚ୍ଚ ଓ ଏପ୍ରିଲରେ ସବୁଠାରୁ ଅଧିକ ନିଆଁ ଲାଗିଥାଏ। ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜାନୁଆରୀରେ ବନାଞ୍ଚଳର ୩୪୩ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ଫେବୃଆରୀରେ ୧୯୬୨, ମାର୍ଚ୍ଚରେ ୧୧୮୫୮ ଏବଂ ଏପ୍ରିଲ ୨୪ ତାରିଖ ସୁଦ୍ଧା ୫୨୪୯ଟି ସ୍ଥାନରେ ନିଆଁ ଲାଗିଛି। ବ୍ରହ୍ମପୁର ସର୍କଲରେ ସର୍ବାଧିକ ୪୬୮୯ଟି ସ୍ଥାନରେ ନିଆଁ ଲାଗିଛି। ଏହା ପଛକୁ ଭବାନୀପାଟଣା ସର୍କଲରେ ୩୭୮୫ଟି ସ୍ଥାନରେ, କୋରାପୁଟ ସର୍କଲରେ ୩୬୭୮, ରାଉରକେଲା ସର୍କଲରେ ୨୫୫୪, ସମ୍ବଲପୁର ସର୍କଲରେ ୧୫୨୭, ଅନୁଗୋଳ ସର୍କଲରେ ୧୨୫୦ ଏବଂ ଭୁବନେଶ୍ୱର ସର୍କଲରେ ୫୪୫ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି।

୨୦୨୨ରେ ରାଜ୍ୟରେ ୨୮,୭୫୫ଟି ସ୍ଥାନରେ ନିଆଁ ଲାଗିଥିଲା। ସେହିପରି ୨୦୨୩ରେ ୩୬,୭୧୩ଟି ସ୍ଥାନରେ, ୨୦୨୪ରେ ୨୨,୮୬୮ ଏବଂ ୨୦୨୫ରେ ୨୯,୭୦୯ଟି ସ୍ଥାନରେ ବନାଗ୍ନି ଘଟଣା ନଜରକୁ ଆସିଥିଲା। ବନାଗ୍ନିରୁ ବୃକ୍ଷ ସମ୍ପଦ ସହ ବନ୍ୟପ୍ରାଣୀଙ୍କୁ ରକ୍ଷା କରିବା ପାଇଁ ବନ ବିଭାଗ ଫାୟାର ଆକ୍ସନ ପ୍ଲାନ, ଫାୟାର ଲାଇନ୍ ସୃଷ୍ଟି ସହ ସଚେତନତା କାର୍ଯ୍ୟକ୍ରମ କରୁଛି। ଜଙ୍ଗଲ ମଧ୍ୟରେ ନିଆଁ ବ୍ୟାପିବାକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କି.ମି. ଧରି ଅଗ୍ନିରୋଧକ ରେଖା (ଫାୟାର ଲାଇନ୍) ସୃଷ୍ଟି କରାଯାଇଛି। ବନାଗ୍ନି ମୁକାବିଲା ପାଇଁ ବୈଷୟିକ କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁକୁ ଚିହ୍ନଟ କରିବା ପାଇଁ ଏଆଇ ସଞ୍ଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି ବୋଲି ବିଭାଗ କହୁଥିବାବେଳେ ଜଙ୍ଗଲ ନିଆଁକୁ ରୋକିବାରେ କାହିଁକି ଅଧିକାରୀ ଓ କର୍ମଚାରୀମାନେ ବିଫଳ ହେଉଛନ୍ତି, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### କର୍ମଚାରୀ ଅଭାବକୁ ଦୋଷ ଦେଲେ ଅଧିକାରୀ

କଞ୍ଜରଭେଟର ଅଫ୍ ଫରେଷ୍ଟ କାର୍ତ୍ତିକ୍ ଭି. କହିଛନ୍ତି, ବନାଗ୍ନିକୁ ରୋକିବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି। ହେଲେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ଯୋଜନା ଓ ପଦକ୍ଷେପରେ ଶତପ୍ରତିଶତ ସଫଳତା ମିଳିପାରୁନି। ବିଭାଗରେ ପ୍ରାୟ ୪ହଜାର ପୋଷ୍ଟ ଥିବାବେଳେ ସେଥିରୁ ୩୦% ପଦବୀ ଖାଲି ପଡିଥିବା ସେ କହିଛନ୍ତି। ଅପରପକ୍ଷେ ଅନେକ ସମୟରେ ମହୁଲ, କେନ୍ଦୁପତ୍ର ଏବଂ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପାଇଁ ସ୍ଥାନୀୟ ଲୋକେ ନିଆଁ ଲଗାଉଛନ୍ତି, ଯାହା ଜଙ୍ଗଲକୁ ବ୍ୟାପି ଯାଉଛି। ବିଶେଷକରି ଗଞ୍ଜାମ, କନ୍ଧମାଳ, ଗଜପତିରେ ପୋଡୁ ଚାଷ, କାଜୁ ଚାଷ ପାଇଁ ନିଆଁ ଲଗାଯାଉଛି। ନିଆଁ ଯେପରି ଜଙ୍ଗଲକୁ ନ ବ୍ୟାପେ ସେଥିପାଇଁ ବିଭାଗ ପକ୍ଷରୁ ଧ୍ୟାନ ଦିଆଯାଉଛି। ସେହିପରି

#### ୪ ହଜାର ପୋଷ୍ଟରୁ ୩୦% ଖାଲି

ଶିମିଳିପାଳ, ରାଉରକେଲା ଜଙ୍ଗଲରେ ଏଆଇ କ୍ୟାମେରା ଲଗାଯାଇ ଜଙ୍ଗଲ ନିଆଁ ଉପରେ ଦୃଷ୍ଟି ଦିଆଯାଉଛି। ଏଥିପାଇଁ ବିଭାଗ ପକ୍ଷରୁ ୨୩୦ଟି ସ୍କ୍ୱାଡ୍ ନିୟୋଜିତ ଅଛନ୍ତି। ପ୍ରତି ସ୍କ୍ୱାଡ୍‌ରେ ୧୦ ଜଣ ଲେଖାଏ କର୍ମଚାରୀ ରହିଛନ୍ତି। ଜଙ୍ଗଲ ନିଆଁ ନ ବ୍ୟାପିବାକୁ ଫାୟାର ଲାଇନ୍ ସୃଷ୍ଟି କରାଯାଇଛି। ଏହାବାଦ୍ ଜମାରୁ ନିଆଁ ଲାଗି ନ ଥିବା ଗ୍ରାମକୁ ପ୍ରୋତ୍ସାହନ ରାଶି ବାବଦରେ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ଏହାଦ୍ୱାରା ଗ୍ରାମବାସୀ ସଚେତନ ହେବା ସହ ଜଙ୍ଗଲରେ ନିଆଁ ଲାଗିବାକୁ ଦେବେନାହିଁ ବୋଲି କାର୍ତ୍ତିକ୍ ଭି. କହିଛନ୍ତି।



ପୁରୀ ବେଳାଭୂମିରେ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ସଚେତନତା କରୁଛନ୍ତି। (ଫଟୋ–ଯଜ୍ଞେଶ୍ୱର ମହାନ୍ତି)

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୫ ଏକର ଉପଯୁକ୍ତ ଜମି ଚିହ୍ନଟ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୪(ସୁଚିସ୍ମିତା ସାହୁ)

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମ୍ଏପିଭି) ପାଇଁ ପ୍ରାଥମିକତା ଭିତ୍ତିରେ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଏମ୍ଏପିଭି ଯୋଜନା ଅଧୀନରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଉପଯୁକ୍ତ ଜମି ଚିହ୍ନଟ କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଗ୍ରାମପଞ୍ଚାୟତସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଜିଏମ୍ଏପିଭି ଯୋଜନା ରାଜ୍ୟ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହି ଯୋଜନା ଅଧୀନରେ ପ୍ରଥମ

#### ଜିଲାପାଳଙ୍କୁ ରାଜସ୍ୱ ସଚିବଙ୍କ ଚିଠି

ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟ ଚୟନ କରାଯାଇ ରାଜ୍ୟସ୍ତରୀୟ ଶିଳାନ୍ୟାସ କାର୍ଯ୍ୟକ୍ରମ ଗତ ଜାନୁଆରୀ ୭ରେ ଆୟୋଜିତ ହୋଇଥିଲା । ପୁନଶ୍ଚ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୧୨ଟି ବିଦ୍ୟାଳୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ତେବେ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସମନ୍ୱୟରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଉପଯୁକ୍ତ ସରକାରୀ ଜମି ଚିହ୍ନଟ କରିବା ସହ ବିଭାଗର କ୍ଷମତାପନ୍ନ କର୍ତ୍ତୃପକ୍ଷ ଆବଶ୍ୟକ ଅଧିଗ୍ରହଣ ଫର୍ମ ଦାଖଲକରି ଚିହ୍ନଟ ହୋଇଥିବା ଜମିକୁ ହସ୍ତାନ୍ତର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ପୋଶ୍ ଆଇନ ଅନୁସାରେ ଆଇସି ଗଠନ ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୪ (ସୁଚିସ୍ମିତା ସାହୁ)

ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପୋଶ୍ ଆଇନ ୨୦୧୩ (ମହିଳାଙ୍କୁ କାର୍ଯ୍ୟାଳୟରେ ଯୌନ ଉତ୍ପୀଡ଼ନରୁ ସୁରକ୍ଷା, ନିଷେଧ ଓ ପ୍ରତିକାର ଆଇନ)କୁ ଠିକ୍ ଭାବେ ପାଳନକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆଭ୍ୟନ୍ତରୀଣ କମିଟି (ଆଇସି) ଗଠନ କରିବା ବାଧ୍ୟତାମୂଳକ। ଯେଉଁ ଶିକ୍ଷାନୁଷ୍ଠାନ ଏହି ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ ନ କରିବେ, ତାହାର ମାନ୍ୟତାକୁ ରଦ୍ଦ କରାଯିବା ଭଳି ନିର୍ଦ୍ଦେଶ ରହିଛି। ସାମ୍ସ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା

#### ନିର୍ଦ୍ଦେଶକୁ ଅମାନ୍ୟ କଲେ ହରାଇବେ ମାନ୍ୟତା

କଲେଜଗୁଡିକରେ ଯଦି ସକ୍ରିୟ ଆଇସି ନ ଥିବ, ତେବେ ନାମଲେଖା ପାଇଁ ଅନୁମତି ଦିଆଯିବ ନାହିଁ। ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ କମିଟି ଗଠନ ନ ହେବା ଯାଏ ପରୀକ୍ଷା ଅନୁମତି ଦିଆଯିବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି।

ତେବେ ଆଭ୍ୟନ୍ତରୀଣ କମିଟି ପ୍ରତିବର୍ଷ ସ୍ଥାନୀୟ ଅଭିଯୋଗ କମିଟିକୁ ରିପୋର୍ଟ ଦେବା ସହିତ ଏହାର ନକଲ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଦେବାକୁ ପଡ଼ିବ। କଲେଜ କ୍ୟାମ୍ପସରେ ସମସ୍ତ ସ୍ଥାନରେ ଲାଇଟ୍ ଲଗାଇବା ସହିତ ସାଧାରଣ ସ୍ଥାନଗୁଡିକରେ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ରହିଛି। କ୍ୟାମ୍ପସରେ ସୁରକ୍ଷା କର୍ମଚାରୀଙ୍କୁ ନିଯୁକ୍ତି ଦେବା, ମହିଳାଙ୍କ ପାଇଁ କଲେଜ ପରିସର ଯେପରି ସୁରକ୍ଷିତ ରହିବ ସେଥିପ୍ରତି ଧ୍ୟାନଦେବାକୁ କୁହାଯାଇଛି। ସେହିପରି ହଷ୍ଟେଲ ସୁରକ୍ଷା, ଅଭିଯୋଗ ବ୍ୟବସ୍ଥା ଓ ଆପତ୍କାଳୀନ ସହାୟତା ପ୍ରଣାଳୀ ମଧ୍ୟ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ସମସ୍ତ ଶିକ୍ଷାନୁଷ୍ଠାନ କମିଟି ସମ୍ପର୍କିତ ବିବରଣୀ, ଅଭିଯୋଗ ପ୍ରକ୍ରିୟା ଓ ହେଲ୍ପଲାଇନ ନମ୍ବର ନୋଟିସ ବୋର୍ଡ ଓ ୱେବ୍‌ସାଇଟ୍‌ରେ ପ୍ରଦର୍ଶନ କରିବା ବାଧ୍ୟତାମୂଳକ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ୨ ପିଲାଙ୍କୁ ଗୃହବନ୍ଦୀ କରି ନିସ୍ତୁକ ମାଡ଼

ଭୁବନେଶ୍ୱର, ୨୪।୪ (ପ୍ରସନଜିତ୍ ସାହୁ)

ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ଇଶାନେଶ୍ୱର ବସ୍ତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ତାଙ୍କର ୨ଜଣ ପିଲାଙ୍କୁ ଗୃହବନ୍ଦୀ କରି ନିର୍ଯାତନା ଦେବା ଖବର ସାମ୍ନାକୁ ଆସିଛି। ଶୁକ୍ରବାର ସକାଳ ୮ଟାରେ ପିସିଆର୍ ପୋଲିସ ପହଞ୍ଚି ତାଲା ଭାଙ୍ଗି ପିଲା ଦ୍ୱୟଙ୍କୁ ଉଦ୍ଧାର କରିବା ସହ ତଦନ୍ତ ଚଳାଇଛି। ପୋଲିସ ସୂଚନାନୁସାରେ, ଜେଜେ ମାଆ ସହିତ କଥା ହେବା କାରଣରୁ ରମେଶ ରଣସିଂ ତାଙ୍କ ୨ଜଣ ପିଲାଙ୍କୁ ଗୁରୁବାର ରାତିରୁ ଏକ ଘରେ ବନ୍ଦ ରଖିବା ସହ ମାଡ ମାରିଥିଲେ। ଏହା ସହିତ ସେ ତାଙ୍କ ସ୍ତ୍ରୀ ସସ୍ମିତା

#### ତାଲା ଭାଙ୍ଗି ଉଦ୍ଧାର କଲା ପୋଲିସ



ରଣସିଂଙ୍କୁ ମଧ୍ୟ ମାଡ ମାରି ଘରୁ କୁଆଡେ ଚାଲିଯାଇଥିଲେ। ସକାଳୁ ପିଲାଙ୍କ ଚିତ୍କାର ଶୁଣି ପଡୋଶୀ ଲୋକେ ଚନ୍ଦ୍ରଶେଖରପୁର ଥାନାକୁ ଖବର ଦେଇଥିଲେ। ତେବେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଖୋଜାଖୋଜି ଚଳାଇଛି।

# ବାଣ ବିସ୍ଫୋରଣରେ ନାବାଳକ ମୃତ୍ୟୁ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

କଟକ ସଦର,୨୪।୪(ସୁଶାନ୍ତ କୁମାର ଜେନା)

କନ୍ଦରପୁର ଥାନା ଅନ୍ତର୍ଗତ ବମ୍ଭୁରି ଗ୍ରାମରେ ବାଣ ବିସ୍ଫୋରଣ ଘଟଣାରେ ଆହତ ନାବାଳକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସେହି ଗ୍ରାମର ବୈକୁଣ୍ଠ ଭୋଇଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୮୭/୨୬) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ବିସ୍ଫୋରଣ ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସେହି ଘରକୁ ସିଲ କରିଛି। ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ବାଣ ବିସ୍ଫୋରଣରେ ନାବାଳକ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କଟକ ଏସିପି ଜୋନ–୫ ସୁଧାଂଶୁ ଭୂଷଣ ଜେନା ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ।

# ତଦନ୍ତ ପାଇଁ ସିବିଆଇ ଦ୍ୱାରସ୍ଥ ହେଲା ଶ୍ରୀଜଗନ୍ନାଥ ସେନା

#### ବାହାର ରତ୍ନଭଣ୍ଡାର ୩ ଅଳଙ୍କାର ନିଖୋଜ ଘଟଣା

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି କରାଯାଇଥିଲା। ବାହାର ରତ୍ନଭଣ୍ଡାର ଗଣତି ସମୟରେ ୩ଟି ରତ୍ନ ଅଳଙ୍କାର ମିଳି ନ ଥିବା ଜଷ୍ଟିସ୍ ବିଶ୍ୱନାଥ ରଥ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଅଳଙ୍କାର ସୁରକ୍ଷିତ ଥିବା କହିଛନ୍ତି। ତେଣୁ ଘଟଣାର ସତ୍ୟତା ଲୋକଲୋଚନକୁ ଆଣିବାକୁ ଦାବିକରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ତଦନ୍ତ ପାଇଁ ଏତଲା ଦିଆଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ


ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପଟ୍ଟନାୟକ କହିଛନ୍ତି, ‘ରତ୍ନଭଣ୍ଡାରର ଗଣତି ସରିନାହିଁ। ବାହାର ରତ୍ନଭଣ୍ଡାର ଗଣତି ସମୟରେ ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ କହିଛନ୍ତି, ୩ଟି ରତ୍ନ ଅଳଙ୍କାର ନିଖୋଜ ଅଛି। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଜଷ୍ଟିସ୍ ରଥ ନିଖୋଜ ଅଳଙ୍କାର ନେଇ କହୁଥିବାବେଳେ ମୁଖ୍ୟ ପ୍ରଶାସକ ସାମ୍ନାକୁ ଆସି ଭିନ୍ନ କଥା କହିଥିଲେ। କୌଣସି ରତ୍ନ ଅଳଙ୍କାର ହଜି ନ ଥିବା ଅଧିକାରୀଙ୍କ ପକ୍ଷରୁ କୁହାଯାଇଥିଲା। ରତ୍ନ ଅଳଙ୍କାର ଗଣତିମଣତି ଚାଲିଥିବା ବେଳେ ସବୁ ଠିକ୍ ଅଛି ବୋଲି କହିଛନ୍ତି। କାହା ସ୍ୱାର୍ଥରେ ଏବଂ କାହାକୁ ଘଣ୍ଟ ଘୋଡ଼ାଯାଉଛି ବୋଲି ଶ୍ରୀଜଗନ୍ନାଥ ସେନା ପ୍ରଶ୍ନ କରିଛି। ନକଲି ଗହଣା ପୂରାଇଦେଇ ସବୁ ଠିକ୍ ଅଛି ବୋଲି କହୁଛନ୍ତି। କେତେସଂଖ୍ୟାରେ ଗହଣା ଅଛି, କେଉଁ କେଉଁ ଗହଣା ଅଛି ଏବଂ ସବୁର ମାନ ପରୀକ୍ଷା କରାଯାଉ ବୋଲି ଓଡ଼ିଶାବାସୀ ଚାହୁଁଛନ୍ତି। କାହା କଥାରେ କାହାର ତାଳମେଳ ରହୁନାହିଁ। ତେଣୁ ଏଭଳି ସ୍ଥିତିରେ ସିବିଆଇ ତଦନ୍ତ ଏକମାତ୍ର ବିକଳ୍ପ। ସିବିଆଇ ତଦନ୍ତ ହେଉ ବୋଲି ମୁଖ୍ୟମନ୍ତ୍ରୀ ସୁପାରିସ୍ କରନ୍ତୁ। ଏହି ଘଟଣାର ଠିକ୍ ତଦନ୍ତ ହେଉ, ସତ୍ୟ ସାମ୍ନାକୁ ଆସୁ ବୋଲି ପ୍ରିୟଦର୍ଶନ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଭିଜିତ୍


@ ଲିଅନ୍


@ ସଚିନ


@ ସିଦ୍ଧେଶ୍ୱର


@ ସତ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଟାଇମ୍ସ ହାୟର ଏଜୁକେଶନ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍

# ଏସିଆର ୧୬୯, ଦେଶରେ ୬ଷ୍ଠ ସ୍ଥାନରେ କିଟ୍

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)



ଚଳିତବର୍ଷ ଦି ଟାଇମ୍ସ ହାୟର ଏଜୁକେଶନ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂ ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଏହି ବିଶ୍ୱସ୍ତରୀୟ ର୍‍ୟାଙ୍କିଂରେ ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ଏବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଅଧିକ ଉନ୍ନତ ପ୍ରଦର୍ଶନ କରିଛି। କିଟ୍ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୬୯ତମ ସ୍ଥାନରେ ରହିଛି। ଏହାସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୬ଷ୍ଠ ସ୍ଥାନରେ ରହିଥିବାବେଳେ ପୂର୍ବ ଭାରତରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଗତବର୍ଷ ଏହି ର୍‍ୟାଙ୍କିଂରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୮୪ତମ ସ୍ଥାନରେ ରହିଥିଲା। ତେବେ ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର୍‍ୟାଙ୍କିଂ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ୫୦ ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍ସ ହାୟର୍ ଏଜୁକେଶନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଥିଲା। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦେଶରେ ୯୪ତମ ସ୍ଥାନରେ ସେଞ୍ଚୁରିୟନ ୟୁନିଭର୍ସିଟି

ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ପ୍ରଥମଥର ପାଇଁ ‘ଟାଇମ୍ସ ହାୟର ଏଜୁକେଶନ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂରେ ସ୍ଥାନ ପାଇଛି। ର୍‍ୟାଙ୍କିଂ ପାଇଁ ଏସିଆର ୩୬ଟି ଦେଶ ଓ ଅଞ୍ଚଳରୁ ପ୍ରାୟ ୧,୪୦୫ଟି ବିଶ୍ୱବିଦ୍ୟାଳୟ ଆବେଦନ କରିଥିବା ବେଳେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଏସିଆ ମହାଦେଶରେ ୬୦୧–୮୦୦ ବ୍ୟାଣ୍ଡ ମଧ୍ୟରେ ଏବଂ ଭାରତରେ ୯୪ତମ ସ୍ଥାନରେ ରହିଛି। ବିଶ୍ୱବିଦ୍ୟାଳୟର ଏହି ସଫଳତା ପଛରେ ବିଶେଷକରି ରିସର୍ଚ୍ଚ କ୍ୱାଲିଟି ଏବଂ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ମିଳିଥିବା ସ୍କୋର୍ ମୁଖ୍ୟ ଭୂମିକା ଗ୍ରହଣ କରିଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି, ଟାଇମ୍ସ ହାୟର ଏଜୁକେଶନ୍ ଏସିଆ ର୍‍ୟାଙ୍କିଂରେ ଆମର ପ୍ରବେଶ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହା ଆମର ପ୍ରୟୋଗାତ୍ମକ ଶିକ୍ଷା, ଶିଳ୍ପ ସଂଯୋଗ ଏବଂ ପ୍ରଭାବଶାଳୀ ଗବେଷଣା ପ୍ରତି ଥିବା ନିଷ୍ଠାକୁ ପ୍ରମାଣିତ କରୁଛି।

# ନାବାଳିକାଙ୍କୁ ନେଇ ଫେରାର ଯୁବକଙ୍କ ଆତ୍ମହତ୍ୟା

■ମା', ବାପାଙ୍କୁ ପୋଲିସ ଉଠାଇ ନେଇଥିବା ଜାଣି ମୁମ୍ବାଇରୁ ଫେରିଥିଲେ

■ପୋଲିସର ଅତ୍ୟଧିକ ଚାପ ଅଭିଯୋଗ ଆଣିଲେ ଗ୍ରାମବାସୀ

ଢେଙ୍କାନାଳ, ଅନୁଗୋଳ, ଓଡ଼ାପଡ଼ା, ୨୪।୪(ରତନ ନାୟାର/ ଜ୍ୟୋତିରଞ୍ଜନ ସାହୁ/ ରଞ୍ଜିତ ନାୟକ)

ଅନୁଗୋଳ ସଦର ଥାନା ଅଞ୍ଚଳର ୧୩ ବର୍ଷୀୟା ନାବାଳିକା ପ୍ରେମିକାଙ୍କୁ ନେଇ ମୁମ୍ବାଇ ଫେରାର ହୋଇଯାଇଥିବା ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମିଧା ଗ୍ରାମ ବାଲିରତ୍ନପୁର ସାହିର ବେଣୁପାଣି ସାହୁ (୨୩) ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ଘର ଭିତରୁ ତାଙ୍କ ଝୁଲନ୍ତା ମୃତଦେହ ମୋଟଙ୍ଗା ପୋଲିସ ଜବତ କରିଛି। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଅନୁଗୋଳ ସଦର ଥାନା ପୋଲିସ ତାଙ୍କ ମା', ବାପାଙ୍କୁ ଉଠାଇନେଇଥିବା ଜାଣି ମୁମ୍ବାଇରୁ ଫେରିଆସିଥିବା ବେଣୁପାଣି ହଠାତ୍ ଆତ୍ମହତ୍ୟା କରିବା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପୋଲିସର ଅତ୍ୟଧିକ ଚାପ ଯୋଗୁ ବେଣୁପାଣିଙ୍କ ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଅନୁଗୋଳ ସଦର ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କୁ ନେଇ ବେଣୁପାଣି ଗତ ୧ ତାରିଖରେ ମୁମ୍ବାଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମାତାପିତା ସେହିଦିନ ଅନୁଗୋଳ ସଦର ଥାନାକୁ ଅବଗତ କରାଇଥିଲେ। ତେବେ ୮ ତାରିଖରେ ଏ ସଂକ୍ରାନ୍ତରେ ନାବାଳିକାଙ୍କ ପରିବାର ପକ୍ଷରୁ ଏତଲା ଦିଆଯିବା ପରେ ପୋଲିସ ନଂ. ୨୭୨/୨୬ରେ ମାମଲା



ମୃତ ବେଣୁପାଣି।

ରୁଜୁ କରି ତଦନ୍ତ ଚଳାଇଥିଲା। ଗତ ୨ ଦିନ ତଳେ ଅନୁଗୋଳ ସଦର ପୋଲିସ ନିମିଧା ଗ୍ରାମକୁ ଆସି ବେଣୁପାଣିଙ୍କ ମାତାପିତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଏ ବିଷୟରେ ଜାଣିବା ପରେ ବେଣୁପାଣି ନାବାଳିକାଙ୍କୁ ଧରି ମୁମ୍ବାଇରୁ ଫେରିଥିଲେ। ଏହାପରେ ସେ ନାବାଳିକାଙ୍କୁ ଜଣେ ସମ୍ପର୍କୀୟଙ୍କ ଘରକୁ ପଠାଇଦେଇ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଦେଇଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା। ବେଣୁପାଣିଙ୍କ ମାତାପିତାଙ୍କୁ ଉଠାଇନେଇଥିବା ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରିବା ପାଇଁ ଗ୍ରାମବାସୀ ଦାବିକରି ମୃତଦେହ ଛାଡ଼ି ନ ଥିଲେ। ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କା, ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁରେନ୍ଦ୍ର କୁମାର ମୁଦୁଲି, ହିନ୍ଦୋଳ ଉପଖଣ୍ଡ ପୋଲିସ ଅଧିକାରୀ ସତ୍ୟ କୁମାର ନନ୍ଦ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଗ୍ରାମବାସୀ ଜିଦ୍‌ରେ ଅଟଳ ରହିଥିଲେ। ଅପରାହ୍ଣ ପ୍ରାୟ ୨ଟା ୩୦ରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ନେବାରେ ସଫଳ ହୋଇଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ. ୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦୀପକ ଲେଙ୍କା ସୂଚନା ଦେଇଛନ୍ତି। ଏଥିସହ ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି। ଅନୁଗୋଳ ସଦର ଥାନା ଆଇଆଇସି ସତ୍ୟବ୍ରତ ରାଉତ କହିଛନ୍ତି, ବେଣୁପାଣିଙ୍କ ମାତାପିତାଙ୍କୁ ପୋଲିସ ଉଠାଇ ଆଣି ନ ଥିଲା କି ଅଟକ ରଖି ନ ଥିଲା। ସେମାନଙ୍କୁ ଥାନାକୁ ଡକାଯାଇ ପଚରାଉଚରା ପରେ ଛାଡ଼ି ଦିଆଯାଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୨୪।୪(ରାକେଶ କୁମାର ରାଉତ)

ଜଣେ ନାବାଳିକା ବଳାତ୍କାର ଉଦ୍ୟମ ମାମଲାର ବିଚାର କରି ଶୁକ୍ରବାର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟରେ ଅତିରିକ୍ତ ଜିଲା ଦୌରାଜଜ୍ କୈଳାସ ଚନ୍ଦ୍ର ସ୍ୱାଇଁ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ତାଙ୍କୁ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ସଦର ଥାନା ଅଞ୍ଚଳର ଜାକବ ଦିଗାଲ। ପୀଡ଼ିତା ଟିଉଶନରୁ ଫେରୁଥିବା ବେଳେ ଅଭିଯୁକ୍ତ ତାଙ୍କୁ ଜଙ୍ଗଲକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ପୀଡ଼ିତା ଜଣାଇବା ପରେ ପରିବାର ଲୋକେ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ୧୮୦/୨୫ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ରାଜ କୁମାର ବେହେରା ମାମଲା ପରିଚାଳନା କରୁଥିଲେ।

## ସ୍ତ୍ରୀ ହନ୍ତା ସ୍ୱାମୀଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ

ପାରଳାଖେମୁଣ୍ଡି, ୨୪।୪(ଗିରିଧାରୀ ପରିଚ୍ଛା)

ସାମାନ୍ୟ ବଚସାକୁ କେନ୍ଦ୍ରକରି ଧାରୁଆ ଦାଆରେ ସ୍ତ୍ରୀଙ୍କ ବେକ କାଟି ହତ୍ୟା କରିବା ମାମଲାର ବିଚାର କରି ଶୁକ୍ରବାର ଗଜପତି ଜିଲା ଅତିରିକ୍ତ ଜିଲା ସେସନ ଜଜ ବିଭୁପ୍ରସାଦ ପଣ୍ଡା ଗାରାବନ୍ଧ ଥାନା ଅନ୍ତର୍ଗତ ଅଡାଗାଁର ଗଙ୍ଗା ବଡ଼ମୁଣ୍ଡି (୫୦)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୨୯।୧୨।୨୦୨୧ରେ ଅଡାଗାଁର ସଜନୀ ବଡ଼ମୁଣ୍ଡି ଓ ଗଙ୍ଗା ବଡ଼ମୁଣ୍ଡି ବିଲରୁ କାମ ସାରି ଘରକୁ ଫେରିଥିଲେ। ସେହିଦିନ ରାତି ୯ଟାରେ କୌଣସି କଥାକୁ ନେଇ ଉଭୟ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଗଙ୍ଗା ସଜନୀଙ୍କ ବେକକୁ ଧାରୁଆ ଦାଆରେ କାଟିଦେଇଥିଲେ। ଫଳରେ ସଜନୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏନେଇ ସଜନୀଙ୍କ ଭାଇ ମଙ୍ଗଳ ମାଝୀ ଗଙ୍ଗାଙ୍କ ନାମରେ ଗାରାବନ୍ଧ ଥାନାରେ

### ୩ ଝିଅଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ୧୦୫/୨୧ରେ ମାମଲା ରୁଜୁ ଘଟଣାର ତଦନ୍ତ ପରେ ଗଙ୍ଗାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟ ମାମଲାର ତଦନ୍ତ କରି ଚାର୍ଜଶିଟ୍ ଦାଖଲ କରିଥିଲେ। ସେବେଠାରୁ ଏହି ମାମଲା ଅତିରିକ୍ତ ଜିଲା ସେସନ ଜଜଙ୍କ ଅଦାଲତରେ ବିଚାରାଧୀନ ଥିଲା। ୧୫ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ସେସନ ଜଜ ଗଙ୍ଗାଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ସଜନୀଙ୍କ ତିନି ଝିଅଙ୍କ ଭବିଷ୍ୟତକୁ ଗୁରୁତ୍ୱ ଦେଇ କୋର୍ଟ ସେମାନଙ୍କୁ ଜଣଙ୍କୁ ୧ ଲକ୍ଷ ଲେଖାଏ ଟଙ୍କା ମୋଟ ୩ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ ରଥ ମାମଲା ପରିଚାଳନା କରୁଥିଲେ ବୋଲି ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର ସୂଚନା ଦେଇଛନ୍ତି।

# ବନ କର୍ମଚାରୀଙ୍କୁ ନିସ୍ତୁକ ମାଡ଼

■ଫରେଷ୍ଟରଙ୍କ ସମେତ ୭ ଆହତ

■ ଗାଡ଼ି ଭଙ୍ଗାରୁଜା

ଉଦଳା, ୨୪।୪(ସନ୍ତୋଷ କୁମାର ବାଛିନୀ)

ହାତୀ ଘଉଡ଼ାଇବାକୁ ଯାଇ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ବନ କର୍ମଚାରୀ। ଗ୍ରାମବାସୀଙ୍କ ନିସ୍ତୁକ ମାଡ଼ରେ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡଙ୍କ ସମେତ ୭ କର୍ମଚାରୀ ଆହତ ହୋଇଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ଡୁକୁରା ସେକ୍ସନ ବହଳଦା ଗ୍ରାମରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଗୁରୁବାର ଏକ ଗୋଠଛଡ଼ା ଦନ୍ତା ବହଳଦା ଗାଁ ଭିତରକୁ ପଶିଆସି ଅନେକ ଲୋକଙ୍କ ଘର ଭାଙ୍ଗିଥିଲା। ହାତୀ ଗାଁରେ ପଶିବା ସମ୍ପର୍କରେ ଗ୍ରାମବାସୀ ଡୁକୁରା ସେକ୍ସନକୁ ଖବର ଦେଇଥିଲେ। ମାତ୍ର ଫରେଷ୍ଟର ଖଗେଶ୍ୱର ସେଠୀ, ଫରେଷ୍ଟଗାର୍ଡ ରାଇଧନ ସିଂ ଏବଂ ମହିଳା ଫରେଷ୍ଟଗାର୍ଡ ମାଳତୀ ମୁର୍ମୁଙ୍କ ସମେତ ଅନ୍ୟ ୪ ବନ କର୍ମଚାରୀ ବହୁ ବିଳମ୍ବରେ ରାତି ପ୍ରାୟ ୯ଟା ସମୟରେ ଗାଁରେ ପହଞ୍ଚିଥିଲେ। ବନ ବିଭାଗ ଗାଡ଼ି ପହଞ୍ଚିବା ମାତ୍ରେ ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ହାତରେ ଠେଙ୍ଗା,ବାଡ଼ି, ଲୁହାରଡ୍ ଧରି ଆସି ଅଚାନକ ଭାବେ ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଗାଡ଼ି ଭିତରେ ବସିଥିବା ଫରେଷ୍ଟଗାର୍ଡ ମାଳତୀ ମୁର୍ମୁଙ୍କୁ ମହିଳାମାନେ ଘୋଷାରି ଆଣି ନିର୍ଘାତ ମାଡ଼ ମାରିବା ସହ ବନ ବିଭାଗ ଗାଡ଼ି ଭଙ୍ଗାରୁଜା



ଲୋକଙ୍କ ଆକ୍ରମଣରେ ଭାଙ୍ଗିଯାଇଥିବା ବନ ବିଭାଗ ଗାଡ଼ି ।

କରିଥିଲେ। ପ୍ରାୟ ୧୫ରୁ ୨୦ ମିନିଟ ଧରି ଗ୍ରାମବାସୀ ଏହିପରି ଆକ୍ରମଣ କରିବା ସହ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ।

ଖବର ପାଇ ଖୁଣ୍ଟା ଥାନା ପୋଲିସ ପହଞ୍ଚି ଆକ୍ରମଣର ଶିକାର ହୋଇଥିବା ବନ କର୍ମଚାରୀଙ୍କୁ ଉଦ୍ଧାର କରିଥିଲା। ତେବେ ଶିକାରୀଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ଠିକ୍ ସମୟରେ ପହଞ୍ଚି ପାରୁଥିବା ବେଳେ ଗାଁରେ ହାତୀ ପଶି କ୍ଷୟକ୍ଷତି କରୁଥିବା ଖବର ପାଇ ମଧ୍ୟ ଦୀର୍ଘ ସମୟ ପରେ ପହଞ୍ଚିବା ନେଇ ଲୋକେ ପ୍ରଶ୍ନ ଉଠାଇଥିଲେ। ଆକ୍ରମଣରେ ଆହତ ସମସ୍ତ କର୍ମଚାରୀଙ୍କୁ ପୋଲିସ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛି। ଏ ନେଇ ଫରେଷ୍ଟର ସେଠୀ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ବନ ବିଭାଗର ଗାଡ଼ିକୁ ଆଣି ଥାନାରେ ରଖିବା ସହିତ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ, ଉପରିସ୍ଥ ଅଧିକାରୀ ଗାଡ଼ି ପଠାଇବାରେ ବିଳମ୍ବ କରିବାରୁ ଠିକ୍ ସମୟରେ ଗାଁରେ ପହଞ୍ଚି ହେଲାନାହିଁ ବୋଲି ଫରେଷ୍ଟର କହିଛନ୍ତି। ସେହିପରି ପୂର୍ବରୁ ବହଳଦା ଅଞ୍ଚଳରେ ଚାଲିଥିବା ବେଆଇନ ପଥର ଖାଦାନ ବନ୍ଦ କରିବା ଏବଂ ସେହି ଅଞ୍ଚଳର ଶିକାରୀମାନଙ୍କୁ ବାରମ୍ବାର ବନ ବିଭାଗ ଗିରଫ କରିଥିବାରୁ ପୁଞ୍ଜିଭୂତ ରାଗ ଶୁଝାଇବା ପାଇଁ ହାତୀ ଘଉଡ଼ାଇବା ଘଟଣାକୁ ଗ୍ରାମବାସୀ ମୋହରା କରିଛନ୍ତି ବୋଲି ଫରେଷ୍ଟର ସେଠୀ କହିଛନ୍ତି। ହାତୀ ଆକ୍ରମଣରେ ଯେଉଁ ପରିବାରର କ୍ଷୟକ୍ଷତି ହୋଇଛି ସେମାନଙ୍କୁ ବିଭାଗ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଘଟଣା ବାବଦରେ ବାରିପଦା ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଆକ୍ରମଣ ପଛରେ ହାତୀ ଘଉଡ଼ାଇବା ଘଟଣା ନୁହେଁ ବରଂ ବେଆଇନ ପଥର ଖାଦାନ ବନ୍ଦ କରାଯିବା ମୁଖ୍ୟ ପ୍ରସଙ୍ଗ ବୋଲି ସେ କହିଛନ୍ତି।

## ୨.୬ କୋଟି ସାଇବର ଠକେଇ, ଦିଲ୍ଲୀରୁ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୪।୪ (ପ୍ରସନଜିତ୍ ସାହୁ)

### ଟ୍ରାଞ୍ଜିଟ ରିମାଣ୍ଡରେ ଆଣୁଛି କ୍ରାଇମବ୍ରାଞ୍ଚ

ନିବେଶ ଆଳରେ କୋଟି କୋଟି ଟଙ୍କା ଠକେଇ କରୁଥିବା ସାଇବର ଠକକୁ ବାନ୍ଧିଛି ଓଡ଼ିଶା କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍। ରାଜ୍ୟରେ ହୋଇଥିବା ୨ କୋଟି ୬ ଲକ୍ଷ ଟଙ୍କାର ସାଇବର ଠକେଇ ମାମଲାରେ ପୋଲିସ ଦିଲ୍ଲୀରୁ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ପଶ୍ଚିମ ଦିଲ୍ଲୀର ବିନୟ କୁମାର ଶର୍ମା। ତାଙ୍କ ନିକଟରୁ କିଛି ଆଧାର କାର୍ଡ, ପ୍ୟାନ୍ କାର୍ଡ, ମୋବାଇଲ ଫୋନ୍ ଓ ଅନ୍ୟ କାଗଜପତ୍ର ଜବତ କରାଯାଇଛି। ସ୍ଥାନୀୟ ଦ୍ୱାରକା କୋର୍ଟରେ ହାଜର ପରେ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଉଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୁକ୍ତ ବିନୟ ଅନ୍‌ଲାଇନ ଟ୍ରେଡି ବାହାନାରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ହଡ଼ପ କରୁଥିଲେ। ନିଜକୁ ଜଣେ ଫାଇନାନ୍ସିଆଲ ଏକ୍ସପର୍ଟ ପରିଚୟ ଦେଇ ହ୍ୱାଟ୍ସଆପ୍ ମାଧ୍ୟମରେ ସେ ଠକେଇର ଜାଲ ବିଛାଉ ଥିଲେ। ୨୦୨୪ ଡିସେମ୍ବର ୧୨ରେ ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍‌ରୁ ଅଭିଯୁକ୍ତ ବିନୟଙ୍କ ସହିତ ପରିଚିତ ହୋଇଥିଲେ। ବିନୟ ନିଜକୁ ଜଣେ ଫାଇନାନ୍ସିଆଲ ଏକ୍ସପର୍ଟ ବୋଲି ପରିଚୟ ଦେବା ସହ ଲକ ବଡ କମ୍ପାନୀରେ କାମ କରୁଥିବା କହିଥିଲେ। ଅଭିଯୁକ୍ତ ତାଙ୍କୁ ଅଧିକ ରିଟର୍ନ ଆଶା ଦେଖାଇ ବିଭିନ୍ନ ଫେକ୍ ଶେୟାର ମାର୍କେଟିଂ ଗ୍ରୁପ୍‌ରେ ଯୋଡ଼ି ଥିଲେ। ଏହାକୁ ବିଶ୍ୱାସ କରି ବ୍ୟକ୍ତିଜଣକ ନିଜର ୩ଟି ଆକାଉଣ୍ଟରୁ ମୋଟ ୨ କୋଟି ୬ ଲକ୍ଷ ୭ ହଜାର ୫ ଶହ ଟଙ୍କା ଅଭିଯୁକ୍ତଙ୍କ ୫ଟି ଆକାଉଣ୍ଟକୁ ପଠାଇଥିଲେ। ଏସବୁ ଟଙ୍କା ୨୦୨୪ ଡିସେମ୍ବର ୨୩ ରୁ ୨୦୨୫ ମାର୍ଚ୍ଚ ୨୪ ମଧ୍ୟରେ ୫୪ଟି କିସ୍ତିରେ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟରେ ତାଙ୍କ ଟଙ୍କା ବହୁଗୁଣ ହେବା ତ ଦୂରର କଥା ମୂଳ ଟଙ୍କା ଉଠାଇବାକୁ ଚାହିଁବାରୁ ଅଭିଯୁକ୍ତମାନେ ଆଉ ଧରାଛୁଆଁ ନ ଦେଇ ସବୁ ଲିଙ୍କ୍ କାଟି ଦେଇଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଉକ୍ତ ବ୍ୟକ୍ତିଜଣକ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏହା ଏକ ବଡ଼ ଠକେଇ ହୋଇଥିବାରୁ କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍ ତଦନ୍ତ ଭାର ନେଇଥିଲା।

## ବଳାତ୍କାର ମାମଲା, ୨ ଜଣଙ୍କୁ ୧୦ବର୍ଷ ଜେଲଦଣ୍ଡ

ଆଠଗଡ଼, ୨୪।୪(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ୨୦୨୪ ମସିହାରେ ସଂଘଟିତ ଏକ ବଳାତ୍କାର ମାମଲାର ବିଚାର କରିଛନ୍ତି। ଏହି ଘଟଣାରେ ଶୁକ୍ରବାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ଆଦେଶ ଦେଇଛନ୍ତି। ୨୦୨୪ ମସିହା ଏପ୍ରିଲ ୧୩ ତାରିଖରେ ମହିଳା ଜଣକ ଖୁଣ୍ଟୁଣୀ ବଜାରକୁ ଆସିଥିଲେ। ତାଙ୍କୁ ଘରେ ଛାଡିଦେବାକୁ କହି ପ୍ରଧାନ ସଏ ଏବଂ ଚଗ ଓରଫ ଚୈତନ୍ୟ ବିରୁଆ ବାଇକରେ ବସାଇ ନେଇ ରାଣୀବଣିଆ ଜଙ୍ଗଲକୁ ନେଇଯାଇଥିଲେ। ନିକାଞ୍ଚନ ସ୍ଥାନରେ ତାଙ୍କୁ ବଳାତ୍କାର କରିଥିଲେ। ସେହି ସମୟରେ ଲୋକମାନେ ଚାଲି ଆସିବାରୁ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ସେଠାରେ ଛାଡ଼ି ଚାଲି ଯାଇଥିଲେ। ଏ ନେଇ ପୀଡ଼ିତା ଖୁଣ୍ଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା(ନଂ.୯୨/୨୪) ରୁଜୁ କରି ପୋଲିସ ୨ଜଣଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ଦେବାଶିଷ ସିଟ ଏହି ମାମଲା ପରିଚାଳନା କରୁଥିଲେ।

## ବ୍ରହ୍ମପୁର ଜେଲ ହାଇ ସିକ୍ୟୁରିଟି ସେଲ୍‌ରେ ରାଜା ସାହାଣୀ

ବ୍ରହ୍ମପୁର, ୨୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ଚୌଦ୍ୱାର ଜେଲ୍‌ରୁ ନିଜ ସହଯୋଗୀଙ୍କ ସହ ଫେରାର ହୋଇ ପରେ ଧରାପଡ଼ିଥିବା ରାଜା ସାହାଣୀ ଓରଫ ଶୁଭମ୍‌ଙ୍କୁ ବ୍ରହ୍ମପୁର ଜେଲକୁ ଅଣାଯିବା ପରେ ହାଇ ସିକ୍ୟୁରିଟି ସେଲରେ ରଖାଯାଇଛି। ଶୁକ୍ରବାର ସକାଳେ ତାଙ୍କୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସହାୟତାରେ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଅଣାଯାଇଥିଲା। ରାଜା ସାହାଣୀଙ୍କୁ ଅତିସମ୍ବେଦନଶୀଳ ବା 'ହାଇରିସ୍କ' ବନ୍ଦୀ ଭାବେ ଗଣନା କରାଯାଉଛି। ସୁରକ୍ଷା ଦୃଷ୍ଟିକୋଣରୁ ଏବଂ ଅଧିକ ତଦନ୍ତ ପାଇଁ ତାଙ୍କୁ ଏଠାକୁ ଅଣାଯାଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ୨୦୨୫ ଅକ୍ଟୋବରରେ ଚୌଦ୍ୱାର ଜେଲରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଗତ ୧ ତାରିଖରେ ଉତ୍ତରାଖଣ୍ଡର ଋଷିକେଶରୁ ଗିରଫ କରାଯାଇଥିଲା। ସେ ସେଠାରେ ନିଜର ପରିଚୟ ଲୁଚାଇ 'କମଲେଶ ପାଣ୍ଡେ' ନାମରେ ରହୁଥିଲେ। ବିହାରର ବେଗୁସରାଇ ବାସିନ୍ଦା ରାଜାଙ୍କ ନାମରେ ଓଡ଼ିଶା, ବିହାର, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ହତ୍ୟା, ଡକାୟତି ଓ ଚୋରି ଭଳି ୨୮ରୁ ଅଧିକ ସଙ୍ଗିନ ମାମଲା ରହିଛି।

## ୫ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡ ଅନୁମତି

ବ୍ରହ୍ମପୁର, ୨୪।୪ (ସୁବାସ ଚନ୍ଦ୍ର ପାଢ଼ୀ)

### ଜମି ବ୍ୟବସାୟୀ ସୁଧୀର ହତ୍ୟା ମାମଲା

ଗଞ୍ଜାମ ଜିଲା ଗୋପାଳପୁର ଅଞ୍ଚଳର ଜମି ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ୫ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେବ ପୋଲିସ । ବ୍ରହ୍ମପୁରସ୍ଥିତ ଜେଏମ୍ଏଫ୍‌ସି(ଗ୍ରାମୀଣ) କୋର୍ଟ ମାଜିଷ୍ଟ୍ରେଟ ଚିତିକା ଜେନା ଶୁକ୍ରବାର ଏହି ରିମାଣ୍ଡ ମଞ୍ଜୁର କରିଛନ୍ତି । ଅଭିଯୁକ୍ତମାନେ ହେଲେ କାଳୁଚରଣ ପ୍ରଧାନ, ଜିତୁନ ପୋଲାଇ, ନାରାୟଣ ପ୍ରଧାନ, ଆଶିଷ ମହାପାତ୍ର ଓ ସୂର୍ଯ୍ୟପ୍ରତାପ ସିଂ । ପୋଲିସ ୫ ଦିନ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲା। ଆସନ୍ତା ୨୫ ତାରିଖରୁ ୨୭ ଯାଏ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ କ୍ରାଇମ ସିନ୍ ରିକ୍ରିଏଶନ କରାଯିବ ବୋଲି ଜଣାପଡିଛି। ଗୁରୁବାର ମୁଖ୍ୟ ଷଡଯନ୍ତ୍ରକାରୀ ତଥା ମୃତ ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର ଓ ପୁତୁରା ତୁଷାର ପାତ୍ରଙ୍କ ସମେତ ନିବେଦିତାଙ୍କ ପୁରୁଷବନ୍ଧୁ କାଳୁଚରଣଙ୍କୁ ମିଶାଇ ପୋଲିସ ମୋଟ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉପରୋକ୍ତ ୫ ଅଭିଯୁକ୍ତ ମୁଖ୍ୟ କାର୍ପଟଦାର ସାଜିଥିବାରୁ ପୋଲିସ ସେମାନଙ୍କୁ ୫ ଦିନ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବ ବୋଲି ଅଦାଲତରେ ପିଟିଶନ ଦାଖଲ କରିଥିଲା।


**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

No. 14001/12/2627: ତା୨୧।୦୩।୨୦୨୬ରିଖରେ ଦୈନିକ ସମାଜ, ଧରିତ୍ରୀ, ପ୍ରମେୟ, ପ୍ରଗତିବାଦୀ ଓ ତା୨୨।୦୩।୨୦୨୬ରିଖରେ ଦୈନିକ ସମ୍ବାଦରେ ପ୍ରକାଶିତ ବିଜ୍ଞାପନରେ ହସ୍ତଶିଳ୍ପ କ୍ଷେତ୍ରରେ ବିଭିନ୍ନ ଯୋଜନାଗୁଡ଼ିକ ଯଥା **"ଗୁରୁଶିଷ୍ୟ ପରମ୍ପରା ତାଲିମ", ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ", "ଶିଳ୍ପୀଗ୍ରାମ ଯୋଜନା", "ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ନିର୍ମାଣ ଯୋଜନା" ଓ "ଶିଳ୍ପୀ ଉନ୍ନତି ଯୋଜନା"** ପାଇଁ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାର ସମୟସୀମା ତା୧୨।୦୫।୨୦୨୬ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି। ଏଣୁ ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ବିଜ୍ଞାପନରେ ପ୍ରକାଶିତ ଯୋଜନାଗୁଡ଼ିକରେ ସହାୟତା ପାଇଁ ଅନଲାଇନ୍ ମାଧ୍ୟମରେ **https://crafts.odisha.gov.in** କିମ୍ବା **https://spdp.odisha.gov.in** ୱେବସାଇଟ୍ ପରିଦର୍ଶନ କରି ତା୧୨।୦୫।୨୦୨୬ରିଖ ସୁଦ୍ଧା ଆବେଦନ କରିପାରିବେ। ଉପରୋକ୍ତ ସମସ୍ତ ଯୋଜନାଗୁଡ଼ିକର ସବିଶେଷ ତଥ୍ୟ ପାଇଁ ଆବେଦନକାରୀମାନେ ସମ୍ପୃକ୍ତ ଉପ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ)/ହସ୍ତଶିଳ୍ପ ବିକାଶ ଅଧିକାରୀ କିମ୍ବା ଏହି ନିର୍ଦ୍ଦେଶାଳୟର ନିଃଶୁଳ୍କ ଟେଲିଫୋନ ସେବା – **୧୮୦୦୩୪୫୭୮୫୦**ରେ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା./– ନିର୍ଦ୍ଦେଶିକା
ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-14001/14008/1/26-27/0001



No.32001/117/2627

GOVERNMENT OF ODISHA
**OFFICE OF THE EXECUTIVE ENGINEER**
Tel Irrigation Division, Sonepur
E-mail : eeteldivn2022@gmail.com

**E-procurement Notice No - EE, TID, SNP - 02/2026-27**

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Single cover** system to be received in **online mode** only for the works as detailed below.

1. Name/Nature of the work : Flood Protection Embankment Works
2. No. of Works : 13 No.
3. Class of Contractor : As mentioned in Col. No. 4 of NIT
4. Bid Identification No. : EE, TID, SNP - 01/2026-27
5. Approximate Estimated Cost : From Rs.6.50 lakhs to Rs.25.37 lakhs (Excluding GST)
6. Period of Completion : As per mentioned in Col No.7 of NIT
7. Date & time of availability of bid documents in the Portal : **From 29.04.2026 (10.00 A.M.) to 12.05.2026 (05.30 P.M.)**
8. Last date/time for receipt of bids in the Portal : **In portal - 12.05.2026 from 10.00 A.M. up to 05.30 P.M.**
9. Date of Opening of Bid : **On Date 13.05.2026 (11.00 A.M. onwards in the Office of the undersigned)**
10. Name of the Officer inviting Bid : **Executive Engineer, Tel Irrigation Division, Sonepur (Dist.-Subarnapur)**

Further details can be seen from the e-Procurement portal https://tendersodisha.gov.in.

Sd./- Executive Engineer
Tel Irrigation Division, Sonepur

OIPR-32001/32362/1/26-27/0002



No.32001/116/2627

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, BURLA IRRIGATION DIVISION, BURLA**
Phone No. : 0663-2430445, E-mail id : sambalpurirrigation@rediffmail.com

'e' Tender Call Notice No. BID-01/2026-27 (Online)

| | | | |
|---|---|---|---|
| 1. | Nature of Works | : | Improvement to Canal Structure |
| 2. | Nos. of works | : | 18 (Eighteen) Nos. |
| 3. | Amount Put to Tender | : | Rs.8.11 Lakhs to 22.20 Lakhs Approximately |
| 4. | Period of Completion | : | As per D.T.C.N |
| 5. | Date and Time of availability of Bid Document in the Portal | : | Dt : 30.04.2026 at 11.00 A.M. to Dt : 11.05.2026 up to 05.00 P.M. |
| 6. | Last Date / Time for receipt of Bids in the Portal | : | Dt : 11.05.2026 up to 05.00 P.M. |
| 7. | Date of opening of Bid | : | Dt : 12.05.2026 at 11.00 A.M. |
| 8. | Last date & time of seeking tender clarification | : | Dt : 11.05.2026 up to 02.00 P.M. |
| 9. | Name and Address of the Officer Inviting Bid | : | Superintending Engineer, Burla Irrigation Division, Burla At/Po-Burla - 768017, Dist. - Sambalpur, Email Id : sambalpurirrigation@rediffmail.com |

Further detail can be seen from the e-procurement portal www.tendersodisha.gov.in.

Sd./- Superintending Engineer,
Burla Irrigation Division, Burla

OIPR-32001/32436/1/26-27/0001



No.25001/51/2627

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BOLANGIR
**e-Procurement Notice**

| | | | |
|---|---|---|---|
| 1 | Name of work | : | Construction of Roads in the district of Bolangir under the Scheme of MMSY-TRIP, MMSY-CMRL for the year 2025-26 |
| 2 | No. of works | : | 2 (Two) works |
| 3 | Time for completion varies from | : | 9 (Nine) Calendar months |
| 4 | Approximate estimated cost varies from | : | Rs.385.31 lakhs to Rs.476.02 lakhs |
| 5 | Mode of Submission of tender | : | Tender should be submitted online in www.tendersodisha.gov.in |
| 6 | **Other details are as follow** | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-01/2026-27 | 27.04.2026 at 11.00 A.M. | 12.05.2026 upto 5.00 P.M. | 11.05.2026 upto 5.00 P.M. | 13.05.2026 at 11.00 A.M. | The date will be intimated later on |

• Further details can be seen from the website **www.tendersodisha.gov.in**
• Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir

OIPR-25001/25118/1/26-27/0001



**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, लातेहार**

अल्पकालीन ई– निविदा आमंत्रण सूचना

ई–निविदा संख्या :– 05/R1/2024-25/EE/RWD/LATEHAR दिनांक : 23.04.2026

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि | टेंडर कॉल |
|---|---|---|---|---|---|---|---|
| 2 | RWD/LATEHAR21/2024-25 | बरवाडीह | ग्राम पंचायत छेंचा पंचायत भवन पी0डब्लू0डी0 रोड से आंगनबाड़ी होते हुए कोयल नदी तक पथ निर्माण। | 342.804 | रू0 तीन करोड़ बेयालीस लाख अस्सी हजार चार सौ रूपये मात्र। | 15 माह | द्वितीय |

1. वेबसाईट में निविदा प्रकाशन की तिथि : 29.04.2026
2. ई–निविदा प्राप्ति की अंतिम तिथि एवं समय : 09.05.2026 अपराह्न 5:00 बजे तक।
3. निविदा खोलने की तिथि एवं समय : 11.05.2026 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग
कार्य प्रमण्डल, लातेहार

PR 378352 REO(26-27).D



Government of Jharkhand
**Urban Development and Housing Department**
Dhanbad Municipal Corporation, Dhanbad

e-Procurement Re Tender Notice No. DMC/05/2026-27
NIT No.- DMC/05/2026-27 Date :- 24.04.2026

| | | |
|---|---|---|
| 1. | Name of the work | **Rejuvenation of Ranibandh Talab Under DMC, Dhanbad** |
| 2. | Estimated Cost (Rs.) | Rs. **4,16,37,000.00** |
| 3. | Tender Fee and Bid Security | Tender document fee: - INR 10,000/- (Ten Thousand Only) Non-Refundable. Bid Security: Rs **416370.00** (Rupees Four Lakh Sixteen Thousand Three Hundred & Seventy Only). |
| 4. | Time of Completion | 330 Days |
| 5. | Date / Time of Publication of Tender on Website | 02.05.2026 at 03:00 PM |
| 6. | Start Date of Submission of Bids | 21.05.2026 at 03:00 PM |
| 7. | Last Date / Time for receipt of bids Online | 21.05.2026 (On line) till 03:00 PM |
| 8. | Date and Time of Technical Bid Opening Online. | 22.05.2026 (On line) from 03:00 PM |
| 9. | Name & address of office Inviting tender | Chief Executive Officer, Dhanbad Municipal corporation,Dhanbad. |
| 10. | Helpline number of e-Procurement cell | **8986892064** |
| 11. | e-mail id | **Dhanbadmunicipal corporationadm@gmail.com** |

NOTE:- (i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in Class (I) First class as per NIT
(iii) Estimated Cost / Quantity May Vary
(iv) Any Change/Information can be seen on Website on http://www.jharkhandtenders.gov.in.

**Executive Engineer,**
**Dhanbad Municipal Corporation, Dhanbad**

PR 378343 Urban Development and Housing (26-27)_D

# ଓଡ଼ିଶା ହେବ ଦେଶର ଇସ୍ପାତ ହବ୍: ମୁଖ୍ୟମନ୍ତ୍ରୀ

■ଜେଏସ୍ଡବ୍ଲ୍ୟୁ ପ୍ରକଳ୍ପ ଜରିଆରେ ବିକଶିତ ଓଡ଼ିଶା ଗଠନ ପାଇଁ ଆହ୍ୱାନ
■ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ନେଇ ହେବ ଅର୍ଥନୈତିକ ଜୋନ୍



**ସମ୍ବଲପୁର,୨୪।୪(ପ୍ରମୋଦ ବହିଦାର)**

ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ ସହିତ ଜେଏସଡବ୍ଲ୍ୟୁ ସମ୍ବଲପୁର ଜିଲା ଠେଲକୋଲୋଇଠାରେ ମିଳିତ ଉଦ୍ୟୋଗର ପ୍ରତିଷ୍ଠା କରିବା ନେଇ ଘୋଷଣା କରାଯାଇଛି। ଏଥିନେଇ ଶୁକ୍ରବାର ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜେଏସଡବ୍ଲ୍ୟୁ ଗ୍ରୁପ୍ ଚେୟାରମ୍ୟାନ୍ ସଜ୍ଜନ ଜିନ୍ଦଲ, ଜେଏସଡବ୍ଲ୍ୟୁ ଗ୍ରୁପ୍ର ପାର୍ଥ ଜିନ୍ଦଲ, ଜେଏଫଇ ଷ୍ଟିଲ୍ କର୍ପୋରେସନ ସଭାପତି ତଥା ସିଇଓ ୟୋସିହିସା କିଟାନୋ ଏବଂ ଜାପାନ ରାଷ୍ଟ୍ରଦୂତ କେଇଚି ଓନୋଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି।ନୂତନ ଭାବେ ପ୍ରତିଷ୍ଠା କରାଯାଉଥିବା ଏହି ମିଳିତ ଉଦ୍ୟୋଗରେ ଉଭୟ କମ୍ପାନୀର ୫୦ ପ୍ରତିଶତ ଅଂଶଧନ ରହିବ ଏବଂ ଏହା ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ ଲିମିଟେଡ୍ ନାମରେ କାର୍ଯ୍ୟ କରିବ।ସମ୍ବଲପୁର ଜିଲାରେ ଏକ ସମନ୍ୱିତ ପ୍ରକଳ୍ପ ଭାବେ ଏହି କମ୍ପାନୀ କାର୍ଯ୍ୟ କରିବା ସହ ରାଜ୍ୟରେ ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଏକ ନୂଆ ଦିଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଇସ୍ପାତ ପ୍ରକଳ୍ପର ଶୁଭାରମ୍ଭ କରି କହିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଏହି ଯୌଥ ପ୍ରକଳ୍ପ ଦ୍ୱାରା ଜାପାନ ଓ ଭାରତ ମଧ୍ୟରେ ଥିବା ଶିଳ୍ପ ସମ୍ପର୍କ ଆହୁରି ସୁଦୃଢ଼ ହେବ। ଏହି ବୃହତ୍ ଶିଳ୍ପ ପ୍ରକଳ୍ପ ପାଇଁ ପ୍ରାୟ ୬୧ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଉଥିବା ବେଳେ ଏହାଦ୍ୱାରା ରାଜ୍ୟରେ ୧୭ ହଜାରରୁ ଅଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଛନ୍ତି, ଉକ୍ତ ପ୍ରକଳ୍ପ ଓଡ଼ିଶାର ଅର୍ଥନୀତି ପାଇଁ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ। ଗ୍ରୀନ୍ ଷ୍ଟିଲ ଉତ୍ପାଦନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ଏହା ବିଶ୍ୱସ୍ତରୀୟ ଉଦାହରଣ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ଶେୟାର ବଜାରର କ୍ରମାଗତ ଅଧୋଗତି

## ୯୯୯ ପଏଣ୍ଟ ଖସିଲା ସେନ୍ସେକ୍ସ

**ମୁମ୍ବାଇ ,୨୪।୪**

ପଶ୍ଚିମ ଏସିଆ ଯୁଦ୍ଧ ସ୍ଥିତିକୁ ନେଇ ଶେୟାର ବଜାରରେ ଅସ୍ଥିରତା ଲାଗି ରହିଥିଲାବେଳେ ନିବେଶକଙ୍କ କ୍ଷତି ବଢ଼ିଚାଲିଛି। ଭାରତୀୟ ଶେୟାର ବଜାରରେ ଏହାର ପ୍ରଭାବ ଅନୁଭୂତ ହେବା ସହ କ୍ରମାଗତ ଭାବେ ବଜାର ସ୍ଥିତିରେ ଅଧୋଗତି ଜାରି ରହିଛି। ଚଳିତ ସପ୍ତାହର ଶେଷ କାରବାର ଦିବସରେ ଶୁକ୍ରବାର ବିଏସ୍ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କାରବାର ୧.୨୭ ପ୍ରତିଶତ ହ୍ରାସ ଘଟିଥିଲାବେଳେ ସେନ୍ସେକ୍ସରେ ମଧ୍ୟ ୯୯୯ ପଏଣ୍ଟ ହ୍ରାସ ଘଟିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟି କାରବାରରେ ୧.୧୩ ପ୍ରତିଶତ ହ୍ରାସ ଘଟିବା ସହିତ ଏଥିରେ ୨୭୫ ପଏଣ୍ଟ ହ୍ରାସ ଘଟିଛି। କାରବାର ଶେଷ ସୁଦ୍ଧା ସେନ୍ସେକ୍ସ ୭୬,୬୬୪ ପଏଣ୍ଟରେ ବନ୍ଦ ରହିଥିଲାବେଳେ ନିଫ୍ଟି ୨୩, ୮୯୭ ପଏଣ୍ଟରେ ବନ୍ଦ ରହିଛି। ଇରାନ ଏବଂ ଆମେରିକା ମଧ୍ୟରେ ୧୪ ଦିନିଆ ଯୁଦ୍ଧବିରତି ହେବା ପରେ ଅନ୍ତର୍ଜାତୀୟ ସ୍ତରରେ ପୁଞ୍ଜିବଜାରରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବା ସହ ମୁମ୍ବାଇ ଷ୍ଟକ୍ ବଜାର ସ୍ଥିତିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏହାପରେ ଉଭୟ ରାଷ୍ଟ୍ର ମଧ୍ୟରେ ସ୍ଥାୟୀ ଭାବେ ବୁଝାମଣା ହେବ ଏବଂ ପଶ୍ଚିମ ଏସିଆ ସ୍ଥିତି ବଦଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବୁଝାମଣା ହେବା ପରିବର୍ତ୍ତେ ହର୍ମୁଜ୍ ପ୍ରଣାଳୀକୁ ନେଇ ଯେଉଁଭଳି ସ୍ଥିତି ଉତ୍ପନ୍ନ ହୋଇଛି ତାହା ଅନ୍ତର୍ଜାତୀୟ ତୈଳ ବଜାରକୁ ମାତ୍ରାଧିକ ପ୍ରଭାବିତ କରିବାରେ ଲାଗିଛି। ଇରାନ୍-ଆମେରିକା ମଧ୍ୟରେ ଆକ୍ରମଣ ପ୍ରତ୍ୟାକ୍ରମଣ ପୂର୍ବ ତୁଳନାରେ ହ୍ରାସ ପାଇଥିଲେ ମଧ୍ୟ ହର୍ମୁଜ୍ ପ୍ରଣାଳୀ ଦେଇ ଇନ୍ଧନ ପରିବହନ ଏକପ୍ରକାର ଠପ୍ ହୋଇଯାଇଛି; ଯାହାକୁ ନେଇ ତୈଳ ମୂଲ୍ୟ ବଢ଼ିବାରେ ଲାଗିଛି। ଏହାକୁ ନେଇ ନିବେଶକ ମହଲରେ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ଭାରତୀୟ ଷ୍ଟକ୍ ବଜାରରୁ ଗତ ୩ଟି ପର୍ଯ୍ୟାୟରେ ବିଦେଶୀ ନିବେଶକାରୀ ବିପୁଳ ପରିମାଣରେ ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ଯାହାକୁ ନେଇ ଉଭୟ ସେନ୍ସେକ୍ସ ଏବଂ ନିଫ୍ଟିର ଗତି କ୍ରମାଗତ ଭାବେ ତଳମୁହାଁ ହେବାରେ ଲାଗିଛି।



ବିଏସ୍ଇ ସେନ୍ସେକ୍ସ
୭୬,୬୬୪ (-୯୯୯)



**୧ ଡଲାର = ୯୪.୧୬ ଟଙ୍କା**



**ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୪.୦୦ ଡଲାର**

# ଭାରତରେ ପର୍ଯ୍ୟଟନ କ୍ଷେତ୍ର ସହ ଯୋଡ଼ିହେବ 'ସି ପ୍ଲେନ୍'

**ନୂଆଦିଲ୍ଲୀ ,୨୪।୪**

ଭାରତରେ ପର୍ଯ୍ୟଟନ କ୍ଷେତ୍ରରେ ଖୁବ୍‌ଶୀଘ୍ର ଏକ ନୂଆ ଅନୁଭବ ମିଳିବ। ପ୍ରଥମଥର ଲାଗି ସମୁଦ୍ରରେ ଉଡ଼ିପାରୁଥିବା 'ସି ପ୍ଲେନ୍' ପର୍ଯ୍ୟଟନ କ୍ଷେତ୍ର ସହ ଯୋଡ଼ିହେବ। ଏହି ସି ପ୍ଲେନ୍ ଉଡ଼ାଣ ଲାଗି ସିହପ୍ ଆଭିଏସନ୍ ସବୁ ଦିଗରୁ ପରୀକ୍ଷାନିରୀକ୍ଷା ଶେଷ କରିସାରିଥିଲାବେଳେ ଏହି କମ୍ପାନୀକୁ ଏଥିପାଇଁ ସ୍ୱୀକୃତି ମିଳିବ ବୋଲି କୁହାଯାଇଛି। ଏହାଦ୍ୱାରା ଦେଶର ବିଭିନ୍ନ ଭାଗରେ ସାମୁଦ୍ରିକ ପର୍ଯ୍ୟଟନ କ୍ଷେତ୍ରରେ ପ୍ରଥମ ଅପରେଟର ଭାବେ ସିହପ୍ ସି ପ୍ଲେନ୍ ଉଡ଼ାଣ ଆରମ୍ଭ କରିବ ବୋଲି ଜଣାପଡ଼ିଛି। ବିଶ୍ୱର ଅନ୍ୟ ବହୁ ଦେଶରେ ସିପ୍ଲେନ୍ ବ୍ୟବସ୍ଥା ରହିଥିଲେ ହେଁ ଭାରତରେ ଏହାକୁ କାର୍ଯ୍ୟକାରୀ କରିବା ଲାଗି ବହୁଦିନରୁ ଉଦ୍ୟମ ହୋଇଆସୁଥିଲା। କିନ୍ତୁ ସୁରକ୍ଷା ଦିଗକୁ ବିଚାରକରି ଏଥିପାଇଁ ପରୀକ୍ଷାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଉଥିଲା। ସିହପ୍ କମ୍ପାନୀ ଗତ କିଛି ମାସ ଧରି ଏଥିପାଇଁ ପ୍ରସ୍ତୁତି ଜାରି ରଖିଥିଲାବେଳେ ଏବେ ଉକ୍ତ କମ୍ପାନୀକୁ ' ଏୟାର ଅପରେଟର ପରମିଟ୍( ଏଓପି) ମିଳିବାକୁ ଯାଉଛି। ସମୁଦ୍ର ଜଳରେ ସିପ୍ଲେନ୍ ଉଡ଼ାଣ ଲାଗି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସହ ଭିତ୍ତିଭୂମିର ଆବଶ୍ୟକତା ରହିଛି। ତେବେ ପ୍ରଥମକରି ଲାକ୍ଷାଦ୍ୱୀପରେ ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ସିହପ୍ କମ୍ପାନୀ ସବୁ ଦିଗରୁ ବ୍ୟବସ୍ଥା କରିଥିବାରୁ ଏଠାରେ ଭାରତର ପ୍ରଥମ ସିପ୍ଲେନ୍ ଉଡ଼ିବ ବୋଲି କୁହାଯାଇଛି। ଏହାପରେ ଦେଶର ଅନ୍ୟ ଭାଗରେ ପର୍ଯ୍ୟଟନ କ୍ଷେତ୍ର ସହ ଏହି ବ୍ୟବସ୍ଥା ଯୋଡ଼ିବାକୁ କମ୍ପାନୀ ଯୋଜନା ରଖିଥିବା କହିଛି।

# ଷ୍ଟାଇଲ ବଜାର ଓ ବିନ୍ଦୁସାଗର ମଧ୍ୟରେ ସହଭାଗିତା



**ଭୁବନେଶ୍ୱର,୨୪।୪ (ଅନୁରାଧା ମହାରଣା)**

ପୂର୍ବ ଭାରତର ଅନ୍ୟତମ ଅଗ୍ରଣୀ ଭାଲ୍ୟୁ ଫ୍ୟାଶନ ରିଟେଲ ଚେନ୍ ଷ୍ଟାଇଲ ବଜାର ପକ୍ଷରୁ ନିକଟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଫିଲ୍ମ ବିନ୍ଦୁସାଗର ସହ ଏକ ସ୍ୱତନ୍ତ୍ର ସହଭାଗିତା ଘୋଷଣା କରାଯାଇଛି। ଏନେଇ ମଙ୍ଗଳବାର ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଷ୍ଟାଇଲ ବାଜର ଷ୍ଟୋରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଏଥିରେ ବିନ୍ଦୁସାଗରର ଅଭିନେତ୍ରୀ ପ୍ରକୃତି ମିଶ୍ର, ଅଭିନେତା ଦୀପାନ୍ୱିତ ଦାସମହାପାତ୍ର ଲେଖକ ଅଭିଷେକ ଦାସ ଓ କୋରିଓଗ୍ରାଫର ଆଦର୍ଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଷ୍ଟାଇଲ ବଜାରର ସହପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଶ୍ରେୟାନ୍ସ ସୁରାନା କହିଛନ୍ତି, ବିନ୍ଦୁସାଗର ଫିଲ୍ମ ସହ ଆମର ସହଭାଗିତା ସ୍ଥାନୀୟ ସଂସ୍କୃତି ସହ ଜଡିତ ରହିବା ସହ ଆମର ଗ୍ରାହକଙ୍କ ପାଇଁ ଆଧୁନିକ ଅନୁଭୂତି ସୃଷ୍ଟିକରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଷ୍ଟାଇଲ ବଜାର ପକ୍ଷରୁ ବିନ୍ଦୁସାଗର ଫିଲ୍ମର ଗୀତ 'ଦ ଓଡ଼ିଆ ଆନ୍ଥେମ'କୁ ପୁନଃ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଫିଲ୍ମର ମୁଖ୍ୟ କଳାକାରମାନେ ଅଭିନୟ କରିଛନ୍ତି। କାର୍ଯ୍ୟକ୍ରମରେ ଷ୍ଟୋର ମ୍ୟାନେଜର ଗୁରୁଚରଣ ଦାସ ମଧ୍ୟ ଉପସ୍ଥିତ ଥିଲେ।

# ପୂର୍ବତଟ ରେଳପଥର ଦୃଢ଼ ଆର୍ଥିକ ପ୍ରଦର୍ଶନ

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଏକ ଦୃଢ଼ ତଥା ସନ୍ତୁଳିତ ଆର୍ଥିକ ପ୍ରଦର୍ଶନ ହାସଲ କରିଛି। ଏହି ଜୋନ୍ ୫୪.୮୧%ର ଏକ ପ୍ରଭାବଶାଳୀ 'ଅପରେଟିଂ ରେସିଓ' ରେକର୍ଡକରି ସମସ୍ତ ରେଳ ଜୋନ୍ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ପୂର୍ବତଟ ରେଳପଥର ମୋଟ ଆନୁପାତିକ ରାଜସ୍ୱ ୨୬,୦୫୮.୧୦ କୋଟି ଟଙ୍କାରେ ପହଞ୍ଚିବା ସହ ଆୟରେ ସ୍ଥିର ଅଭିବୃଦ୍ଧି ପ୍ରଦର୍ଶନ କରିଛି। ଜୋନ୍‌ର ପ୍ରାରମ୍ଭିକ ଆୟ ୩୨,୮୩୭.୬୭ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୧% ରୁ ଅଧିକ ଅଭିବୃଦ୍ଧି ଦର୍ଶାଉଛି। ଆର୍ଥିକ ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। 'ଟ୍ରାଫିକ୍ ସସ୍‌ପେନ୍ସ' ଗତ ଆର୍ଥିକ ବର୍ଷର ୨୫.୦୪ କୋଟି (୦.୧୦୫%)ରୁ ହ୍ରାସ ପାଇ ୨୨.୮୬ କୋଟି (୦.୦୮୭%)ରେ ପହଞ୍ଚିଛି। ପୂର୍ବତଟ ରେଳପଥ ଚଳିତ ବର୍ଷ ପୁଞ୍ଜି ଖର୍ଚ୍ଚରେ ମଧ୍ୟ ଯଥେଷ୍ଟ ଅଗ୍ରଗତି କରିଛି। ମୋଟ ପୁଞ୍ଜି ଖର୍ଚ୍ଚ ୧୨,୨୨୧.୮୧ କୋଟିରେ ପହଞ୍ଚିଛି, ଯାହାର ସାମଗ୍ରିକ ବ୍ୟବହାର ସଂଶୋଧିତ ଅନୁଦାନର ୧୦୦% ଅତିକ୍ରମ କରିଛି। ମୋଟ ଆଧାରରେ (ଲିଜ୍, ମୂଲ୍ୟହ୍ରାସ ଏବଂ ଅନ୍ୟାନ୍ୟ ସଂଶୋଧନକୁ ବାଦ୍ ଦେଇ), ଖର୍ଚ୍ଚ ୬,୪୮୮.୨୪ କୋଟି ଟଙ୍କା ଥିଲା।

# ଏଫ୍ଏମ୍ୟୁ ସହ ଓକେସିଏଲ୍‌ର ଏମ୍‌ଓୟୁ

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍ଏମ୍ୟୁ) ଏବଂ ଓଡ଼ିଶା ନଲେଜ୍ କର୍ପୋରେଶନ ଲିମିଟେଡ୍ (ଓକେସିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମିନା ଦାସ ଏବଂ ଓକେସିଏଲର୍ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ମନୋରଞ୍ଜନ ପୁଥଲଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ସହ ଏକ ଭବିଷ୍ୟତ ଉପଯୋଗୀ ତଥା ଦକ୍ଷତାଭିତ୍ତିକ ଶିକ୍ଷା ବ୍ୟବସ୍ଥା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି। ଏହି ସହଯୋଗ ଏଫ୍ଏମ୍ୟୁର ଶୈକ୍ଷିକ ଉତ୍କର୍ଷ ଏବଂ ଓକେସିଏଲ୍‌ର ଡିଜିଟାଲ ବୈଶିଷ୍ଟ୍ୟକୁ ଆଧାରକରି ଏକ ନୂଆ ସୁଯୋଗ ଆଣିବ। ଏହି ଅବସରରେ ଓକେସିଏଲ୍‌ର ସିନିୟର ମ୍ୟାନେଜର ଲାଲା ନୀଳାଦ୍ରି ବିହାରୀ ରାୟ ଏବଂ ସିନିୟର ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ ଜେ. ଦାସ 'ଇଣ୍ଟର୍ନଶିପ୍ ଇକୋସିଷ୍ଟମ୍ ଏବଂ ଏଆଇ ଓରିଏଣ୍ଟେଶନ' ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।

# ବଡ଼ଗାମ୍‌ରେ ନୂତନ ଇଏସ୍ଆଇସି ହସ୍ପିଟାଲ ଉଦ୍‌ଘାଟିତ



**ଶ୍ରୀନଗର ,୨୪।୪**

ଜମ୍ମୁ କଶ୍ମୀରର ବଡ଼ଗାମ୍‌ସ୍ଥିତ ଓମପୋରାରେ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏକ ୩୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲକୁ କେନ୍ଦ୍ର ଶ୍ରମ ଓ ଯୁବବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଜମ୍ମୁ କଶ୍ମୀରର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି କେନ୍ଦ୍ର ମନ୍ତ୍ରୀ ମାଣ୍ଡବ୍ୟ କହିଛନ୍ତି। ଏହି ହସ୍ପିଟାଲ କଶ୍ମୀରରେ ପ୍ରଥମ ଇଏସ୍ଆଇସି ହସ୍ପିଟାଲ ହୋଇଥିବାରୁ ଘରୋଇ ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କଲ୍ୟାଣ ପାଇଁ ଏକ ମାଇଲଖୁଣ୍ଟ ହେବ ବୋଲି ସେ କହିଛନ୍ତି।

# ଆଦିତ୍ୟ ଆଲୁମିନିୟମର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ

**ସମ୍ବଲପୁର,୨୪।୪**

ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଏହାର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଲପଙ୍ଗା ଅଞ୍ଚଳର ବିଭିନ୍ନ ଗ୍ରାମର ବିକାଶ ଏବଂ ସୁସ୍ଥତା ଲାଗି ପଦକ୍ଷେପ ନିଆଯାଇଛି। ସମ୍ବଲପୁର ଜିଲାର ରେଙ୍ଗାଲି ବ୍ଲକ୍ ଜଙ୍ଗଲା ଏବଂ କତରବଗା ଗ୍ରାମପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳ ସୁବିଧାର ଉଦ୍‌ଘାଟନ କରାଯାଇଛି। ଏଥିସହ ଲାରିପାଲି ଗ୍ରାମରେ ଶ୍ମଶାନ ଘର ଓ ସମୁଦାୟ ଶୌଚାଳୟ ପାଇଁ ଭୂମିପୂଜନ ମଧ୍ୟ କରାଯାଇଛି। ଉଦ୍‌ଘାଟନ ଅବସରରେ କତରବଗାର ସରପଞ୍ଚ ନୀଳାମ୍ବର



ରୋହିଦାସ, ଜଙ୍ଗଲା ସରପଞ୍ଚ ରୀତା ବିଶ୍ୱାଳ ଏବଂ ଜଙ୍ଗଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରାରୀ ପ୍ରସାଦ ବିଶ୍ୱାଳଙ୍କ ସମେତ କମ୍ପାନୀର ସିଏସ୍ଆର୍ ମୁଖ୍ୟ ରବି ନିୱାସ, ଡିଏଚ୍ ଇନ୍‌ଫ୍ରାର ମନୋଜ ଶର୍ମା, ସିଏସ୍ଆର୍ ଟିମ୍‌ର ମନୋରଞ୍ଜନ ବେହେରା, ସିଭିଲ ଟିମ୍‌ର ନୀଳମାଧବ ପତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୁଣ୍ଡ ପିଛା ଆୟରେ ଭାରତଠାରୁ ବାଂଲାଦେଶ ଆଗରେ

**ୱାଶିଂଟନ୍ ,୨୪।୪**

ଭାରତର ମୁଣ୍ଡ ପିଛା ଆୟ ତୁଳନାରେ ବାଂଲାଦେଶର ସ୍ଥିତି ଭଲ ରହିଛି। ଭାରତ ଏବେ ବିଶ୍ୱର ୬ଷ୍ଠ ବୃହତ୍ ଅର୍ଥନୀତି ହୋଇଥିଲେ ମଧ୍ୟ ବାଂଲାଦେଶ ଭଳି ଏକ କ୍ଷୁଦ୍ର ରାଷ୍ଟ୍ରର ମୁଣ୍ଡ ପିଛା ଜିଡିପି ଭାରତଠାରୁ ଆଗରେ ରହିଛି ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ପକ୍ଷରୁ ପ୍ରକାଶ କରାଯାଇଥିବା ଏହାର ସର୍ବଶେଷ ଇକୋନୋମିକ୍ ଆଉଟ୍‌ଲୁକ୍ ରିପୋର୍ଟରେ ପ୍ରକାଶ କରାଯାଇଛି। ଆଇଏମ୍ଏଫ୍ ରିପୋର୍ଟ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୁଣ୍ଡ ପିଛା ଆୟ ୨୮୧୨ ଡଲାର ରହିଥିଲାବେଳେ ବାଂଲାଦେଶର ମୁଣ୍ଡ ପିଛା ଆୟ ପରିମାଣ ୨୯୧୧ ଡଲାର ରହିଛି। ସାଧାରଣତଃ ଗୋଟିଏ ଆର୍ଥିକ ବର୍ଷରେ ଯେକୌଣସି ରାଷ୍ଟ୍ରର ମୋଟ ଜିଡିପିକୁ ସେହି ରାଷ୍ଟ୍ରର ମୋଟ ଜନସଂଖ୍ୟା ଦ୍ୱାରା ଭାଗ କରାଯାଇ ମୁଣ୍ଡ ପିଛା ଆୟ ନିର୍ଦ୍ଧାରଣ କରାଯାଇଥାଏ। କିନ୍ତୁ ବାଂଲାଦେଶ ଏକ୍ଷେତ୍ରରେ କ୍ରମାଗତ ଦୁଇଥର ଆଗକୁ ରହିବା ସହ ଭାରତ ଭଳି ଏକ ବିଶାଳ ଜନବହୁଳ ରାଷ୍ଟ୍ରକୁ ପଛରେ ପକାଇଛି।

# ଟିପିସିଓଡିଏଲ୍ ପକ୍ଷରୁ ସେଫ୍ଟି ଆୱାର୍ଡ ପ୍ରଦାନ



**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଜାତୀୟ ସୁରକ୍ଷା ମାସ ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି। ମାର୍ଚ୍ଚ ୪ରୁ ଏପ୍ରିଲ ୩, ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଓ ଅଂଶୀଦାରମାନଙ୍କ ମଧ୍ୟରେ ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି, ବିପଦର ମୁକାବିଲା ପାଇଁ ପ୍ରସ୍ତୁତି ଏବଂ ନିରାପଦ କାର୍ଯ୍ୟଶୈଳୀକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଯାପନୀ ସମାରୋହରେ ବରିଷ୍ଠ ନେତୃବୃନ୍ଦ, ସମସ୍ତ କର୍ମଚାରୀ ଏବଂ ଫ୍ରଣ୍ଟଲାଇନ୍ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଅଧିବେଶନରେ ଅଧିକାରୀମାନେ ଦୈନନ୍ଦିନ କାର୍ଯ୍ୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଟିପିସିଓଡିଏଲ୍‌ର ପରିଚାଳନା କ୍ଷେତ୍ରରେ ଶୂନ୍ୟ କ୍ଷତି ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ହାସଲକରିବା ଉପରେ ପୁନର୍ବାର ଗୁରୁତ୍ୱାରୋପ କରିଥିଲେ। କର୍ମଚାରୀମାନଙ୍କୁ ସୁରକ୍ଷା କାର୍ଯ୍ୟପ୍ରଣାଳୀ ସହ ଜଡ଼ିତ କରିବା ପାଇଁ ମାସସାରା ସୁରକ୍ଷା ସଚେତନତା ଅଭିଯାନ, କୁଇଜ୍ ପ୍ରତିଯୋଗିତା, ସୁରକ୍ଷା ଶପଥ ପାଠ, ପିପିଇ ସଚେତନତା ଅଧିବେଶନ, ମକ୍ ଡ୍ରିଲ୍, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ କ୍ଷେତ୍ରସ୍ତରୀୟ ସୁରକ୍ଷା ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। ବିଶେଷକରି କ୍ଷେତ୍ର କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ବିଦ୍ୟୁତ୍ ସୁରକ୍ଷା, ବିପଦ ଚିହ୍ନଟ ଏବଂ ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, ନିରନ୍ତର ସଚେତନତା ଏବଂ ପ୍ରଶିକ୍ଷଣ ମାଧ୍ୟମରେ ଆମେ ଶୂନ୍ୟ କ୍ଷତି ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ଦିଗରେ କାର୍ଯ୍ୟ କରୁଛୁ।

# ହ୍ୱାଟ୍ସଆପ୍‌ରେ ପ୍ରିପେଡ୍ ମୋବାଇଲ ରିଚାର୍ଜ ସୁବିଧା

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**

ଭାରତରେ ବ୍ୟବହାରକାରୀମାନେ ଏବେ ସିଧାସଳଖ ଆପ୍ ମଧ୍ୟରେ ପ୍ରିପେଡ୍ ମୋବାଇଲ ରିଚାର୍ଜ କରିପାରିବେ। ପେୟୁ ସହଯୋଗରେ ଏହି ବିଶେଷତ୍ୱଟି ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବହାରକାରୀଙ୍କ ପାଇଁ ପର୍ଯ୍ୟାୟକ୍ରମେ ଉପଲବ୍ଧ ହେଉଛି ଏବଂ ଆଗାମୀ କିଛି ସପ୍ତାହ ମଧ୍ୟରେ ଏହା ସମସ୍ତଙ୍କ ପାଖରେ ପହଞ୍ଚିବ। ଜିଓ,ଏୟାରଟେଲ ଏବଂ ଭିଆଇ ନେଟ୍‌ୱର୍କ ବ୍ୟବହାର କରୁଥିବା ଗ୍ରାହକମାନେ ବିଭିନ୍ନ ପ୍ଲାନ୍ ମଧ୍ୟରୁ ନିଜ ପସନ୍ଦର ପ୍ଲାନ୍ ବାଛିପାରିବେ। ମେଟା ଇଣ୍ଡିଆର ବିଜ୍‌ନେସ୍ ମେସେଜିଂ ନିର୍ଦ୍ଦେଶକ ରବି ଗର୍ଗ କହିଛନ୍ତି, 'ଭାରତରେ ହ୍ୱାଟ୍ସଆପ୍ କେବଳ ପରିବାର ଏବଂ ବନ୍ଧୁମାନଙ୍କ ସହ ଯୋଗାଯୋଗ ପାଇଁ ନୁହେଁ, ବରଂ ଦୈନନ୍ଦିନ ଜରୁରୀ କାର୍ଯ୍ୟ ପାଇଁ ମଧ୍ୟ ବ୍ୟବହୃତ ହେଉଛି। ସିଧାସଳଖ ହ୍ୱାଟ୍ସଆପ୍ ମଧ୍ୟରେ ରିଚାର୍ଜ ସୁବିଧା ଆଣି ଆମେ ଲୋକଙ୍କ କାମକୁ ଆହୁରି ସହଜ କରିଛୁ।

# ଏଏମ୍/ଏନ୍ଏସ୍ ଇଣ୍ଡିଆର ଡିଜିଟାଲ୍ ଦକ୍ଷତା ପଦକ୍ଷେପ

**ଭୁବନେଶ୍ୱର,୨୪।୪(ଅନୁରାଧା ମହାରଣା)**



ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ), ଏହାର ପ୍ରମୁଖ ସିଏସ୍ଆର୍ ପଦକ୍ଷେପ 'ଦକ୍ଷ' ଅଧୀନରେ ପାରାଦୀପ, କେନ୍ଦୁଝର, କେନ୍ଦ୍ରାପଡ଼ା ଏବଂ ବଡ଼ବିଲର ୮୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନକରି ଡିଜିଟାଲ ଜୀବିକା ସଶକ୍ତୀକରଣ କ୍ଷେତ୍ରରେ ଏକ ପ୍ରମୁଖ ଉପଲବ୍ଧି ହାସଲ କରିଛି। ନାସ୍‌କମ୍ ସହଭାଗିତାରେ କାର୍ଯ୍ୟକାରୀ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଇଟି/ଆଇଟିଇଏସ୍ ବିଭାଗରେ ଡିଜିଟାଲ ଦକ୍ଷତା ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ ହୋଇଛି। ପାରାଦୀପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଉପସ୍ଥିତ ଥିଲେ। ସେହିପରି ବଡ଼ବିଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ବିଲ ଶ୍ରମ ପ୍ରବର୍ତ୍ତନ ଅଧିକାରୀ ଫସିହୁଲ ହାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ଏହି ପ୍ରମାଣପତ୍ର ହାସଲ କରିବାରେ ସେମାନଙ୍କର ପ୍ରୟାସ ଓ ନିଷ୍ଠାକୁ ପ୍ରଶଂସା କରିଥିଲେ। ପାରାଦୀପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ସି.ଏଚ୍. ହରିପ୍ରସାଦ, ଶେଷଦତ୍ତ ସୁତାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ବଡ଼ବିଲଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଠାକୁରାଣୀ ମାଇନ୍ସ ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହା, ସୁରକ୍ଷା ବିଭାଗ ମୁଖ୍ୟ ଉଦୟ ବର୍ମା, ଠାକୁରାଣୀ ମାଇନ୍ସର କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ ଏବଂ ଲିଡ୍-ସିଏସ୍ଆର୍ ଅରୁଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏମ୍/ଏନଏସ୍ ଇଣ୍ଡିଆର ଅଧିକାରୀ ଲଜିଷ୍ଟିକ୍ସ ବିଭାଗ ମୁଖ୍ୟ ଜୟକିଶନ ଶର୍ମା, ଟେଲିଂ ଷ୍ଟୋରେଜ୍ ଫ୍ୟାସିଲିଟି ଏବଂ ପାଇପ୍‌ଲାଇନ୍ ବିଭାଗ ମୁଖ୍ୟ ଅଜିତ ସିଂ, ଲିଡ୍ ଏଚ୍ଆର୍ ବନଜ ଖଟୁଆ ଏବଂ ଲିଡ୍ ସିଏସ୍ଆର୍ ଲଳିତ ବିଶ୍ୱାଳଙ୍କ ସମେତ ତାଲିମପ୍ରାପ୍ତ ଯୁବତୀଯୁବକ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

## ପଶ୍ଚିମ ବଙ୍ଗରେ ଉଡ଼ିବ ଧର୍ମର ଧ୍ୱଜା: ଦଇତାପତି ଭବାନୀ ଦାସ

ଭୁବନେଶ୍ୱର,୨୪।୪ (ରବିନାରାୟଣ ଜେନା)

ପଶ୍ଚିମବଙ୍ଗରେ ଧର୍ମର ଧ୍ୱଜା ଉଡ଼ିବ ବୋଲି ଓଡ଼ିଶା ପ୍ରେସ୍ କ୍ଲବଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଇତାପତି ଭବାନୀ ଦାସ ମହାପାତ୍ର ଗୁରୁବାର କହିଛନ୍ତି। କୋଲକାତା ସଲ୍ଟଲେକ ସିଟିଠାରେ ଆୟୋଜିତ ବିଶ୍ୱ ଶାନ୍ତି ମହାଯଜ୍ଞକୁ ନେଇ ସେ କହିଛନ୍ତି, ସମଗ୍ର ବିଶ୍ୱରେ ଦାରୁଣ ବିଭୀଷିକାମୟ ଯୁଦ୍ଧର ପରିସ୍ଥିତି, ପଡ଼ୋଶୀ ଦେଶଗୁଡ଼ିକରେ ଅରାଜକତା ଏବଂ ପଶ୍ଚିମବଙ୍ଗରେ ରାଜନୈତିକ ଓ ସାମାଜିକ ବିଷମ ଅସ୍ଥିରତା ଦେଖାଦେଇଛି। ଜଗନ୍ନାଥ ଦର୍ଶନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମସ୍ତ ପ୍ରାଣୀ ଜଗତର ସୁଖ ସମୃଦ୍ଧି ତଥା ପଶ୍ଚିମବଙ୍ଗରେ 'ଜଗନ୍ନାଥ ଭକ୍ତଙ୍କ ଶାସନ' ବା 'ଧର୍ମର ସରକାର ପ୍ରତିଷ୍ଠା' ଉଦ୍ଦେଶ୍ୟରେ ଏକ ୩ ଦିବସୀୟ ଭବ୍ୟ ବିଶ୍ୱଶାନ୍ତି ମହାଯଜ୍ଞର ବିଶାଳ ଆୟୋଜନ ହୋଇଥିଲା।

# ବାସ୍ତବ ନୁହେଁ, ଏଆଇ ଚାଟ୍‌ବଟ୍ ସାଥୀ ପ୍ରେମରେ ଯୁବପିଢ଼ି

ଲଣ୍ଡନ, ୨୪।୪



ସମୟ ବଦଳିବା ସହିତ ପ୍ରେମର ପରିଭାଷା ମଧ୍ୟ ବଦଳିବାରେ ଲାଗିଛି। ଏବେକାର ଯୁବପିଢ଼ି, ବିଶେଷକରି 'ଜେନ୍ ଆଲ୍ଫା' (୨୦୧୩-୨୦୨୪) ବାସ୍ତବ ଦୁନିଆର ସମ୍ପର୍କ ଅପେକ୍ଷା କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଚାଟ୍‌ବଟ୍‌କୁ ନିଜ ପ୍ରେମିକା ବା ସାଥୀ ଭାବରେ ଅଧିକ ପସନ୍ଦ କରୁଛନ୍ତି। କାରଣ ସାଧାରଣତଃ କିଶୋର ଅବସ୍ଥାରେ ପ୍ରେମ ଏବଂ ପ୍ରଥମ ଡେଟ୍‌କୁ ନେଇ ମନରେ ଏକପ୍ରକାର ଭୟ ଓ ସଙ୍କୋଚ ଥାଏ। ବ୍ରିଟେନ୍‌ର ପ୍ରମୁଖ ସାମାଜିକ ସଂଗଠନ 'ମେଲ୍ ଆଲାଇଜ୍ ୟୁକେ' ଦ୍ୱାରା କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ତାହା ଏବେ ସାମାଜିକ କର୍ମୀ ଏବଂ ଅଭିଭାବକମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। 'ମେଲ୍ ଆଲାଇଜ୍ ୟୁକେ' ପ୍ରାୟତଃ ପୁରୁଷମାନଙ୍କ ମଧ୍ୟରେ ମହିଳାଙ୍କ ପ୍ରତି ସମ୍ମାନ ଏବଂ ଏକ ସୁସ୍ଥ ସାମାଜିକ ସମ୍ପର୍କ ଗଢ଼ିବା ପାଇଁ ସଚେତନତା ସୃଷ୍ଟି କରେ। ଏହା ବିଶେଷକରି କିଶୋରମାନଙ୍କ ଉପରେ ଟେକ୍ନୋଲୋଜି (ଏଆଇ) ଏବଂ ସୋସିଆଲ ମିଡିଆର ପ୍ରଭାବକୁ ନେଇ ଗବେଷଣା କରିଥାଏ। ଏହି ସଂସ୍ଥାର ସର୍ଭେରୁ ଜଣାପଡ଼ିଛି ଯେ ୧୨ରୁ ୧୬ ବର୍ଷ ବୟସର ୨୦% ପିଲା ଏପରି କାହାକୁ ଜାଣିଛନ୍ତି, ଯିଏକି ଏଆଇ ଚାଟ୍‌ବଟ୍ ସହିତ ଡେଟିଂ କରୁଛି। ପ୍ରାୟ ୮୫% ପିଲା ଅତିକମ୍‌ରେ ଥରେ ଏହି ଏଆଇ ସହିତ କଥା ହୋଇଛନ୍ତି। ସେମାନେ ମାନନ୍ତି ଯେ ଏଆଇ ସହିତ ସମ୍ପର୍କ ରଖିବା ସହଜ, କାରଣ ସେଠାରେ କଥାବାର୍ତ୍ତାକୁ ନିଜ ଇଚ୍ଛା ଅନୁସାରେ ନିୟନ୍ତ୍ରଣ କରାଯାଇପାରେ। ଏଆଇ ଚାଟ୍‌ବଟ୍ କେବେବି ପ୍ଲାନ୍ କ୍ୟାନ୍ସଲ୍ ବା ପ୍ରତ୍ୟାଖ୍ୟାନ କରେ ନାହିଁ, ଯୁକ୍ତିତର୍କ ମଧ୍ୟ କରେ ନାହିଁ, ସଙ୍ଗେ ସଙ୍ଗେ ମେସେଜ୍‌ର ଉତ୍ତର ଦିଏ। ଏପରିକି ୨୫% ରୁ ଅଧିକ ପିଲା ଜଣେ ପ୍ରକୃତ ମଣିଷ ଅପେକ୍ଷା ଏଆଇ ଚାଟ୍‌ବଟ୍‌ଠାରୁ ମିଳୁଥିବା ଗୁରୁତ୍ୱ ଏବଂ ସମ୍ପର୍କକୁ ଅଧିକ ପସନ୍ଦ କରୁଛନ୍ତି। ୩୬% ପିଲା ନିଜ ପରିବାର କିମ୍ବା ସାଙ୍ଗମାନଙ୍କ ଅପେକ୍ଷା ଏହି ମେଶିନ ସହିତ କଥା ହେବାକୁ ଅଧିକ ନିରାପଦ ମଣୁଛନ୍ତି। ସର୍ଭେ ଅନୁସାରେ 'ଜେନ୍ ଜି' ପିଢ଼ି (୧୯୯୭-୨୦୧୨)ର ପିଲାମାନେ ପ୍ରାୟତଃ ଯୋଜନାବଦ୍ଧ ଭାବେ 'ଡେଟିଂ' କରନ୍ତି। ସେମାନେ ନିଜଠାରୁ ୨୫% ଅଧିକ ଆକର୍ଷଣୀୟ ଏବଂ ସଫଳ ବ୍ୟକ୍ତିଙ୍କୁ ସାଥୀ ଭାବେ ବାଛନ୍ତି, ଯଦ୍ୱାରା ସେମାନେ ନିଜର ମର୍ଯ୍ୟାଦା ବଢ଼ାଇପାରିବେ। କିନ୍ତୁ 'ଜେନ୍ ଆଲ୍‌ଫା'ମାନଙ୍କ କ୍ଷେତ୍ରରେ ଦେଖାଯାଉଛି ଯେ, ସେମାନେ ଏହି ସବୁ ପ୍ରକ୍ରିୟାକୁ ବହୁତ କଷ୍ଟକର ବୋଲି ଭାବୁଛନ୍ତି। ସାମାଜିକ କର୍ମୀଙ୍କ ମତରେ ଟେକ୍ନୋଲୋଜିର ଅତ୍ୟଧିକ ବ୍ୟବହାର ମଣିଷକୁ ମାନସିକ ସ୍ତରରେ ଦୁର୍ବଳ କରିଦେଇପାରେ। ଯଦି ଆଜିର ଯୁବପିଢ଼ି କେବଳ ଡିଜିଟାଲ ସମ୍ପର୍କରେ ମଜିରହିବେ, ତେବେ ଭବିଷ୍ୟତରେ ବାସ୍ତବ ସମାଜର ଗଠନ ପ୍ରଭାବିତ ହେବା ଆଶଙ୍କା ରହିଛି। ବାସ୍ତବ ସମ୍ପର୍କରେ ଥିବା ଖୁସି, ଦୁଃଖ ଏବଂ ଉତ୍ଥାନପତନ ହିଁ ଜଣେ ବ୍ୟକ୍ତିକୁ ମାନସିକ ସ୍ତରରେ ପରିପକ୍ୱ କରିଥାଏ। ସଂସ୍ଥାର ପ୍ରତିଷ୍ଠାତା ଲି ଚାମ୍ବର୍ସଙ୍କ କହିବା ଅନୁସାରେ, ଏଆଇ ସହିତ ସମ୍ପର୍କ ରଖିବା ଦ୍ୱାରା ପିଲାମାନେ ସାମାଜିକ ସ୍ତରରେ ଏକାକୀ ହୋଇଯାଉଛନ୍ତି। ଏଆଇ ଚାଟ୍‌ବଟ୍‌ଗୁଡ଼ିକ କେବଳ ୟୁଜର୍ସଙ୍କ ମନ ମୁତାବକ କଥା କୁହନ୍ତି, ଯାହାଫଳରେ କିଶୋରମାନେ ବାସ୍ତବ ଜୀବନର ଜଟିଳ ସମ୍ପର୍କ ଏବଂ ଭାବନାକୁ ବୁଝିବାର କ୍ଷମତା ହରାଉଛନ୍ତି। ଏହି ଘଟଣା କେବଳ କିଶୋରଙ୍କ ମଧ୍ୟରେ ସୀମିତ ନାହିଁ। ନିକଟରେ କ୍ରିସ୍ ସ୍ମିଥ୍ ନାମକ ଜଣେ ବ୍ୟକ୍ତି 'ଓପନ ଏଆଇ'ର ଚାଟ୍‌ଜିପିଟି (ଏସ୍‌ଓଏଲ୍) ସହିତ ପ୍ରେମରେ ପଡ଼ି ନିଜର ବାସ୍ତବ ଜୀବନର ସାଥୀ ଏବଂ ଦୁଇ ବର୍ଷର ସନ୍ତାନକୁ ଛାଡ଼ି ଦେଇଥିଲେ। ଏହି ଖବର ସମସ୍ତଙ୍କୁ ଚକିତ କରିଥିଲା। ସେ ଏହି ଚାଟ୍‌ବଟ୍‌କୁ ବିବାହ ପାଇଁ ପ୍ରସ୍ତାବ ମଧ୍ୟ ଦେଇଥିଲେ।

## ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ସମ୍ମତି



ଅଙ୍ଗଦାନ ପାଇଁ ପଞ୍ଜୀକରଣ କରୁଛନ୍ତି ଡାକ୍ତର ଦମ୍ପତି।

ଅନୁଗୋଳ,୨୪।୪ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ ପ୍ରଥମ ଥର ପାଇଁ ଅଙ୍ଗଦାନ କରିବାକୁ ଏକ ଦମ୍ପତି ପଞ୍ଜୀକରଣ କରିଛନ୍ତି। ଅନୁଗୋଳ ସହର ପାଖ ଖଲାରି ଗାଁର ଅବସରପ୍ରାପ୍ତ ରେଡିଓଲୋଜିଷ୍ଟ ଡା. ଗୋପାଳ ଚନ୍ଦ୍ର ତ୍ରିପାଠୀ ଏବଂ ତାଙ୍କ ସ୍ତ୍ରୀ ପ୍ରକୃତି ତ୍ରିପାଠୀ ମୃତ୍ୟୁ ପରେ ଅଙ୍ଗ ଦାନ ପାଇଁ ମେଡିକାଲ କଲେଜକୁ ଯାଇ ଶୁକ୍ରବାର ନାମ ପଞ୍ଜୀକରଣ କରିଥିଲେ। ଡାକ୍ତରୀ ଛାତ୍ରୀଛାତ୍ରଙ୍କ ବାସ୍ତବ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ବିଶେଷ ସହାୟକ ହେବ ବୋଲି ଡା. ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହି ପଞ୍ଜୀକରଣ ବେଳେ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର କୀର୍ତ୍ତିରେଖା ମହାପାତ୍ର, ଆନାଟୋମି ବିଭାଗ ପ୍ରଫେସର ଡା. ସତ୍ୟଶ୍ରୀ ରାୟ ଏବଂ ସହକାରୀ ପ୍ରାଧ୍ୟାପକ ଡା. ମନୋଜ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଦମ୍ପତିଙ୍କ ଏହି ମହନୀୟ କାର୍ଯ୍ୟ ପାଇଁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

## ସୁଦୃଢ଼ ହେବ ସମବାୟ ବ୍ୟାଙ୍କିଙ୍ଗ ସେବା

ଭୁବନେଶ୍ୱର,୨୪।୪ (ରବିନାରାୟଣ ଜେନା)

### ଆର୍‌ବିଆଇ ସହ ସମବାୟ ମନ୍ତ୍ରଣାଳୟର ଉଚ୍ଚସ୍ତରୀୟ ବୈଠକ

ସମବାୟ ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଯାଇଛି। ମୁମ୍ବାଇସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଖ୍ୟାଳୟରେ ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ସହ ଗୁରୁବାର ସମବାୟ ମନ୍ତ୍ରଣାଳୟ ସଚିବ ଆଶିଷ କୁମାର ଭୁଟାନୀଙ୍କ ମଧ୍ୟରେ ପ୍ରାୟ ୧ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସମବାୟ ବ୍ୟାଙ୍କିଙ୍ଗ ସେବା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଗଠନମୂଳକ ଆଲୋଚନା ହୋଇଛି। ବୈଠକର ସୂଚନା ଅନୁଯାୟୀ, ନୂଆ ସହରାଞ୍ଚଳ ସମବାୟ ବ୍ୟାଙ୍କ (ୟୁସିବି) ପାଇଁ ଲାଇସେନ୍ସ ପ୍ରଦାନ ପ୍ରସଙ୍ଗ ପ୍ରମୁଖ ଆଲୋଚ୍ୟ ବିଷୟ ଥିଲା। ବିଶେଷକରି ଆର୍‌ବିଆଇ ପକ୍ଷରୁ ଜାରି ଚିଠା ଖସଡ଼ା ନିର୍ଦ୍ଦେଶିକାରେ ୩୦୦ କୋଟି ଟଙ୍କାରୁ ଅଧିକ ନ୍ୟୂନତମ ଅଂଶଧନ ପୁଞ୍ଜି ନିର୍ଦ୍ଧାରଣକୁ ଅତ୍ୟଧିକ ବୋଲି ମତ ପ୍ରକାଶ ପାଇଥିଲା। ନୂଆ ୟୁସିବି ଗଠନକୁ ପ୍ରୋତ୍ସାହନ ଦେବା ପାଇଁ ଏହି ମାନଦଣ୍ଡକୁ ପୁନର୍ବିଚାର କରିବା ଲାଗି ସ୍ଥିର ହୋଇଥିଲା। ଗ୍ରାମୀଣ ସମବାୟ ବ୍ୟାଙ୍କ ପାଇଁ ଏକ୍ସପୋଜର ସର୍ତ୍ତ ପୁନର୍ବିଚାର କରିବାକୁ ସ୍ଥିର ହୋଇଥିଲା। ବହୁବର୍ଷ ଧରି ଏହି ମାନଦଣ୍ଡରେ ସଂଶୋଧନ ହୋଇ ନ ଥିବାରୁ, ଏହାକୁ ସମୟୋପଯୋଗୀ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଇନ୍‌ଭେଷ୍ଟମେଣ୍ଟ-ଡିପୋଜିଟ୍ ରେସିଓ (ଆଇଡିଆର୍) ସମ୍ପର୍କିତ ବିଷୟ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ଜଣାଯାଇଛି। ଗ୍ରାମୀଣ ଓ ଅର୍ଦ୍ଧ-ସହରାଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ସମବାୟ ବ୍ୟାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ସମବାୟ ସଂସ୍ଥାଗୁଡ଼ିକ ବଢ଼ୁଥିବା ଋଣ ଚାହିଦା ପୂରଣ କରିବା ସହିତ ଆର୍ଥିକ ସ୍ଥିରତା ରକ୍ଷା ବିଷୟରେ ଆଲୋଚନା ହୋଇଥିବା ଜଣାଯାଇଛି।

# ସୁପ୍ରିମକୋର୍ଟରେ କାଏମ୍ ରହିଲା ହାଇକୋର୍ଟଙ୍କ ରାୟ

### ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶ ରଦ୍ଦ ମାମଲା

### ତୁରନ୍ତ ପୁନଃଅବସ୍ଥାପିତ ପାଇଁ ନିର୍ଦ୍ଦେଶ

କଟକ,୨୪।୪(କାର୍ତ୍ତିକ ସାହୁ)

ଜିଲା ଜଜ୍ ପାହ୍ୟାର ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ସଞ୍ଜୟ କୁମାର ସାହୁଙ୍କୁ ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶକୁ ରଦ୍ଦ କରି ଓଡ଼ିଶା ହାଇକୋର୍ଟ ପ୍ରଦାନ କରିଥିବା ରାୟ ସୁପ୍ରିମକୋର୍ଟରେ କାଏମ ରହିଛି। ଏଥିସହିତ ସାହୁଙ୍କୁ ତୁରନ୍ତ ଚାକିରିରେ ପୁନଃଅବସ୍ଥାପିତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶ ରଦ୍ଦ ହୋଇଥିବାରୁ ଆବେଦନକାରୀଙ୍କୁ ଚାକିରିରେ ପୁନଃଅବସ୍ଥାପିତ କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବାଧ୍ୟତାମୂଳକ ଅବସର ତାରିଖରୁ ସେ ସମସ୍ତ ପ୍ରକାର ଆର୍ଥିକ ସୁବିଧା ପାଇବାକୁ ହକଦାର ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଥରେ ଯଦି ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶ ରଦ୍ଦ ହୁଏ ତେବେ ସେଥିରୁ ଉଦ୍ଭବ ହେଉଥିବା ଆଇନଗତ ପରିଣାମ ହେଉଛି ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ ପଦରେ ପୁନଃଅବସ୍ଥାପନ ବୋଲି ସୁପ୍ରିମକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ମାମଲାର



ବିବରଣୀରୁ ପ୍ରକାଶ, ଅତିରିକ୍ତ ସିଭିଲ ଜଜ୍ (କନିଷ୍ଠ ଡିଭିଜନ) ତଥା ଜେଏମ୍‌ଏଫ୍‌ସି ଭାବେ ଆବେଦନକାରୀ ୧୯୯୭ରେ ଚାକିରିରେ ଯୋଗଦେଇଥିଲେ। ପରେ ତାଙ୍କୁ ବିଭିନ୍ନ ସମୟରେ ଉଚ୍ଚ ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା। ୨୦୧୫ ଜୁଲାଇ ୨୯ରେ ତାଙ୍କୁ ଜିଲା ଜଜ୍ ପାହ୍ୟାକୁ ପଦୋନ୍ନତି ମିଳିଥିଲା। ଏପରିକି ୫୦ବର୍ଷ ବୟସରେ ସମୀକ୍ଷା କମିଟି ଦ୍ୱାରା ତାଙ୍କ ପ୍ରଦର୍ଶନର ମୂଲ୍ୟାଙ୍କନ କରାଯାଇ କାର୍ଯ୍ୟ ଜାରି ରଖିବାକୁ ୨୦୧୭ରେ ଅନୁମତି ଦିଆଯାଇଥିଲା। ହାଇକୋର୍ଟରେ ଫୁଲ କୋର୍ଟଙ୍କ ଅନୁମତିରେ ୨୦୨୧ ଜାନୁଆରୀ ୨୯ରେ ତାଙ୍କୁ ସିଲେକ୍ସନ ଗ୍ରେଡ୍ ଜିଲା ଜଜ୍ ଭାବେ ପଦୋନ୍ନତି ପ୍ରଦାନ କରାଯାଇଥିଲା। କିନ୍ତୁ ହଠାତ ଆବେଦନକାରୀ ନବରଙ୍ଗପୁର ପରିବାର ଅଦାଲତର ବିଚାରପତି ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଥିଲା। ଅବସର ବୟସ ୬୦ ବର୍ଷ ହୋଇଥିବା ବେଳେ ୫୫ ବର୍ଷ ବୟସରେ ଆଗୁଆ ତାଙ୍କୁ ଅବସର ପ୍ରଦାନ କରାଯାଇଥିଲା। ଆବେଦନକାରୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ ନେଇ ୨୦୨୨ ମାର୍ଚ୍ଚ ୧୧ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏପରି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରି ଦିଆଯାଇଥିବା ନିର୍ଦ୍ଦେଶକୁ ହାଇକୋର୍ଟ ୨୦୨୫ ଜୁଲାଇ ୧୧ରେ ରଦ୍ଦ କରିଥିଲେ। ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶ ରଦ୍ଦ ହୋଇଥିଲେ ମଧ୍ୟ ଆବେଦନକାରୀଙ୍କୁ ଚାକିରିରେ ପୁନଃଅବସ୍ଥାପିତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇ ନ ଥିଲେ। ଏହି ପ୍ରସଙ୍ଗରେ ସମୀକ୍ଷା କମିଟିସ୍ତରରୁ ପୁନି ବିଚାର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାଧ୍ୟତାମୂଳକ ଅବସର ନିର୍ଦ୍ଦେଶ ରଦ୍ଦ କରାଯାଇଥିବାରୁ ତାଙ୍କୁ ପୂର୍ବ ପଦରେ ଅବସ୍ଥାପିତ କରାଯିବା ପାଇଁ ଆଦେଶ ଦିଆଯିବା ଉଚିତ ବୋଲି ଦର୍ଶାଇ ସାହୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଅରୁଣାଭ ପଟ୍ଟନାୟକ ଓ ହାଇକୋର୍ଟରେ ଆଇନଜୀବୀ ଡ. ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଥିଲେ।

## ବରିଷ୍ଠ ଖବରଦାତା ଅମରେନ୍ଦ୍ର ଦାସଙ୍କ ପରଲୋକ

ଢେଙ୍କାନାଳ,୨୪।୪ (ରତନ ନାୟାର)

ଢେଙ୍କାନାଳର ବରିଷ୍ଠ ଖବରଦାତା ଅମରେନ୍ଦ୍ର ଦାସ (୬୩)ଙ୍କର ଶୁକ୍ରବାର ପ୍ରାୟ ୧ଟା ସମୟରେ ପରଲୋକ ହୋଇଯାଇଛି । ଅତ୍ୟଧିକ ଗରମ ଓ ଗ୍ରୀଷ୍ମ ପ୍ରବାହ ଯୋଗୁ ଅଂଶୁଘାତର ଶିକାର ହୋଇ ତାଙ୍କର ମୃତ୍ୟୁ



ଅମରେନ୍ଦ୍ର ଦାସ

ହୋଇଥିବା ଅନୁମାନ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର କହିଛନ୍ତି। ଅମରେନ୍ଦ୍ର ନିଜ କାର୍ଯ୍ୟସାରି ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଘରକୁ ଫେରି ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବରପାଇ ଢେଙ୍କାନାଳ ସହର ଏବଂ ଜିଲାରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।


**VEER SURENDRA SAI UNIVERSITY OF TECHNOLOGY**
(A Unitary University Established by Govt. of Odisha)
PO-ENGINEERING COLLEGE, BURLA, DIST-SAMBALPUR, ODISHA-768018, www.vssut.ac.in

No. VSSUT/Estt/645 Dated. 22.04.2026

**NOTICE FOR CANCELLATION OF ADVERTISEMENT**

No.44001/7/2627 : The advertisement for recruitment to various Non-Teaching posts published in all Odisha daily edition of the Sambad, Samaj, Dharitri & The New Indian Express dated 11.07.2023 and in the University website (www.vssut.ac.in) vide No. VSSUT/Estt/1591 dated 10.07.2023 stands cancelled due to administrative reasons.

OIPR-44001/44006/1/26-27/0004 Sd./- REGISTRAR


## ଦୁର୍ଘଟଣା ଦେଖିବାକୁ ଯାଇ ବାଇକ୍ ଚାଳକଙ୍କ ମୃତ୍ୟୁ

ନୀଳଗିରି, ୨୪।୪(ପ୍ରଶାନ୍ତ କୁମାର ବିଶ୍ୱାଳ)

ଶେରଗଡ ଝରଣାଘାଟୀ ୧୯ ନଂ. ରାଜ୍ୟ ରାଜପଥର ଆମୁଡିହା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ରେମୁଣା ବ୍ଲକ ନରହରିପୁର ଗ୍ରାମର ସ୍ମୃତିଧର ବାରିକ(୫୨) କୌଣସି କାମରେ ଆମୁଡିହା ଛକକୁ ଆସିଥିଲେ। ୨ ଜଣ ଡାକ୍ତର ଦମ୍ପତି ଏକ କାରରେ ଶେରଗଡ ଅଭିମୁଖେ ଯାଉଥିଲେ। ଏହି ସମୟରେ ରାସ୍ତାର ଅପରପାର୍ଶ୍ୱରେ ଏକ ଟ୍ରକ ଦୁର୍ଘଟଣା ହୋଇଥିବା ବେଳେ ତାହାକୁ ଦେଖି ଉଭୟ କାର ଓ ବାଇକରେ ଯାଉଥିବା ସ୍ମୃତିଧରଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସଙ୍ଗେସଙ୍ଗେ ଉଭୟ ଡାକ୍ତର ଦମ୍ପତି ସେଠାରେ ବାଇକ ଚାଳକଙ୍କୁ ଆଶୁଚିକିତ୍ସା ଦେବା ସହ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ରାସ୍ତା ଅବରୋଧ କରି ଜରିମାନା ଗଣିଲେ ଘର ମାଲିକ

ସୋର, ୨୪।୪(ଜନ୍ମେଜୟ ମିଶ୍ର)

ସୋର ପୌରପାଳିକା ଅନ୍ତର୍ଗତ ଷ୍ଟେଶନ ଛକରେ ବିନା ଅନୁମତିରେ ବ୍ରିଜ ତଳ ରାସ୍ତା ଅବରୋଧ କରି କାମ କରୁଥିବାରୁ ସୋର ପୌରପାଳିକା ୫୦ ହଜାର ଟଙ୍କା ଫାଇନ ଆଦାୟ କରିଛି। ସୋର ପୌରାଞ୍ଚଳ କମରପୁରର ଚିନ୍ତାମଣି ବାରିକ ସୋର ଷ୍ଟେଶନ ରାସ୍ତାକଡରେ ଥିବା ତାଙ୍କ ଘରେ ଛାତ ପକାଉଥିଲେ। ଏହି ସମୟରେ ନିର୍ମାଣ ସାମଗ୍ରୀକୁ ରାସ୍ତା ଉପରେ ରଖିବା ସହିତ ଏକ ଦଉଡି ଟାଣି ରାସ୍ତା ବନ୍ଦ କରିଥିଲେ। ଫଳରେ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖୀନ ହୋଇ ପୌର ଅଧିକାରୀ ଓ ପୋଲିସରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ସୋର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ, ସୋର ତହସିଲଦାର ଚିନ୍ମୟ ରାଉତ, ସୋର ପୋଲିସ ସହଯୋଗରେ ପହଞ୍ଚି କାମ ବନ୍ଦ କରିବା ସହିତ ତାଙ୍କ ନିକଟରୁ ୫୦ ହଜାର ଟଙ୍କା ଫାଇନ ଆଦାୟ କରିଥିବା ଜଣାପଡ଼ିଛି।


**GOVT. OF ODISHA** No.32001/121/2627
**OFFICE OF THE SUPERINTENDING ENGINEER BALASORE IRRIGATION DIVISION, BALASORE**
e-Mail id. eebid1234@gmail.com
**'e'Procurement Notice No.SEBID 01 of 2026-27**

| | | | |
|---|---|---|---|
| 1. | Procurement Officer | : | Superintending Engineer, Balasore Irrigation Division, Balasore |
| 2. | Total No. of Work | : | 01 (ONE) No. of Work |
| 3. | Estimated Cost | : | Rs.49.00 Lakh approximately (details can be seen in the DTCN of bid documents of the respective works) |
| 4. | Class of Contractor | : | (Details can be seen in the DTCN of bid documents of the respective works) |
| 5. | Bid Security | : | Details can be seen in the DTCN of bid documents of the respective works |
| 6. | Period of Completion | : | Details can be seen in the DTCN of bid documents respective works |
| 7. | Date & Time of availability of Bid: Documents in the Portal for On-line bidding | : | From dt.04.05.2026, 10.00 hours to 14.05.2026, upto 17.00 hours |
| 8. | Last date/time for receipt of bid only in online | : | 14.05.2026 upto 17.00 hours |
| 9. | Date/Time of Opening Technical & Financial Bid | : | 15.05.2026 at 11.00 hours onwards at office of the Superintending Engineer, Balasore Irrigation Division, Balasore |
| 10. | e-mail id | : | eebid1234@gmail.com |

Further details can be seen from the "e" Procurement Portal http://tendersodisha.gov.in

Sd./- Superintending Engineer
Balasore Irrigation Division,
Balasore

OIPR-32001/32110/1/26-27/0001


## ସଂସ୍କୃତ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି



ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ବ୍ୟାକରଣ ବିଭାଗ ଓ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସହ ଅନ୍ୟମାନେ।

ପୁରୀ,୨୪।୪(ଅଜିତ୍ କୁମାର ମହାନ୍ତି)

### ଶବ୍ଦରୁ ଶାସ୍ତ୍ର ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଉଦ୍‌ଯାପିତ

ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ବ୍ୟାକରଣ ବିଭାଗ ଓ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶେଷ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ ଓଡ଼ିଆଙ୍କ ମାତୃଭାଷା, ଓଡ଼ିଆ ଲୋକଭାଷା, ଦେବଭାଷା ସଂସ୍କୃତ ମଧ୍ୟରେ ଥିବା ସାହିତ୍ୟ ଦର୍ଶନର ସୁରକ୍ଷା ସୁନିଶ୍ଚିତ କରିବା ପୂର୍ବକ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିବାର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସେ କହିଛନ୍ତି, ସଂସ୍କୃତ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି। ମୁଖ୍ୟବକ୍ତା ଭାବେ ବେଦ ବେଦାଙ୍ଗ ଶାଖା ଅଧ୍ୟକ୍ଷା ଓ ରାଷ୍ଟ୍ରୀୟ ସୁରକ୍ଷା ଜାଗରଣ ମଞ୍ଚର ଭୁବନେଶ୍ୱର ଶାଖା କାର୍ଯ୍ୟକାରିଣୀ ସଦସ୍ୟ ଅନୁପମା ପୃଷ୍ଟି ଶବ୍ଦରୁ ଶାସ୍ତ୍ର ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପରିସର ନିର୍ଦ୍ଦେଶକ ପ୍ରଫେସର ଗୌରପ୍ରିୟା ଦାଶ ରାଷ୍ଟ୍ରୀୟ ସୁରକ୍ଷା ଶବ୍ଦର ବ୍ୟାପକତା ବିଷୟରେ ବର୍ଣ୍ଣନା କରିଥିଲେ। ମଞ୍ଚର କଟକ ଶାଖା କାର୍ଯ୍ୟକାରୀ ସଭାପତି ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପ୍ରଫେସର ଯୁଧିଷ୍ଠିର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭୁବନେଶ୍ୱର ଶାଖା ସମ୍ପାଦକ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଚିନ୍ମୟ ରଞ୍ଜନ କୁମାର ପରିଚୟ ପ୍ରଦାନ କରିଥିବା ବେଳେ ସ୍ୱାଗତିକା ମହାନ୍ତି ଧନ୍ୟବାଦ ଦେଇଥିଲେ। ସର୍ବଶ୍ରୀ ଯତିରାଜ ବରାଳ, ଡ. ନୀଳମାଧବ ଦାଶ, ଡ. ଜ୍ୟୋତି ପ୍ରକାଶ ଦାଶ, ଗୋପାଳକୃଷ୍ଣ ଦାଶ, ଶ୍ରୁତିଶିଖା ସାହୁ ପ୍ରମୁଖ ଗବେଷଣାତ୍ମକ ନିବନ୍ଧ ପ୍ରଦର୍ଶନ କରିଥିଲେ।

# ସିଜିମାଳି ଆଦିବାସୀ ଡାକିଲେ ଯିବି: ଭକ୍ତ

ଭୁବନେଶ୍ୱର,୨୪।୪ (ରବିନାରାୟଣ ଜେନା)

### ଶିଳ୍ପସଂସ୍ଥାର ଅନ୍ୟାୟ: ୨୬ରୁ କଂଗ୍ରେସର ପଦଯାତ୍ରା

ରାଜ୍ୟ ସରକାରଙ୍କ ମନମୁଖି ଶିଳ୍ପନୀତି ପାଇଁ ବିଭିନ୍ନ ଶିଳ୍ପସଂସ୍ଥା ଏବେ ଓଡ଼ିଶାରେ ଖଣିଖାଦାନ ଲୁଟିବା ଆରମ୍ଭ କରିଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରାଜ୍ୟ କଂଗ୍ରେସ ଭବନରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଲୋକେ ଯେଉଁଠାରେ ଶହ ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରିଆସୁଛନ୍ତି, ସେମାନଙ୍କୁ ସରକାର ଜମିପଟ୍ଟା ଦେବା ପରିବର୍ତ୍ତେ ଶିଳ୍ପସଂସ୍ଥା ହାତକୁ ଜମି ଟେକି ଦେଉଛନ୍ତି। ଫଳରେ ବିସ୍ଥାପନ ସମସ୍ୟା ଏବେ ବଢ଼ି ଚାଲିଛି। ରାଜ୍ୟ କଂଗ୍ରେସ ବିଗତ ଦିନରେ ଶିଳ୍ପ ପାଇଁ ବାସହରା ହୋଇଥିବା ଲୋକଙ୍କ ଲାଗି ଆନ୍ଦୋଳନ କରିଥିବାବେଳେ ଏବେ ପୁଣି ଥରେ ପଦଯାତ୍ରା କରିବ। ସିଜିମାଳିରେ ଉପୁଜୁଥିବା ସମସ୍ୟା ଗୁରୁତ୍ୱପୂର୍ଣ୍ଣ, ମାତ୍ର ସେଠାକାର ଆଦିବାସୀ ମୋତେ ଡାକିଲେ ଯିବି ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି, କଳିଙ୍ଗନଗର, ଛେଣ୍ଡିପଦା, ତାଳଚେର, ମୟୂରଭଞ୍ଜ, ରାଇରଙ୍ଗପୁର ଭଳି ଅନେକ



ଭକ୍ତ ଚରଣ ଦାସ

ସ୍ଥାନରେ ଏବେ ବିସ୍ଥାପନ ସମସ୍ୟା ଉତ୍କଟ ହୋଇଛି। ରାଜ୍ୟରେ ୩୪ଟି କୋଇଲାଖଣିକୁ ଖନନ ପାଇଁ ସରକାର ମଞ୍ଜୁରି ପ୍ରଦାନ କରିଥିବା ବେଳେ ସେଥିରୁ ପ୍ରାୟ ୪ଟିରେ କାମ ଆରମ୍ଭ ହୋଇଛି। ମାତ୍ର ଏସବୁ ସ୍ଥାନରେ ବିସ୍ଥାପନ ସମସ୍ୟା ଦେଖାଯାଇଛି। ସରକାରଙ୍କ ନିଷ୍କ୍ରିୟତାକୁ ନେଇ କଂଗ୍ରେସ ୨୬ ଏପ୍ରିଲରୁ ଜଗତ୍‌ସିଂହପୁର ଜିଲା ଢିଙ୍କିଆରୁ ୮ଦିନ ପାଇଁ ପୋସ୍କୋ ଅଞ୍ଚଳର ଲୋକମାନଙ୍କ ସହିତ ଏକ ବିରାଟ ପଦଯାତ୍ରା ଆରମ୍ଭ କରିବ। ଏହି ପଦଯାତ୍ରା ମେ' ୩ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଲୋୟର ପିଏମ୍‌ଜିରେ ଏକ ବିଶାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିମଧ୍ୟରୁ ଏକ ଦଳ ଲୋକ ଭବନ ଯାଇ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ମଧ୍ୟ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସିଜିମାଳି ପ୍ରସଙ୍ଗରେ ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ମୋତେ ନେଇ ଅନେକ ପ୍ରଶ୍ନ ଉଠୁଛି, କିନ୍ତୁ କେବଳ ଭକ୍ତ ଦାସ କାହିଁକି, ଅନ୍ୟମାନେ କାହିଁକି ସିଜିମାଳି ଯାଉନାହାନ୍ତି। ଏହା ପ୍ରଶ୍ନହେବା ଉଚିତ। ନିୟମଗିରି ଆନ୍ଦୋଳନର ନେତୃତ୍ୱ ନେଇ ମୋ-ଜୀବନର ଦୀର୍ଘ ୫ ବର୍ଷ ଜଙ୍ଗଲରେ ଡଙ୍ଗରିଆ ଆଦିବାସୀଙ୍କ ସହ କଟିଛି। ଘୋର ସଂଘର୍ଷ କରିଛି, ଫଳରେ ଆଜି ନିୟମଗିରି ବଞ୍ଚିଯାଇଛି । ନିୟମଗିରିରେ ସଂଘର୍ଷ ଜରୁରୀ ଥିଲା କାରଣ ସେଠାରେ ପାଖାପାଖି ୨୦୦୦ରୁ ଊର୍ଦ୍ଧ୍ୱ ଡଙ୍ଗରିଆ ଆଦିବାସୀ ବସବାସ କରନ୍ତି। ସେମାନେ ହେଉଛନ୍ତି ଲୁପ୍ତପ୍ରାୟ ଆଦିମ ଜନଜାତି। ଏମାନଙ୍କ ସୁରକ୍ଷା ନିହାତି ଆବଶ୍ୟକ। ମାତ୍ର ସିଜିମାଳି ପ୍ରସଙ୍ଗ ଭିନ୍ନ। ଏଠାରେ ନ୍ୟାୟଯୁକ୍ତ ବିସ୍ଥାପନ ଓ ପ୍ରଶାସନର ହିଂସକ ଦମନ ହେଉଛି ପ୍ରସଙ୍ଗ। ସେଠାକାର ଜନତା ମୋତେ ଆହ୍ୱାନ କଲେ ମୁଁ ନିଶ୍ଚୟ ଯିବି ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବି ବୋଲି ଭକ୍ତ କହିଛନ୍ତି।


**ବିଜ୍ଞାପନ** No.12001/10/2627

**ନାମ-ଶ୍ରୀ ନିରଞ୍ଜନ କିଶାନ, ସହ-ଉପ ଆରକ୍ଷୀ ନିରୀକ୍ଷକ,**
**ପିତା-ହରିହର କିଶାନ, ଗ୍ରାମ-ଘାଣ୍ଟିପୋଷି**
**ପୋଷ୍ଟ ଅଫିସ- ଆମ୍ବ ଗାଁ, ଥାନା-ବାରକୋଟ, ଜିଲ୍ଲା-ଦେବଗଡ଼ (ଓଡ଼ିଶା)**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ପତ୍ର ସଂଖ୍ୟା-318/Pers-I ତା.22.03.18, ଝାରସୁଗୁଡା D.O. No.684, dated 02.05.2018 ଅନୁଯାୟୀ ଆପଣ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରେ ଯୋଗଦାନ କରିବାପାଇଁ ଗତ ତା.30.04.18 ରିଖରୁ ଝାରସୁଗୁଡା ଜିଲ୍ଲାରୁ ବଦଳି ହୋଇଥିଲେ । କିନ୍ତୁ ଅଦ୍ୟାବଧି ଆପଣ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଯୋଗଦାନ କରିନାହାନ୍ତି କିମ୍ବା ଯୋଗଦାନ ନକରିବାର କାରଣ ପତ୍ର ମାଧ୍ୟମରେ ଉକ୍ତ କାର୍ଯ୍ୟାଳୟକୁ ଅବଗତ କରିନାହାନ୍ତି । ଆପଣଙ୍କୁ ବାରମ୍ବାର ନୋଟିସ ତଲବ ହେବା ସତ୍ତ୍ୱେ ଆପଣ ଏହି ଜିଲ୍ଲାରେ ଏପର୍ଯ୍ୟନ୍ତ ଯୋଗଦାନ କରୁନାହାନ୍ତି । ଆପଣ ଦୀର୍ଘ ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟରେ ଅନୁପସ୍ଥିତ ଥିବା କାରଣରୁ ଓଡ଼ିଶା ସର୍ଭିସ କୋଡ ରୁଲ 72 (2) ବ୍ୟବସ୍ଥା ଅନୁଯାୟୀ ଆପଣଙ୍କୁ ସରକାରୀ ସେବାରୁ ଅପସାରଣ ସକାଶେ ଆପଣଙ୍କ ନାମରେ ମୟୂରଭଞ୍ଜ ଜିଲ୍ଲାରେ ବିଭାଗୀୟ ପ୍ରୋସିଡିଙ୍ଗ ନମ୍ବର 12 Dated 08.05.2024 ଚାଲୁ କରାଯାଇଥିଲା ଓ ସମସ୍ତ ପ୍ରକାର କାଗଜପତ୍ର ଓ ନୋଟିସ ଆପଣଙ୍କ ଘର ଠିକଣାରେ Special Messenger and Registered Post ମାଧ୍ୟମରେ ପଠାଯାଇଥିଲେ ମଧ୍ୟ ଆପଣ ଘରେ ଅନୁପସ୍ଥିତ ଥିବା କାରଣରୁ ତାହା ଆପଣଙ୍କ ବାପାଙ୍କୁ ଓ କିଛି ଲଟକା ଜାରି ମାଧ୍ୟମରେ ନିଷ୍ପାଦିତ କରାଯାଇଥିଲା କିନ୍ତୁ ଆପଣ ନୋଟିସ ଅନୁସାରେ ନିର୍ଦ୍ଧାରିତ ହୋଇଥିବା ତାରିଖମାନଙ୍କରେ ବିଭାଗୀୟ ପ୍ରକ୍ରିୟା ସମୟରେ ଯୋଗ ନଦେଇ ଅନୁପସ୍ଥିତ ରହିଲେ । ତେଣୁ ଇନକ୍ୱାରୀ ଅଫିସର ପ୍ରସିଡିଂ ଇନକ୍ୱାରୀକୁ exparte ଭାବରେ ଶେଷ କରି ଆପଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତାରିଖ 13.03.2026 ରେ ଇନକ୍ୱାରୀ ରିପୋର୍ଟ ସହିତ first show cause ନୋଟିସ ଆପଣଙ୍କ ଅନୁପସ୍ଥିତିରେ ଆପଣଙ୍କ ଗୃହରେ ଲଟକା ଜାରି କରି ନୋଟିସର ଜବାବ 15 ଦିନ ମଧ୍ୟରେ ଦେବାପାଇଁ ଆଦେଶ ଦିଆଯାଇଥିଲା କିନ୍ତୁ ଆପଣ ନିର୍ଦ୍ଧାରିତ ସମୟ ମଧ୍ୟରେ ନୋଟିସର ଜବାବ ଦେଲେ ନାହିଁ । ଏଣୁ ପ୍ରସିଡିଂ ଇନକ୍ୱାରୀର କାର୍ଯ୍ୟପଦ୍ଧତି ଅନୁଯାୟୀ Second Show Cause ନୋଟିସ ମାଧ୍ୟମରେ ଆପଣଙ୍କୁ ସରକାରୀ ସେବାରୁ ଅପସାରଣ ସକାଶେ ଓ ଆପଣଙ୍କର ଅନୁପସ୍ଥିତ ଦିନଗୁଡିକ ବିନା ଦରମା ପାଇଁ ପ୍ରସ୍ତାବିତ ଦଣ୍ଡ ବିଧାନ କରାଯାଇଅଛି ଏବଂ ଏହି ପ୍ରସ୍ତାବିତ ଦଣ୍ଡବିଧାନର ଜବାବ 15 ଦିନ ମଧ୍ୟରେ ଦେବାପାଇଁ ଆଦେଶ ଦିଆଯାଇଅଛି ।

ଏଣୁ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶର ୭ ଦିନ ମଧ୍ୟରେ ପ୍ରସ୍ତାବିତ ଦଣ୍ଡ ବିଧାନର ଜବାବ ମୟୂରଭଞ୍ଜ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟରେ ଦାଖଲ କରିବେ ନଚେତ ଧରିନିଆଯିବ ଏ ବାବଦରେ ଆପଣଙ୍କର କିଛି କହିବାର ନାହିଁ ଓ ସେହି ଅନୁସାରେ ଆପଣଙ୍କ ବିରୁଦ୍ଧରେ ଚାଲିଥିବା ଏହି ବିଭାଗୀୟ ପ୍ରକ୍ରିୟାକୁ ଏକତରଫା ଭାବେ ଶେଷ କରାଯିବ ।

ସ୍ୱା./- ଆରକ୍ଷୀ ଅଧୀକ୍ଷକ
ମୟୂରଭଞ୍ଜ

OIPR-12001/12029/1/26-27/0003

## ଜନ୍ମଦିନର ଶୁଭେଚ୍ଛା

ନାମ:..............................
ବୟସ:..............................
ଜନ୍ମ ତାରିଖ: .........................


କାଶ୍ୱିକା
ପରିବାରବର୍ଗ


ସାନଭି
ପରିବାରବର୍ଗ


ଶ୍ରଦ୍ଧା, ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଏଜିଙ୍କ ଚିଠା ରିପୋର୍ଟରେ ସ୍ଥାନିତ ହେଲା ଏସ୍‌ସି, ଏସ୍‌ଟି ଜମି ବିକ୍ରି ଅନୁମତିରେ ଅନିୟମିତତା

**ସୋନପୁର,୨୪।୪(ମୃତ୍ୟୁଞ୍ଜୟ ଶତପଥୀ)**

## ସୁବର୍ଣ୍ଣପୁର, କେନ୍ଦ୍ରାପଡ଼ା ଜିଲ୍ଲା

ସାଧାରଣ ଓ ଅନ୍ୟବର୍ଗଙ୍କୁ ଏସ୍‌ସି, ଏସ୍‌ଟିଙ୍କ ଜମି କ୍ରୟ ପାଇଁ ଆଇନଗତ ପ୍ରତିବନ୍ଧକ ରହିଛି। ଓଡ଼ିଶା ଭୂସଂସ୍କାର ଆଇନ ଅନୁଯାୟୀ ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରି ଅନୁମତି ପ୍ରଦାନ ପାଇଁ ରାଜ୍ୟ ସରକାର ଉପଜିଲାପାଳମାନଙ୍କୁ କ୍ଷମତା ପ୍ରଦାନ କରିଛନ୍ତି। ତେବେ ରାଜ୍ୟର ପ୍ରାୟ ଜିଲାରେ ଏସ୍‌ସି, ଏସ୍‌ଟିଙ୍କ ଜମିକୁ ଚଞ୍ଚକତା କରାଯାଇ ସାଧାରଣ ଓ ଅନ୍ୟବର୍ଗଙ୍କୁ ବିକ୍ରି କରାଯାଉଛି। ଏହି ଅନିୟମିତତା ଧରିବା ପାଇଁ ଓଡ଼ିଶା ପ୍ରଧାନ ମହାଲେଖାକାର ସୁବର୍ଣ୍ଣପୁର ଓ କେନ୍ଦ୍ରାପଡ଼ା ଜିଲାରେ ସ୍ୱତନ୍ତ୍ର ଅଡିଟ୍ କରାଇଥିଲେ। ଏଥିରୁ ଜମିବିକ୍ରୟ ପାଇଁ ଅନୁମତିପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡିଛି। ରିପୋର୍ଟ ଅନୁଯାୟୀ, ସରକାରଙ୍କ ନିୟମକୁ ଜଳାଞ୍ଜଳି ଦେଇ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଜମି ସାଧାରଣ ଓ ଅନ୍ୟବର୍ଗର ଲୋକଙ୍କ ହାତକୁ ଟେକି ଦିଆଯାଇଛି। ଅଧିକାରୀଙ୍କ ମନଇଚ୍ଛା ନିଷ୍ପତ୍ତି ନେବା, କାଗଜପତ୍ର ଯାଞ୍ଚରେ ଅବହେଳା, ଏସ୍‌ସି, ଏସ୍‌ଟି ବର୍ଗଙ୍କ ଜମି ମାଲିକାନା ସୁରକ୍ଷାକୁ ଉଭୟ ଜିଲାରେ ଉପେକ୍ଷା କରାଯାଇଛି। ପ୍ରଧାନ ମହାଲେଖାକାର ଏହାର ଗୁରୁତ୍ୱକୁ ଉପଲବ୍ଧିକରି ରିପୋର୍ଟକୁ ସିଏଜି ଚିଠା ରିପୋର୍ଟରେ ସ୍ଥାନିତ କରିବା ପାଇଁ ସୁପାରିସ କରିଥିଲେ। ଉକ୍ତ ରିପୋର୍ଟ ଏବେ ସିଏଜିଙ୍କ ଚିଠା ରିପୋର୍ଟରେ ସ୍ଥାନ ପାଇଛି। ସରକାର ଏ କ୍ଷେତ୍ରରେ ଦୋଷୀ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହାକୁ ଜିଲାବାସୀ ଅପେକ୍ଷା କରି ରହିଛନ୍ତି। ଏ ସମ୍ପର୍କରେ ଧରିତ୍ରୀରେ ପୂର୍ବରୁ ଖବର ପ୍ରକାଶ ପାଇଥିଲା।

ସିଏଜିଙ୍କ ଚିଠା ରିପୋର୍ଟ ଅନୁସାରେ, ୨୦୧୮ରୁ ୨୦୨୩ ମସିହା ମଧ୍ୟରେ ସୁବର୍ଣ୍ଣପୁର ଜିଲାର ସୋନପୁର, ବୀରମହାରାଜପୁର ଓ କେନ୍ଦ୍ରାପଡ଼ା ଉପଜିଲାପାଳମାନେ ସରକାରୀ ନିୟମକୁ ଉଲ୍ଲଂଘନକରି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗଙ୍କ ୬୬୧.୦୭୩ ଏକର ଜମିକୁ ୧୨୮୭ଟି ମାମଲାରେ ସାଧାରଣ ବର୍ଗର ଲୋକଙ୍କୁ ବିକ୍ରି ପାଇଁ ଅନୁମତି ଦେଇଥିଲେ। ସେଥିମଧ୍ୟରୁ ୫୫୭.୨୫୬ ଏକର ଜମି ଏସ୍‌ସି ବର୍ଗର ଲୋକଙ୍କର ଓ ୧୦୪.୮୦୮ ଏକର ଜମି ଏସ୍‌ଟି ପରିବାରର ଥିଲା। ସେଥିରୁ ୫୨୮ଟି ମାମଲାର ଅଡିଟ୍ କରାଯାଇଥିଲା। ଅନୁଧ୍ୟାନ ପରେ ୩୩୫ଟି ମାମଲାରେ ଗୁରୁତର ତ୍ରୁଟି ଥାଇ ୩୭୮ ଏକର ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ଚିକିତ୍ସା, ବିବାହ ଖର୍ଚ୍ଚ, ଉଚ୍ଚଶିକ୍ଷା, ଋଣ ପରିଶୋଧ, ବାସଗୃହ ନିର୍ମାଣ, ଜମି କ୍ରୟ, ବ୍ୟବସାୟିକ ଆବଶ୍ୟକତା ଆଧାରରେ ଜମି ବିକ୍ରି ପାଇଁ ଆବେଦନ କରାଯାଇଥିଲା। ବିଧିବଦ୍ଧ କାଗଜପତ୍ର ଓ ପ୍ରମାଣ ଯାଞ୍ଚ ନ କରି ଅଧିକାରୀମାନେ ବିକ୍ରି ପାଇଁ ଅନୁମତି ପ୍ରଦାନ କରିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ସ୍ୱାସ୍ଥ୍ୟସେବା ସହାୟତା ବ୍ୟବସ୍ଥା ଥିବାବେଳେ କେବଳ ଚିକିତ୍ସା ବାହାନାରେ ୧୧୧ଟି ମାମଲାରେ ୧୨୦ ଏକର ଜମି ବିକ୍ରି ହୋଇଥିଲା। ସେଥିରୁ ୧୦୨ ଏକର ଜମି ବିକ୍ରି ପାଇଁ ଉଦ୍ଦିଷ୍ଟ ୮୬ ମାମଲାରେ ଚିକିତ୍ସା ସମ୍ପର୍କିତ କୌଣସି ପ୍ରମାଣ ଦାଖଲ ହୋଇ ନ ଥିଲା। ୨୫ ମାମଲାରେ ମାତ୍ର ଓପିଡି ରସିଦ ଓ ପରୀକ୍ଷାଗାର ରିପୋର୍ଟ ଆଧାରରେ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଥିଲା। ଅନ୍ୟ ୯୧ଟି ମାମଲାରେ ଋଣ ପରିଶୋଧ ପାଇଁ ୯୭ ଏକର ଜମି ବିକ୍ରି ଲାଗି ଅନୁମତି ଦିଆଯାଇଥିଲା ବେଳେ ଏ ସମ୍ପର୍କିତ କାଗଜପତ୍ରରେ ଋଣ ପରିମାଣ, ଋଣ ଆଣିବାର କାରଣ ଏବଂ କେତେ ଟଙ୍କା ବକେୟା ଅଛି ତାହା ଦର୍ଶାଯାଇ ନ ଥିଲା। ଅନେକ ମାମଲାରେ ଯୁଗ୍ମ ମାଲିକାନାରେ ଥିବା ଜମିକୁ ମଧ୍ୟ ବିକ୍ରି ପାଇଁ ଅଧିକାରୀମାନେ ଅନୁମତି ଦେଇଥିଲେ। ଏହା ବ୍ୟତୀତ ବହୁ ମାମଲାରେ ଜମି ବିକ୍ରି ପାଇଁ ଦର୍ଶାଯାଇଥିବା କାରଣ ସମ୍ପର୍କିତ କାଗଜପତ୍ର ଦାଖଲ କରାଯାଇନାହିଁ କିମ୍ବା ଅଧିକାରୀମାନେ ତାହା ଦାଖଲ କରିବାକୁ କହିନାହାନ୍ତି। ଏପରି ଅନିୟମିତତାର ସନ୍ଦେହ କରି ୨୯ଟି ମାମଲାରେ ତହସିଲଦାର ଓ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀଙ୍କ ପ୍ରତିବାଦ ସତ୍ତ୍ୱେ ସମ୍ପୃକ୍ତ ଉପଜିଲାପାଳମାନେ ଜମି ବିକ୍ରି ପାଇଁ ଅନୁମତି ଦେଇଥିଲେ ବୋଲି ସିଏଜି ନିଜ ଚିଠା ରିପୋର୍ଟରେ ଦର୍ଶାଇଛନ୍ତି। ୧୯୯୮ ଜୁଲାଇରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ଯେ, ବିବାହ ଉଦ୍ଦେଶ୍ୟରେ ଜମି ବିକ୍ରୟ ପାଇଁ ଅନୁମତି ଦିଆଯିବା ଉଚିତ ନୁହେଁ। କିନ୍ତୁ ଏହି ନିର୍ଦ୍ଦେଶକୁ ଅଣଦେଖା କରି ଅଧିକାରୀମାନେ ବିକ୍ରି ପାଇଁ ଅନୁମତି ପ୍ରଦାନ କରିଥିଲେ। ଏପରିକି ପରିବାର ପାଖରେ ସର୍ବନିମ୍ନ ଆବଶ୍ୟକ ଜମିଠାରୁ କମ୍ ରଖିବା ସତ୍ତ୍ୱେ ବି ବିକ୍ରି କରିବାକୁ ଅନୁମତି ଦିଆଯାଇଥିଲା। କେନ୍ଦ୍ରାପଡ଼ାରେ ନିରଞ୍ଜନ ବେହେରା ଉପଜିଲାପାଳ ଥିବାବେଳେ ସର୍ବାଧିକ ୬୫ଟି ମାମଲାରେ ୫୨ ଏକରରୁ ଊର୍ଦ୍ଧ୍ୱ ଏସ୍‌ସି, ଏସ୍‌ଟି ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଗୋପୀନାଥ ସାରକା, ସୁବ୍ରତ କୁମାର ବେହେରା, ଅଶୋକ କୁମାର ଭୋଇ ଏବଂ ସୋନପୁରରେ ବଳରାମ ମଲ୍ଲିକ, ନୀହାର ରଞ୍ଜନ କହଁର ଓ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ସେହି ସମୟରେ ଉପଜିଲାପାଳ ଥିଲେ। ତେବେ ବୀରମହାରାଜପୁରରେ ଅଶୋକ ଓ ସୋନପୁରରେ ବଳରାମ ଏବଂ ଈପ୍‌ସିତାଙ୍କ ସମୟରେ ସର୍ବାଧିକ ଜମି ବିକ୍ରି ପାଇଁ ଅନୁମତି ମିଳିଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି।

# ୟୁକୋ ବ୍ୟାଙ୍କରୁ ୩କୋଟି ୩୪ଲକ୍ଷ ଠକେଇ

**ବାରିପଦା/ବେତନଟୀ,୨୪।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ଧରଣୀଧର ମହାନ୍ତି)**

## ବାରିପଦା, ବେତନଟୀ ଶାଖା ପକ୍ଷରୁ ଥାନାରେ ଏତଲା

ମୟୂରଭଞ୍ଜ ଜିଲା ବାରିପଦା ଓ ବେତନଟୀ ୟୁକୋ ବ୍ୟାଙ୍କରୁ ବଡ଼ଧରଣର ଠକେଇ ହୋଇଛି। ବ୍ୟାଙ୍କରେ ଫୋନ ନମ୍ବର ଓ ଇ-ମେଲ୍ ଆଇଡି ବଦଳାଇ ମୋଟ ୩କୋଟି ୩୪ଲକ୍ଷ ୭୭ହଜାର ଉଠାଣ ହୋଇଛି। ଏ ସଂକ୍ରାନ୍ତରେ ବେତନଟୀ ଥାନାରେ ଏକ ମାମଲା (ନଂ.୧୨୮/୨୬) ଏବଂ ବାରିପଦା ଟାଉନ ଥାନାରେ ଅନ୍ୟ ଏକ ମାମଲା(ନଂ. ୨୬୨/୨୬)ରୁଜୁ ହୋଇଛି।

ସୂଚନାଯୋଗ୍ୟ, ବାରିପଦା ୟୁକୋ ବ୍ୟାଙ୍କରେ ଥିବା ସ୍ଥାନୀୟ ମ୍ୟୁନିସିପାଲିଟିର ଏକ ଆକାଉଣ୍ଟରୁ ୧କୋଟି ୮ଲକ୍ଷ ୭୭ହଜାର ଟଙ୍କା ଉଠାଣ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ ବ୍ୟାଙ୍କର ମ୍ୟାନେଜର ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ତେବେ ବ୍ୟାଙ୍କ ପକ୍ଷରୁ ସମସ୍ତ ଟଙ୍କା ମ୍ୟୁନିସିପାଲିଟି ଆକାଉଣ୍ଟକୁ ଫେରସ୍ତ କରାଯାଇଛି।

ସେହିପରି ଗତ ମାର୍ଚ୍ଚ ୨୪ ତାରିଖ ଅପରାହ୍ନ ୧ଟା ସମୟରେ ଜଣେ ଅଣଓଡ଼ିଆ ବ୍ୟକ୍ତି ବେତନଟୀସ୍ଥିତ ୟୁକୋ ବ୍ୟାଙ୍କକୁ ଆସିଥିଲେ। ସେ ନିଜକୁ ବେତନଟୀ ବ୍ଲକ୍ ବିଡିଓଙ୍କ ପ୍ରତିନିଧି ବୋଲି ପରିଚୟ ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉଲ୍ଲେଖ ଥିବା ଚିଠିରେ ବିଡିଓଙ୍କ ଦସ୍ତଖତ ଏବଂ ସିଲ୍ ଥାଇ ଏକ ଆବେଦନପତ୍ର ଦାଖଲ କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟ ନାମରେ ଥିବା ୨ଟି ସରକାରୀ ଆକାଉଣ୍ଟର ମୋବାଇଲ ନମ୍ବର ଏବଂ ଇ-ମେଲ୍ ଆଇଡି ଅପ୍‌ଡେଟ୍ ପାଇଁ ଉକ୍ତ ଆବେଦନପତ୍ରରେ ଉଲ୍ଲେଖ ରହିଥିଲା, ଯାହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି କାର୍ଯ୍ୟକୁ ସମ୍ପାଦନ କରିଥିଲେ। ତା’ ପରଦିନ ଉକ୍ତ ସନ୍ଦିଗ୍ଧ ବ୍ୟକ୍ତି ଜଣକ ପୁନର୍ବାର ବ୍ୟାଙ୍କୁ ଯାଇ ବିଡିଓଙ୍କ ସିଲ୍ ଓ ଦସ୍ତଖତ ଥିବା ଏକ ଆବେଦନପତ୍ର ଦାଖଲ କରି ଆକାଉଣ୍ଟ ନାମରେ ଥିବା ଇ-ବ୍ୟାଙ୍କ ୟୁଜର ଆଇଡି ଓ ପାସ୍‌ୱାର୍ଡ ପରିବର୍ତ୍ତନ କରିବାକୁ ଆବେଦନ କରିଥିଲେ। ଏହାପରେ ଏପ୍ରିଲ ୨୧ ଅପରାହ୍ନ ୧ଟା ୪୦ମିନିଟ ସମୟରେ ବେତନଟୀ ବ୍ଲକ୍ କର୍ତ୍ତୃପକ୍ଷ କୌଣସି କାମରେ ବ୍ୟାଙ୍କକୁ ଯାଇ ଆକାଉଣ୍ଟରୁ ୨କୋଟି ୨୬ଲକ୍ଷ ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ବ୍ୟାଙ୍କ ଓ ବ୍ଲକ୍ କର୍ତ୍ତୃପକ୍ଷ ଆଲୋଚନା କରି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ବେତନଟୀ ବ୍ୟାଙ୍କ ଶାଖା ପରିଚାଳକ ଅର୍ପିତା ପାଲ ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ବାରିପଦା ମ୍ୟୁନିସିପାଲିଟି ଆକାଉଣ୍ଟରୁ ଏଭଳି ଚଞ୍ଚକତା କରାଯାଇ ଟଙ୍କା ଉଠାଣ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଟ୍ରେନ୍‌ରୁ ଖସି ଶ୍ୱଶୁର, ଜ୍ୱାଇଁଙ୍କ ମୃତ୍ୟୁ

**ମୁନିଗୁଡ଼ା,୨୪।୪(ନନ୍ଦ କିଶୋର ପଟ୍ଟନାୟକ)**

ବିଶାଖାପାଟଣା କୋର୍ବା ଲିଙ୍କ୍ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଖସି ଶୁକ୍ରବାର ଶ୍ୱଶୁର ଓ ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ରେଲୱେ ଷ୍ଟେଶନ ନିକଟରେ ଶ୍ୱଶୁର ଟ୍ରେନ୍‌ରୁ ଖସି ମୃତ୍ୟୁବରଣ କରିଥିବା ବେଳେ ମୁନିଗୁଡ଼ା ବ୍ଲକ୍ ଦହିଖାଲ ଷ୍ଟେଶନ ଅଞ୍ଚଳରେ ଜ୍ୱାଇଁ ଟ୍ରେନ୍‌ରୁ ଖସି ପଡ଼ିଥିବା ଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମୃତକ ଦ୍ୱୟ ହେଲେ ଶ୍ୱଶୁର ଲିଙ୍ଗରାଜ ସାହା (୮୦) ଓ ଜ୍ୱାଇଁ ସୁଦାମ ନାୟକ। ମୃତକଙ୍କ ଘର କଳାହାଣ୍ଡି ଜିଲା କେସିଙ୍ଗା ନିକଟ ଟିକାଇ ଗ୍ରାମରେ ବୋଲି ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଶ୍ୱଶୁରଙ୍କ ଚିକିତ୍ସା ସାରି କଳାହାଣ୍ଡି ଫେରୁଥିବାବେଳେ ଚଳନ୍ତା ଟ୍ରେନ୍‌ରୁ ଖସି ଉଭୟ ଶ୍ୱଶୁର ଜ୍ୱାଇଁଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁଯାୟୀ, ସୁଦାମ ଗୁରୁବାର ଶ୍ୱଶୁର ଲିଙ୍ଗରାଜଙ୍କୁ ଧରି କ୍ୟାନ୍‌ସର ଚିକିତ୍ସା ପାଇଁ ବିଶାଖାପାଟଣା ଯାଇଥିଲେ। ଉଭୟେ ବିଶାଖାପାଟଣା କୋର୍ବା ଲିଙ୍କ୍ ଏକ୍ସପ୍ରେସ୍‌ରେ ଶୁକ୍ରବାର ଫେରୁଥିବା ବେଳେ କୌଣସି କାରଣବଶତଃ ପ୍ରଥମେ ଶ୍ୱଶୁର ରାୟଗଡ଼ା ଷ୍ଟେଶନ ୫ ନମ୍ବର ପ୍ଲାଟ୍‌ଫର୍ମରେ ଖସିପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଶ୍ୱଶୁରଙ୍କୁ ସିଟ୍‌ରେ ନ ପାଇ ଜ୍ୱାଇଁ ବ୍ୟସ୍ତହୋଇ ଟ୍ରେନ୍‌ରୁ ଖସିପଡ଼ିଥିବା ପୋଲିସ ଅନୁମାନ କରୁଛି। ଉଭୟଙ୍କ ଏଭଳି ଅସ୍ୱାଭାବିକ ମୃତ୍ୟୁକୁ ନେଇ କିଛି ସ୍ପଷ୍ଟ ହୋଇ ନ ଥିବା ବେଳେ ରାୟଗଡ଼ା ଓ ମୁନିଗୁଡା ଜିଆର୍‌ପି ପୋଲିସ ମୃତଦେହ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ସୁଦାମଙ୍କ ମୃତଦେହ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଶ୍ୱଶୁର ଲିଙ୍ଗରାଜଙ୍କ ମୃତଦେହ ପରିବାରକୁ ହସ୍ତାନ୍ତର ପ୍ରକ୍ରିୟା ଜାରି ରହିଥିବା ପୋଲିସ ସୂଚନା ଦେଇଛି। ମୃତ ସୁଦାମଙ୍କ ନିକଟରୁ ୨୩ ତାରିଖ କେସିଙ୍ଗାରୁ ବିଶାଖାପାଟଣା ଯାତ୍ରା ପାଇଁ ରିଜର୍ଭେଶନ ଟିକେଟ ପାଇଥିବା ଜିଆର୍‌ପି ପୋଲିସ ସୂଚନା ଦେଇଛି। ସେମାନେ ବିଶାଖାପାଟଣା ଯାଉଥିବା ସମୟରେ ଏହି ଦୁର୍ଘଟଣା ହୋଇଥିବା ଜିଆର୍‌ପି ଓ ଆର୍‌ପିଏଫ୍ ପୋଲିସ କହୁଥିବା ବେଳେ ସେମାନେ ଚିକିତ୍ସା ସାରି ଫେରୁଥିବା ସମୟରେ ଏହି ଘଟଣା ହୋଇଥିବା ପରିବାରବର୍ଗ କହିଛନ୍ତି। ତଦନ୍ତ ପରେ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି।

# ଆଇଏଫ୍‌ଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୪।୪(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଆଇଏଫ୍‌ଏସ୍ (ଭାରତୀୟ ବନସେବା) ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଜଙ୍ଗଲ ବିଭାଗର ବିଜ୍ଞପ୍ତି ଅନୁସାରେ, କାମ୍ପା ସିଇଓ ଜି. ରାଜେଶଙ୍କୁ ଏଫ୍‌ସିଏ ନୋଡାଲ ଅଫିସର, ପିସିସିଏଫ୍ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ସମ୍ବଲପୁର ସର୍କଲ ଆର୍‌ସିସିଏଫ୍ ଟି. ଅଶୋକ କୁମାରଙ୍କୁ ସିସିଏଫ୍-କମ୍-ସିଇଓ, କାମ୍ପା ଏବଂ ପିସିସିଏଫ୍ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଆଇଏଫ୍‌ଏସ୍ ଅଫିସର ସଞ୍ଜୟ କୁମାର ସ୍ୱାଇଁଙ୍କୁ ଅନୁଗୋଳ ସର୍କଲ ଆର୍‌ସିସିଏଫ୍ ଭାବେ ନିଜ ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ଭାବେ ଅନୁଗୋଳ ଫରେଷ୍ଟ ରେଞ୍ଜର୍ସ କଲେଜ ନିର୍ଦ୍ଦେଶକ, ସୁଧାଂଶୁ ଶେଖର ଖୋରାଙ୍କୁ ଭୁବନେଶ୍ୱର ଆର୍‌ପିଆର୍‌ସି, ସ୍ୱୟମ ମଲ୍ଲିକଙ୍କୁ ଜଙ୍ଗଲ ବିଭାଗ ସ୍ୱତନ୍ତ୍ର ସଚିବ, ସଂଗ୍ରାମ କେଶରୀ ବେହେରାଙ୍କୁ ଭୁବନେଶ୍ୱର ଓଏଫ୍‌ଡିସି ନିର୍ଦ୍ଦେଶକ (କମର୍ସିଆଲ), ପି. ଆର୍ଥନାରୀଙ୍କୁ ନିଜ ଦାୟିତ୍ୱ ସହ ଅତିରିକ୍ତ ଦାୟିତ୍ୱ ଭାବେ ଭୁବନେଶ୍ୱର ଆର୍‌ସିସିଏଫ୍ ଭାବେ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି।

# ସାଳନ୍ଦୀ ନଦୀରେ ବୁଡ଼ି ଜେଜେମା, ନାତୁଣୀ ମୃତ

**ତିହିଡି,୨୪।୪(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡି ଥାନା ଅଧୀନ ତଳଗୋପବିନ୍ଧା ପଦାସାହି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ଜେଜେମା ଓ ନାତୁଣୀ ସାଳନ୍ଦୀ ନଈରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତା ଜେଜେମା ଦ୍ରୌପଦୀ ବେହେରା (୮୨) ଏବଂ ନାତୁଣୀ ଲକ୍ଷ୍ମୀପ୍ରିୟା ବେହେରା (୧୫) ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସାଳନ୍ଦୀ ନଦୀ ପାଖରେ ଥିବା ଆମ୍ବ ଗଛରୁ ଆମ୍ବ ତୋଳିବାକୁ ଜେଜେମା ଓ ନାତୁଣୀ ଯାଇଥିଲେ। ଉଚ୍ଚା ନଦୀବନ୍ଧ ଉପରକୁ ନାତୁଣୀ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା। ଏହି ସମୟରେ ସେ ଜେଜେମାଙ୍କ ହାତକୁ ଧରି ପକାଇଥିଲେ। ଫଳରେ ଉଭୟ ନଦୀ ଭିତରକୁ ଚାଲିଯାଇଥିଲେ। ସେମାନେ ନ ଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ନଦୀ ଭିତରୁ ଉଭୟଙ୍କ ମୃତଦେହ ପାଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି। ସରପଞ୍ଚ ସଞ୍ଜୀବ ବେହେରା, ପ୍ରାଣବନ୍ଧୁ ରାଉତ, ଶ୍ରୀକାନ୍ତ ମହାଳିକ, ଗଙ୍ଗାଧର ବେହେରା, ରଞ୍ଜନ ମହାଳିକଙ୍କ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ତିହିଡି ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର,୨୪।୪(ସୁଚିସ୍ମିତା ସାହୁ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦବୀ ପାଇଁ ଆଶାୟୀ ପ୍ରାର୍ଥୀଙ୍କର ବିଶ୍ୱବିଦ୍ୟାଳୟରେ ଅତିକମ୍‌ରେ ୧୦ ବର୍ଷର ପ୍ରାଧ୍ୟାପକ ଅଭିଜ୍ଞତା ଥିବା ବା ପ୍ରତିଷ୍ଠିତ ଗବେଷଣା ସଂସ୍ଥା ଓ ଶିକ୍ଷାନୁଷ୍ଠାନରେ ୧୦ ବର୍ଷ ଅଭିଜ୍ଞତା ଥିବା ଆବଶ୍ୟକ। ଆବେଦନକାରୀମାନେ ଉଭୟ ଅଫଲାଇନ୍ ଓ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ମେଲ୍ ଓ ହିମସ୍ ଅନ୍‌ଲାଇନ ପୋର୍ଟାଲ୍‌ରେ ମେ ୨୪ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏବଂ ପୋଷ୍ଟାଲ୍ ମାଧ୍ୟମରେ ୨୯ ତାରିଖ ମଧ୍ୟରେ ଆବେଦନ କରିବେ। ଏହାପରେ କୌଣସି ଆବେଦନ ଗ୍ରହଣୀୟ ହେବନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ୨୦୨୬ ମସିହା ଅଗଷ୍ଟ ୭ ସୁଦ୍ଧା ଆବେଦନକାରୀଙ୍କ ବୟସ ସୀମା ୬୬ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ସମସ୍ତ ଆବେଦନକାରୀଙ୍କୁ ଶର୍ଟଲିଷ୍ଟ କରିବା ପରେ ତିନି ଜଣିଆ କମିଟି ସମ୍ମୁଖରେ ସାକ୍ଷାତକାର ପାଇଁ ଡକାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।


# Classified Everyday
0674-2580101, 9692975378


REAL ESTATE
SALE

ହଂସପାଳ ଗୁଆଲିରେ ଘରବାରି ପ୍ଲଟ୍ ବ୍ୟାଙ୍କ୍ ଲୋନ ସୁବିଧାଥାଇ ବିକ୍ରି ହେବ। Sqft. Rs.1350/-, 9337259012. D-184

ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520. D-32

Plot Sale Near Sundarpada OEC College with Boundary wall- 6372670155. D-30

ପୂର୍ବମୁହାଁ ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର- 9861722609/ 9438112793. D-84

Ready to move apartment Sale Near Hanspal, Rasulgarh, Bhubaneswar. 9777433701. D-29

3BHK flat for sale S.B.A 1550 Sqft. Near Pahala, Atala Rera Approved. 9937080005, 8118055505. D-190

3BHK, Drawing, Dining, Puja, Three Bed Room, Two Kitchens, Three Toilets, Garage near Shopping Mall, Inox Cinema, Tamando, Rate- Three crores (Negotiable). Cell. 9040188940, 93481 21441. D-166




Double storied space available for health, Education, Distribution, Institution behind Odisha Orthopedic Hospital, Malhasahi, Mangalabag, Cuttack. 9937900960, 9124447292. D-189

1st floor, 2200sqft. Accommodation facility near Mausima Chaaka, Bhubaneswar. Suitable for Office/Hostel (30beds, 4 toilets). M: 9937949625. D-310




Newly opening full body massage. Best therapist, Good Looking: 7205888795. D-135

All types hair cutting/ massage by smart female, one hour 700/- - Room services available. Contact: 9937833100. D-76308

Full body massage, Home service available. Male, Female. 7377143756. D-191

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## AFFIDAVIT

By virtue of an affidavit sworn before the Executive Magistrate, Kamakhya nagar, affidavit No.- 83, dated- 20.04. 2026, I, Alisha Naik, D/o.- Rabindra Naik, W/o-Rajendra Naik,Vill/ P.O.- Aluajharana, P.S.- Kamakhyanagar, Dist.- Dhenkanal, Odisha state that my actual and correct name is Alisha Naik mentioned in my Aadhaar Card No. xxxx xxxx 5656. But in my LIC Policy No. 599249684 my name has been wrongly mentioned as Chandrakanti Pradhan. Hencefoth, Alisha Naik and Chandrakanti Pradhan is one and same person. D-185

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନ ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ

By virtue of an affidavit No.- 2617 dated 22.04.2026 before Executive Magistrate, Cuttack, I, PANKAJ KUMAR SAMAL, son of BHAGIRATHI SAMAL, At- SRIKORUAN (GURUBARI SAHI), P.O.- URALI, CUTTACK, ODISHA for correction in Aadhaar Card and all purpose as PANKAJ KUMAR SAMAL in place of PANKAJ SAMAL. D-188

As Per Affidavit before Executive Magistrate, Nilgiri, dtd.- 13.04.2026, I, Abhiram Maharana @ Rama Chandra Maharana, S/o.- Maheswar Maharana, Vill.- Baulagadia, P.O.- Iswarpur, P.S.- Nilgiri, Dist.- Balasore is one and same person in locality. My name is in LIC document made Pol. NO.- 598394132 Rama Chandra Maharana. Henceforth, I Shall be known as Abhiram Maharana for all purposes. Sd./- Abhiram Maharana D-186

## ଓଡ଼ିଶାର ଗର୍ବ! ଜଗନ୍ନାଥ ସଂସ୍କୃତି ଉପରେ ହରପ୍ରିୟା ସାହୁଙ୍କ ପିଏଚ୍.ଡି. ସଫଳତା



ଅହମ୍ମଦାବାଦ, ପ୍ରତିନିଧି: ଓଡ଼ିଶାର ପୁରୀ ଜିଲାର ହରିପୁର ଗ୍ରାମର ପ୍ରତିଭାଶାଳୀ ଗବେଷିକା କୁମାରୀ ହରପ୍ରିୟା ସାହୁ, ପିତା ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାହୁ, ଗୁଜରାଟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରୁ ୧୫।୦୪।୨୦୨୬ ତାରିଖରେ ସଫଳତାର ସହ ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଛନ୍ତି। ତାଙ୍କର ଗବେଷଣା ବିଷୟ- “ଶ୍ରୀପୁରୁଷୋତ୍ତମଚରିତସ୍ୟ ସମୀକ୍ଷାତ୍ମକମଧ୍ୟୟନମ୍”- ଆଧୁନିକ ସଂସ୍କୃତ ମହାକାବ୍ୟ ଉପରେ ଏକ ଗଭୀର ଓ ସ୍ୱତନ୍ତ୍ର ଶାସ୍ତ୍ରୀୟ ଅଧ୍ୟୟନ। ଏହି ଶୋଧ ବିଷୟ ବାଛିବା ଓ ପିଏଚ୍.ଡି. କରିବା ପାଇଁ ତାଙ୍କୁ ପ୍ରେରଣା ମିଳିଥିଲା ରାଜଧାନୀ କଲେଜର ପୂର୍ବତନ ସଂସ୍କୃତ ପ୍ରଫେସର ଡଃ ଶଶିଭୂଷଣ ବେହେରାଙ୍କଠାରୁ। ତାଙ୍କର ଦିଗ୍‌ଦର୍ଶନ ଓ ପ୍ରେରଣା ଏହି ଗବେଷଣା କାର୍ଯ୍ୟର ମୂଳ ଆଧାର ରହିଛି। ମୂଳତଃ ଓଡ଼ିଶାର ବାସିନ୍ଦା ହୋଇଥିବା ସତ୍ତ୍ୱେ, ଉଚ୍ଚ ଶିକ୍ଷା ଓ ଗବେଷଣା ପ୍ରତି ଆଗ୍ରହ ତାଙ୍କୁ ଗୁଜରାଟକୁ ଆଣିଥିଲା। ସେଠାରେ ରହି ତାଙ୍କର ଏହି ମୌଳିକ ଗବେଷଣା କାର୍ଯ୍ୟ ସମ୍ପନ୍ନ କରିଛନ୍ତି, ଯାହା ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଶୈକ୍ଷଣିକ ଓ ସାଂସ୍କୃତିକ ସମନ୍ୱୟର ଏକ ଉଦାହରଣ। ତାଙ୍କର ଗବେଷଣାରେ ଶ୍ରୀଜଗନ୍ନାଥ ସଂସ୍କୃତି, ଗୁଣ୍ଡିଚା ଯାତ୍ରା ଓ ଉତ୍କଳର ପ୍ରସିଦ୍ଧ ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ସମ୍ବନ୍ଧୀୟ ଐତିହାସିକ ଓ ସାହିତ୍ୟିକ ପ୍ରସଙ୍ଗକୁ ଗଭୀର ଭାବେ ଆଲୋକିତ କରାଯାଇଛି। ଏହି ଗବେଷଣା କାର୍ଯ୍ୟ ସରକାରୀ ଆର୍ଟସ କଲେଜ, ଗାନ୍ଧୀନଗରର ସହକାରୀ ପ୍ରଫେସର ଡଃ ଭାବପ୍ରକାଶ ଗାନ୍ଧୀଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସମ୍ପନ୍ନ ହୋଇଥିବା ବେଳେ, ଗୁଜରାଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ମୟୂରୀବେନ ଭାଟିଆଙ୍କର ମୂଲ୍ୟବାନ ସହଯୋଗ ମଧ୍ୟ ଉଲ୍ଲେଖନୀୟ। ତାଙ୍କର ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିବା ସହ ଯୁବ ପିଢ଼ିଙ୍କୁ ଶିକ୍ଷା ଓ ଗବେଷଣା ପ୍ରତି ପ୍ରେରିତ କରିବ ବୋଲି ଆଶା କରାଯାଉଛି। ଧ-୧୮୭

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ସାନଭି ନାୟକ
ଗୌରି ଗାର୍ଡେନ, ଭୁବନେଶ୍ୱର
ଆଜି ତୋର ପ୍ରଥମ ଶୁଭ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ, ଉଜ୍ଜ୍ୱଳମୟ ଭବିଷ୍ୟତ ସହ ଦୀର୍ଘାୟୁ କରନ୍ତୁ, ଏହାହିଁ ଆମର ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା’, ଅଜା, ଆଈ, ବଡ ବାପା, ବଡ ମା’, ମାମୁ, ମାଈଁ, ଅପା, ବାପା, ମା’, ଶ୍ରୀଅଂଶ, ଶ୍ରୀହାନ, ପ୍ରିନ୍ସ, ପରୀ, ସ୍ମୃତି ଓ ପରିବାରବର୍ଗ
ଧ-୩୦୯

## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



ଶ୍ରଦ୍ଧା ସାଇ
ଆଦିମାତା କଲୋନୀ, ଭୁବନେଶ୍ୱର
ଜନମ ଲଭି ଏ ସଂସାରେ ତୁମେ ଦୁଇ ଭଉଣୀ, ଆମ ପାଇଁ ହସଖୁସିର ପସରା ଦେଲ ଆଣି। ଜଗାସାଇଙ୍କ ଆଶିଷ ସଦାବେଳେ ରହିଥାଉ, ଏତିକି ପ୍ରାର୍ଥନା ସଦା ସଫଳ ହେଉଥାଉ।
ଶୁଭେଚ୍ଛା ସହ: ଜେଜେ ବାପା, ଜେଜେ ମା’, ଅଜା, ଆଈ, ପାପା, ମାମା, କକେଇ, ବଡନାନୀ, ପିଉସା, ଗୁନୁମମି, ସାନନାନୀ, ମାମୁ, ମାଈଁ, ତିତିଦିଦି, ଈଶାନ ଓ ଇଭାନ।
ଧ-୩୦୮

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



କାଶ୍ୱିକା କର୍ମୀଳା ଟୁଡୁ
ମାଟିଆଳି, ଯାମଦା, ମୟୂରଭଞ୍ଜ
ଜୟ ବଜରଙ୍ଗବାଲି
ଆଜିର ତୃତୀୟ ଶୁଭ ଜନ୍ମଦିନ ଅବସରରେ ଚାନ୍ଦବଙ୍ଗା ଓ ମାରାଂବୁରୁ ତୋର ଚଲାପଥ କୁସୁମିତ କରନ୍ତୁ, ଉଜ୍ଜ୍ୱଳମୟ ଭବିଷ୍ୟତ ସହ ଦୀର୍ଘାୟୁ କରନ୍ତୁ, ଏହାହିଁ ଆମର ବିନମ୍ର ପ୍ରାର୍ଥନା।
ଶୁଭ ଆଶିଷ ସହ: ଜେଜେ ବାପା, ଜେଜେ ମା’, ବାପା, ବୋଉ, ବଡ ଅପା, ସାନ ଅପା ଓ ଟୁଡୁ ପରିବାରବର୍ଗ।
ଧ-୬୦୯୦

ଅବଲୋକନ



ଡା. ଅନୀତା ପଣ୍ଡା

# ସ୍ମୃତିରେ ମନୋଜ

ସାହିତ୍ୟର ଉନ୍ନତି ଅର୍ଥାତ୍ ସମାଜର ଉନ୍ନତି। ଏହି ସବୁକୁ ମାନସପଟ କାନ୍‌ଭାସରେ ଚିତ୍ରଣ କରି ସାହିତ୍ୟିକଟିଏ ଉଠାଇଥାଏ ତା'ର ଲେଖନୀ। ଜଣେ ବିଜ୍ଞ ସାହିତ୍ୟିକର ମୃତ୍ୟୁଯାବତ୍ କଲମଟିର ଝରରେ ବିରତି ନ ଥାଏ। ''ଅନ୍ଧକାର ଅଟେ ଭୂମି ନ ଥିଲେ ଆଦିତ୍ୟ, ନିର୍ଜୀବ ଅଟଇ ଦେଶ ନ ଥିଲେ ସାହିତ୍ୟ।''

ମନୋଜ ଦାସ ଏକାଧାରରେ ଜଣେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଶିଶୁ-ସାହିତ୍ୟିକ, ସ୍ତମ୍ଭକାର, କବି ଓ ବକ୍ତା। ଦ୍ୱିଭାଷୀ ଲେଖକ ରୂପେ ସେ ଦେଶ ବିଦେଶରେ ପରିଚିତ। ମନୋଜଙ୍କ ଲେଖାଗୁଡ଼ିକ ଥିଲା ସ୍ୱତନ୍ତ୍ର ଓ ମୌଳିକ। ଭାଷଣଗୁଡ଼ିକର ଚିନ୍ତାଧାରା ବହୁବିଧ ହେବା ସଙ୍ଗେ ସଙ୍ଗେ କହିବାର ଶୈଳୀ ଅତ୍ୟନ୍ତ ଆକର୍ଷଣୀୟ। ଭାଷଣଗୁଡ଼ିକୁ ଗଳ୍ପ ଆକାରରେ ବର୍ଣ୍ଣନା କରିବାରେ ସେ ଥିଲେ ଧୁରୀଣ। ତେଣୁ ଶ୍ରୋତାମାନଙ୍କର ଅତି ପ୍ରିୟ।

ପ୍ରଜ୍ଞା ପ୍ରଦୀପିକା ମନୋଜ ଦାସ (ମଣ୍ଟୁ)ଙ୍କର ଜନ୍ମ ୧୯୩୪ ମସିହା ଫେବୃଆରୀ ୨୭ ତାରିଖ ବାଲେଶ୍ୱର ଜିଲା ଉପକୂଳବର୍ତ୍ତୀ ଭୋଗରାଇ ଉପକଣ୍ଠସ୍ଥ ଶଂଖାରୀ ଗ୍ରାମରେ। ତାଙ୍କ ପିତା ମଧୁସୂଦନ ଦାସ ଗ୍ରାମର ଏକ ସୁସମ୍ପନ୍ନ ପରିବାରର ଦାୟାଦ ଥିଲେ ଏବଂ ମାତା କାଦମ୍ବିନୀ ସୁଗୃହିଣୀ। ଦୁଇବର୍ଷ ବୟସରେ ପିଲାଟିର ମନୋବିକାଶ ହୋଇଥାଏ। ଏହି ସମୟରେ ସେ ଯେଉଁ ବସ୍ତୁ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥାଏ, ତହିଁରେ ଅନ୍ୟର ହସ୍ତକ୍ଷେପ ତା' ଅନ୍ତରର କ୍ରୋଧକୁ ପରିପ୍ରକାଶ କରିଥାଏ; ଯାହା ମଣ୍ଟୁ ପାଇଁ ଥିଲା ପ୍ରଯୁଜ୍ୟ। ଲାଲପଦ୍ମ, ଶ୍ୱେତପଦ୍ମ କାହାଣୀ, ବଡ଼ମାଈଁଙ୍କର ଚିତାର ଅବଶିଷ୍ଟାଂଶ ପରିଦର୍ଶନ, ପୋଷ୍ୟ ବିଲେଇ, 'ଭ' ସହ ଏକ ଗୋଧୂଳି, ଜଳଯାତ୍ରା ପ୍ରଭୃତିରେ ମନୋଜଙ୍କର ଶୈଶବାନୁଭୂତି ପରିସ୍ଫୁଟିତ। କୈଶୋରୋନ୍ମୁଖ ପର୍ଯ୍ୟାୟରେ ତାଙ୍କ ବୌଦ୍ଧିକ ବିକାଶର ଅନୁଭୂତିମାନ ବହୁ ଗଳ୍ପରେ ପ୍ରତିବିମ୍ବିତ। ମନୋଜଙ୍କ ବୟସ୍କାବସ୍ଥାର ଅନୁଭୂତି ଖୁବ୍ ଦୁଃଖମୟ ଥିଲା। ପ୍ରଥମ ପର୍ଯ୍ୟାୟରେ ପୁତ୍ରହରା ଦୁଃଖ ତାଙ୍କୁ ପର୍ବତ ଭଳି ମାଡ଼ିବସିଥିଲା, ଯାହା ତାଙ୍କୁ ତାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ବାଧ କରିଥିଲା। ମଣିଷ ଜୀବନର ଦୁଃଖର କାରଣ ଖୋଜି ସେ ପହଞ୍ଚିଥିଲେ ମହାମାନବତ୍ୱର ଉତ୍ତରିତ ଭୂମିରେ। ସେ ଅନ୍ୱେଷାର କ'ଣ ଶେଷ ଅଛି? ତାଙ୍କର ସମସ୍ତ ସାହିତ୍ୟ ସେହି ଅନ୍ୱେଷାର ଫଳଶ୍ରୁତି।

ବାଲ୍ୟକାଳରୁ ମ୍ୟାଜିକ୍ ଦେଖାଇବା, ଗୀତ ଲେଖି ଗାଇବା, ହାରମୋନିୟମ୍ ଏବଂ ବଂଶୀ ବାଦନ, ହସ୍ତରେଖା ପଠନ କାର୍ଯ୍ୟକ୍ରମରେ ନିଜକୁ ସେ ନିୟୋଜିତ ରଖୁଥିଲେ। କୈଶୋରାବସ୍ଥାରୁ କମ୍ୟୁନିଜମ୍‌ରେ ନିଷ୍ଠା ରଖିବାଠାରୁ ଆରମ୍ଭ କରି ସାହିତ୍ୟ ପ୍ରତି ଅନୁରକ୍ତି, ପତ୍ରିକା ସମ୍ପାଦନ ତାଙ୍କ କାର୍ଯ୍ୟକଳାପକୁ ଅନନ୍ୟ କରିଥିଲା। ଛାତ୍ର ଜୀବନରେ ସେ ବାମପନ୍ଥୀ ଚିନ୍ତାଧାରା, ବିଶେଷକରି ଷ୍ଟାଲିନ୍‌ଙ୍କ ବିଚାରଧାରା ପ୍ରତି ଆକୃଷ୍ଟ ହୋଇଥିଲେ। କିନ୍ତୁ ଯେତେବେଳେ ବାମପନ୍ଥୀ ଚିନ୍ତାଧାରାରୁ ତାଙ୍କର ମୋହଭଙ୍ଗ ହେଲା, ସେ ଅଧ୍ୟାତ୍ମବାଦ ପ୍ରତି ଆକୃଷ୍ଟ ହେଲେ। ଓଡ଼ିଆ ଜାତିର ସାଂସ୍କୃତିକ, ସାରସ୍ୱତ ଓ ଆଧ୍ୟାତ୍ମିକ ଜଗତରେ ମନୋଜ ଥିଲେ ଜଣେ ସିଦ୍ଧ ସାଧକ। ଜଣେ ସଚେତନ ସାହିତ୍ୟସ୍ରଷ୍ଟା ରୂପେ ସେ ଉପଲବ୍ଧି କରିଥିଲେ ଯେ ସମାଜରେ ଥିବା ଦୋଷତ୍ରୁଟିକୁ ସୁଧାରିବାର ପ୍ରୟାସ ହିଁ ଜଣେ ସଚ୍ଚା ସାହିତ୍ୟିକର ଦାୟିତ୍ୱ। ସେଥିନିମନ୍ତେ ସେ ଅଳ୍ପ ବୟସରୁ ଚେଷ୍ଟିତ ଥିଲେ। ଶ୍ରୀଅରବିନ୍ଦଙ୍କୁ ଅନୁସରଣ କରୁଥିବାରୁ ମଣିଷର ଆଧ୍ୟାତ୍ମିକ ସମ୍ଭାବନା ଉପରେ ସେ ବିଶ୍ୱାସ ରଖିଥିଲେ। ସାହିତ୍ୟ ଥିଲା ତାଙ୍କର ଅଧ୍ୟାତ୍ମସାଧନାର ମାଧ୍ୟମ। ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ପୁସ୍ତକର ଓଡ଼ିଆ ଅନୁବାଦ ଥିଲା ଜୀବନର ଅନ୍ତିମ ପର୍ଯ୍ୟାୟରେ ତାଙ୍କର ଏକ କାଳଜୟୀ ଅବଦାନ।



[୨୭ ଫେବୃଆରୀ ୧୯୩୪ – ୨୭ ଏପ୍ରିଲ ୨୦୨୧]

ମନୋଜଙ୍କ ସାହିତ୍ୟ ରଚନାର କ୍ରମ ପ୍ରତି ଦୃଷ୍ଟିପାତ କଲେ ଦେଖାଯାଏ, ମାତ୍ର ୧୪ ବର୍ଷ ବୟସରୁ ତାଙ୍କର ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା। ୧୫ ବର୍ଷ ବୟସରେ ତାଙ୍କର ପ୍ରଥମ ପୁସ୍ତକ 'ଶତାବ୍ଦୀର ଆର୍ତ୍ତନାଦ' ଏବଂ ପରେ ପରେ 'ବିପ୍ଳବୀ ଫକୀରମୋହନ' ଆତ୍ମପ୍ରକାଶ କରିଥିଲା। କୈଶୋର ଜୀବନର ଏତାଦୃଶ କୃତି ତାଙ୍କୁ ସେହି ବର୍ଷ 'ଦିଗନ୍ତ' ପତ୍ରିକାର ପ୍ରତିଷ୍ଠା ଏବଂ ସମ୍ପାଦନା କରିବାର ଅମୃତ ଅବକାଶ ପ୍ରଦାନ କରିଥିଲା। ଶ୍ରୀ ଦାସଙ୍କ ଜୀବନର ପ୍ରଥମ ଦୁଇଟି କବିତା ଥିଲା ଅତୁଳନୀୟ। ପ୍ରଥମଟି ଥିଲା 'ସୂର୍ଯ୍ୟୋଦୟ', ଯାହା ସେ ଭାରତ ସ୍ୱାଧୀନତା ଉପରାନ୍ତେ ଆନନ୍ଦ ସାଗରରେ ବିଚରଣ କରି ରଚନା କରିଥିଲେ ଏବଂ ଦ୍ୱିତୀୟଟି ଥିଲା 'ସୂର୍ଯ୍ୟାସ୍ତ', ଯାହା ସେ ଲେଖିଥିଲେ ୧୯୪୩ ଜାନୁଆରୀ ୩୦ ତାରିଖ ସନ୍ଧ୍ୟା ଆଠଟା ସମୟରେ। ମନୋଜ ଗଦ୍ୟ ସାହିତ୍ୟର ବଳିଷ୍ଠ ପୁରୋଧା ରୂପେ ପ୍ରତିଷ୍ଠିତ ହେଲେ ମଧ୍ୟ ଲେଖକ ଜୀବନର ପ୍ରାରମ୍ଭରୁ କବି ରୂପେ ତାଙ୍କର ଉଜ୍ଜ୍ୱଳ ଉଦୟ ସମ୍ଭବ ହୋଇଥିଲା। ୧୭ ବର୍ଷ ବୟସରେ ମାଟ୍ରିକ୍ ପାସ୍ ଉପରାନ୍ତେ ତାଙ୍କର ପ୍ରଥମ ଗଳ୍ପ ପୁସ୍ତକ 'ସମୁଦ୍ରର କ୍ଷୁଧା' ଆତ୍ମପ୍ରକାଶ କରିଥିଲା। ପୁସ୍ତକର ବିଷୟବସ୍ତୁ ପାଠକ ମହଲରେ ଚହଳ ପକାଇ ଦେଇଥିଲା। ତାଙ୍କର ଦ୍ୱିତୀୟ ଗଳ୍ପ ପୁସ୍ତକ ଥିଲା 'ଜୀବନର ସ୍ୱାଦ'। ଶିଶୁର ନିଷ୍ପାପ ନିରୀହ ହୃଦୟର କୋଣାନୁକୋଣକୁ ଉପଲବ୍ଧି କରି ଯତ୍ନର ସହ ତାହାକୁ ଚିତ୍ରଣ କରିବାରେ ତାଙ୍କର ଦକ୍ଷତା ଥିଲା ଅପରିସୀମ।

ମନୋଜ ଦାସଙ୍କ ଲେଖାର ଶୀର୍ଷକଗୁଡ଼ିକ ସତତ ଥିଲା ତାତ୍ପର୍ଯ୍ୟପୂର୍ଣ୍ଣ। ୧. ଯେପରିକି କାହାଣୀ : ଶବ୍ଦ, ଆଲୋକ ଓ ଆନନ୍ଦର କାହାଣୀ, ଧୂମାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ, ଅବୋଲକରା କାହାଣୀ, ଉତ୍ତର ଉପତ୍ୟକାର କାହାଣୀ, ବିଷକନ୍ୟାର କାହାଣୀ ପ୍ରଭୃତି। ୨. ସନ୍ଧାନରେ: ବିଲୁପ୍ତ ଲାଙ୍ଗୁଡ଼ର ସନ୍ଧାନରେ ଠାରୁ ଆରମ୍ଭ କରି ଶେଷ ତାନ୍ତ୍ରିକର ସନ୍ଧାନରେ ପର୍ଯ୍ୟନ୍ତ। ୩. ସ୍ମୃତି ଯେପରିକି : ବିସ୍ମୃତିର ଲୁଚକାଳି, ସ୍ମୃତି ସ୍ତବକ, ସ୍ମୃତିର ପ୍ରଦୀପ ଇତ୍ୟାଦି। ମନୋଜଙ୍କ ଲେଖାରେ କୈଶୋର ସମ୍ପୃକ୍ତିର ରହିଛି ଏକ ବିସ୍ତୃତ ପର୍ଯ୍ୟାୟ। ତାଙ୍କ ସୃଜନର ମୂଳ ବିବିଧ ଉତ୍ସରୁ ଆହରିତ। ଯେପରିକି କିମ୍ବଦନ୍ତୀ, ଲୋକ କାହାଣୀ, ପ୍ରବାଦ-ପ୍ରବଚନ, ମୌଖିକ ପରମ୍ପରା, ପୁରାଣ-ମହାକାବ୍ୟ। ତାଙ୍କ ସାହିତ୍ୟ ସର୍ଜନାର ଅନ୍ୟ ଧାରା ହେଲା 'ବିଷ୍ଣୁଶର୍ମା'ଙ୍କ ପଞ୍ଚତନ୍ତ୍ର ଢାଞ୍ଚାରେ ପଶୁପକ୍ଷୀମାନଙ୍କୁ ଆଧାର କରି ଲିଖିତ ଗଳ୍ପ, ଯାହା ମାଧ୍ୟମରେ ସେ ନିଜ ମନ ଗହ୍ୱରର ବ୍ୟଙ୍ଗ, ଆବେଗତା, ସାମାଜିକ ଆବିଳତାମାନଙ୍କର ପରିପୁଷ୍ଟି କରିଥାନ୍ତି। କେବେ ମାଙ୍କଡ଼, କେବେ ବାଘ, କେତେବେଳେ ଶିଆଳ ତ ପୁଣି କେତେବେଳେ ଶାଗୁଣା ବା ଗୁଣ୍ଡୁଚି ରୂପରେ ତାଙ୍କ ଗଳ୍ପର ଚରିତ୍ରଗୁଡ଼ିକ ଆବିର୍ଭୂତ।

ମନୋଜ ଥିଲେ ଆଧ୍ୟାତ୍ମିକ ଚେତନାର ଭାଷ୍ୟକାର ଓ ବାଗ୍ମୀ ବିଶେଷ। ତାଙ୍କର ଦ୍ୱିଭାଷୀ ସୃଜନ-ସଂସାର ଯେତିକି ବ୍ୟାପକ, ସେତିକି ବିବିଧ। ତାଙ୍କ ଦ୍ୱାରା ସମ୍ପାଦିତ କଳା-ସଂସ୍କୃତିଧର୍ମୀ ପତ୍ରିକା 'ଦିଗନ୍ତ' ଏବଂ ଲୋକପ୍ରିୟ ପତ୍ରିକା 'ଦ ହେରିଟେଜ୍' ଭାରତରେ ପ୍ରସିଦ୍ଧ। ବିଭିନ୍ନ ସମ୍ବାଦପତ୍ରର ସ୍ତମ୍ଭକାର ରୂପେ ସେ ମୃତ୍ୟୁ ପର୍ଯ୍ୟନ୍ତ ଥିଲେ କ୍ରିୟାଶୀଳ। ତାଙ୍କ ଦ୍ୱାରା ରଚିତ ଉପକଥା, ରୂପକଥା, ଭ୍ରମଣ କାହାଣୀଗୁଡ଼ିକର ଲୋକପ୍ରିୟତାର ପଟାନ୍ତର ନାହିଁ।

୨୦୨୧, ଏପ୍ରିଲ ୨୭ ତାରିଖ ସନ୍ଧ୍ୟା ଆଠଟା ପନ୍ଦର ମିନିଟ୍‌ରେ ଭାରତୀୟ ସାହିତ୍ୟର ଏହି ଅଦ୍ୱିତୀୟ ପ୍ରତିଭା ଧରଣୀ ବକ୍ଷରୁ ନିଷ୍କ୍ରାନ୍ତ ହୋଇ ପାଲଟିଗଲେ ସୁଦୂର ଆକାଶର ଏକ ଉଜ୍ଜ୍ୱଳ ତାରକା। ମନୀଷୀ, ବାଗ୍ମୀ, ଅମୃତସନ୍ଧାନୀ ମନୋଜ ଦାସ ମରଦେହରେ ଅବର୍ତ୍ତମାନ ସତ୍ତ୍ୱେ ଯଶୋଦେହରେ ଅମର।

ମୋ: ୯୮୧୮୯୮୬୩୦୩

## ପୁସ୍ତକ ପରିଚୟ

### ଆପଣଙ୍କର ବିଶ୍ୱସ୍ତ



**ଲେଖକ:** ରାଧାଶ୍ୟାମ ରାଉଳ
**ପ୍ରକାଶକ:** ସ୍ୱାବଲମ୍ବନ ପବ୍ଲିଶର୍ସ, କଟକ-୧୪
**ପ୍ରଥମ ପ୍ରକାଶ:** ୨୦୨୬, **ମୂଲ୍ୟ:** ଟ.୨୦୦/-

ମୋଟ ୩୬ଟି ବ୍ୟଙ୍ଗ ଗଳ୍ପ ଆଲୋଚ୍ୟ ସଂକଳନରେ ଏକତ୍ର। ପ୍ରତ୍ୟେକଟି ଗଳ୍ପରେ ଲେଖକ ସମକାଳୀନ ସମାଜ, ଚଳଣି ଓ ବ୍ୟକ୍ତି ଜୀବନରେ ପ୍ରତ୍ୟକ୍ଷ କରିଥିବା ଘାତପ୍ରତିଘାତକୁ ଆଧାର କରି ଏକ ନିଖୁଣ ସହ-ଜୀବନ-ଯାପନର ମାର୍ଗ ନିର୍ଦ୍ଦେଶ କରିଛନ୍ତି। କାମନା ପଛରେ ତା'ର ଚରିତାର୍ଥତା ପାଇଁ ଲକ୍ଷ୍ମଣରେଖା ଡେଇଁ ଧାଇଁବା, ଧାଉଁଧାଉଁ ଜୀବନର ଅସଲ ଲାଭ ସୁଖ ସନ୍ତୋଷକୁ ହରାଇବସିବାର ପ୍ରସଙ୍ଗ ''ତଥାପି ସମସ୍ତେ ଧାଉଁଛନ୍ତି'' ଗଳ୍ପରେ ମୂର୍ତ୍ତିମନ୍ତ। ଅପରିଣାମଦର୍ଶୀ ଧାଁ ଧାଉଡ଼ର କିସମମାନ ଉଲ୍ଲେଖ କରିସାରିବା ପରେ ଲେଖକ ତାଙ୍କର ରାୟ ଶୁଣାଉଛନ୍ତି: ''ସନ୍ତୋଷଭାବଟି ଏମିତି ଚିଜ, ଯାହାକି ଗରିବକୁ ଧନୀ କରାଏ। ହେଲେ ଅସନ୍ତୋଷଭାବ ଧନୀକୁ ଗରିବ କରାଏ।'' (ପୃ: ୪୨)। ବହିଟିର ସବୁଯାକ ଲେଖା ସାମ୍ପ୍ରତିକ ସ୍ଥିତିକୁ ଉଜାଗର କରିବା ସହିତ ନିଷ୍କର୍ଷରେ ଏକ ଏକ ସିଦ୍ଧାନ୍ତ ଶୁଣାନ୍ତି। ଗ୍ରନ୍ଥସ୍ଥ ଗଳ୍ପଗୁଡ଼ିକ 'ବ୍ୟଙ୍ଗ'ର ସାଧାରଣ ସ୍ଥିତିରେ ଉତ୍କର୍ଷ ଘଟାଇ ସମାଜ, ସମୟ ଓ ଜୀବନର ଉତ୍ତରତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। 'କହୁଛି କଥାଟିଏ', 'ଅଙ୍ଗୁଳି ଦେଖେଇଲେ ବାହା ଗିଳିଯିବେ', 'ଧେତ୍‌ତେରିକା', 'କେମନ୍ତ ହେବେ ଅବାଗିଆ', 'ଛଳନା ବିନା ନାହିଁ ଗତି', 'ପ୍ରେମରତୁ ଆସିଲାରେ', 'ପତ୍ନୀ ବୃତ୍ତାନ୍ତ', 'ତୃତୀୟ ପକ୍ଷ' ଓ 'ଆପଣଙ୍କର ବିଶ୍ୱସ୍ତ' ଆଦି ଲେଖାଗୁଡ଼ିକ ଏକୁ ଆରେକ ବଳି ଚିନ୍ତନ ଓ ଉପସ୍ଥାପନରେ। ସଙ୍ଘର ନେତାମାନେ କିପରି ପ୍ରତ୍ୟକ୍ଷରେ ପ୍ରକାରେ ଓ ପରୋକ୍ଷରେ ଆଉ ପ୍ରକାରେ ବ୍ୟବହାର କରନ୍ତି, ତା'ର ପର୍ଦ୍ଦାଫାଶ୍ ହୋଇଛି ଶୀର୍ଷକ ଗଳ୍ପ 'ଆପଣଙ୍କର ବିଶ୍ୱସ୍ତ'ରେ। ବହିଟି ଯେତିକି ଆମୋଦଦାୟକ, ସେତିକି ଶିକ୍ଷଣୀୟ।

### ଏବଂ ଆଉଥରେ



**କବୟିତ୍ରୀ:** ଇନ୍ଦୁମତୀ ପାତ୍ର
**ପ୍ରକାଶକ:** ଯୋଗେନ୍ଦ୍ର କୁମାର ସାହୁ, କେନ୍ଦୁଝରଗଡ଼
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୫୦/-

ମୋଟ ୫୦ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। ବିଷୟବସ୍ତୁର ବିବିଧତା ସୂଚାଏ ଯେ, କବୟିତ୍ରୀ କବିତା ରଚନାରେ ଚଉଆଖିଆ। ପ୍ରକୃତି, ମାଟି ଓ ସଂସ୍କୃତିର ବିଶାଳ କାନ୍‌ଭାସ୍‌ରେ ସେ ମଣିଷ ଜୀବନର ବିବିଧ ସ୍ଥିତିକୁ ଆଙ୍କିଛନ୍ତି। ପୌରାଣିକ ବିଷୟ ଆଧାରରେ କେତେକ କବିତା ରଚିତ। ଯଥା: 'ଦେବକୀ ଓ ଦାରୁଦିଅଁ'। 'ପବିତ୍ର ଜନ୍ମମାଟି', 'ମୋ ସ୍ୱପ୍ନର ଓଡ଼ିଶା' ଓ 'ଉତ୍କଳ ଗୌରବ' ଆଦି ଜାତୀୟ ଭାବନାରେ ଉଦ୍‌ବୁଦ୍ଧ। ଗ୍ରନ୍ଥର କବିତାଗୁଡ଼ିକ ଶୈଳୀଗତ ଜଟିଳତାରେ ବିଶ୍ୱାସ ରଖନ୍ତି ନାହିଁ। ଉଦାହରଣ: ୧. ''କେନ୍ଦୁଝର ଜାଡ଼/ ସତେ ଅବା ଦୁଃଖର/ ବହଳ ପ୍ରଲେପ,/ କୁଣ୍ଡାଝରା ବର୍ଷାର/ ଅଧାଅଧା ଛାପ/ ପକ୍ଷୀର ପଶମ ଡେଣା/ ମିଳନର ମଧୁଝରା ଗପ।'' ('କେନ୍ଦୁଝରୀ ଜାଡ଼', ପୃ: ୮୬), ୨. ''ମୋର କବି ହେବାଟା/ ଜରୁରୀ ନ ଥିଲା/ ଆକାଶଭର୍ତ୍ତି ଆକାଂକ୍ଷାମାନଙ୍କୁ/ ଉଡ଼ାଣ ଶିଖାଇବାର କଳା/ ଶିଖିବାର ନ ଥିଲା,/ ପାଣିରେ ପଥରଫିଙ୍ଗା ଭଉଁରିକୁ/ ଗଣିବାର ନଥିଲା,/ କି ଝରଣାର କୁଳୁକୁଳୁ ନାଦକୁ/ କାନ ଡେରି ଶୁଣିବାର ନ ଥିଲା।'' ('ମୋର କବି ହେବାଟା ଜରୁରୀ ନଥିଲା'- ପୃ:୧୨୦)। ଦେବାଶିଷ ଚକ୍ରବର୍ତ୍ତୀ ଯଥାର୍ଥରେ ଲେଖିଛନ୍ତି: ''ଶ୍ରୀମତୀ ପାତ୍ର ସାଜିଛନ୍ତି କେନ୍ଦୁଝରୀର ମୁଗ୍ଧ ନିରାଜିକା। ଏହାର 'ପଳାଶଫୁଲର ଗଭା' ଓ 'କୁରେଇ ଫୁଲର ହାର' ସହିତ 'ଗିଲିରି ଫୁଲର ହସ' ଖୁବ୍ ମନଲୋଭା।'' (ପୃ: ୦୭)।

## କବିତା

### ବୁର୍ଜ ଖଲିଫାର ଏକ ଉତ୍ତୀର୍ଣ୍ଣ ସନ୍ଧ୍ୟାରେ

**ସ୍ୱୟମ୍ବରା ପଟ୍ଟନାୟକ**

ବୁର୍ଜ ଖଲିଫାର ଏକ ଉତ୍ତୀର୍ଣ୍ଣ ସନ୍ଧ୍ୟାରେ
କ୍ୟାଣ୍ଡେଲ୍ ଲାଇଟ୍‌ର ଧିମା ଆଲୁଅରେ
ମୁଁ ବସିଥିଲି ଏକ ଭବ୍ୟ କଫି ଶପ୍‌ରେ।

ତୁମେ ଆସିଲ ଧୀର ପଦପାତରେ
ଯେମିତି ଶୀତ ପରେ ବସନ୍ତ ଆସିଯାଏ
ଅକୁହା ଅବୋଲା ବସିଗଲ
ମୋ' ସାମ୍ନା ଚେୟାର୍‌ରେ।

ତୁମକୁ ଦେଖିଲେ ମନେହେଉଥିଲା
ଅଧା ସ୍ୱପ୍ନ ହଜିଯାଇଥିବା ବେଳେ
ଆଉ ଅଧାକ ହାତରେ ଧରି
ଅନ୍ଧାର ଭିତରେ ବାଟ ଚାଲୁଥିବା ମଣିଷ ପରି।

ମୁଁ ଇସାରାରେ ୱେଟର୍‌କୁ ଡାକି
ଦୁଇ କପ୍ କଫି ମଗାଇଲି
ତୁମେ ନିଃଶବ୍ଦରେ ମତେ
ହସଟିଏ ଫେରାଇଲ,
ସେ ହସ ଦିଶୁଥିଲା ଅନେକ ଦିନ ତଳେ
କାହା ଓଠରେ ଶେଷଥର ପାଇଁ
ଦେଖିଥିବା ହସ ପରି।

ତୁମେ ତଳକୁ ମୁହଁ କରି ଦୁଇ ହାତରେ
କଫି କପ୍‌କୁ ବେଢ଼ାଇ ଧରି କିଛି ଭାବୁଥିଲ
ମୁଁ ତୁମର ମାନିକିଓର ହୋଇଥିବା
ସୁନ୍ଦର ଆଙ୍ଗୁଠିର ଅଫ୍ ହାଇଟ୍ ନେଲ୍‌ପଲିସ୍‌କୁ
ଚୁପ୍‌ଚାପ୍ ଦେଖୁଥିଲି।

ଏକାଠି ଫେରିବାବେଳେ
କେହି କାହାରିକୁ କିଛି ନ କହିଲେ ବି
ଆମେ ଭାବୁଥିଲେ ଆଉ କେବେ ଏଠାକୁ
ନ ଆସିଲେ ନାଇଁ, ଏମିତି ଅକସ୍ମାତ୍ କିନ୍ତୁ
ଭେଟୁଥିବା ପରସ୍ପରକୁ
କେବେ କେଉଁ ଏସ୍କାଲେଟରରେ
ଏକାଠି ଚଢ଼ିବାବେଳେ,

କେବେ କେଉଁ କ୍ରୁଜ୍ ପାର୍ଟିରେ
ସଂଗୀତର ତାଳେ ତାଳେ ଝୁମୁଥିବାବେଳେ,
ବା ଅଚାନକ ଦେଖା ହୋଇଯାଉଥିବା
ହାତରେ ଲଗେଜ୍ ଧରି
ନିଜନିଜ ଦେଶକୁ ମୁହାଁଇବାବେଳେ
ଫେରନ୍ତା ଫ୍ଲାଇଟ୍‌ରେ।

ସେତେବେଳର ସେ ଦୃଶ୍ୟ ଥିବ
କେଉଁ ବିୟୋଗାନ୍ତକ ନାଟକର
ଶେଷ ଦୃଶ୍ୟ ପରେ ପୁନଶ୍ଚ ଅନ୍ତରାଳରୁ
ଦିଶିଯାଉଥିବା ଆରମ୍ଭର ଦୃଶ୍ୟପଟ ପରି।

ମୋ: ୯୯୩୭୫୭୧୫୯୨

### ଫୁଲ ଫୁଟାଇବି

**ସନ୍ୟାସୀ ନାୟକ**

ଏତେ ପାଠ, ଏତେ ଜ୍ଞାନ
ଜାଣିଲା ପରେ ବି ମଣିଷ ମଣିଷତ୍ୱ
ବୁଝିଲା ନାହିଁ।

ରକ୍ତନଦୀ ସନ୍ତରଣ କଲେ ବି
ଦୁର୍ଯ୍ୟୋଧନ ମୁକ୍ତି ପାଇନାହିଁ,
ପାଣ୍ଡବଙ୍କ ମହାଭାରତ ଜୟ
ଅଭିମନ୍ୟୁକୁ ଫେରାଇ ଆଣିନାହିଁ।

ପ୍ରଥମ ମହାଯୁଦ୍ଧ ପରେ ଦ୍ୱିତୀୟ ମହାଯୁଦ୍ଧ
ମଣିଷର ଅଜ୍ଞାନତା ପାଇଁ,
ଏବେ ତୃତୀୟ ମହାଯୁଦ୍ଧ ଆଶା ଆଶଙ୍କାରେ
ମଣିଷର ଅହଂକାର ପାଇଁ।

ଯେଉଁଠି ଯିଶୁଙ୍କ ଜନ୍ମ
ସେଠି ମଣିଷ ରକ୍ତରେ ହୋଲିଖେଳ,
ମଣିଷକୁ ମଣିଷ ବୁଝାଇବାକୁ
ନାହିଁ କିଛି ସମ୍ବଳ...

ଭାବ ଆଉ ଅଭାବ ଭିତରେ ମୁଁ କବି,
ଥରଟିଏ ଶୁଣିଯାରେ ସୈନିକ
ତୋତେ ହୃଦୟ ଦେବି!
ଟିକେ ରହିଯାରେ ଭାଇ ଶବ୍ଦର ମନ୍ତ୍ରରେ,
ମନ କିଣିନେବି ବନ୍ଧୁକର ଗୁଳି ବଦଳରେ,
ଠୋ ଠା ଫୁଲ ଫୁଟାଇବି।

ମୋ: ୯୪୩୭୩୫୨୫୬୦

ଗୀତି-କବିତା

### ମୁଠାଏ ଶୂନ୍ୟତା

**ମଞ୍ଜୁଲତା ସିଂହ**

ଜଳି ଜଳି ଯାଏ ସପନ ସଳିତା
ଆଶା ଯାଏ ମରି ମରି
ସମୟ ସୁଅରେ ଭାସି ଭାସି ଯାଏ
ଜୀବନର ଶୂନ୍ୟ ତରୀ।

ଜାଣେନା ଯିବି ମୁଁ କେତେ ଦୂର ଆଉ
କେଉଁଠି ସରିବ ବାଟ
ଛାଇ ହୋଇ କେହି ବାଟ ଚାଲୁ ଚାଲୁ
କେବେ ଛାଡ଼ିଦେଲା ହାତ
ସଞ୍ଜ ନଇଁଲେ ନିଶବଦ ରାତି
ଅନ୍ଧାର ଆସେ ଘେରି
ସମୟ ସୁଅରେ ଭାସି ଭାସି ଯାଏ
ଜୀବନର ଶୂନ୍ୟ ତରୀ।

ତାରାଫୁଲ ଫୁଟା ଆକାଶରୁ ଝରେ
ଜହ୍ନର ବିଷାଦ ଛାଇ
ସେ ଛାଇରେ ଭିଜି କ୍ଳାନ୍ତ ଏ ମନ
ନିରବେ ଯାଇଛି ଶୋଇ
ଶେଷ ଶ୍ରାବଣର ବର୍ଷା ଟୋପାରୁ
ସ୍ମୃତିଫୁଲ ଯାଏ ଝରି
ସମୟ ସୁଅରେ ଭାସି ଭାସି ଯାଏ
ଜୀବନର ଶୂନ୍ୟ ତରୀ।

ମୋ: ୮୮୪୭୮୫୨୯୧୭

## କାଳକାଳକୁ



''ମଣିଷ ଏଠିସେଠି ଆନନ୍ଦ ଖୋଜେ, ଜାଣେନା ଯେ ସବୁ ଆନନ୍ଦର ଉତ୍ସ ସେ ନିଜେ।''
– ଶ୍ରୀରଙ୍ଗମ୍ ଶ୍ରୀନିବାସ ରାଓ

**ଶ୍ରୀରଙ୍ଗମ୍ ଶ୍ରୀନିବାସ ରାଓ**ଙ୍କ ଜନ୍ମ ୩୦ ଏପ୍ରିଲ ୧୯୧୦ରେ ବିଶାଖାପାଟଣାରେ ଓ ପରଲୋକ ୧୫ ଜୁନ୍ ୧୯୮୩ରେ ଚେନ୍ନାଇରେ। ଅତ୍ୟନ୍ତ ପ୍ରଭାବଶାଳୀ ଏହି କବି ଓ ଗୀତିକାର ତେଲୁଗୁ କବିତାର ଶାସ୍ତ୍ରୀୟ ଧାରାରୁ ବାଟ ଭାଙ୍ଗି ତେଲୁଗୁ କବିତାରେ ସମକାଳୀନ ପ୍ରସଙ୍ଗ ଆଧାରିତ ଏକ ନୂଆ ଯୁଗ ପ୍ରତିଷ୍ଠା କରିଥିଲେ। ମହାନ୍ କବିତାଗ୍ରନ୍ଥ 'ମହାପ୍ରସ୍ଥାନମ୍'ର ଏହି କାଳଜୟୀ ସ୍ରଷ୍ଟା ସାଧାରଣରେ 'ଶ୍ରୀଶ୍ରୀ' ନାମରେ ଜଣାଶୁଣା ଥିଲେ। 'ଦକ୍ଷିଣଭାରତୀୟ ଚଳଚ୍ଚିତ୍ର ସଂଘ'ର ଥିଲେ ଉପାଧ୍ୟକ୍ଷ ଓ 'କ୍ରାନ୍ତିକାରୀ ଲେଖକ ସଂଘ, ଆନ୍ଧ୍ର'ର ଅଧ୍ୟକ୍ଷ। ତେଲୁଗୁ ଭାଷାରେ ଭାରତୀୟ କବିତାକୁ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୭୨ରେ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର, ୧୯୮୩ରେ 'ନନ୍ଦୀ ପୁରସ୍କାର' (ଶ୍ରେଷ୍ଠ ଗୀତିକାର ଭାବେ) ସହିତ 'ଜାତୀୟ ଚଳଚ୍ଚିତ୍ର ପୁରସ୍କାର'ରେ ସମ୍ମାନିତ ହୋଇଥିଲେ। 'ଜଗନ୍ନାଥୁନୀ ରଥ ଚକ୍ରଲୁ' ତାଙ୍କର ଏକ ବହୁଚର୍ଚ୍ଚିତ କବିତା। 'ସିପ୍ରାଲୀ' ଓ 'ଖଡ୍‌ଗ ସୃଷ୍ଟି' ଅନ୍ୟତମ ପ୍ରମୁଖ କୃତି।

## ସ୍ମୃତି କଥା



କ୍ଷୀରୋଦ ଦାସ

# ଝରକଲମର ସଞ୍ଜୀ

ସେଦିନ ଆକାଶ ଖୁବ୍ ମେଘାଚ୍ଛନ୍ନ ଥିଲା। ସକାଳ ପହରୁ ଝିପିଝିପି ବର୍ଷା ଲାଗି ରହିଥିଲା, ଯଦିଓ ତାହା ବର୍ଷାଋତୁ ନ ଥିଲା। ତାହା ଥିଲା ବସନ୍ତ ଋତୁ। ମାର୍ଚ୍ଚ ମାସ ଅଠର ତାରିଖ। ୧୯୭୭ ମସିହା।

ମହାକାଳ ଗର୍ଭରେ ଯା ଭିତରେ ଅନେକ ଉଲ୍ଲେଖନୀୟ ଘଟଣା-ଦୁର୍ଘଟଣା, ଦିନ-ରାତି, ସୁଖ-ଦୁଃଖ, ସର୍ବୋପରି କୋଟି କୋଟି ମଣିଷଙ୍କର ଦୁର୍ଲଭ ଆୟୁଷ ନିଃଶେଷ ହୋଇଯାଇଥିବା ବେଳେ ୪୯ ବର୍ଷ ତଳର ଏକ ବର୍ଷାଭିଜା ଦିନକୁ ମୁଁ ଏତେ ନିବିଡ଼, ଅନ୍ତରଙ୍ଗ ଭାବରେ, ସ୍ମୃତିର ଫରୁଆ ଭିତରେ ସାଇତି ରଖିଛି ଯତ୍ନରେ। କିପରି ଓ କାହିଁକି? ଯେତେବେଳେ ମୋ' ବୟସ ମାତ୍ର ବାରବର୍ଷ!

ସେଇ ସ୍ମୃତି, ସେଇ ବିଭୋରପଣ ଏବେ ବି ମୋ' ଛାତି ଭିତରର କେଉଁ ଏକ ଅଦେଖା କୋଣରେ ଛପି ରହିଛି ଏବଂ ମେଘ କୋଳର ବିଜୁଳି ପରି କେବେକେବେ ମୋ' ଅଭ୍ୟନ୍ତରକୁ ଆଲୋକିତ କରିଦେଇ ଯାଉଛି।

ମୁଁ ପଢୁଥାଏ ସପ୍ତମ ଶ୍ରେଣୀରେ। ପତ୍ରଲିଖନ ପ୍ରତିଯୋଗିତା ଆୟୋଜନ କରାଗଲା ଆମ ଶ୍ରେଣୀରେ। ବିଷୟବସ୍ତୁ ଥିଲା ''ତୁମ ଗାଁର ଅସୁବିଧା ଓ ସମସ୍ୟା ଜଣାଇ ବିଭାଗୀୟ ମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖ।'' ଆମ ଶ୍ରେଣୀର ସମୁଦାୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଥିଲା ୩୫। ସମସ୍ତେ ଭାଗ ନେଇଥିଲେ ଏହି ପ୍ରତିଯୋଗିତାରେ। ସଂସ୍କୃତ ସାର୍, ଓଡ଼ିଆ ସାର୍ ଏବଂ ହେଡ୍ ସାର୍‌ଙ୍କ ଉପସ୍ଥିତିରେ ଲେଖାହେଲା ପତ୍ର। ସମୟସୀମା ତିରିଶ ମିନିଟ୍। ଯାହାର ପତ୍ର ସର୍ବୋତ୍କୃଷ୍ଟ ହେବ, ସ୍କୁଲ୍‌ର ବାର୍ଷିକୋତ୍ସବ ଅବସରରେ ସେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହେବ।

ଅଙ୍କରେ ମୁଁ ସିନା ଦୁର୍ବଳ ଥିଲି, ହେଲେ ସାହିତ୍ୟ ଥିଲା ମୋର ପ୍ରିୟ ବିଷୟ। ଶ୍ରେଣୀର ସବୁ ଛାତ୍ରୀଛାତ୍ରଙ୍କ ଲେଖା ଭିତରୁ ମୋ' ପତ୍ରଟିକୁ ବିଚାରବିମର୍ଶ ପରେ ବିଚାରକମାନେ ପ୍ରଥମ କଲେ।

ମାର୍ଚ୍ଚ ମାସ ଅଠର ତାରିଖ। ନିପଟ ମଫସଲର ନଡ଼ାଛପର ସ୍କୁଲ୍‌କୁ ଅତିଥି ହୋଇ ଆସିବେ ମନ୍ତ୍ରୀ। ଆମ ଗାଁର ଆବାଳବୃଦ୍ଧବନିତା ସେଦିନ ଅପରାହ୍ଣରୁ ଯାଇ ବସି ରହିଥିଲେ ଗାଁଠାରୁ ଅଢ଼େଇ କିଲୋମିଟର ଦୂର ସ୍କୁଲ୍ ପଡ଼ିଆରେ, ଅସ୍ଥାୟୀ ଭାବେ ତିଆରି ମଞ୍ଚ ପାଖରେ। ଗାଁର ଏଡ଼ିକି ବକଟେ ପୁଅ ମନ୍ତ୍ରୀଙ୍କ ହାତରୁ ପୁରସ୍କାର ଆଣିବ, ଏହା କ'ଣ କମ୍ ବଡ଼ ସୌଭାଗ୍ୟ ଗାଁ ପାଇଁ! ଏଇ ଭାବନାର ବଶବର୍ତ୍ତୀ ହୋଇ ଡକାହକା ହୋଇ ସମସ୍ତେ ପହଞ୍ଚି ଯାଇଥିଲେ ଆଗୁଆ ସଭାସ୍ଥଳରେ।

ସକାଳ ପହରୁ ଆରମ୍ଭ ହୋଇଥିବା ବର୍ଷା, ମୋ' ପରି ଜଣେ କିଶୋରର ଖୁସିରେ ଅନ୍ତରାୟ ନ ହୋଇ ଓହରେଇ ନେଇଥିଲା ନିଜକୁ। ନଡ଼ିଆ ଗଛର ପତ୍ର ଛନ୍ଦ ରଖି ଦୋହଲୁଥିଲା ପବନରେ। ଆମ୍ବଗଛ ଡାଳରୁ ଶୁଭୁଥିଲା କୋଇଲିର କୁହୁକୁହୁ।

ଅନ୍ତହେଲା ପ୍ରତୀକ୍ଷାର ମୁହୂର୍ତ୍ତ। ମନ୍ତ୍ରୀ ଆସିଲେ। ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରେ ଡକାହେଲା ମୋ' ନାଁ। ଭୟ ଓ ଆନନ୍ଦର ଏକ ଫେଣ୍ଟାଫେଣ୍ଟି ଆବେଗ ମୋତେ



ଅଢ଼େଇ ନେଉଥିଲା ମଞ୍ଚ ଆଡ଼କୁ। ମନ୍ତ୍ରୀଙ୍କ ହାତରୁ ପତ୍ରଲିଖନର ପ୍ରଥମ ପୁରସ୍କାର ସ୍ୱରୂପ ୫୦ ଟଙ୍କା, ଗୋଟେ ଝରକଲମ ଓ ମୋ' ପିଠିରେ ତାଙ୍କ ହାତ ଆଉଁଶା ଅନନ୍ୟ ଏକ ଉତ୍ତେଜନାରେ ଝାଳେଇ ଦେଇଥିଲା ମୋ' ଦେହ।

ମନେନାହିଁ, ସେଦିନ ସେଇ କୁନି ବୁଦ୍ଧି ଖଟେଇ ଟିକି ହାତରେ, ଗାଁର କି କି ଅସୁବିଧା ଓ ସମସ୍ୟା କଥା ପତ୍ରରେ ମୁଁ ଲେଖିଥିଲି। ମନେନାହିଁ, ମନ୍ତ୍ରୀ ମହୋଦୟ ମୋର ସେଇ ସାନ ଅଭିଯୋଗ ପତ୍ରଟି ପଢ଼ିଥିଲେ କି ନାହିଁ! ମନେ ବି ନାହିଁ, ମୁଁ ଲେଖିଥିବା ଆମ ଗାଁର ସମସ୍ୟା ସବୁ ଠିକ୍ ଥିଲା କି ନାହିଁ!

କିନ୍ତୁ ସ୍ପଷ୍ଟ ଭାବରେ ମନେଅଛି, ମୋ' ବୋଉ, ବଡ଼ବାପା, ବଡ଼ବୋଉ, ଦାଦା-ଖୁଡ଼ୀ, ଅଶୀବର୍ଷର ଜେଜୀମା'ଙ୍କ ସମେତ ଗାଁର ଶହଶହ ଲୋକଙ୍କ ଭିତରୁ ବାହାରି କମ୍ପିତ ପାଦରେ ମଞ୍ଚ ଉପରକୁ ମୋ' ଚାଲିଚାଲି ଯିବାର ଠାଣି। ମନେଅଛି ମନ୍ତ୍ରୀଙ୍କ ହାତରୁ ସରଗର ଚାନ୍ଦ ତୋଳି ଆଣିବା ବେଳର ସେଇ ଅଭୁଲା ଅନୁଭବ!

ଘରକୁ ଫେରି ପୁରସ୍କାରଲବ୍ଧ ଅର୍ଥକୁ ଯେତେବେଳେ ମୁଁ ମୋ' ବୋଉ ହାତକୁ ବଢ଼ାଇ ଦେଲି, ଦୁଇ ଆଖିରୁ ଦୁଇଟୋପା ଲୁହ ଝରେଇ ସେ ଟଙ୍କାକୁ ବୋଉ ମୁଣ୍ଡରେ ଲଗାଇ କାନ୍ଦିକାନ୍ଦି କହିଥିଲା- ''ମୋ' ପୁଅ ରୋଜଗାରିଆ ହେଇଗଲା...!''

ଆଜି ସାନବଡ଼ କେତେ ସମ୍ମାନ, ପୁରସ୍କାରର ମାନପତ୍ର ଶୋଭାପାଉଛି ମୋ' ବସାଉଠାଘରର ଆଲମିରା ଭିତରେ। ସେଇ ସବୁ ସମ୍ମାନ ଓ ସମ୍ବର୍ଦ୍ଧନାକୁ ନ୍ୟୂନ ଦୃଷ୍ଟିରେ ଦେଖିବାର ଧୃଷ୍ଟତା ମୁଁ କରିବି ନାହିଁ। କିନ୍ତୁ ଆଜକୁ ଅଣଚାଶ ବର୍ଷ ତଳେ ଏକ ଫାଲ୍‌ଗୁନୀ ସଞ୍ଜରେ ଜଣେ ବାରବର୍ଷର କିଶୋର ମହାର୍ଘ ଅତିଥିଙ୍କ ହାତରୁ ଯେଉଁ ଦୁର୍ଲଭ ସମ୍ମାନ ଟିକକ ପାଇଥିଲା, ସେଇ ବିସ୍ମୟ ଓ ପୁଲକର ପଟାନ୍ତର କାହିଁ?

ମୋ: ୯୪୩୭୧୬୩୦୦୨

ଧରିତ୍ରୀ DHARITRI 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୫/୨୦୨୬ Bhubaneswar, Saturday, April 25/ 2026

# ଓଡ଼ିଶାରୁ ଭାଗନେବେ ୨୭ ପ୍ରତିଯୋଗୀ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା, ଖେଳାଳି, କୋଚ୍ ଓ ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀବୃନ୍ଦ।

## ଜାତୀୟ ଜୁନିୟର, ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପାଇଁ କଳିଙ୍ଗ ପ୍ରସ୍ତୁତ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**

ଜାତୀୟ ଜୁନିୟର ଓ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ, ଭାରତୀୟ ଜିମ୍ନାଷ୍ଟିକ୍ସ ଫେଡେରେଶନ୍ (ଜିଏଫ୍ଆଇ) ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ଶନିବାର ଆରମ୍ଭ ହେବ। ମେ ୩ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ୨୫ ରାଜ୍ୟ, ୩ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସର୍ଭିସ୍ ବୋର୍ଡର ମୋଟ ୬୦୦ରୁ ଅଧିକ ଜିମ୍ନାଷ୍ଟ ଭାଗ ନେବେ। ମହିଳା ଓ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ବର୍ଗରେ ଟିମ୍ ଚାମ୍ପିୟନଶିପ୍, ବ୍ୟକ୍ତିଗତ ଅଲ-ଆରାଉଣ୍ଡ ଏବଂ ଆପାରାଟ୍ସ ଫାଇନାଲ୍ ଅନୁଷ୍ଠିତ ହେବ। ପ୍ରଣତି ନାୟକ, ତପନ ମହାନ୍ତି, ଯୋଗେଶ୍ୱର ସିଂ, ଆଶିଷ କୁମାରଙ୍କ ଭଳି ଦେଶର ନାମୀଦାମୀ ଜିମ୍ନାଷ୍ଟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସମ୍ପାଦକ ଅଶୋକ ସାହୁ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୨୭ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିବେ। ସିନିୟର ପୁରୁଷ ବର୍ଗରେ ୬ ଖେଳାଳିଙ୍କ ସମେତ ଅତିରିକ୍ତ କୋଟାରେ ଅଧିକ ୩ଜଣ ଭାଗନେବେ। ମହିଳା ବର୍ଗରେ ୬ ଜଣଙ୍କ ସହ ଅତିରିକ୍ତ କୋଟାରେ ୪ ଜଣଙ୍କୁ ଅଂଶଗ୍ରହଣର ସୁଯୋଗ ମିଳିବ। ସେହିପରି ଜୁନିୟର ମହିଳା ବର୍ଗରେ ୨ ଜଣ ଓ ପୁରୁଷ ବର୍ଗରେ ୬ ଜିମ୍ନାଷ୍ଟ ଭାଗନେବେ ବୋଲି ପ୍ରତିଯୋଗିତାର କମ୍ପିଟିଶନ ମ୍ୟାନେଜର ତଥା ମୁଖ୍ୟ କୋଚ୍ ଅଶୋକ ମିଶ୍ର ସୂଚନା ଦେଇଛନ୍ତି।

ଏହି ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନ ଆଧାରରେ ଆଗାମୀ ଏସିଆନ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସୀୟ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ କରାଯିବ। ''ଓଡ଼ିଶା ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ବୈଜ୍ଞାନିକ ପ୍ରଶିକ୍ଷଣ ମାଧ୍ୟମରେ କ୍ରୀଡ଼ା କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି'' ବୋଲି ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟଙ୍କ ପାଇଁ ଏହି ପ୍ରତିଯୋଗିତା ଏକ ବଡ଼ ସୁଯୋଗ ବୋଲି ଜିମ୍ନାଷ୍ଟିକ୍ସ ଫେଡେରେଶନର ଚିଫ୍ ଅପରେଟିଂ ଅଫିସର କଲ୍ଲୋଳ ମୁଖାର୍ଜୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ କାର୍ଯ୍ୟନିର୍ବାହୀ ସଦସ୍ୟ ଧୀରେନ ପଣ୍ଡା, ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ, ଭାରତୀୟ ଜିମ୍ନାଷ୍ଟିକ୍ସ ଦଳର କୋଚ୍ ରାକେଶ ପାତ୍ର, ତାରକା ଜିମ୍ନାଷ୍ଟ ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟସୂଚୀ ଅନୁସାରେ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ସନ୍ଧ୍ୟା ୫ଟା ୩୦ରେ ଅନୁଷ୍ଠିତ ହେବ। ପୂର୍ବରୁ ଅନ୍ୟ ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ। ୨୮ ତାରିଖରେ ପୁରୁଷ ବର୍ଗ ଏବଂ ୩ ତାରିଖରେ ମହିଳା ବର୍ଗର ଫାଇନାଲ ସମେତ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ମାନକ ଅନୁଯାୟୀ ଏହି ଇଭେଣ୍ଟ ପାଇଁ ପ୍ରାୟ ୩୦୦ ଅଧିକାରୀ ଓ ବିଚାରପତି ନିୟୋଜିତ ହୋଇଛନ୍ତି। ଏହି ପ୍ରତିଯୋଗିତା ଆୟୋଜନ ସହ ରାଜ୍ୟର କ୍ରୀଡ଼ା ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି।

### ଓଡ଼ିଶା ପ୍ରତିଯୋଗୀଙ୍କ ତାଲିକା

**ସିନିୟର ମହିଳା ଦଳ**
ତନୁ, ପ୍ରୀୟାଂଶୀ ବନସଲ, ଧନଲକ୍ଷ୍ମୀ ରାଓ, ଅଦିତା ମଣ୍ଡଳ, ରିତିକା ଦାସ, ପ୍ରୀତି ଝାଙ୍କର।
ଅତିରିକ୍ତ କୋଟାରେ ସାମିଲ ଖେଳାଳି: ରଶ୍ମିତା ବେହେରା, ଅଦିତି ତୋଡି, ହର୍ଷିତା, ଅକ୍ଷରା ବେହୁରା।
**ସିନିୟର ପୁରୁଷ ଦଳ**
ତପନ ମହାନ୍ତି, ଏମ. ମୋହିଦ କୁମାର, ଦେବାଶିଷ ରେଞ୍ଚୀ, ଆଜାଦ ଲସକର, ମୃତ୍ୟୁଞ୍ଜୟ ପଟ୍ଟନାୟକ, ସୁମିତ ଧାଲି।
ଅତିରିକ୍ତ କୋଟାରେ ସାମିଲ ଖେଳାଳି: ଅର୍ପଣ ନସ୍କର, ସିଦ୍ଧାର୍ଥ ପରିଡ଼ା, ଆଲୋକ କୁମାର।
**ଜୁନିୟର ମହିଳା ଦଳ**
ଭୂମିକା ରେଞ୍ଚୀ, ରେଶମ ଖାଁ।
**ଜୁନିୟର ପୁରୁଷ ଦଳ**
ବିରୁ ଚନ୍ଦ୍ର ରାଓ, ଅଂଶୁମାନ ସୁନ୍ଦରା, ସାଦିକ ଶେଖ, ବିଭୂଦତ୍ତ ପାଲ, ଶୁଭମ୍ ଖେତୋ, ଅଭିଜିତ ପ୍ରଧାନ।

# ରାଜ୍ୟ ଜୁନିୟର, ସବ୍‌ଜୁନିୟର କରାଟେ ଆରମ୍ଭ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ)**

ଉତ୍କଳ କରାଟେ ସ୍କୁଲ ପରିସରରେ ୩୭ତମ ରାଜ୍ୟ କ୍ୟାଡେଟ, ଜୁନିୟର ଏବଂ ୩୮ତମ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ଜିଲାରୁ ମୋଟ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୬ ଏବଂ ୯ ବର୍ଷ ବର୍ଗରେ ୧୮୦ କରାଟେକା ନିଜ କଳାକୌଶଳ ପ୍ରଦର୍ଶନ କରିଥିଲେ। ରାଜୀବ ସିଂ, ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ଜୟଦେବ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ଦାସ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ, ଉମାକାନ୍ତ ବେହେରା, ଦୁର୍ଗାପ୍ରସାଦ ରଥ, କଳିଯୁଗ ପ୍ରତିହାରୀ, ରାଜେନ୍ଦ୍ର କେଶରୀ ସାମଲ, ମଣ୍ଟୁ ଜୋଶୀ, ସୁମନ୍ତ କୁମାର ପଣ୍ଡା, ଶୁଭାଶିଷ ମହାପାତ୍ର ପ୍ରମୁଖ ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘର ଜଜ୍ ଓ ରେଫରିମାନେ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ରାଜ୍ୟ ସଂଘ ସଭାପତି ହରି ପ୍ରସାଦ ପଟ୍ଟନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରି ମହାନ୍ତି, ସହସମ୍ପାଦକ ଆଡ୍‌ଭୋକେଟ କାଳୀ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଆସନ୍ତା ୨୬ ତାରିଖରେ ଉଦ୍‌ଯାପିତ ହେବ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଓସିଏକୁ ଏନଜିଟିର ନୋଟିସ

**କଟକ,୨୪।୪(କୁମାରଶ୍ରୀ)**

ବିନା ଅନୁମତିରେ ଭୂତଳ ଜଳ ବ୍ୟବହାର କରାଯାଉଥିବା ଅଭିଯୋଗ ଉଠାଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି) ରାଜ୍ୟର ସର୍ବୋଚ୍ଚ କ୍ରିକେଟ ସଙ୍ଗଠନ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)କୁ ନୋଟିସ ଜାରି କରିଥିବା ଜଣାପଡ଼ିଛି। ଭାରତର ମୋଟ ୬ଟି ଷ୍ଟାଡିୟମ ବିରୋଧରେ ଏନଜିଟି ନୋଟିସ୍ ଜାରି କରିଥିବା ବେଳେ ଏହା ଭିତରେ କଟକର ବାରବାଟୀ ଷ୍ଟାଡିୟମ ବି ରହିଛି। ଶୁକ୍ରବାର କେତେକ ଜାତୀୟ ଗଣମାଧ୍ୟମରେ ଏ ନେଇ ଖବର ପ୍ରସାର ହୋଇଛି। ହେଲେ ନୋଟିସ୍ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ ବୋଲି ଓସିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସୁବ୍ରତ ବେହେରା କହିଛନ୍ତି। ଏନ୍‌ଓସି ଗ୍ରହଣ କରାଯାଇ ଭୂତଳ ଜଳ ବ୍ୟବହାର ହେଉଥିଲା। ନୋଟିସ୍ ମିଳିବା ପରେ ଉତ୍ତର ଦିଆଯିବ ବୋଲି ସିଇଓ ବେହେରା କହିଛନ୍ତି।

ପ୍ରକାଶଥାଉକି, ବିନା ଅନୁମତିରେ ଭୂତଳ ଜଳ ବ୍ୟବହାର କରିବା ଉପରେ ଏନଜିଟିର କଟକଣା ରହିଛି। ହେଲେ ବାରବାଟୀ ଷ୍ଟାଡିୟମର ପିଚ୍‌ଠାରୁ ଆରମ୍ଭ କରି ଆଉଟ୍‌ଫିଲ୍ଡରେ ଭୂତଳ ଜଳ ବ୍ୟବହାର କରାଯାଉଥିବା ଏନ୍‌ଜିଟି ପ୍ରକାଶ କରିଛି। ଓସିଏର କହିବା ମୁତାବକ, କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ(ସିଜିଡବ୍ଲ୍ୟୁବି) ଠାରୁ ଏନ୍‌ଓସି ଅଣାଯାଇଛି। ୨୦୨୦ ମସିହାରେ ଏନଓସି ନେବାକୁ ବୋର୍ଡ ପକ୍ଷରୁ ବାଧ କରାଯାଇଥିଲା। ହେଲେ କରୋନା ମହାମାରୀ ସମୟ ଥିବାରୁ ଏନ୍‌ଓସି ମିଳିପାରି ନ ଥିଲା। ୨୦୨୨ରେ ସମସ୍ତ ତଥ୍ୟ ଓ ଟଙ୍କା ଡିପୋଜିଟ୍ କରିବା ପରେ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ ଏନ୍‌ଓସି ଗ୍ରହଣ କରିଥିଲା ଓସିଏ। ଏହି ଏନ୍‌ଓସିକୁ ରାଜ୍ୟ କ୍ରିକେଟ ସଂଘ ବିସିସିଆଇ ନିକଟରେ ମଧ ଦାଖଲ କରିଥିଲା। ପରେ ଷ୍ଟାଡିୟମର ବିଭିନ୍ନ ପଏଣ୍ଟରେ ପାଣି ମିଟର ଲଗାଯାଇଥିଲା। ମିଟର ଅନୁସାରେ ଟଙ୍କା ପୈଠ ହେଉଥିବା ମଧ ଓସିଏ ପକ୍ଷରୁ କୁହାଯାଇଛି।

**ବାରବାଟୀ ଷ୍ଟାଡିୟମରେ ଭୂତଳ ଜଳ ବ୍ୟବହାର**

**ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍**

## ସମ୍ଭାବୀ-ଦିବ୍ୟାଂଶୀ ଯୋଡ଼ିକୁ ସ୍ୱର୍ଣ୍ଣ ପଦକ

**କାଇରୋ, ୨୪।୪ (ପି.ଟି.):** ଭାରତୀୟ ଶୁଟର ସମ୍ଭାବୀ କ୍ଷୀରସାଗର ଓ ଦିବ୍ୟାଂଶୀ ଦେୱାଙ୍ଗନ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍ ୧୦ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ବିଶ୍ୱରେକର୍ଡ ୪୯୯.୯ ସ୍କୋର ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଚାମ୍ପିୟନଶିପ୍‌ରେ ଭାରତର ଏହା ହେଉଛି ୪ର୍ଥ ସ୍ୱର୍ଣ୍ଣ। ଏହି ଯୋଡ଼ି ପୂର୍ବରୁ ୬୩୨.୦ ପଏଣ୍ଟ ସହ କ୍ୱାଲିଫିକେଶନ ରାଉଣ୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚାଇନିଜ ତାଇପେଇର ତିସାଇ ଚିଏ-ୟିଙ୍ଗ୍ ଓ ଚେନ୍ ୟୁ-ଆନ୍ ୪୯୮.୩ ପଏଣ୍ଟ ସହ ରୌପ୍ୟ ପଦକ ପାଇଥିବା ବେଳେ ଫ୍ରେଞ୍ଚ୍ ଯୋଡ଼ି ଟିଫେନ ପୋମସେ ଓ ଗାସ୍‌ପାର୍ଡ ଲିଜର ୪୩୪.୪ ପଏଣ୍ଟ ସହ ବ୍ରୋଞ୍ଜ ହାସଲ କରିଛନ୍ତି। କାଇରୋ ଜୁନିୟର ବିଶ୍ୱକପ୍‌ରେ ଭାରତର ପଦକ ସଂଖ୍ୟା ବର୍ତ୍ତମାନ ୧୨ରେ ପହଞ୍ଚିଛି। ତନ୍ମଧ୍ୟରେ ୫ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ରହିଛି। ଆଉ ୨ ଦିନ ବାକିଥିବା ବେଳେ ୬ଟି ସ୍ୱର୍ଣ୍ଣ ପଦକ ଚୂଡ଼ାନ୍ତ ହେବାକୁ ବାକି ରହିଛି।

# ପ୍ରଶଂସକଙ୍କ ସହ ଜନ୍ମଦିନ ପାଳିଲେ ତେନ୍ଦୁଲକର

**ମୁମ୍ବାଇ, ୨୪।୪ (ପି.ଟି.)**

କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର ଶୁକ୍ରବାର ତାଙ୍କ ବାସଭବନରେ ବିଭିନ୍ନ ବୟସବର୍ଗର ପ୍ରଶଂସକମାନଙ୍କ ଉପସ୍ଥିତିରେ ତାଙ୍କ ସ୍ତ୍ରୀଙ୍କ ସହ ତାଙ୍କର ୫୩ତମ ଜନ୍ମଦିନ ପାଳନ କରିଛନ୍ତି। ସକାଳେ ତାଙ୍କ ବାସଭବନରେ ଏକତ୍ରିତ ହୋଇଥିବା ଉତ୍ସାହୀ ପ୍ରଶଂସକମାନଙ୍କ ମଧ୍ୟରେ ଲିଟଲ ମାଷ୍ଟର ଜନ୍ମଦିନର କେକ୍ କାଟିଥିଲେ। ସେମାନଙ୍କ ମଧ୍ୟରେ ଜଣେ ଯୁବତୀ ତେନ୍ଦୁଲକରଙ୍କ ଫଟୋ ଥିବା ଏକ ଟି-ଶାର୍ଟ ପିନ୍ଧିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ତେନ୍ଦୁଲକର ତାଙ୍କ ମା' ଓ ସ୍ତ୍ରୀ ଏବଂ ପୋଷାକୁକୁର ସହିତ ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରିଥିଲେ। ସଚିନଙ୍କ ଜନ୍ମଦିନ ଅବସରରେ ଏକ ଲିଜେଣ୍ଡ୍ସ କ୍ଲବ କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂ ଏକ ସାକ୍ଷାତ୍‌କାରରେ କହିଥିଲେ, ସେ ତାଙ୍କ ଭାଇଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି। ସେ ତାଙ୍କୁ ଭଲ ପାଇବା ଓ ସମ୍ମାନ ଜଣାଉଛନ୍ତି। ସେ ସର୍ବଦା ସୁସ୍ଥ, ଶାନ୍ତି ଓ ଖୁସିରେ ରୁହନ୍ତୁ। ଆମକୁ ପ୍ରେରଣା ଦେଇ ଚାଲିଥାନ୍ତୁ। ଏଥିପାଇଁ ସେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି।


ପ୍ରଶଂସକଙ୍କ ସହିତ ସେଲ୍‌ଫି ନେଉଛନ୍ତି ସଚିନ ତେନ୍ଦୁଲକର।

## କିଶୋର ସ୍ପୋର୍ଟିଂ କ୍ରିକେଟ୍ ଏକାଡେମୀର ସମର କ୍ୟାମ୍ପ

**ଭୁବନେଶ୍ୱର, ୨୪।୪ (ତପନ ସ୍ୱାଇଁ):** ଓଡ଼ିଶାର ଉଦୀୟମାନ କ୍ରିକେଟ ପ୍ରତିଭାଙ୍କୁ ଗଢ଼ିବା ଲକ୍ଷ୍ୟରେ କିଶୋର ସ୍ପୋର୍ଟିଂ କ୍ରିକେଟ୍ ଏକାଡେମୀର ପ୍ରଥମ ସମର କ୍ୟାମ୍ପ ଆରମ୍ଭ ହୋଇଛି। ଏହି କ୍ୟାମ୍ପ କିଶୋର ସ୍ପୋର୍ଟିଂ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା, ମହେନ୍ଦ୍ର ନାୟକ ଏବଂ ବରିଷ୍ଠ କ୍ରିକେଟ ଖେଳାଳି ତଥା ଓଡ଼ିଶା ରଣ୍‌ଜୀ ଦଳର ବରିଷ୍ଠ ପ୍ରଶିକ୍ଷକ ଅବକାଶ ଖଟୁଆଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ମେ ୨ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି କ୍ୟାମ୍ପରେ ୪୦ ଜଣ ଖେଳାଳି ସାମିଲ ହୋଇଛନ୍ତି। ପ୍ରଥମ ଦିନରେ ଓଡ଼ିଶାର ପୂର୍ବତନ ରଣଜୀ ତାରକା ତଥା ବର୍ତ୍ତମାନ ଉତ୍ତରାଖଣ୍ଡର ରାଜ୍ୟ କ୍ରିକେଟ କୋଚ୍ ରଶ୍ମିରଞ୍ଜନ ପରିଡା ଯୋଗଦେଇ ଯୁବଖେଳାଳିଙ୍କୁ ଖେଳ କୌଶଳ, ମାନସିକ ଦୃଢ଼ତା ଓ ମ୍ୟାଚ୍ ଅଭିଜ୍ଞତା ସମ୍ପର୍କରେ ପ୍ରେରଣାଦାୟୀ ଟିପ୍ସ ଦେଇଛନ୍ତି। ଆଗାମୀ ଦିନରେ କ୍ୟାମ୍ପକୁ ଓଡ଼ିଶାର ପୂର୍ବତନ ଖେଳାଳି ବିଭୁଦତ୍ତ ପଣ୍ଡା, ପି.ଜୟଚନ୍ଦ୍ର, ପ୍ରଭଞ୍ଜନ ମଲ୍ଲିକ, ସଞ୍ଜୟ ଶତପଥୀ, ରାକେଶ ମହାନ୍ତି ଏବଂ ବସନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଏହାସହ ବର୍ତ୍ତମାନର ସିନିୟର ତାରକା ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ସେନାପତି ଓ ଅନୁରାଗ ଷଡ଼ଙ୍ଗୀ ମଧ ନିଜର ମ୍ୟାଚ୍ ଅନୁଭୂତି ଏହି ଉଦୀୟମାନ ଖେଳାଳିଙ୍କୁ ବାଣ୍ଟିବା ସହିତ ମନୋବଳ ଦୃଢ଼ କରିବେ। କୋଚିଂ କ୍ୟାମ୍ପର ମୁଖ୍ୟ ବରିଷ୍ଠ କ୍ରିକେଟର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦାୟିତ୍ୱରେ ଆୟୋଜିତ ଏହି ସମର କ୍ୟାମ୍ପରେ ରାମଚନ୍ଦ୍ର ମହାନ୍ତି, ବିନୟ କୁମାର ମହାନ୍ତି, ରଞ୍ଜିତ କୁଣ୍ଡୁ, ସୂର୍ଯ୍ୟ ଦାସ, ପ୍ରୀତମଜିତ ଦାସ, ସନ୍ଦୀପ ମୂଳିଆ ଓ ଫିଟନେସ ଟ୍ରେନର ଭାବେ ଶକ୍ତି ସ୍ୱରୂପ ଦାସ ଦାୟିତ୍ୱ ତୁଲାଉଛନ୍ତି।

# ଆର୍‌ସିବିର ଦମ୍‌ଦାର ବିଜୟ

**ବେଙ୍ଗାଲୁରୁ, ୨୪।୪**

ସାଇ ସୁଦର୍ଶନଙ୍କ ଶତକ ସତ୍ତ୍ୱେ ଗୁଜରାଟ ଟାଇଟନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ନିକଟରୁ ୫ ଉଇକେଟରେ ପରାଜିତ ହୋଇଛି। ଗୁଜରାଟ ୨୦ ଓଭରରେ ୩ ଉଇକେଟ ହରାଇ ୨୦୫ ରନକରିଥିଲା। ଜବାବରେ ଆରସିବି ବିରାଟ କୋହଲିଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୧୮.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।


ମ୍ୟାଚ୍ ବିଜୟୀ ଇନିଂସ ଅବସରରେ ବିରାଟ କୋହଲି।

ଖାତା ଖୋଲିବା ପୂର୍ବରୁ ଜୀବନଦାନ ପାଇଥିବା କୋହଲି ପରେ ଗୁଜରାଟ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଥିଲେ। ଜ୍ୟାକବ ବେଥେଲ ଯଦିଓ ୧୪ ରନକରି ଆଉଟ ହୋଇଥିଲେ ତେବେ ବିରାଟ ଓ ଦେବଦତ୍ତ ପଡିକାଲ ଦ୍ୱିତୀୟ ଉଇକେଟରେ ୫୯ ବଲ୍‌ରୁ ୧୧୫ ରନ ଯୋଗକରି ଦଳର ବିଜୟ ପଥ ପ୍ରସ୍ତୁତ କରିଥିଲେ। ପଡିକାଲ ୨୭ ବଲ୍‌ରୁ ୫୫ (୨ ଚୌକା, ୬ ଛକା) ଓ କୋହଲି ୪୪ ବଲ୍‌ରୁ ୮ ଚୌକା ଓ ୪ ଛକା ସହାୟତାରେ ୮୧ ରନ ସଂଗ୍ରହ କରି ମ୍ୟାଚ ବିଜେତା ସାଜିଥିଲେ। କ୍ରୁନାଲ ପାଣ୍ଡ୍ୟା ୨୩ ଓ ଟିମ୍ ଡେଭିଡ ୧୦ ରନରେ ଅପରାଜିତ ରହି ୧୮.୫ ଓଭରରେ ମ୍ୟାଚ ଶେଷ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ପକ୍ଷରୁ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ୍ ଓପନିଂ ଯୋଡ଼ିରେ ୭୬ ବଲ୍‌ରୁ ୧୨୮ ରନର ଭାଗୀଦାରି ଗଢ଼ି ଦଳ ପାଇଁ ବଡ଼ ସ୍କୋରର ପଥ ପ୍ରସ୍ତୁତ କରିଥିଲେ। ୧୩ତମ ଓଭରର ୪ର୍ଥ ବଲ୍‌ରେ ଗିଲ୍ (୩୨ ରନ)ଙ୍କୁ ଆଉଟ କରି ଯୋଡ଼ି ଭାଙ୍ଗିଥିଲେ ଆରସିବି ସ୍ପିନର ସୂୟାସ ଶର୍ମା। ଏହାପରେ ରନହାର ଧିମେଇ ଯିବାରୁ ଗୁଜରାଟ ସ୍କୋର ୨୦୫ରେ ସୀମିତ ରହିଥିଲା। ସୁଦର୍ଶନ ଚମତ୍କାର ବ୍ୟାଟିଂ କରି ୫୮ ବଲ୍‌ରୁ ୧୧ ଚୌକା ଓ ୫ ଛକା ସହାୟତାରେ ୧୦୦ ରନ ସ୍କୋର କରିଥିଲେ।

**ସୁଦର୍ଶନଙ୍କ ଶତକ ସତ୍ତ୍ୱେ ଗୁଜରାଟ ପରାସ୍ତ**

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୦୫/୩ (ସାଇ ସୁଦର୍ଶନ-୧୦୦, ଶୁବମନ ଗିଲ୍-୩୨, ଜୋଶ୍ ବଟଲର-୨୫, ଜାସନ ହୋଲ୍ଡର-୨୩*, ଭୁବନେଶ୍ୱର କୁମାର-୧/୩୧, ଜୋଶ୍ ହାଜେଲଉଡ-୧/୪୦, ସୂୟାସ ଶର୍ମା-୧/୩୬)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୮.୫ ଓଭରରେ ୨୦୬/୫ (ବିରାଟ କୋହଲି-୮୧, ଦେବଦତ୍ତ ପଡିକାଲ-୫୫, ରଶିଦ ଖାନ-୨/୪୯, ମହମ୍ମଦ ସିରାଜ-୧/୨୫, ଜାସନ ହୋଲ୍ଡର-୧/୩୫, ମାନବ ସୁତାର-୧/୧୯)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ଦିଲ୍ଲୀ ବନାମ ପଞ୍ଜାବ**
ସ୍ଥାନ: ନୂଆଦିଲ୍ଲୀ
ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ ହାଇଦ୍ରାବାଦ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ରାଜସ୍ଥାନ ରୟାଲ୍ସ | ୭ | ୫ | ୨ | ୦ | ୧୦ | +୦.୭୯୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୪ | ୩ | ୦ | ୮ | +୦.୮୨୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୦ | ୬ | -୦.୧୩୦ |
| ଗୁଜରାଟ ଟାଇଟନ୍ସ | ୭ | ୩ | ୪ | ୦ | ୬ | -୦.୭୯୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୨ | ୫ | ୦ | ୪ | -୧.୨୭୭ |
| ନାଇଟ ରାଇଡର୍ସ | ୭ | ୧ | ୫ | ୧ | ୩ | -୦.୮୭୯ |

## ଏସିଆନ ଗେମ୍ସ ୨୦୩୮ ଆୟୋଜନ ପାଇଁ ଭାରତ ଆଗ୍ରହୀ

**ନୂଆଦିଲ୍ଲୀ, ୨୪।୪ (ପି.ଟି.):** ଭାରତ ୨୦୩୮ ଏସିଆନ ଗେମ୍ସ ଆୟୋଜନ ପାଇଁ ବିଧିବଦ୍ଧ ଭାବେ ଏହାର ଆଗ୍ରହ ପ୍ରକାଶ କରିଛି। ଜାତୀୟ ଅଲିମ୍ପିକ ଆସୋସିଏସନର ଜଣେ ଉଚ୍ଚ ପଦାଧିକାରୀ ସୂଚନା ଦେଇଛନ୍ତି। ପ୍ରମୁଖ ବହୁବିଧ କ୍ରୀଡ଼ା ଇଭେଣ୍ଟର ଆୟୋଜନ କରି ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ ହେବା କ୍ଷେତ୍ରରେ ଦେଶ ରଣନୀତିର ଏହା ଏକ ଅଂଶବିଶେଷ। ୨୦୩୮ ଗେମ୍ସ ଆୟୋଜନ ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ନିକଟରେ ଏହାର ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଦାଖଲ କରିଛି। ଏପ୍ରିଲ ୨୧ରେ ଚାଇନିଜ ସହର ସାନ୍ୟାଠାରେ ଓସିଏର ଏକ କାର୍ଯ୍ୟନିର୍ବାହୀ ବୈଠକରେ ଭାରତର ଇଓଆଇ ଉପରେ ଆଲୋଚନା ହୋଇଥିଲା, ଯେଉଁଠାରେ କି ଏସିଆନ ବିଚ୍ ଗେମ୍ସ ଏପ୍ରିଲ ୨୨ରୁ ଆରମ୍ଭ ହୋଇଛି। ଆଇଓଏର ସିଇଓ ଶୁକ୍ରବାର ଏବିଷୟରେ ଅବଗତ କରାଇଛନ୍ତି। ଭାରତ ଅହମଦାବାଦରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଯାଉଛି, ଯେଉଁ ସହରରେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଛି। ଗୁଜରାଟର ଏହି ସହର ପୁନର୍ବାର ୨୦୩୮ ଏସିଆନ ଗେମ୍ସର ଆୟୋଜନ ପାଇଁ ମୁଖ୍ୟ ଦାବିଦାର ହୋଇପାରେ।

## ରଶ୍ମିତା ଏବଂ ପୂଜାରାଣୀଙ୍କ ବିସ୍ଫୋରକ ଶତକ

**କଟକ,୨୪।୪(କୁମାରଶ୍ରୀ)**

ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ ଟୁର୍ନାମେଣ୍ଟରେ ବଲାଙ୍ଗୀର ୨୨୬ ରନରେ ଦେବଗଡ଼କୁ ହରାଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବଲାଙ୍ଗୀର ୨୨୬ରନରେ ବିଜୟୀ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ୨ ଉଇକେଟ ବିନିମୟରେ ୨୬୪ରନ କରିଥିଲା। ରଶ୍ମୀତା ଚିନ୍ନାରା ୭୮ ବଲ୍ ସମ୍ମୁଖୀନ ହୋଇ ୨୭ଟି ଚୌକା ସହାୟତାରେ ୧୪୧ରନର ବିସ୍ଫୋରକ ଅପରାଜିତ ଇନିଂସ ଖେଳିଥିଲେ। ୨୬୫ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦେବଗଡ ୭ ଉଇକେଟ ହରାଇ ମାତ୍ର ୩୮ରନ କରିଥିଲା। ଲିଲିମା ସୁନା ଏବଂ ରାମେଶ୍ୱରୀ ନାୟକ ଯଥାକ୍ରମେ ୩ଟି ଓ ୨ଟି ଉଇକେଟ ଦଖଲ କରିଥିଲେ। ଶତକୀୟ ପାଳି ଖେଳିଥିବା ରଶ୍ମୀତା ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ବିଡାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ଭଦ୍ରକ ୨୧୭ରନରେ ମୟୂରଭଞ୍ଜକୁ ପରାସ୍ତ କରିଛି। ପୂଜାରାଣୀ ଦାସଙ୍କ ୧୮୧ରନ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଭଦ୍ରକ ୫ ଉଇକେଟ ବିନିମୟରେ ୨୮୭ରନ କରିଥିଲା। ଜବାବରେ ମୟୂରଭଞ୍ଜ ୯ ଉଇକେଟ ହରାଇ ୭୦ରନ କରିବାକୁ ସକ୍ଷମ ହୋଇଥିଲା। ୮୨ବଲରୁ ୩୫ଟି ଚୌକା ବଳରେ ଶତକୀୟ ଇନିଂସ ଖେଳିଥିବା ପୂଜାରାଣୀ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ ଗଞ୍ଜାମ ୧୦ ଉଇକେଟରେ ନୂଆପଡାକୁ, ବରଗଡ ୭୩ରନରେ କୋରାପୁଟକୁ, ରାଉରକେଲା ୫ରନରେ କିଟ୍‌କୁ, ନବରଙ୍ଗପୁର ୨୨ରନରେ ନୟାଗଡକୁ, ସୁନ୍ଦରଗଡ ୮ ଉଇକେଟରେ କେନ୍ଦୁଝରକୁ, କଟକ ୧୮୩ରନରେ କଳାହାଣ୍ଡିକୁ, ମାଲକାନଗିରି ୯୪ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି।



ପୂଜାରାଣୀ ଦାସ ଓ ରଶ୍ମିତା ଚିନ୍ନାରା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>